ISSN 2583-9543
VOL. NO. 02, ISSUE NO. 03

REFEREED PEER-REVIEWED JOURNAL

# ବାଗୀଶ

BAGEESHA • ମଇ - ଜୁନ୍ ୨୦୨୪



BAGEESHA
ବାଗୀଶ
ସମାଲୋଚନାଧର୍ମୀ ପତ୍ରିକା
Refereed Peer-Reviewed Journal
ISSN 2583-9543 (ONLINE)

ଦ୍ୱିତୀୟ ବର୍ଷ, ତୃତୀୟ ସଂଖ୍ୟା
ମଇ - ଜୁନ୍ ୨୦୨୪

Volume No. 02
Issue No. 03
May - June 2024

ଯୋଗାଯୋଗ
ବି.କେ ହାଉସ, ଗ୍ରାଉଣ୍ଡ ଫ୍ଲୋର୍,
ମହିଳା ମହାବିଦ୍ୟାଳୟ ଲେନ୍, ନୟାଗଡ଼

E-mail :
bageesha.magazine@gmail.com
Phone No. 9337166172
Visit Us : www.bageesha.in



॥ ଓମ୍ ଗଣନାଥାୟ ନମଃ ॥

---

ପ୍ରତିଷ୍ଠାତା-ସଂପାଦକ
**ବିକେଶ ସାହୁ**

---

Founder & Editor
**Bikesh Sahu**

Edited and Published
By
**Bikesh Sahu**
At - Bhuslad, Po - Dedhagaon,
P.S - Sindhekela
Dist - Balangir - 767035

## BOARD OF PEERS

**Prof. Dash Benhur**
Retired Principal,
S.C.S (Autonomous) College, Puri

**Prof. B.N Pattnaik**
Retired Prof. of English & Linguistics,
IIT, Kanpur, India

**Prof. Satya P. Mohanty**
Prof., Department of
English Cornell University, USA

**Dr. Satyapriya Mahalik**
Principal, Workers' College
Jamshedpur, Jharkhand

**Dr. Gopinath Bag**
Asst. Prof., Dept. of Odia
Samabalpur University, Burla

**Dr. Bijayalaxmi Dash**
Asst. Prof., Dept. of Odia
Revenshaw University, Cuttack

**Dr. Rabindra Kumar Das**
Asst. Prof., Dept. of Odia
Visva Bharati University,
Shantiniketan

**Mr. Satya Pattanaik**
Director, Black Eagle Books
Dublin, Ohio, USA


## ABOUT US

- 'Bageesha' is a bi-monthly research and discussion ISSN recognized refereed peer-reviewed journal.
- The special research section of 'Bageesha' publishes research discussions on Literature, Society, Culture, Art, History, Anthropology, Philosophy, Science, etc.
- 'Bageesha' has been successful in recent years with a unique approach to make the youth research minded and has also prepared a new framework for the future.
- 'Bageesha' is rich in the following directed sections:

  Essay and Discussion Section: You can submit any basic essay and discussion for this section.
  New Book: For this section, a copy of a recently published book should be sent to our address by the author or publisher. A short informative summary of the received book will be presented in the journal. For this section we have reserved one page of the magazine for each book.
  'Bageesha' Barenya: An interview with a senior critic is published by the editorial team in each issue.

Note: Text must be typed in Odia Unicode. Author's name, full address, e-mail, brief introduction of the author (within 4-5 lines), summary of the article (within 7-8 lines), full text MS-Word File (within 12 characters and 10 pages) etc. through our website. To be _sent.

Visit our website www.bageesha.in for details on sending articles and books.

## ସମୀକ୍ଷକ ମଣ୍ଡଳୀ

**ପ୍ରଫେସର ଦାଶ ବେନହୁର**
ଅବସରପ୍ରାପ୍ତ ଅଧ୍ୟକ୍ଷ,
ସାମନ୍ତ ଚନ୍ଦ୍ର ଶେଖର (ସ୍ୱ) ମହାବିଦ୍ୟାଳୟ, ପୁରୀ

**ପ୍ରଫେସର ବିବୁଧେନ୍ଦ୍ର ନାରାୟଣ ପଟ୍ଟନାୟକ**
ଅବସରପ୍ରାପ୍ତ ପ୍ରଫେସର, ଇଂରାଜୀ ଓ ଭାଷା
ବିଜ୍ଞାନ ବିଭାଗ, ଆଇ.ଆଇ.ଟି, କାନପୁର

**ପ୍ରଫେସର ସତ୍ୟ ପ୍ରକାଶ ମହାନ୍ତି**
ପ୍ରଫେସର, ଇଂରାଜୀ ସାହିତ୍ୟ ବିଭାଗ,
କର୍ଣ୍ଣେଲ ବିଶ୍ୱବିଦ୍ୟାଳୟ, ଆମେରିକା

**ଡ. ସତ୍ୟପ୍ରିୟ ମହାଲିକ**
ଅଧ୍ୟକ୍ଷ, ଜାମସେଦପୁର ୱାର୍କର୍ସ ମହାବିଦ୍ୟାଳୟ,
ଜାମସେଦପୁର, ଝାଡ଼ଖଣ୍ଡ

**ଡ. ଗୋପୀନାଥ ବାଗ**
ସହକାରୀ ପ୍ରଫେସର, ଓଡ଼ିଆ ବିଭାଗ,
ସମ୍ବଲପୁର ବିଶ୍ୱବିଦ୍ୟାଳୟ, ବୁର୍ଲା

**ଡ. ବିଜୟଲକ୍ଷ୍ମୀ ଦାଶ**
ସହକାରୀ ପ୍ରଫେସର, ଓଡ଼ିଆ ବିଭାଗ,
ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ

**ଡ. ରବୀନ୍ଦ୍ର କୁମାର ଦାସ**
ସହକାରୀ ପ୍ରଫେସର, ଓଡ଼ିଆ ବିଭାଗ,
ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ, ଶାନ୍ତିନିକେତନ

**ଶ୍ରୀଯୁକ୍ତ ସତ୍ୟ ପଟ୍ଟନାୟକ**
ନିର୍ଦ୍ଦେଶକ ଓ ପ୍ରକାଶକ, ବ୍ଲାକ୍ ଇଗଲ୍ ବୁକ୍ସ
ଡବଲିନ୍, ଓହିଓ, ଆମେରିକା


## ଆମ କଥା

- 'ବାଗୀଶ' ଏକ ଦ୍ୱି-ମାସିକ ଗବେଷଣା ଓ ଆଲୋଚନାଧର୍ମୀ ISSN ସ୍ୱୀକୃତ ରେଫରିଡ୍ ପିଅର ରିଭିଉଡ୍ ଜର୍ଣ୍ଣାଲ (Refereed Peer-Reviewed Jornal)।
- 'ବାଗୀଶ'ର ସ୍ୱତନ୍ତ୍ର ଗବେଷଣା ବିଭାଗରେ ସାହିତ୍ୟ, ସମାଜ, ସଂସ୍କୃତି, କଳା, ଇତିହାସ, ନୃତତ୍ତ୍ୱ, ଦର୍ଶନ, ବିଜ୍ଞାନ ଆଦି ବିବିଧ ପ୍ରେକ୍ଷାର ଗବେଷଣାତ୍ମକ ଆଲୋଚନା ପ୍ରକାଶିତ ହୋଇଥାଏ।
- 'ବାଗୀଶ' ଯୁବପିଢ଼ିଙ୍କୁ ଗବେଷଣାମନସ୍କ କରିବା ନିମନ୍ତେ ପ୍ରୟାସ କରିବା ସହ ସ୍ୱତନ୍ତ୍ର ଆଭିମୁଖ୍ୟ ନେଇ ସଂପ୍ରତି ଦଣ୍ଡାୟମାନ ହୋଇଛି ଏବଂ ଭବିଷ୍ୟତ ପାଇଁ ନୂତନ ରୂପରେଖ ମଧ୍ୟ ପ୍ରସ୍ତୁତ କରିଅଛି।
- 'ବାଗୀଶ' ନିମ୍ନ ନିର୍ଦ୍ଦେଶିତ ବିଭାଗଗୁଡ଼ିକରେ ସମୃଦ୍ଧ :

**ପ୍ରବନ୍ଧ ଓ ଆଲୋଚନା ବିଭାଗ** : ଏହି ବିଭାଗ ନିମନ୍ତେ ଆପଣ ଯେକୌଣସି ମୌଳିକ ପ୍ରବନ୍ଧ ଓ ଆଲୋଚନା ଦେଇପାରିବେ।

**ନୂଆ ବହି** : ଏହି ବିଭାଗ ପାଇଁ ସଦ୍ୟ ପ୍ରକାଶିତ ପୁସ୍ତକ ଖଣ୍ଡିଏ ଲେଖକ କିମ୍ବା ପ୍ରକାଶକ ଆମ ଠିକଣାରେ ପଠେଇବାକୁ ହେବ। ପ୍ରାପ୍ତ ପୁସ୍ତକର ଏକ କ୍ଷୁଦ୍ର ସୂଚନାତ୍ମକ ବିବରଣୀ ସହ ଏହାକୁ ପତ୍ରିକାରେ ଉପସ୍ଥାପନ କରାଯିବ। ଏହି ବିଭାଗ ନିମନ୍ତେ ପ୍ରତି ବହି ପାଇଁ ପତ୍ରିକାର ଗୋଟିଏ ଫର୍ଦ୍ଦ ଆମେ ସଂରକ୍ଷିତ ରଖିଛୁ।

**'ବାଗୀଶ' ବରେଣ୍ୟ** : ପ୍ରତି ସଂଖ୍ୟାରେ ସଂପାଦନା ମଣ୍ଡଳୀଙ୍କ ଦ୍ୱାରା ଜଣେ ବରିଷ୍ଠ ସମାଲୋଚକଙ୍କ ସହ ସାକ୍ଷାତକାର ପ୍ରକାଶିତ ହୁଏ।

**ଦ୍ରଷ୍ଟବ୍ୟ** : ଲେଖାଟି ଓଡ଼ିଆ ୟୁନିକୋଡ଼ରେ ଡ଼ିଟିପି ହୋଇଥିବା ଆବଶ୍ୟକ। ଲେଖକ ନାମ, ସଂପୂର୍ଣ୍ଣ ଠିକଣା, ଇ-ମେଲ, ଲେଖକଙ୍କ ସଂକ୍ଷିପ୍ତ ପରିଚୟ ( ୪-୫ ଧାଡ଼ି ଭିତରେ), ଲେଖାର ସାରାଂଶ ( ୭-୮ ଧାଡ଼ି ଭିତରେ ), ସଂପୂର୍ଣ୍ଣ ଲେଖା MS-Word File( ଅକ୍ଷର ଆକାର ୧୨ ଥାଇ ୧୦ ପୃଷ୍ଠା ଭିତରେ ) ଆଦି ଆମକୁ ୱେବସାଇଟ୍ ମାଧ୍ୟମରେ ପଠାଇବାକୁ ହେବ।

ଲେଖା ଓ ବହି ପଠେଇବା ନିମନ୍ତେ ସବିଶେଷ ବିବରଣୀ ପାଇଁ ଆମ ୱେବସାଇଟ୍ www.bageesha.in ପରିଦର୍ଶନ କରନ୍ତୁ।

## ସଂପାଦନା ମଣ୍ଡଳୀ
## EDITORIAL BOARD

ସହ-ସଂପାଦକ
**କନକ ବର୍ଦ୍ଧନ ସାହୁ**

କାର୍ଯ୍ୟନିର୍ବାହୀ ସଂପାଦକ
**ରିତମ୍ ମିଶ୍ର**

### ସଂପାଦନା ଓ କ୍ଷେତ୍ରୀୟ ସଂଯୋଜନା

**ଡ. ବିଦ୍ୟୁଲତା ଷଣ୍ଢ**
ଓଡ଼ିଆ ଅଧ୍ୟାପିକା, ନୟାଗଡ଼(ସ୍ୱ.ଶା) ମହାବିଦ୍ୟାଳୟ, ନୟାଗଡ଼

**ଡ. ସୁଜାତା ସାହାଣୀ**
ଓଡ଼ିଆ ଅଧ୍ୟାପିକା, ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟ, କଟକ

**ତୃପ୍ତିମୟୀ ଭୋଇ**
ଓଡ଼ିଆ ଅଧ୍ୟାପିକା, ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ, କୃଷ୍ଣଚନ୍ଦ୍ରପୁର, ଜଗତସିଂହପୁର

**ସଙ୍ଘମିତ୍ରା ଦାସ**
ଓଡ଼ିଆ ଅଧ୍ୟାପିକା, ଚୌଦ୍ୱାର ମହାବିଦ୍ୟାଳୟ, ଚୌଦ୍ୱାର, କଟକ

**ସୁବାସ ଚନ୍ଦ୍ର ଭୋଇ**
ଗବେଷକ, ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ, ଶାନ୍ତିନିକେତନ, କଲିକତା

**ପ୍ରଭାସ ଚନ୍ଦ୍ର ଟୋଲଟିଆ**
ଗବେଷକ, ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, ଭବାନୀପାଟଣା


## ଆପଣଙ୍କ ଚିଠି

'ବାଗୀଶ' ଏକ ଉଚ୍ଚକୋଟୀର ଗବେଷଣାଧର୍ମୀ ଓଡ଼ିଆ ପତ୍ରିକା। ଏ ପତ୍ରିକାର ମୁଁ ନିୟମିତ ପାଠକ। ପ୍ରତିସଂଖ୍ୟା ଭଳି ଦ୍ୱିତୀୟ ବର୍ଷର ଏହି ଦ୍ୱିତୀୟ ସଂଖ୍ୟାଟି ମୋର ପାଠକୀୟ ଚେତନାକୁ ସଂପ୍ରସାରିତ କରିଛି ନୂତନ ଭାବଦ୍ୟୋତନାରେ। ଏଥରର ପ୍ରତିଟି ଲେଖା ନୂତନ ବିଷୟ ବିନ୍ୟାସ ଓ ସୂକ୍ଷ୍ମ ବିଶ୍ଳେଷଣରେ ପରିମାର୍ଜିତ ହୋଇଛି। ମୋର ପୂଜ୍ୟସାର୍ ପ୍ରଫେସର ଗିରୀଶ ଚନ୍ଦ୍ର ମିଶ୍ରଙ୍କ ସ୍ୱତନ୍ତ୍ର ସାକ୍ଷାତକାରଟି ମୋତେ ଖୁବ୍ ଛୁଇଁଛି। ସାଂପ୍ରତିକ ଓଡ଼ିଆ ସମାଲୋଚନା ସାହିତ୍ୟ ଓ ଭାଷାବିଜ୍ଞାନ ଅଧ୍ୟୟନର ଦୃଷ୍ଟି , ଦିଗନ୍ତ ଓ ତା'ର ସମ୍ଭାବନାକୁ ନେଇ ସେ ଯେଉଁ ମତବ୍ୟକ୍ତ କରିଛନ୍ତି ତାହା ଖୁବ୍ ଗୁରୁତ୍ୱପୂର୍ଣ୍ଣ। ଏଥରର ସଂପାଦକୀୟ ମଧ୍ୟ ମର୍ମସ୍ପର୍ଶୀ ହୋଇଛି । ବାଗୀଶ ଦୀର୍ଘଜୀବି ହେଉ ଏବଂ ନୂତନ ଦିଶା ନିର୍ମାଣ କରୁ ଏତିକି କାମନା କରୁଛି।

**--- *ଡ. ଶ୍ରୀକାନ୍ତ କୁମାର ବାରିକ***
*(ସହକାରୀ ପ୍ରଫେସର, ଆଦର୍ଶ ସ୍ନାତକ ମହାବିଦ୍ୟାଳୟ, ନୂଆପଡ଼ା)*

ବାଗୀଶର ଗତ ସଂଖ୍ୟା ପଢ଼ି ଆନନ୍ଦିତ ହେଲି। ଗବେଷଣା କ୍ଷେତ୍ରରେ ଦେଖାଯାଉଥିବା ସମସ୍ୟା ଗୁଡ଼ିକୁ ସମ୍ପାଦକ ମହାଶୟ ତାଙ୍କର ସଂପାଦକୀୟ ପୃଷ୍ଠାରେ ଅତି ସୁନ୍ଦର ଭାବରେ ଉଲ୍ଲେଖ କରିଛନ୍ତି। ପତ୍ରିକାର ସମସ୍ତ ପ୍ରବନ୍ଧ ପଠନ ଉପଯୋଗୀ ଓ ଶିକ୍ଷଣୀୟ ହୋଇଛି। ଡ. ବିଜୟଲକ୍ଷ୍ମୀ ଦାସଙ୍କ କବି ଗୁରୁପ୍ରସାଦ ମହାନ୍ତିଙ୍କ କବିତା ସଂପର୍କିତ ଆଲୋଚନାଟି ଅତି ସୁନ୍ଦର ହୋଇଛି। ବିଶେଷକରି 'କାଳପୁରୁଷ'କୁ ମହାଭାରତର ଦୃଷ୍ଟିକୋଣରୁ ବିଚାର କରିବା ଦିଗରେ ମହାଶୟା ସମାଲୋଚନା କ୍ଷେତ୍ରରେ ଏକ ନୂତନ ପଦକ୍ଷେପ ଗ୍ରହଣକରି ସଫଳ ହୋଇପାରିଛନ୍ତି। ପ୍ରଫେସର ଗିରୀଶ ଚନ୍ଦ୍ର ମିଶ୍ରଙ୍କ ସହ ସମ୍ପାଦକଙ୍କ ସାକ୍ଷାତକାର ମଧ୍ୟ ହୃଦୟସ୍ପର୍ଶୀ ହୋଇଛି। ପତ୍ରିକାର ଶେଷରେ ଗୋ ମାତାଙ୍କ ଉଦ୍ଦେଶ୍ୟରେ ଦିଆଯାଇଥିବା ବିଜ୍ଞାପନ ଅତ୍ୟନ୍ତ ଉପକାରୀ ଓ ସ୍ୱାଗତଯୋଗ୍ୟ ହୋଇଛି। ବାଗୀଶ ଆଗକୁ ଏହିପରି ତାର ସ୍ୱତନ୍ତ୍ରତାକୁ ଅକ୍ଷୁର୍ଣ୍ଣ ରଖୁ ଓ ଦୀର୍ଘପଥର ଯାତ୍ରୀ ହେଉ।

**--- *ମଙ୍ଗରାଜ ମହାପାତ୍ର, ଅଧ୍ୟାପକ***

ନିଜର ସୁଚିନ୍ତିତ ମତାମତ ଆମକୁ ନିମ୍ନ ଠିକଣାରେ ପଠେଇପାରିବେ।


ନିଜର ମତାମତ ଓ ଯୋଗାଯୋଗ ଦେବାପାଇଁ ଇ-ମେଲ ଠିକଣା: (bageesha.magazine@gmail.com)। ବହି ପଠେଇବା ପାଇଁ ଠିକଣା :ବିକେଶ ସାହୁ, ସଂପାଦକ 'ବାଗୀଶ', ବି.କେ ହାଉସ, ଗ୍ରାଉଣ୍ଡ ଫ୍ଲୋର୍, ମହିଳା ମହାବିଦ୍ୟାଳୟ ଲେନ୍, ନୟାଗଡ଼ - ୭୫୨୦୬୯।

# ସଂପାଦକୀୟ

॥ ଜଗତେ କେବଳ, ଜନେ ହସିବେ ... ॥

ସୁଧୀଜନେ, ମୁଁ ଆଗରୁ ବି କହିଛି କାହାର ଦୋଷ କାଢ଼ିବା ମୋର ଉଦ୍ଦେଶ୍ୟ ନୁହେଁ। ମୋର ପାରିପାର୍ଶ୍ୱିକ ପରିବେଶରେ ଯାହା ଦେଖୁଛି, ଅନୁଭବ କରୁଛି ଆଉ ଅନ୍ତରରେ ଦୁଃଖ ପାଉଛି; ସେଇ ସବୁକୁ ହିଁ ମୁଁ ଏଠାରେ ଉପସ୍ଥାପନା କରିଆସୁଛି। କାହିଁକି ନା ଆପଣାର ମଣିଷ ପାଖରେ ହିଁ ସେସବୁ ବାଣ୍ଟି ହୁଏ। ଏହା ନିଶ୍ଚୟ ମୋର ସୌଭାଗ୍ୟ ଯେ ମୁଁ ଆପଣମାନଙ୍କ ସମ୍ମୁଖରେ ଭାବ ବାଣ୍ଟିବାର ସୁଯୋଗ ପାଇଛି। ଏ ସୁଯୋଗ ମୋତେ ଦେଇଥିବାରୁ ମୁଁ କୃତଜ୍ଞ। ପ୍ରସଙ୍ଗକୁ ଆସିବା ପୂର୍ବରୁ ଏଇ ନିକଟର ଏକ ଘଟଣା ସଂପର୍କରେ ମୁଁ ଆପଣମାନଙ୍କ ଦୃଷ୍ଟି ଆକର୍ଷଣ କରିବି। ଘଟଣାଟି କିଛି ଏମିତି।


ନିକଟରେ ମୋର ଜଣେ ବନ୍ଧୁଙ୍କ ସହ ଦେଖା ହେଇଥିଲା। ଯିଏ ଏଇ କିଛିଦିନ ତଳେ ଓଡ଼ିଶାର ଏକ ପ୍ରମୁଖ ବିଶ୍ୱବିଦ୍ୟାଳୟରେ ତାଙ୍କର କଳାବିଭୂଷଣ ଉପାଧି ନିମନ୍ତେ ନିବନ୍ଧ ଦାଖଲ କରିଥିଲେ। ତାଙ୍କ ସହ ବାର୍ତ୍ତାଳାପ ମଧ୍ୟରୁ ମୁଁ ଯାହା ଜାଣିବାକୁ ପାଇଲି, ମାତ୍ର ତିନି ବର୍ଷରେ ସେ କାମ ଶେଷ କରିଛନ୍ତି। ଯେଉଁଥି ପାଇଁ ସେ ନିଜର ଖୁସି ମଧ୍ୟ ବ୍ୟକ୍ତ କରୁଥିଲେ। କିନ୍ତୁ ମୁଁ ସାମାନ୍ୟ ଆଶ୍ଚର୍ଯ୍ୟ ହେଉଥାଏ। କଥା ପ୍ରସଙ୍ଗରେ ମୁଁ ତାଙ୍କଠୁ ଆଉ କିଛି କଥା ଅଦାୟ କଲି। କାହିଁକି ନା ଯା' ପୂର୍ବଥର ମାନଙ୍କରେ ଯେବେ ବି ସେ ବନ୍ଧୁଙ୍କ ସହ ମୋର ବାର୍ତ୍ତାଳାପ ହୁଏ, ସେ ମୋତେ ଚିନ୍ତିତ ଜଣାପଡୁଥିଲେ। ବିଶ୍ୱବିଦ୍ୟାଳୟ ଓ ମାର୍ଗଦର୍ଶକ ଗବେଷଣା କାର୍ଯ୍ୟ ଶୀଘ୍ର ଶେଷ କରିବାପାଇଁ ଚାପ ପ୍ରୟୋଗ କରୁଥିବା କଥା ମଧ୍ୟ ସେ ପ୍ରାୟତଃ ମୋ ପାଖରେ ଅଭିଯୋଗ କରୁଥିଲେ। ଠିକ୍ ସେଇ ବାର୍ତ୍ତାଳାପର କିଛି ମାସ ଭିତରେ ଗବେଷଣା ଶେଷ କରିବା ବିଷୟ ମୁଁ ସହଜରେ ହଜମ କରି ପରିନଥିଲି। ଏହାର ପରେ ପରେ ସେ ପରୀକ୍ଷକଙ୍କ ଦ୍ୱାରା ଉପାଧି ପାଇବାକୁ ଯୋଗ୍ୟ ମଧ୍ୟ ହେଲେ। ତା'ର କିଛିଦିନ ପରେ ମୁଁ ମୋର ଗବେଷଣା ସମ୍ବନ୍ଧରେ କିଛି ପରାମର୍ଶ ପାଇଁ ତାଙ୍କୁ ଯୋଗାଯୋଗ କରିଥିଲି। ସେ ଯାହା କହିଲେ, ତାଙ୍କ କଥା ଶୁଣି ମୁଁ ଆଶ୍ଚର୍ଯ୍ୟ ହୋଇଗଲି। ମୁଁ ଚାହେଁ ଆପଣମାନେ ଏକଥା ନିଶ୍ଚୟ ଶୁଣିବା ଉଚିତ। ଏଠାରେ ତାଙ୍କ କହିଥିବା କଥାର କିଛି ପ୍ରମୁଖ ଭାଗ ସିଧାସଳଖ ଉଲ୍ଲେଖ କଲି। - "ଆରେ ଶୁଣ ବେଶି କିଛି ବଡ଼ ବିଷୟ ନେଇ କାଇଁ ଘାଣ୍ଟି ହେବୁ। କିଏ ତୋର ଗବେଷଣାକୁ ପଚାରିବ କହିଲୁ। ଯେମିତି ସେମିତି ଜଣେ ଲେଖକ କି କବି ଉପରେ ନେଇ ଯାଆ, ଯାହା ଉପରେ ବହିପତ୍ର ମିଳୁଥିବ। କେବଳ ଉଦ୍ଧୃତିରେ ହିଁ ତୋର ୩୦ ପ୍ରତିଶତ ଲେଖା ହେଇଯିବ। ହା... ହା... ହା... । ବାକି ଏଠୁସେଠୁ ଟିପି ଆରମରେ ବର୍ଷେ ଦୁଇବର୍ଷରେ କାମ ସାରିଦେ'। ଆମକୁ କେବଳ ଡିଗ୍ରୀ ପାଇବାର ଅଛି। ଗବେଷଣା ନିବନ୍ଧ ଦାଖଲ କଲାପରେ କିଏ ଏଟାକୁ ପଚାରେ କହିଲୁ। କୋଉ କୋଣରେ ଏଇଟା ପଡ଼ିକି ରହିବ କିଏ ଜାଣେ। ପୁଣି ମୋର ମାର୍ଗଦର୍ଶକ ବି ମୋତେ ସେୟା କହିଥିଲେ। ତୁ କାହିଁକି ବଡ଼ ବିଷୟଟେ ନେଇ ହଇରାଣ ହେବୁ କହତ? ଆଜି କାଲି ସେସବୁ କେହି ପଚାରୁ ନାହାନ୍ତି। ବିଶ୍ୱବିଦ୍ୟାଳୟର ପ୍ରତିବର୍ଷ ସିଟ୍ ଭେକେଣ୍ଟ୍ ହେବା ଦରକାର ଆଉ ଆମ ମାର୍ଗଦର୍ଶକମାନଙ୍କର ଆୱାଡେଡ୍ ଲିଷ୍ଟ ଲମ୍ବା ହେବା ଦରକାର। ବାକି କଥା ପଚାରେ କିଏ! ଛାଡ଼ ମ'। ଅଯଥାରେ ନଟବର ସାମନ୍ତରାୟ ହେବାକୁ କାଇଁ ଇଚ୍ଛା କରୁଛୁ ଯେ। ମୋର ଦେଖୁନୁ ମୁଁ କେତେ ବ୍ୟସ୍ତ ହେଉଥିଲି। ଗୋଟେ ଭଲ ବିଷୟରେ କରିବି ବୋଲି ମୋର କ'ଣ ଇଚ୍ଛା ନ ଥିଲା। ସେଥି ପାଇଁ ସମୟ ଆଉ ସମସ୍ତଙ୍କର ସହଯୋଗ ଦରକାର। ଆଉ ଆମ ଓଡ଼ିଶାରେ ଓଡ଼ିଆରେ ଗବେଷଣା କରିବାକୁ ଏଠିତ ପ୍ରତିବର୍ଷ ମାତ୍ର ୧୦ ସିଟ୍ ବି ବାହାରୁନି। ସବୁଠି ଲବି। ପଇସା କାରବାର। କେତେ ଯୋଗ୍ୟ ଛାତ୍ର ଗବେଷଣା କରିବାର ସୁଯୋଗ ପାଉଛନ୍ତି କହିଲୁ! ଛାଡ଼ ମ' ଭାଇ। ଏତେକଥା ଭାବ ନା। ଶୀଘ୍ର ସାରିଦେ ଆଗକୁ ଓ.ପି.ଏସ୍.ସି ବାହାରିବ। ହଉ, ମୁଁ ଟିକେ ରହିଲି... ପରେ କରୁଛି।" ଯା' ଭିତରେ କେତେବେଳେ ସେ ଫୋନ ରଖିସାରିଥିଲେ ମୋର ଆଉ ଧାରଣା ନ ଥିଲା। ଏସବୁ କଥା ଶୁଣି ସାରିଲା ପରେ ମୁଁ ଅନେକ ସମୟ ସେମିତି ଭାବନାରେ ବୁଡ଼ି ରହିଥିଲି। ତାଙ୍କ କଥା ସବୁ ମୋତେ ଆନ୍ଦୋଳିତ କରୁଥାଏ। ଲାଗୁଥାଏ ଯେମିତି ଏହା ହିଁ ବାସ୍ତବତା। ଏଥି ପାଇଁ ଦୋଷ ଦେବା କାହାକୁ? ଏ ପ୍ରଶ୍ନର ଉତ୍ତର ଖୋଜିବା ଏତେ ସହଜ ନୁହେଁ।

ବାସ୍ତବରେ ବନ୍ଧୁଗଣ, ଓଡ଼ିଆ ସାହିତ୍ୟରେ ହେଉଥିବା ଗବେଷଣା କାର୍ଯ୍ୟଗୁଡ଼ିକର ମାନ ଦିନକୁ ଦିନ କମି ଗଲାଭଳି ମନେ ହେଉନି କି! ଆମେ ସମସ୍ତେ କେବଳ ଦୌଡ଼ୁଛୁ ଆତ୍ମପ୍ରଚାର ଓ ଆତ୍ମସ୍ୱାର୍ଥର ଦୌଡ଼ରେ। ସବୁକିଛି ଯେମିତି ଧ୍ୱସ୍ତ ହେବାକୁ ବସିଲାଣି। ବିଶ୍ୱବିଦ୍ୟାଳୟ, ମାର୍ଗଦର୍ଶକ ଓ ଗବେଷକ- ସମସ୍ତେ ସୁବିଧାବାଦୀ ହୋଇଗଲେଣି। ମାର୍ଗଦର୍ଶକମାନଙ୍କ ଲାଭଖୋର୍ ମନୋବୃତ୍ତି ଯୋଗୁଁ ଆଜି କେତେ ଯୋଗ୍ୟ ଗବେଷକଙ୍କ ସୁଯୋଗରୁ ବଞ୍ଚିତ ହେଉଛନ୍ତି। ପ୍ରତିବର୍ଷ ଶହ ଶହ ଗବେଷକ ଉପାଧି ଲାଭ କରୁଛନ୍ତି ସତ; କିନ୍ତୁ ସେସବୁର ମୂଲ୍ୟ କ'ଣ? କେତୋଟି ନୂତନ ସିଦ୍ଧାନ୍ତ ଆମେ ଆବିଷ୍କାର କରିଛୁ। ଆଜି ସର୍ବତ୍ର ମାଳମାଳ ବହି ପ୍ରକାଶନ, ଗବେଷଣା ପ୍ରକଳ୍ପ ଓ ପତ୍ରିକାରେ ଗବେଷଣା ନିବନ୍ଧ। ଯହିଁରୁ କେବଳ ଆତ୍ମପ୍ରଚାରର ଗନ୍ଧ ହିଁ ନିର୍ଗତ ହେଉଛି। ଯଦି ସମୟ ପୂର୍ବରୁ ଆମେ ଏ ବିଧି, ବ୍ୟବସ୍ଥା ଓ ମାନସିକତାକୁ ନ ସୁଧାରିବା ଆମ ଉତ୍ତର ପିଢ଼ି ଆମକୁ କେବେ ବି କ୍ଷମା ଦେବେ ନାହିଁ। ଆହୁରି ଆମ ମହାନ ଭଷା ସାହିତ୍ୟର ଗବେଷଣା ଓ ଗବେଷକଙ୍କ ଏତାଦୃଶ ବୈକଲ୍ୟ ଦେଖି କବିସୂର୍ଯ୍ୟଙ୍କ ଭାଷାରେ "ଜଗତେ କେବଳ, ଜନେ ହସିବେ ଏ ତହୁଁ ଫଳ"।

ଧନ୍ୟବାଦ ।

ମୁଖ୍ୟ ସଂପାଦକ

# ଏଇ ସଂଖ୍ୟାରେ




ପ୍ରଚ୍ଛଦ : ବିକେଶ ସାହୁ

[ ପ୍ରଚ୍ଛଦରେ ସ୍ଥାନିତ ହୋଇଛନ୍ତି ଆଦିମାତା ବା ପ୍ରକୃତିଦେବୀ। ଏହା ହରପ୍ପା ସଭ୍ୟତାରୁ ପ୍ରାପ୍ତ। ଏହି ପ୍ରତିମୂର୍ତ୍ତି ଭାରତୀୟ ସଂସ୍କୃତି ଓ ପରମ୍ପରାରେ ପ୍ରକୃତି ପୂଜନର ପ୍ରାଚୀନତାକୁ ପ୍ରମାଣିତ କରେ। ଏହା ହରପ୍ପା ୱେବସାଇଟରୁ ସଂଗୃହିତ। ]



## ପ୍ରବନ୍ଧ ଓ ଆଲୋଚନା

୦୮ II ଓଡ଼ିଆ ଭାଷାରେ କେତେକ ଅସୂୟାମୂଳକ ଶବ୍ଦ
- ଡ. ସଂଘମିତ୍ରା ବେହେରା

୧୭ II ଓଡ଼ିଆ ଉପନ୍ୟାସରେ ନାରୀ ଓ ଭୂମିର ସମ୍ପର୍କ: ଏକ ଆଲୋଚନା
- ଡ. ସୁଜାତା ସାହାଣୀ

୨୨ II ଆଞ୍ଚଳିକ ଲୋକମିଥ୍ ପ୍ରସଙ୍ଗରେ 'ଡାଲଖାଇ ଯାତ୍ରା'
- ଡ. ସଂଜୟ କୁମାର ମିଶ୍ର

୨୬ II ଏକବିଂଶ ଶତାବ୍ଦୀର ଓଡ଼ିଆ ଆତ୍ମଜୀବନୀରେ ଲୋକ ଉପାଦାନ
- ରୁଦ୍ରନାରାୟଣ ସାହୁ

୩୨ II ଓଡ଼ିଆ ଚରିତ ନାଟକ : ଏକ ଦୃଷ୍ଟିପାତ
- ଲୋଚନ ଖଣ୍ଡେଇ

## ସମାଲୋଚନା : ନୂଆ ଫର୍ଦ୍ଦ

୪୦ II ସଂରଚନାବାଦ ଅନ୍ତର୍ଭୁକ୍ତ ପେରୋଲ ପରିପ୍ରେକ୍ଷୀରେ ଫକୀରମୋହନଙ୍କ 'ଛମାଣ ଆଠଗୁଣ୍ଠ' - ଡ. ରବୀନ୍ଦ୍ର କୁମାର ଦାସ

## ସମାଲୋଚନା : ପ୍ରସଙ୍ଗ ନୂଆ

୪୪ II ବହ୍ନିକନ୍ୟା : ସରଳା ଦେବୀ
- ଡ. ବିଜୟଲକ୍ଷ୍ମୀ ଦାଶ

## ବାଗୀଶ ବରେଣ୍ୟ

୫୨ II ପ୍ରଫେସର ବାବାଜୀ ଚରଣ ପଟ୍ଟନାୟକଙ୍କ ସହ ସ୍ୱତନ୍ତ୍ର ସାକ୍ଷାତକାର

## ବହିକଥା

୫୭ II ଆଚାର୍ଯ୍ୟ ଭାବାନନ୍ଦଙ୍କ ଲୋକତାତ୍ତ୍ୱିକ ରଚନାସମୂହଙ୍କ 'ଲୋକ ଓ ଅ-ଲୋକ'

BAGEESHA
ବାଗୀଶ
ଦ୍ୱିତୀୟ ବର୍ଷ, ତୃତୀୟ ସଂଖ୍ୟା | ମଇ - ଜୁନ୍ ୨୦୨୪
Volume No. 02 | Issue No. 03 | May-June 2024
Refereed Peer-Reviewed Jornal
https://bageesha.in
OPEN ACCESS

# ଓଡ଼ିଆ ଭାଷାରେ କେତେକ ଅସୂୟାମୂଳକ ଶବ୍ଦ

■ ଡ. ସଂଘମିତ୍ରା ବେହେରା
ସହକାରୀ ପ୍ରଫେସର, ଓଡ଼ିଆ ବିଭାଗ, ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ

Article Received : 02.06.2024 | Accepted : 25.06.2024 | Published : 15.07.2024

**ସାରାଂଶ**

ଖାଦ୍ୟ, ବସ୍ତ୍ର, ବାସଗୃହ ବ୍ୟକ୍ତି ଜୀବନର ତ୍ରୟୀ ମୌଳିକ ଆବଶ୍ୟକତା ପରି ଭାଷା ବି ନିତ୍ୟ ବ୍ୟବହାର୍ଯ୍ୟ ସାମାଜିକ ଭାବ ବିନିମୟର ମାଧ୍ୟମ ଅଟେ। ଭାଷାକୁ ସାମୂହିକ ଭାବେ ସାଧୁଭାଷା ଓ ଅସାଧୁ ଭାଷାରେ ବିଭାଗ କରାଗଲେ ଗାଳି ଓ ଅସୂୟାମୂଳକ ଭାଷା ମୁଖ୍ୟତଃ ଅସାଧୁ ଭାଷାର ଅନ୍ତର୍ଗତ। ଏଗୁଡ଼ିକର ପ୍ରୟୋଗ ସାହିତ୍ୟରେ ମଧ୍ୟ ସ୍ରଷ୍ଟା ତା'ର ଚରିତ୍ରମାନଙ୍କ ମୁଖରେ ପାତ୍ରୋପଯୋଗୀ ସଂଳାପ ଦେଇ କେତେକ ଠାରେ ପରିପ୍ରକାଶ କରିଥାଏ। ସୂକ୍ଷ୍ମ ଦୃଷ୍ଟିରୁ ବିଚାର କଲେ ଏଭଳି ଭାଷାର ପଛରେ କେତେକ ସାମାଜିକ, ରାଜନୀତିକ ଓ ଭୌଗୋଳିକ କାରଣ ବି ସମୟ ସମୟରେ ଏହାର ପରିବାହକ ସାଜିଥାଏ। ଏଭଳି ଗାଳିକୁ ଅସଭ୍ୟ ଭାଷାର ମାନ୍ୟ ଦେଇ ଆମେ ଅଣଦେଖା କରିଥାଉ। ମାତ୍ର ଏହା ପଛର କାରଣକୁ ଅନୁସନ୍ଧାନ କଲେ ଜଣାଯାଏ ଅନେକ ଶବ୍ଦ ଘୃଣା ଓ ଆତଙ୍କରୁ ଗାଳିରେ ରୂପାନ୍ତରିତ ହୋଇଛି। ଯାହାହେଉ ଏଭଳି ଶବ୍ଦ ପ୍ରତି ବିମୁଖ ଭାବ ପୋଷଣ ନକରି ସହୃଦୟ ଅନୁସନ୍ଧାନ ହେବା ଉଚିତ।

ମୂଳଶବ୍ଦ: ଅସୂୟାମୂଳକ ଭାଷା, ସାଧୁଭାଷା, ଅସାଧୁ ଭାଷା, ଗାଳିମୂଳକ ଶବ୍ଦ, ଅପଭାଷା, ଗାଳି

ଇତିହାସରେ ଅନେକ ଘଟଣା ଘଟିଛି। ଯାହାକୁ କେନ୍ଦ୍ରକରି ଶବ୍ଦମାନ ଗଢ଼ି ଉଠିଛି। ଏଭଳି ଶବ୍ଦ କେତେବେଳେ ଗାଳିମୂଳକ ଶବ୍ଦର ସ୍ୱରୂପ ନେଇଛି। ଏହାକୁ ଇଂରାଜୀରେ Slang Language କୁହାଯାଏ। ଏହାର ସମାର୍ଥବାଚକ ଶବ୍ଦ ଭାବେ Abusing Language ମଧ୍ୟ କୁହାଯାଏ। ଇତିହାସକୁ ପର୍ଯ୍ୟବେକ୍ଷଣ କଲେ ଜଣାଯାଏ, ନବଜାଗରଣ ପୂର୍ବବର୍ତ୍ତୀ ସମୟରୁ ଏଭଳି ଅନେକ ଶବ୍ଦ ଆସିଛି। ଏହି ଶବ୍ଦମାନ ଗୋଟିଏ ସମୟର ରାଜନୀତି ଓ ସାମାଜିକ ସମସ୍ୟାକୁ ମଧ୍ୟ ସୂଚିତ କରିଥାଏ। ଏହି ଶବ୍ଦମାନଙ୍କରୁ ସମାଜରେ ଉନ୍ମେଷ ଲାଭ କରିଥିବା କେତେକ ଅସୂୟା ଭାବାପନ୍ନ ଶବ୍ଦର ଅର୍ଥ ଓ ପ୍ରୟୋଗାତ୍ମକ ସଂପର୍କରେ ଜଣାଯାଏ। ଏହି ଭାଷାଗୁଡ଼ିକ ଅପଭାଷାର ସୀମା ତଳେ ପରିଚିତି ପାଇଥା'ନ୍ତି। ଏହି ଶବ୍ଦ ନିଜର ସ୍ୱରୂପ ଅପେକ୍ଷା କୁରୂପରେ ବ୍ୟବହୃତ ହୋଇଥା'ନ୍ତି। ଅର୍ଥ ଅପକର୍ଷ ଏହାର ଅନ୍ୟତମ ଦିଗ। ଏଥିପ୍ରତି ସଙ୍କୁଚିତ ଭାବ ନ ନେଇ ମୁଁ ଏହାର ଏକ ଆଲୋଚନା କରିବା ପାଇଁ ପ୍ରୟାସ କରିଛି।

(କ) ଓଡ଼ିଆ ଅସୂୟା ଓ ଗାଳିମୂଳକ ଶବ୍ଦ:

୧.ବାଡ଼ି - ଏହି ପରିପ୍ରେକ୍ଷୀରେ ଆମ ସମାଜରେ 'ବାଡ଼ି' ଆସିବା ପ୍ରସଙ୍ଗ ଆଲୋଚନା କରାଯାଇପାରେ। ବାଡ଼ିର ଅର୍ଥ 'ହଇଜା'। ଓଡ଼ିଶାକୁ ଯେତେବେଳେ ଦୁର୍ଭିକ୍ଷ ବା ବନ୍ୟା ଆସିଛି ତା'କୁ ଆଶ୍ରା କରି ହଇଜା ବି ରୋଗର ବାହକ ସାଜିଛି। କଥାକାର ଫକୀରମୋହନ ସେନାପତିଙ୍କ 'ରେବତୀ' ଗଳ୍ପ ଏହାର ଜ୍ୱଳନ୍ତ ନିଦର୍ଶନ। ରେବତୀର ବାପା ଶ୍ୟାମବନ୍ଧୁ ଓ ମାଆ ବାଡ଼ିରେ ଚାଲିଗଲେ। ସେଦିନ ଶିକ୍ଷକ ବାସୁଦେବ ମଧ୍ୟ ଆରପାରିକୁ ବାଡ଼ି ରୋଗରେ ଚାଲିଗଲା। ସେହିଠାରେ ଦେଖିବାକୁ ମିଳିଛି ଜେଜେମାଆର ଗାଳି 'ଲୋ ଚୁଲି', 'ଲୋ ନିଆଁ'। ଏହିପରି ଗାଳି ଚୁଲି ଓ ନିଆଁକୁ ନେଇ ଝିଅମାନଙ୍କୁ ହିଁ ଗାଳି ଦିଆଯାଉଥିଲା। କାରଣ 'ଚୁଲି' ସହିତ ନାରୀମାନଙ୍କ ସଂପର୍କ ନିବିଡ଼ ଥିଲା। ଅନ୍ୟଟି ହେଉଛି 'ବାଡ଼ି'। ଏ ବାଡ଼ିକୁ ନେଇ ଗାଁମାନଙ୍କରେ ଅନେକ ଭୟ ସଞ୍ଚାର ହୁଏ। ଗାଳ୍ପିକଙ୍କ ମତରେ - "ମଫସଲ ଗାଁରେ ବାଡ଼ି ପଡ଼ିଲେ ତାଟି କବାଟ ପଡ଼ିଯାଏ। ବାଡ଼ି ବୁଢ଼ୀ ସତେ ପରା ଟୋକେଇଟିଏ କାଖେଇ ଦାଣ୍ଡରେ ମନୁଷ୍ୟ ଗୋଟାଉଅଛି, ଏପରି ସମସ୍ତେ ମଣନ୍ତି।" (ଗଳ୍ପସ୍ୱଳ୍ପ,ପୃ.୪) ଏହି ବାଡ଼ିକୁ କେନ୍ଦ୍ରକରି ଗାଁଲୋକଙ୍କ ମୁହଁରେ କେତେକ ଗାଳି ଶବ୍ଦ ଶୁଣାଯାଏ ଯଥା- ବାଡ଼ିପଶା, ବାଡ଼ିପଡ଼ା, ବାଡ଼ିଖିଆ ଇତ୍ୟାଦି। ଏଭଳି ଗାଳି ବିଶେଷତଃ ନାରୀଟିଏ ପୁରୁଷକୁ ଗାଳିଗୁଲଜ କ୍ଷେତ୍ରରେ ପ୍ରୟୋଗ କରିଥାଏ। କିନ୍ତୁ ଯେତେବେଳେ ଶୁଣାଯାଏ 'ତୋତେ ବାଡ଼ି ନେଉ' ସେତେବେଳ ଏହା ଉଭୟ ପୁରୁଷ ଓ ନାରୀମାନଙ୍କୁ ଗାଳି କରାଯାଇପାରେ। ବାଡ଼ିର ଆରମ୍ଭ ପ୍ରାକୃତିକ ଦୁର୍ବିପାକରୁ; ଏକଦା ଯାହାର ନିରାକରଣ ନଥିଲା।

ଆଜିକାଲି ଏହାର ନିରାକରଣ ହେଲାଣି। ଗାଁ ଗଣ୍ଡାରେ ଶବ୍ଦଟି ଗାଳି ଭିତରେ ବଞ୍ଚି ରହିଗଲା।

୨. ରାଣ୍ଡ - ଆମ ସମାଜରେ ଥିବା କୁସଂସ୍କାର ଏହି ଶବ୍ଦରୁ ଜଣାଯାଏ। ଯେତେବେଳେ କୌଣସି ନାରୀର ସ୍ୱାମୀ ମରିଯାଏ ଏବଂ ସେ ବିଧବା ହୋଇଯାଏ, ତା'କୁ ରାଣ୍ଡ ବୋଲି ଅଭିହିତ କରାଯାଏ। 'ମାଦଳାପାଞ୍ଜି'ରେ ଚୁଡ଼ଗଙ୍ଗଦେବ ରାଣ୍ଡିପୁଅ ଭାବେ ପରିଚିତ - "ଏଥକୁ ଭୁବନେସର ଦେବଙ୍କ ଆଗ୍ୟାଁ ହୋଇଲା। ତୁ ଦକ୍ଷିଣେ ଯାଇ ଗୋକର୍ଣ୍ଣେସର ବୀର୍ଯ୍ୟରୁ ଯେ ରାଣ୍ଡିପୁଅ ଚୋରଗଙ୍ଗା ଅଛି, ତାକୁ ଆମ୍ଭ ଆଗ୍ୟାଁରେ ଆଣି ଓଡ଼ିଶାରେ ରାଜତ୍ୱ କରାଇବୁ।(ପୃ.୨୩୨) ଓଡ଼ିଆ ଗଳ୍ପ 'ରାଣ୍ଡିପୁଅ ଅନନ୍ତା', ଉପନ୍ୟାସ 'ମାଟିର ମଣିଷ', 'ହିଡ଼ମାଟି' ପ୍ରଭୃତି ଉପନ୍ୟାସରେ ଖଳ ଚରିତ୍ରମାନେ ରାଣ୍ଡିଖଣ୍ଡିଙ୍କ ସଂପତ୍ତି ଲୁଟିନେବାର ବର୍ଣ୍ଣନା ରହିଛି। ସମୟ ସମୟରେ ଏମାନଙ୍କର ଅସହାୟତାର ସୁଯୋଗ ନେଇ ସମାଜ ଏମାନଙ୍କୁ କୁଦୃଷ୍ଟିରେ ଦେଖେ। ଗାଁ ମାନଙ୍କରେ ଝିଅବୋହୂମାନଙ୍କୁ ରାଣ୍ଡି କହି ଗାଳି ଦେବାର ଶୁଣାଯାଏ, ଯେପରି 'ରାଣ୍ଡର ଛୁଆ'। ରାଣ୍ଡମାନଙ୍କୁ ସମାଜରେ ଶୁଭାଶୁଭ କାର୍ଯ୍ୟରେ ଛୁଇଁବାକୁ ବାରଣ ଥାଏ। ନିକଟରେ ଶୁଣିବାକୁ ପାଇଲି ଧାମରେଇ ପୀଠରେ ବିଧବା କୈବର୍ତ୍ତ ନାରୀ ପୂଜା କରିଥା'ନ୍ତି। ସମୟ ବଦଳୁଛି ଜଣାଗଲା ପରେ ବି ଶବ୍ଦ ତା'ର ଗାଦି ଯେପରି ସେମିତି ମାଡ଼ି ବସିଥିବାର ଅନୁମାନ ହୁଏ।

୩. ଆଣ୍ଟୁକୁଡ଼ା - ଯେଉଁ ସ୍ତ୍ରୀଲୋକର ସନ୍ତାନ ନଥାଏ; ସେ ଆଣ୍ଟୁକୁଡ଼ା ଭାବେ ପରିଚିତ ହୋଇଥାଏ। ଏହି ଆଣ୍ଟୁକୁଡ଼ାଙ୍କ ଭୂମିକା ସମାଜରେ ଅତ୍ୟନ୍ତ ନଗଣ୍ୟ ହୋଇପଡ଼େ। ସକାଳୁ ଏମାନଙ୍କ ମୁଖ ଚାହିଁବାକୁ ବାରଣ ଥାଏ। ଗାଁ ଗଣ୍ଡାରେ ପୁରୁଣା କାଳରେ ଏମାନଙ୍କୁ ସମାଜର ତାଚ୍ଛଲ୍ୟ ଭାବର ଶିକାର ହେବାକୁ ପଡୁଥିଲା। ଲୋକୋକ୍ତିରେ କୁହାଯାଇଛି - "ସକାଳୁ ଉଠି ଆଣ୍ଟୁକୁଡ଼ାକୁ ନ ଚାହିଁ ଯାଇ।"

୪. କୁକୁର - କୌଣସି ବ୍ୟକ୍ତି ଗୋଡ଼ାଣିଆ ହେଲେ 'କୁକୁର' ଶବ୍ଦରେ ତା'କୁ କେହି ଆକ୍ଷେପ ତ କେହି ଗାଳିଗୁଲଜ ବି କରିଥା'ନ୍ତି। ଏହାର ଅର୍ଥ ଗୋଡ଼ାଣିଆ। ଏମାନେ ଗୋଡ଼ାଣିଆ ହେଲେ ହେଁ ଯେତେବେଳେ ବିଶ୍ୱସ୍ତନୀୟ ହୋଇପାରନ୍ତିନାହିଁ ସେତେବେଳେ ଏପରି ଅସୂୟାର ଶିକାର ହୋଇଥା'ନ୍ତି।

୫. ଯମଗିଳା- ଯମଗିଳା ଶବ୍ଦଟି 'ମୃତ୍ୟୁ'କୁ ସୂଚିତ କରିଥାଏ। ବ୍ୟକ୍ତି ପ୍ରତି କ୍ରୋଧ ଓ ଅସୂୟା ମନୋଭାବ ଫଳରେ ଗାଳି ଦେବାବେଳେ ଏହି ଶବ୍ଦର ପ୍ରୟୋଗ କରାଯାଇଥାଏ।

୬. ବାଘଧରା - ଉତ୍ତର ଓଡ଼ିଶାର କେଉଁଝର ଅଞ୍ଚଳରେ ଏହିଭଳି ଗାଳି କରାଯାଇଥାଏ। ଏହାର ଅର୍ଥ ବାଘ ତତେ ଧରିନେଇ ଖାଇବ। ଏହା ମଧ୍ୟ ମୃତ୍ୟୁକୁ ସୂଚିତ କରିଥାଏ।

୭. ନଈଜଗା- ଏହାର ଅର୍ଥ ନଈ କୂଳରେ ଶ୍ମଶାନକୁ ଯିବା। ଏହା ମୃତ୍ୟୁକୁ ସୂଚିତ କରିଥାଏ। କେଉଁଝର ଅଞ୍ଚଳରେ ଏହିଭଳି ଗାଳି କରାଯାଇଥାଏ।

୮. ଅକାଳମୂର୍ତ୍ତିଆ (କେଉଁଝର ଅଞ୍ଚଳର ଗାଳି)/ ଗଜାବୟସିଆ - ଏହାର ଅର୍ଥ ଯୁବାବସ୍ଥାରେ ମରିବା। ଯୁବକମାନଙ୍କୁ ଏହିପରି ଗାଳି କରାଯାଇଥାଏ।

୯. ଯୋଗଣିଖିଆ - ଏହି ଶବ୍ଦର ବ୍ୟବହାର ସହ ଓଡ଼ିଶାର ତନ୍ତ୍ରମନ୍ତ୍ରର ସଂପର୍କ ଥିବାର ଜଣାଯାଏ। ଓଡ଼ିଶାରେ ଚଉଷଠି ଯୋଗିନୀ ମନ୍ଦିର ରହିଛି। କୁହାଯାଏ ପ୍ରାଚୀନ କାଳରେ ଏଠାରେ ଓ ଶକ୍ତି ପୀଠମାନଙ୍କରେ ତନ୍ତ୍ର ସାଧନାର ଗୁରୁତ୍ୱ ଥିଲା। ସାଧନାର ପୀଠସ୍ଥଳୀ ଭାବେ ଚର୍ଯ୍ୟାରୁ ଆରମ୍ଭ କରି ପଞ୍ଚସଖା ପର୍ଯ୍ୟନ୍ତ ଓଡ଼ିଆ ସାହିତ୍ୟରେ ଏହାର ପ୍ରଭାବ ବିଷୟରେ ଜଣାଯାଏ। ତେଣୁ ଯୋଗଣିଖିଆ ଅର୍ଥ ଯେ ଯୋଗିନୀଙ୍କ ଭୋଜନ ଯୋଗ୍ୟ। ମାତ୍ର ଗାଳି କରିବା ସମୟରେ ତାହା କାନକୁ ଶ୍ରୁତିକଟୁ ଶୁଣାଯାଏ। ପଶ୍ଚିମ ଓଡ଼ିଶାରେ ଏହାକୁ 'ଯୁଗ୍‌ନିଖିଆ' କୁହାଯାଏ। ଏହିପରି ଶବ୍ଦ କେଉଁଝର ଅଞ୍ଚଳରେ 'ଡାକୁଣିଖିଆ', 'ରାକାଣିଖିଆ' କହି ଗାଳିଗୁଲଜ କରାଯାଇଥାଏ। ଏଗୁଡ଼ିକ ତନ୍ତ୍ରର ମହତ୍ତ୍ୱ ବଖାଣିଥାଏ।

୧୦. ନିଆଁଗିଳା - ସର୍ବଗିଳା। ଯେତେବେଳେ ଉପାର୍ଜନକାରୀ ଘରର ସମସ୍ତ ଦାୟିତ୍ୱ ବହନ କରେ ଏବଂ ଘରର ସଦସ୍ୟଙ୍କ ଖର୍ଚ୍ଚ ବ୍ୟୟ ବଢ଼ିଯାଏ ସେତେବେଳେ ସଦସ୍ୟଙ୍କ ପ୍ରତି ଏଭଳି ଗାଳି କରାଯାଏ। ଜଣେ ବ୍ୟକ୍ତି ଖାଇବା ଉପରେ ଖାଇଲେ ମଧ୍ୟ ଏଭଳି ଗାଳି ଦିଆଯାଏ।

୧୧. ନିଆଁଲଗା - ଘରଭଙ୍ଗା। ଗାଁ ଗଣ୍ଡାରେ କିଛି ପୁରୁଷ ଓ ନାରୀ ଅନ୍ୟ ଘରର ସୁଖସମୃଦ୍ଧିକୁ ସହିପାରନ୍ତି ନାହିଁ। ସେଠାରେ ଝଗଡ଼ା ଲଗାଇଥିବା ଲୋକ ଉଦ୍ଦେଶ୍ୟରେ ଏଭଳି ଗାଳି କରାଯାଇଥାଏ।

୧୨. ଅଣ୍ଡିରିଚଣ୍ଡି - ଝିଅଟିଏ ପୁଅଙ୍କ ସ୍ୱଭାବ ହେବାବେଳେ ତା'କୁ ଅଣ୍ଡିରିଚଣ୍ଡି ବୋଲି ଆକ୍ଷେପ କରାଯାଏ। ଅଣ୍ଡିରା ଶବ୍ଦ 'ପୁଅଙ୍କୁ' ଓ ଚଣ୍ଡୀ ଶବ୍ଦ 'ଉଦ୍ଦଣ୍ଡ' ସ୍ୱଭାବକୁ ବୁଝାଇଥାଏ। ମାତ୍ର ଅଣ୍ଡିରା ଶବ୍ଦର ବ୍ୟବହାର ଝିଅମାନଙ୍କ କ୍ଷେତ୍ରରେ ପ୍ରୟୋଗ ହେଉଥିବାରୁ ଅଣ୍ଡିରି (ସ୍ତ୍ରୀ) ରୂପରେ ପରିବର୍ତ୍ତିତ ହୁଏ।

୧୩. ଛର୍‌ରା(ପୁଂ)/ ଛର୍‌ରି(ସ୍ତ୍ରୀ) - ପଶ୍ଚିମ ଓଡ଼ିଶାରେ ସ୍ତ୍ରୀ ଛଡ଼ା ପୁରୁଷକୁ ଛର୍‌ରା ଓ ପୁରୁଷ ଛାଡ଼ ସ୍ତ୍ରୀ କୁ ଗାଳିଗୁଲଜ କଲାବେଳେ ଛର୍‌ରି କହି ଉଲୁଖଣା କରିଥା'ନ୍ତି।

୧୪. କଳିହୁଡ଼ି କାପରଖାଇ, କଳିକାଣ୍ଡେଇ - ଝଗଡ଼ାରେ ପ୍ରବୀଣ ଝିଅମାନଙ୍କୁ ଏପରି ଆକ୍ଷେପ କରାଯାଇଥାଏ। କଥାନଥିଲେ ବି ଏମାନେ ଏଭଳି ଅଭ୍ୟସ୍ତ ଯେ, କୌଣସି କଥାରେ ଝଗଡ଼ା କରିବାରେ ଆଗଭର ହୋଇଆସନ୍ତି। 'କଳିହୁଡ଼ି' ଅର୍ଥାତ କଥାକୁ ହେଣ୍ଟି କଳି କରିବା ଏବଂ 'କାପରଖାଇ' ଏକ ଧ୍ୱନ୍ୟାତ୍ମକ ଶବ୍ଦ। ପୁନଶ୍ଚ କାଣ୍ଡେଇ; ଯେ ନ ବୁଝିସୁଝି ଝଗଡ଼ା କରେ।

୧୫. କଞ୍ଜୁସିଆ, ନିକୁଛିଆ - ସବୁ ସୁବିଧା ଥାଇ କୌଣସି ବ୍ୟକ୍ତି କାହାରିକୁ କିଛି ଦେବାକୁ ଭଲ ନପାଇବା ବେଳେ ତା' ପ୍ରତି ଏଭଳି ଆକ୍ଷେପମୂଳକ ଭାଷା ପ୍ରୟୋଗ କରାଯାଇଥାଏ। ଅନ୍ୟପକ୍ଷରେ ଏମାନେ କୃପଣ ସ୍ୱଭାବ ଅଟନ୍ତି। ଜମିଦାରୀ ଶାସନରେ ଏଭଳି ଲୋକମାନଙ୍କର ସଂଖ୍ୟା କମ୍ ନଥିଲା। ସେମାନଙ୍କୁ ସାଧାରଣ ସେବକ ପ୍ରଜା ଏଭଳି ଭାଷାରେ ଗାଳି ଦେଇ ପରିଚୟ କରୁଥିଲେ।।

୧୬. ଅଳପଇସିଆ ଓ କୋଡ଼ିଆ - କେତେକ ପୁରୁଷମାନେ କାର୍ଯ୍ୟ କରିବା ପରିବର୍ତ୍ତେ ଅଳସୁଆ ହୋଇ ବସିରହନ୍ତି। ସେମାନଙ୍କୁ ଘରେ ବସାଇ ଖାଇବାକୁ ଦେବା ସୁସ୍ଥ ସମାଜର ଲକ୍ଷଣ ନୁହେଁ। ସେପରି କ୍ଷେତ୍ରରେ ସେମାନଙ୍କୁ ଅଳପଇସିଆ

ଓ କୋଢ଼ିଆ ବୋଲି ତାସଲ୍ୟ କରାଯାଇଥାଏ।

୧୭. ଘୋଡ଼ାମୁହାଁ - ଏହି ଶବ୍ଦଟି ଉଭୟ ପୁରୁଷ ଓ ନାରୀ କ୍ଷେତ୍ରରେ ପ୍ରୟୋଗ ହୋଇପାରେ; ଯଥା - ଘୋଡ଼ାମୁହାଁ(ପୁଂ) ଓ ଘୋଡ଼ାମୁହିଁ(ସ୍ତ୍ରୀ)। ଯୁବାବସ୍ଥାରେ ବୟସ୍କଙ୍କ ମୁହଁରେ ଜବାବ ଫେରାଇଲେ ଯୁବକ ଓ ଯୁବତୀମାନଙ୍କୁ ଏହିପରି ଗାଳି ଶୁଣିବାକୁ ପଡ଼ିଥାଏ।

୧୮. ବେମୁରିଆ/ବେମୁରୁଆ - ମୁରବିହୀନ ଘରର ପିଲା। ସମୟ ସମୟରେ ପିଲାମାନଙ୍କ କଥାବାର୍ତ୍ତା ଓ କୁକାର୍ଯ୍ୟ ପାଇଁ ବାହାର ଲୋକଙ୍କ ଅସୂୟା ମନୋଭାବ ଫଳରେ ଏହିପରି ଶୁଣିବାକୁ ମିଳେ। ମୁରବି ଥିଲେ ବି ସେମାନଙ୍କୁ ବେମୁରୁଆ କୁହାଯାଏ।

୧୯. ବଡ଼ରୁଗିଆ - ବଡ଼ରୁଗିଆ ଅର୍ଥ 'କୁଷ୍ଠରୋଗ'କୁ ବୁଝାଇଥାଏ। ଦକ୍ଷିଣ ଓଡ଼ିଶାରେ ଏହିଭଳି ଗାଳି ଶୁଣିବାକୁ ମିଳିଥାଏ। ସମାଜରେ ଏହି ରୋଗ ଛୁଆଁଅଛୁଆଁ ଭେଦଭାବ ସୃଷ୍ଟି କରିଥିଲା। ଇଂରେଜୀ ମିଶ୍‌ନାରୀ ଓ ଗାନ୍ଧୀଙ୍କ ସମୟରେ ଏହି ରୋଗୀମାନଙ୍କ ପ୍ରତି ସହାନୁଭୂତି ପ୍ରକାଶ ପାଇଥିଲା। ଏହାକୁ କେନ୍ଦ୍ରକରି କଟକରେ ଗାନ୍ଧୀପଲ୍ଲୀଠାରେ ସେମାନଙ୍କ ପାଇଁ ସେବାଶ୍ରୟ ଗଢ଼ି ଉଠିଥିଲା।

୨୦. ଖୁଡ଼/ଖୋଡ଼ ଫୁଟିବା - ଉପକୂଳ ଓଡ଼ିଶାରେ ଏହିଭଳି ଗାଳି ଶୁଣାଯାଏ। ଏହାର ଅର୍ଥ କୁଷ୍ଠରୋଗାକ୍ରାନ୍ତ ହେବା। ଏଭଳି ଗାଳି ଅଭିଶପ୍ତସୂଚକ ମନେହୁଏ। ମିଛ କହିବା ବେଳେ ବା କୌଣସି କାର୍ଯ୍ୟରେ ଠକିବା ସମୟରେ ପ୍ରତିପକ୍ଷ ଦଳ ଗାଳି ଦେଇଥାଏ।

୨୧. ଆଖି ଫୁଟିଯିବା - ଆଖି ଫୁଟିଯିବା ଅର୍ଥ 'ଅନ୍ଧ ହେବା'। ଏହା ମଧ୍ୟ ଅଭିଶାପସୂଚକ ଗାଳି। ଦେଖି କରି ବି ମିଛ କହିବାବେଳେ ଏଭଳି ଗାଳି ପ୍ରତିପକ୍ଷ ଦଳ ଗାଳିଦିଏ।

୨୨. କୁଳାଙ୍ଗାର - ଅଯୋଗ୍ୟ ପିଢ଼ି। ପ୍ରତିଷ୍ଠିତ ଥିବା ବ୍ୟକ୍ତିର ପରବର୍ତ୍ତୀ ଦାୟାଦ ଉପଯୁକ୍ତ ନହେଲେ କୁଳାଙ୍ଗାର ଭାବେ ଅଭିହିତ ହୋଇଥା'ନ୍ତି। ଏହିପରି ଅନେକ ଜମିଦାରୀ ପରିବାରର ଅବକ୍ଷୟ ଘଟିଛି।

ଓଡ଼ିଆରେ କୁଳବୁଡ଼ା, ସବାଖାଇ, ଭୀମଭୋଇଙ୍କ ସ୍ତୁତି ଚିନ୍ତାମଣିରେ ୨୬ବୋଲିରେ ଖଚୁଆ, ମିଛୁଆ, ଲମ୍ପଟି, ପାଷାଣ୍ଡ, ଆଡ଼ବାୟା, ଅକାଳ ବାବନାଭୂତ ଭଳି ଅନେକ ଶବ୍ଦ ଲୋକର ଅସୂୟାର ସୀମାରେଖା ତଳେ ରହିଯାଇଛି। ଅନ୍ୟପକ୍ଷରେ ବିଭିନ୍ନ ସ୍ଥାନ ଓ ଅଞ୍ଚଳ ଭେଦରେ ଏଭଳି ସଂଖ୍ୟାଧିକ ଶବ୍ଦ ଆମେ ସଙ୍କୁଚିତର ଅର୍ଥବୋଧ ଭିତରେ ନିବୁଜ ରଖିଦେଇଛୁ।

(ଖ) ଇଂରେଜୀ ଶାସନକାଳରେ ଉନ୍ମେଷ ଅସୂୟା ଓ ଗାଳିମୂଳକ ଶବ୍ଦ :

୨୪. କଳାବଜାରୀ ଓ କଳାକାରବାର - ଆଜିକାଲି କଳାବଜାରୀ ଓ କଳାକାରବାର ଆମ ସମାଜକୁ ଘାରିଗଲାଣି। ଇଂରେଜମାନଙ୍କ ଶାସନ କାଳରେ ଏହି ଶବ୍ଦ ଓଡ଼ିଶାରେ ଶୁଣାଗଲା ବୋଲି 'ଅମୃତ ଅନୁଭବ'ରେ ଅନ୍ନପୂର୍ଣ୍ଣା ମହାରଣା ଲେଖିଛନ୍ତି। କଳାକାରବାରରେ ଅପମିଶ୍ରଣ ମଧ୍ୟ ମିଶିଗଲା। ତେଣୁ ଯେଉଁମାନେ ଏହି କାର୍ଯ୍ୟ କରିବାରେ ପାରଙ୍ଗମ ହେଲେ ସମାଜରେ ସେମାନଙ୍କ ପ୍ରତି ଅସୂୟା ମନୋଭାବ ପୋଷଣ ହେଲା। ବିଦେଶୀ ଶାସନ କାଳରୁ ଏହିପରି ଆରମ୍ଭ ହୋଇଥିବା କାର୍ଯ୍ୟକୁ ଅସୂୟା ମନୋଭାବ ସତ୍ତ୍ୱେ ତାହା ଆଉ ଲୋପ ହେଲାନାହିଁ। ଆଜି ବି ସମାଜରେ ପ୍ରତିଟି ବେପାରବଣିଜ ପଛରେ ଏହି ଗାଳି ପ୍ରଚଳିତ ରହିଛି।

୨୫. ବଜାରୀ - ଏହି ଶବ୍ଦଟି ଉଭୟ ପୁଅ ଓ ଝିଅମାନଙ୍କ କ୍ଷେତ୍ରରେ ପ୍ରଯୁଜ୍ୟ ହୋଇଥାଏ। ସମୟାନୁକ୍ରମେ ନାରୀ ପଦାକୁ ଗୋଡ଼ କାଢ଼ି ଯେତିକି ଯେତିକି ବୁଲିବାକୁ ଗୁରୁତ୍ୱ ଦେଲା ଏହି ଆକ୍ଷେପ ତା' ପ୍ରତି ସେତିକି ଅସୂୟା ଭାବବୋଧ ତିଆରି କଲା। ପୁଅମାନେ ମଧ୍ୟ ରୋଜଗାର କରିବା ଅପେକ୍ଷା ଘରର ମୂଳ ରୋଜଗାରକୁ ବୁଲି ବୁଲି ସର୍ବସ୍ୱାନ୍ତ କରିବାକୁ ଲାଗିଲେ; ସେପରି କ୍ଷେତ୍ରରେ 'ବଜାରୀ' ଗୋଟିଏ ଗାଳିଗୁଲଜର ଶବ୍ଦ ରୂପ ନେଲା। ଲୋକମାନେ ପରିହାସ ଛଳରେ କହନ୍ତି -"ବଜାରୀ ତୋ କାନକୁ ଦେବି ସଜାଡ଼ି"।

୨୬. ଛତରା - ଏକଦା ୧୮୬୬ ନ'ଅଙ୍କ ଦୁର୍ଭିକ୍ଷର ଭୟାବହ କାଳରେ ଆଜିର ଛତ୍ରବଜାରରେ ଇଂରେଜ ପାଦ୍ରୀମାନଙ୍କ ଦ୍ୱାରା ଅନ୍ନ ଓ ଜଳଛତ୍ର ଖୋଲିଥିଲା। ଦୁର୍ଭିକ୍ଷର କରାଳ ଗ୍ରାସରୁ ରକ୍ଷା ପାଇବା ପାଇଁ ଯେଉଁମାନେ ଏହି ଛତ୍ରରେ ଆଶ୍ରୟ ନେଇଥିଲେ ସେମାନଙ୍କୁ ସେଦିନ ସମାଜ ଆଉ ଜାତି କିମ୍ବା ଗାଁ ଗଣ୍ଡାରେ ପୁରାଇଲେ ନାହିଁ। ସେମାନେ ହେଲେ 'ଛତରା' ବା 'ଛତରି'। ଔପନ୍ୟାସିକ କାହ୍ନୁ ଚରଣ ମହାନ୍ତି ୧୯୩୩ ସାଲରେ କଟକର ସୁପରିଟେଣ୍ଡିଂ ଇଞ୍ଜିନିୟରଙ୍କ ଅଫିସରେ ପୁରୁଣା ଚିଠିପତ୍ରରୁ ବାଲେଶ୍ୱର ଜିଲ୍ଲାର ଗୋରା କଲେକ୍ଟର, ବନ୍ଧବାଡ଼ର ସୁପରିଟେଣ୍ଡଙ୍କୁ ୧୮୬୭ ସାଲରେ ଲେଖିଥିବା ଏକ ହାତଲେଖା ଚିଠି ପାଇଥିଲେ। ବାଲେଶ୍ୱର କଲେକ୍ଟର ଦୁର୍ଭିକ୍ଷର କରାଳ ଚିତ୍ର ସେହି ଚିଠିରେ ଯେପରି ଲେଖିଥିଲେ ତାହାର ଚିତ୍ର ଔପନ୍ୟାସିକଙ୍କୁ ଗଭୀର ପ୍ରଭାବିତ କରିଥିଲା - "ଅନ୍ନଛତ୍ରଗୁଡ଼ିକରେ କିପରି କଅଣ ବ୍ୟବସ୍ଥା କରିବାକୁ ହେବ ତାର ସୂଚନା ଦେଇଥିଲେ। କେବଳ ସେହି ପତ୍ରଟି ନୁହେ, ସମଗ୍ର ନଥିଟିକୁ ପଢ଼ିଲି। ଦେହ ଓ ମନ ଥରିଉଠିଲା।"(ଅଠେଇଶ ବର୍ଷ ପରେ, ହା ଅନ୍ନ) ଏହି ପତ୍ର ଆଧାରିତ ଛତରଖିଆର ରୂପ ନେଇଥିଲା 'ଶାସ୍ତି' ଉପନ୍ୟାସରେ ସନିଆ।ପରେ କେତେକ ସ୍ଥାନରେ ଗଡ଼ଜାତ ରାଜାମାନେ ମଧ୍ୟ ଛତ୍ର ଖୋଲିଥିଲେ। ୧୯୧୫-୧୬ ସମୟରେ ଓଡ଼ିଶାର ଗଡ଼ଜାତମାନଙ୍କରେ ଅନାବୃଷ୍ଟି ହେବାରୁ ଦୁର୍ଭିକ୍ଷ ପଡ଼ିଲା। ସେ ସମୟରେ ସୋନପୁରର ମହାରାଜା ଥିଲେ ମହାରାଜା ଶ୍ରୀ ବୀରମିତ୍ରୋଦୟ। ତାଙ୍କ ନିର୍ଦ୍ଦେଶରେ ତେଲନଦୀ କୂଳ ସୁବର୍ଣ୍ଣମେରୁ ମହାଦେବଙ୍କ ପାଖ ପଡ଼ିଆରେ ଅନ୍ନଛତ୍ର ଖୋଲିଥିଲା। ସେଠାରେ ଅସ୍ଥାୟୀ ଘର ତୋଳାଯାଇ ଦିନକୁ ଥରେ ଅନ୍ନ ବିତରଣ କରାଯାଉଥିଲା। ସମୟ ବଦଳିଥିଲେ ମଧ୍ୟ ଶବ୍ଦ ଲୋପ ହେଲାନାହିଁ। ଏହିପରି ଅସୂୟା ମନୋଭାବରୁ ଉତ୍ପନ୍ନ ଶବ୍ଦ ଗାଳିର ରୂପରେଖରେ ରହିଯାଇଛି।

ଇଂରେଜୀମାନଙ୍କ ଶାସନ ସମୟରୁ ଆମେ କେତେକ ଅସୂୟାମୂଳକ ଶବ୍ଦ ଏହିପରି ଗ୍ରହଣ କରିଛୁ। ବାବୁପଣିଆରେ ସେସବୁକୁ ବ୍ୟବହାର କରିଛୁ, କିନ୍ତୁ ନିର୍ଦ୍ଦିଷ୍ଟ ଅର୍ଥ ଓ ସ୍ଥାନରେ କରୁଛୁ କି ନାହିଁ ତାହା ସନ୍ଧାନଯୋଗ୍ୟ। ଯେପରି - ନନ୍‌ସେନ୍ସ, ଇଡିଅଟ, ରାସ୍କେଲ, ବ୍ଲଡି, ବାସ୍ଟର୍ଡ ଇତ୍ୟାଦି।

୨୭.କାଙ୍ଗାଳ - କାଙ୍ଗାଳ ଶବ୍ଦର ଅର୍ଥ ସଂପତ୍ତି ଥିବା ବ୍ୟକ୍ତି

ସଂପତ୍ତିହରା ହୋଇ ମାଗି ଚଳିବା। ନ'ଅଙ୍କ ଦୁର୍ଭିକ୍ଷ ପରେ ଖାଇବାକୁ ନପାଇ ଏହିପରି ଗୋଷ୍ଠୀର ଅଭ୍ୟୁଦୟ ହୋଇଥିଲା। 'ଶାସ୍ତି' ଓ 'ହା ଅନ୍ନ' ଉପନ୍ୟାସରେ ଏହିପରି କାଙ୍ଗାଳଙ୍କର ବର୍ଣ୍ଣନା ରହିଛି। ଆଜି ବି କେହି ଚଳିଲାବାଲା ଘରର ପିଲା ଛିଣ୍ଡା ଜିନିଷ ବ୍ୟବହାର କଲେ ତା'କୁ କାଙ୍ଗାଳ କହିଥା'ନ୍ତି।। କାହ୍ନୁଚରଣ ମହାନ୍ତିଙ୍କ ମତରେ - "ଆଖପାଖ ଗଡ଼ଜାତମାନଙ୍କରୁ ସହସ୍ର ସହସ୍ର ବୁଭୁକ୍ଷୁ ନରନାରୀ, ବାଳକବାଳିକା ଆସି ଛୋଟ ସୋନପୁର ସହରରେ ରୁଣ୍ଡ ହେଲେ। ଦିନୁଦିନ କଙ୍ଗାଳ କଙ୍କାଳଙ୍କର ସଂଖ୍ୟା ବଢ଼ିବାକୁ ଲାଗିଲା। XXX ବାଟ, ଘାଟ, ଗଛମୂଳ ସର୍ବତ୍ର କେବଳ କଙ୍ଗାଳ।(ଅଠେଇଶ ବର୍ଷ ପରେ, ହା ଅନ୍ନ) ଏଥିରେ କାଙ୍ଗାଳ ଶବ୍ଦର ପରିସର, କାରଣ ଜଣାଯାଇଥାଏ। ପ୍ରାକୃତିକ ଦୁର୍ବିପାକ ଓ କୃତ୍ରିମ ବିଭେଦ ହିଁ ଏଭଳି ଶବ୍ଦର କାରଣ ହୋଇଛି।

(ଗ) ଯାବନିକ ଶାସନ କାଳର ଅସୂୟା ଓ ଗାଳିମୂଳକ ଶବ୍ଦ :

ଯାବନିକମାନଙ୍କ ଶାସନ କାଳରେ ପାର୍ସୀ ଭାରତର ପ୍ରାଶାସନିକ ଭାଷା ହୋଇଥିଲା। ସେ କାଳରେ ଏହି ଓଡ଼ିଶାରେ ବସବାସ କରୁଥିବା ଯାବନିକମାନଙ୍କ କାରଣରୁ ଏଠାକାର ଭାଷାରେ ଯାବନିକ ଭାଷାର ପ୍ରଭାବ ରହିଛି।

୨୮. ନମକଖିଆ ଓ ବେଇମାନ - ଏହି ଦୁଇଟି ଗାଳିମୂଳକ ଶବ୍ଦ ଯାବନିକ ଶବ୍ଦରୁ ଗୃହିତ। ଶବ୍ଦଦ୍ୱୟ ପରସ୍ପର ପରିପୂରକ। କେହି ମାଲିକ ସେବକକୁ ଭରସା କରି ଦୀର୍ଘକାଳ ସବୁକିଛି ତା'ର ଆୟତ୍ତରେ ଦେଇଦେବା ପରେ ଯଦି ସେବକ ବିଶ୍ୱାସଘାତକତା କରେ ତେବେ ସେଠାରେ ନମକଖିଆ ଓ ବେଇମାନ (ନି) ଶବ୍ଦ ପ୍ରଯୁଜ୍ୟ ହୋଇଥାଏ।

୨୯. ନାଲାୟକ - ଅପଦାର୍ଥ ବା ଅନୁପଯୋଗୀ ବ୍ୟକ୍ତି ଅର୍ଥରେ ଏହା ପ୍ରୟୋଗ ହୋଇଥାଏ। ଏହା ଯାବନିକ ଶବ୍ଦରୁ ଗୃହିତ।

୩୦. ଖପରାଖିଆ - ଖପରା ଏକ ଯାବନିକ ଶବ୍ଦ। 'ମାଦଳାପାଞ୍ଜି'ରେ ଏହାର ବ୍ୟବହାର ରହିଛି - "କଳିଭାନୁଦେବଙ୍କ ପରେ ମତ୍ତଭାନୁଦେବ ଏବଂ ତାଙ୍କ ପରେ ସୂର୍ଯ୍ୟବଂଶର ମତ୍ତଭାନୁ କପିଳେନ୍ଦ୍ରଦେବ ରାଜା ହେଲେ। ଏହାକୁ ନେଇ ଉଲ୍ଲେଖ ଅଛି - ଏ ଉତ୍ତାରୁ ମତ୍ତଭାନୁଦେବ ରାଜା ହେଲେ ମତ୍ତଭୋଳ ହୋଇ ରାଜା ଦିନ ନେଲେ। ସେ ରାଜା ଭୋଗ କଲେ ବ ୨୩।୬ ମାସ। XXX ଏଥକୁ ସପନେ ଆଗ୍ୟାଂ ହୋଇଲେ କାଲି ଦରଶନ ବେଳେ ବିମ୍ବଳାଇଙ୍କ ଆଗେ ଖପରା ଖଣ୍ଡେ କୋରୁଥିବ, ତତେ ଦେଖି ପଳାଇଯିବା" (ପୃ.୨୪୯) ଏଭଳି ଗାଳି ଶବ୍ଦ 'ସ୍ତୁତି ଚିନ୍ତାମଣି'ରେ ଦେଖିବାକୁ ମିଳେ। ମହିମା ଧର୍ମାବଲମ୍ବୀମାନେ ଖପରାରେ ଖାଉଥିବାରୁ ତାଙ୍କୁ ଏଭଳି ଆକ୍ଷେପ ଗାଁ ଗଣ୍ଡାରେ ଶୁଣିବାକୁ ପଡୁଥିଲା। ଭୀମଭୋଇଙ୍କ ମତରେ - "ହିଂସା ଅହଂକାର ଥେଣ୍ଟ ଖଣ୍ଟ ଚୋର ଜଗତେ ଅଛନ୍ତି ଯେତେ/ ଖପରେ ପଡ଼ିବେ ଖଡ଼ଗେ ଛିଡ଼ିବେ ଚଣ୍ଡୀ ଚାମଣ୍ଡାଙ୍କ ହସ୍ତେ" ।(୨୬ ବୋଲି)

୩୧. ବଦ୍‌ମାସ - ବଦ୍‌ମାସ ଶବ୍ଦଟି ପିଲା ଅମାନିଆ ଓ ଅଧିକ ଦୁଷ୍ଟ ହେଲେ କୁହାଯାଇଥାଏ। ଉଭୟ ପୁଅ ଓ ଝିଅମାନଙ୍କ କ୍ଷେତ୍ରରେ ଏଭଳି ପ୍ରୟୋଗ କରାଯାଇଥାଏ। ଏହି 'ବଦ୍'କୁ ପୂର୍ବ ପ୍ରତ୍ୟୟ ଭାବେ ପ୍ରୟୋଗ କରି 'ବଦ୍‌ଅଭ୍ୟାସ'ର ବି ପ୍ରୟୋଗ ହୋଇଥାଏ।

୩୨. ଫାଜିଲ - ଫାଜିଲ ଶବ୍ଦ ଯାବନିକ ଶବ୍ଦର ପ୍ରଭାବରୁ ଗଢ଼ି ଉଠିଛି। ଅଧିକ ଦୁଷ୍ଟ ହେଲେ ଏଭଳି ଗାଳି କରାଯାଇଥାଏ। ମାତ୍ର ଯାବନିକ ଶବ୍ଦରେ ଯେଉଁ ପ୍ରସଙ୍ଗରେ ପ୍ରଯୁଜ୍ୟ ହେଉଥିଲା ଓଡ଼ିଆରେ ତା'ର ବ୍ୟବହାର ଭିନ୍ନ ରକମର।

୩୩. ମ୍ଳେଛ - ଯାବନିକମାନଙ୍କ ଜୀବନଯାପନ ଚଳଣିକୁ ହିନ୍ଦୁମାନେ ମ୍ଳେଛ ବୋଲି କହିଥା'ନ୍ତି। ତେଣୁ କାହାରି ଚଳଣି ସେମାନଙ୍କ ଭଳି ହେଲେ ତାହାକୁ ମ୍ଳେଛ ଆକ୍ଷେପ କରିଥା'ନ୍ତି - "ମେଳଛ ପାମର ଅଧମ ଏ ଜୀବ ଛନ୍ଦ ନଟକୂଟ ପ୍ରାଣୀ/ ଛିଡ଼ିଯିବ ମୁଣ୍ଡ ହୋଇ ଖଣ୍ଡଖଣ୍ଡ ଲୋଟୁଥିବ ଏ ଧରଣୀ।"

ଏଭଳି ଅସୂୟାମୂଳକ ଶବ୍ଦ ଓଡ଼ିଆ ଭାଷା ଭଳି ସମସ୍ତ ଭାଷାଭାଷୀରେ ରହିଛି। କହିବାକୁ ଗଲେ ଭାଷା ହେଉଛି ସ୍ଥାନ-କାଳ-ପାତ୍ରମୁଖୀର ଭାଷା। ତେଣୁ ଏହାର ସାଧୁ ରୂପ ଯେପରି ରହିଛି ଅସାଧୁ ରୂପ ମଧ୍ୟ ସେପରି ରହିଛି। ଘରେ ରହିବାବେଳେ ଅସଜ୍ଜିତ ଓ ବାହାରକୁ ସଜ୍ଜିତ ଅବସ୍ଥାରେ ଯିବା ଭଳି ଭାଷା ବି ପରିକଳ୍ପିତ।କିଏ କଲା ଏହି ଅସୂୟାମୂଳକ ଭାଷାର ରୂପରେଖ ତାହାକୁ ଖୋଜିବା ନିରର୍ଥକ। ଯାଦୃଚ୍ଛିକତାର ଖୋଳପାରେ ବି ଏହାର ଇତିହାସ, ସାମାଜିକ, ଆଞ୍ଚଳିକତାର ଦିଗ ଖୋଜାପଡ଼େ। ଏଗୁଡ଼ିକରେ ଓଡ଼ିଆ ଲୋକଭାଷାର ଆଳଙ୍କାରିକତା ବି ରହିଛି। ଏହି ଆଳଙ୍କାରିକତା ଲୋକର ଭାଷାଶୈଳୀ ଉପରେ ନିର୍ଭର କରେ। ଏଥିରେ ଆଞ୍ଚଳିକତାର ପ୍ରଭାବ ମଧ୍ୟ ରହିଛି। ଗାଳିଗୁଲଜ ସମୟରେ ଏହି ଶବ୍ଦ ଅଡୁଆ ଶୁଣାଯାଏ। ଶିକ୍ଷିତ ସମାଜ ପାଇଁ ଏଗୁଡ଼ିକ ଅଶିକ୍ଷିତ ବା ଅର୍ଦ୍ଧଶିକ୍ଷିତର ଭାଷା ହୋଇପାରେ ମାତ୍ର ଏହାର ସ୍ୱାତନ୍ତ୍ର୍ୟ ରହିଛି। ଏଥିରେ ରହିଛି ସାମାଜିକ, ଅର୍ଥନୀତି, ଭୌଗୋଳିକ ସ୍ଥିତିର ଇଙ୍ଗିତ। ଏଗୁଡ଼ିକ ମଧ୍ୟରୁ କେତେକ ଶବ୍ଦ ପ୍ରତୀକ ପରି ମଧ୍ୟ ବିଚାରଯୋଗ୍ୟ। ଇତିହାସର ଯନ୍ତ୍ରଣାର ଗର୍ଭ ଗୃହରୁ ବାଡ଼ି, କାଙ୍ଗାଳ, ଛତରା/ଛତରି ଆଜି ବି ସେ ସମୟଖଣ୍ଡକୁ ଅନୁରଣିତ କରେ। ଓଡ଼ିଶାର କୋଣ ଅନୁକୋଣରେ ଏହିପରି ଅନେକ ଶବ୍ଦକୁ ଗାଳି ବା ଅସୂୟାର ସଙ୍କୁଚିତ ଅର୍ଥ ପେଡ଼ିରୁ ଉଦ୍ଧାର କରି ନୂତନ ଦୃଷ୍ଟିକୋଣରୁ ସନ୍ଧାନ କରିବା ଉଚିତ।

ସହାୟକ ସୂଚୀ:


୧. ଗଳ୍ପସ୍ୱଳ୍ପ (ପ୍ରଥମ ଭାଗ)- ଫକୀରମୋହନ ସେନାପତି, ମନୀଷା ପବ୍ଲିକେଶନ୍‌ସ, କଟକ, ପ୍ରଥମ ସଂସ୍କରଣ, ୨୦୦୦।

୨. ହା ଅନ୍ନ - କାହ୍ନୁଚରଣ ମହାନ୍ତି, ସାଥୀ ପ୍ରକାଶନ, କଟକ, ଦଶମ ସଂସ୍କରଣ, ୧୯୯୭

୩. ମାଦଳାପାଞ୍ଜି - ମୃତ୍ୟୁଞ୍ଜୟ ନାୟକ, ଫ୍ରେଣ୍ଡ୍‌ସ ପବ୍ଲିଶର୍ସ, କଟକ,୨ୟ ସଂସ୍କରଣ,୧୯୯୭

୪. ଭାଷା ବିଜ୍ଞାନର ରୂପରେଖ - ବାସୁଦେବ ସାହୁ, ଫ୍ରେଣ୍ଡ୍‌ସ ପବ୍ଲିଶର୍ସ, କଟକ, ୬ଷ୍ଠ ସଂସ୍କରଣ, ୧୯୯୯


●

BAGEESHA
ବାଗୀଶ
ଦ୍ୱିତୀୟ ବର୍ଷ, ତୃତୀୟ ସଂଖ୍ୟା | ମଇ - ଜୁନ୍ ୨୦୨୪
Volume No. 02 | Issue No. 03 | May-June 2024
Refereed Peer-Reviewed Jornal
https://bageesha.in
OPEN ACCESS

# ଓଡ଼ିଆ ଉପନ୍ୟାସରେ ନାରୀ ଓ ଭୂମିର ସମ୍ପର୍କ: ଏକ ଆଲୋଚନା

■ ଡ. ସୁଜାତା ସାହାଣୀ

ଅଧ୍ୟାପିକା, ଓଡ଼ିଆ ବିଭାଗ, ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟ, କଟକ

Article Received : 21.05.2024 | Accepted : 25.06.2024 | Published : 15.07.2024

**ସାରାଂଶ**

ମଣିଷର ଜୀବନଧାରଣ ନିମନ୍ତେ ଭୂମି ଏକ ମହତ୍ୱପୂର୍ଣ୍ଣ ଉପାଦାନ। ଖାଦ୍ୟ, ବସ୍ତ୍ର, ଆଶ୍ରୟ ପରି ମୌଳିକ ଆବଶ୍ୟକତା ସହିତ ଅନ୍ୟ ସମସ୍ତ ମାନବିକ ଅଧିକାର ଭୂମି ତଥା ଉତ୍ପାଦନ ପ୍ରକ୍ରିୟା ସହିତ ନିବିଡ଼ ଭାବରେ ସମ୍ପୃକ୍ତ। ଭୂମି ଉପରେ ମାଲିକାନା ତଥା ଅଧିକାର, ମଣିଷର ଅର୍ଥନୈତିକ, ରାଜନୈତିକ, ସାମାଜିକ ତଥା ସାଂସ୍କୃତିକ ସ୍ଥିତି ଆଦିକୁ ନିର୍ଦ୍ଧାରିତ ଓ ନିୟନ୍ତ୍ରିତ କରେ। ସମାଜର ଅର୍ଦ୍ଧେକ ହେଉଛନ୍ତି ନାରୀ। ଭୂମି ସହିତ ସେମାନଙ୍କର ସମ୍ପର୍କ, ଅଧିକାର ତଥା ସମାଜରେ ସେମାନଙ୍କର ସ୍ଥିତି ଓଡ଼ିଆ ଉପନ୍ୟାସରେ କିପରି ପ୍ରତିଫଳିତ ହୋଇଛି, ସେ ସମ୍ପର୍କରେ ଆଲୋଚନା ଏହି ପ୍ରବନ୍ଧର ଉଦ୍ଦେଶ୍ୟ।

ମୂଳଶବ୍ଦ: ଓଡ଼ିଆ ଉପନ୍ୟାସ, ନାରୀ ଜୀବନ, ଭୂମି, ଅବହେଳିତ, ସାମାଜିକ, ନାରୀର ଅସ୍ତିତ୍ୱ, ନାରୀ ଓ ଭୂମିର ସମ୍ପର୍କ

ଓଡ଼ିଆ ଉପନ୍ୟାସରେ ନାରୀ ଜୀବନର ବହୁବିଧ ଦିଗ ପ୍ରତିଫଳିତ। ପରିବାରଠାରୁ ଆରମ୍ଭ କରି ସମାଜ ସହିତ ନାରୀର ବିବିଧ ସମ୍ପର୍କ ଓଡ଼ିଆ ଉପନ୍ୟାସର ଭାବରୂପକୁ ବହୁଳ ଭାବରେ ସମୃଦ୍ଧ କରିଛି। ଦୟା, କ୍ଷମା, ମମତା, ଓ ଧୈର୍ଯ୍ୟର ଅବତାର ଭାବରେ କେତେବେଳେ ସେ ବନ୍ଦନୀୟା ତ କେତେବେଳେ ତା'ର ଅସହାୟତା, ପୀଡ଼ା ଓ ଯାତନାରେ କରୁଣମୟ ହୋଇଉଠିଛି ଓଡ଼ିଆ ଉପନ୍ୟାସ। ପୁଣି କେତେବେଳେ ତାର ସ୍ୱାଧୀନଚେତା ଦୃଷ୍ଟିଭଙ୍ଗୀ, ଅଧିକାର ପ୍ରାପ୍ତିର ପ୍ରୟାସ ଓ ବିଦ୍ରୋହର କଳାତ୍ମକ ରୂପାୟନ ଉପନ୍ୟାସ ଜଗତରେ ସୃଷ୍ଟି କରେ ତୁମୁଳ ଆଲୋଡ଼ନ। ନାରୀର ସ୍ଥିତି, ଆବେଗ-ଉଚ୍ଛ୍ୱାସ, ଦ୍ୱନ୍ଦ-ସଂଘାତ-ସଂଘର୍ଷ ଆଦି ଭିନ୍ନ ଭିନ୍ନ ଦୃଷ୍ଟିରୁ ଭିନ୍ନ ଭିନ୍ନ ଶୈଳୀରେ ଓଡ଼ିଆ ଉପନ୍ୟାସରେ ବର୍ଣ୍ଣିତ ଓ ଆଲୋଚିତ। କିନ୍ତୁ ଏସବୁକୁ ଟିକେ ନିରିଖେଇ କରି ଦେଖିଲେ ମନେହୁଏ, ନାରୀର ଏ ସମସ୍ତ କ୍ରିୟା ପ୍ରତିକ୍ରିୟାର ଏକ ସୁଦୃଢ଼ ଉତ୍ସ ରହିଛି। ଯାହା ଭୂମି ତଥା ଉତ୍ପାଦନ ସମ୍ପର୍କ ସହିତ ଅତି ନିବିଡ଼ ଭାବରେ ସମ୍ପୃକ୍ତ। ତାର ଅବହେଳିତ, ନିର୍ଯ୍ୟାତିତ ତଥା ପରାଧୀନ ଜୀବନ ଭୂମିସମ୍ପର୍କର ସୂତ୍ର ଦ୍ୱାରା ନିୟନ୍ତ୍ରିତ।

ପ୍ରତ୍ୟକଟି ମଣିଷର ଜୀବନଧାରଣର ପ୍ରାଥମିକ ଉପାଦାନ ହେଉଛି 'ଭୂମି'। ତା'ର ଅବସ୍ଥିତି, ବସବାସ, ଆହାରବିହାର ଆଦି ସକଳ ପ୍ରକାର ଅସ୍ତିତ୍ୱ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ଭୂମି ଉପରେ ନିର୍ଭରଶୀଳ। ଏହା କେବଳ ଜୀବିକାର ସୂତ୍ର ତଥା ଅନ୍ନସଂସ୍ଥାନର ଭିତ୍ତି ମାତ୍ର ନୁହେଁ, ବରଂ ମଣିଷର ପରିଚୟ, ଆତ୍ମସମ୍ମାନ ତଥା ସ୍ୱାଭିମାନ ପ୍ରତିଷ୍ଠାର ମୌଳିକ କାରକ ମଧ୍ୟ। ପାଣି, ପବନ, ଗଛବୃଛ ଭଳି ଭୂମି, ମାନବ ସଭ୍ୟତାର ପ୍ରାଣ ସଞ୍ଚାରର ଏକ ଅଭିନ୍ନ ଅଙ୍ଗ। ସେଥିପାଇଁ ସମାଜ, ସାହିତ୍ୟ, ସଂସ୍କୃତି ଆଦିକୁ ଭୂମି ପ୍ରଭାବିତ କରିଆସିଛି ସ୍ୱାଭାବିକ ଭାବରେ। ଭୂମିସ୍ୱତ୍ତ୍ୱ ବା ମାଲିକାନା ହିଁ ମଣିଷର ସାମାଜିକ, ସାଂସ୍କୃତିକ, ଆର୍ଥନୀତିକ ଓ ରାଜନୀତିକ ସମ୍ପର୍କଗୁଡ଼ିକୁ ନିର୍ଦ୍ଧାରିତ ଓ ନିୟନ୍ତ୍ରିତ କରେ। ଭୂମି ତଥା ଉତ୍ପାଦନର ଉପକରଣ ଉପରେ ଯାହାର ମାଲିକାନା ଯେତେ ବେଶୀ, ସମାଜରେ ତାର ପ୍ରତିଷ୍ଠା, ସମ୍ମାନ ଓ ସର୍ବୋପରି ସମାଜକୁ ନିୟନ୍ତ୍ରଣ କରିବାର କ୍ଷମତା ମଧ୍ୟ ସେତେ ବେଶୀ। ଅପର ପକ୍ଷରେ ଯେଉଁ ବର୍ଗଟି ଭୂମି ମାଲିକାନାରୁ ବଞ୍ଚିତ, ସେମାନେ ସମାଜରେ ସେତେ ବେଶୀ ପରାଧୀନ, ଅସହାୟ, ଶୋଷିତ ଓ ନିର୍ଯାତିତ। ଏହି ବଞ୍ଚିତ ବର୍ଗର ଏକ ବୃହତ୍ତମ ଅଂଶ ହେଉଛନ୍ତି ନାରୀ।

ଭାରତୀୟ ସମାଜ ବ୍ୟବସ୍ଥାରେ ନାରୀ ଏକ ଅବହେଳିତ ତଥା ବଞ୍ଚିତ ବର୍ଗ ଭାବରେ ରହିଆସିଛି। ପିତୃତନ୍ତ୍ରବାଦୀ ବିଚାର ଓ ଦୃଷ୍ଟିଭଙ୍ଗୀ ତାକୁ ଭୂମିହୀନ, ସମ୍ପତ୍ତିହୀନ ଓ ପ୍ରକାରାନ୍ତରେ ପରାଧୀନ, ନିର୍ଯାତିତ କରି ରଖିଆସିଛି। ଚାଷଭୂମି ହେଉ ବା ବାସଭୂମି, ସମସ୍ତ ପ୍ରକାରର ମାଲିକାନାସ୍ୱତ୍ତ୍ୱ ପିଢ଼ି ପରେ ପିଢ଼ି ପୁଅ-ନାତି ସୂତ୍ରରେ ଗୋଟିଏ ପୁରୁଷଠାରୁ ଆଉ ଗୋଟିଏ ପୁରୁଷ ପାଖକୁ ହିଁ ହସ୍ତାନ୍ତରିତ ହୋଇଥାଏ। ଫଳତଃ ଜୀବନଧାରଣ ପାଇଁ ନାରୀଟି ସମଗ୍ର ଜୀବନ ପୁରୁଷ ଉପରେ ନିର୍ଭରଶୀଳ ହେବାକୁ ବାଧ୍ୟ ହୁଏ। ଯଥା- "ପିତା ରକ୍ଷତି କୌମାରେ, ଭର୍ତା

ରକ୍ଷତି ଯୌବନେ। ରକ୍ଷତି ସ୍ଥବିରେ ପୁତ୍ରା, ନ ସ୍ତ୍ରୀ ସ୍ୱାତନ୍ତ୍ରମହର୍ତି।" (ମନୁସ୍ମୃତି, ଅଧ୍ୟାୟ ୧୦, ଶ୍ଳୋକ ୧୨୧-୧୨୮, ପୃ. ୨୯୮-୨୯୯) ଅର୍ଥାତ୍ କିଶୋରାବସ୍ଥାରେ ପିତା, ଯୁବାବସ୍ଥାରେ ପତି, ବୃଦ୍ଧାବସ୍ଥାରେ ପୁତ୍ର ହିଁ ଜଣେ ନାରୀକୁ ରକ୍ଷା କରିବ। ନାରୀ କେବେହେଲେ ସ୍ୱତନ୍ତ୍ରତାର ଯୋଗ୍ୟ ନୁହେଁ। ସମ୍ପତ୍ତିଗତ ଅଧିକାରଶୂନ୍ୟ ନାରୀର ଅସ୍ତିତ୍ୱ ସେଥିପାଇଁ ଚିର ସଙ୍କଟରେ। ସର୍ବନିମ୍ନ ମାନବୀୟ ଅଧିକାର ସାବ୍ୟସ୍ତ କରିବା ତା ପକ୍ଷରେ ଏକ ଦୁରୂହ ବ୍ୟାପାର। ତେବେ ଓଡ଼ିଆ ଉପନ୍ୟାସରେ ନାରୀର ସ୍ଥିତିକୁ ଏହି ଭୂମିସମ୍ପର୍କର ଖିଅ ମାଧ୍ୟମରେ ବୁଝିବାପାଇଁ ପ୍ରୟାସ କରିବା।

ଗ୍ରାମୀଣ ପୃଷ୍ଠଭୂମିରେ ରଚିତ ଅଧିକାଂଶ ଓଡ଼ିଆ ଉପନ୍ୟାସରେ ନାରୀର ଭୂମିସଂଲଗ୍ନ ଜୀବନର ଛାପ ପରିଲକ୍ଷିତ। କୃଷିପ୍ରଧାନ ଦେଶ ଭାରତ ତଥା ଓଡ଼ିଶା ରାଜ୍ୟର ଏକ ବୃହତ୍ ଭାଗ ନାରୀ କୃଷିକର୍ମ ସହିତ ଜଡ଼ିତ ଥିବାରୁ ଉପନ୍ୟାସର ନାରୀ ଚରିତ୍ରମାନେ କୃଷି ସହିତ ସମ୍ପୃକ୍ତ ହୋଇଛନ୍ତି ସ୍ୱାଭାବିକ ଭାବରେ। ତେବେ ଉପନ୍ୟାସରେ ଏହି ସମ୍ପୃକ୍ତିର ଯେଉଁ ପ୍ରତିଫଳନ ହୋଇଛି, ତାହାକୁ ଆମେ ଦୁଇଟି ରୂପରେ ଦେଖିପାରିବା। ପ୍ରଥମଟି ହେଉଛି କୃଷି ସହିତ ନାରୀର ପ୍ରତ୍ୟକ୍ଷ ସମ୍ପର୍କ ବା ଅଂଶଗ୍ରହଣ। ଉତ୍ପାଦନ ପ୍ରକ୍ରିୟାର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପ୍ରତ୍ୟେକଟି ପର୍ଯ୍ୟାୟରେ ନାରୀମାନଙ୍କ ଶ୍ରମର ଭାଗିଦାରିତା ରହିଛି। କ୍ଷେତ ପ୍ରସ୍ତୁତ କରିବା, ବିହନ ବୁଣିବା, ଧାନ ରୋଇବା, ବିଲ ବାଛିବା, ଖତସାର ବୋହି ବିଲରେ ପକାଇବା, ଧାନ କାଟିବା, ଖଳାକୁ ଧାନ ବୋହିବା, ଅମଳ କରିବା ଆଦି କାର୍ଯ୍ୟ ନାରୀମାନଙ୍କ ଦ୍ୱାରା ସମ୍ପାଦିତ ହୋଇଛି। ବିଭୂତି ପଟ୍ଟନାୟକଙ୍କ 'ଓଦାମାଟିର ସ୍ୱର୍ଗ' ଉପନ୍ୟାସର 'କାଳିବୋଉ' ଓ ସ୍ୱାଗତିକା ସ୍ୱାଇଁଙ୍କ 'ଦ୍ରୋହକାଳ'ର 'ଶିମୁଳି' ଚରିତ୍ର ଦ୍ୱୟଙ୍କୁ ଏହାର ଉଦାହରଣ ଭାବେ ଗ୍ରହଣ କରାଯାଇପାରେ। "ଗେଡ଼ଠାରୁ ଜମି ଛଡ଼ାଇ ଆଣିବା ପରେ କାଳିବୋଉ ମଦନାକୁ ଭାଗ ଦେବ ବୋଲି ପାଞ୍ଚିଥିଲା। ମଦନା ମନାକଲା। XXX କାଳୀବୋଉ ହଳ ମୂଲିଆ କିଣି ନିଜେ ଚାଷ କଲା।" (ଓଦାମାଟିର ସ୍ୱର୍ଗ, ପୃ. ୦୪) ଅଥବା "କାହିଁକି ଓ କୁଆଡ଼େ ଚାଲିଯାଇଥିଲା, ଚଉଦ ପନ୍ଦର ବର୍ଷର ସାନଝିଅ ଶିମୁଳି। XXX ମାଆ ଭାଇଙ୍କୁ ଚାଷ କାମରେ ସାହାଯ୍ୟ କରିବାର ଝିଅ। ମନଧ୍ୟାନ ଦେଇ ବିଲ କାଦୁଅ କରିବା, ଘାସ ବାଛିବା, ତଳପଟି ତିଆରି କରିବା କାମତକ କରିଯିବାର ଝିଅ।" (ଦ୍ରୋହକାଳ, ପୃ.୧୩) କାଳୀବୋଉ ପରି ଅନେକ ଗ୍ରାମୀଣ ନାରୀ ଘରର ପୁରୁଷଟିର ମୃତ୍ୟୁ ହୋଇଗଲେ କିମ୍ବା ରୋଗବାଧକାରେ ପଡ଼ିଲେ ଘର ସମ୍ଭାଳିବା ସହିତ ଚାଷକାର୍ଯ୍ୟର ସମ୍ପୂର୍ଣ୍ଣ ଦାୟିତ୍ୱ ନିଜ ଉପରକୁ ନେଇଯାଆନ୍ତି। ଶିମୁଳି ପରି ଅନେକ ଗରିବ ଚାଷୀ ପରିବାରର ଝିଅମାନେ ବାପାଭାଇଙ୍କୁ ଚାଷକାମରେ ସହଯୋଗ କରିଥାନ୍ତି। ଓଡ଼ିଆ ଉପନ୍ୟାସରେ ଏହିପରି ଅନେକ ନାରୀଚରିତ୍ରଙ୍କୁ ଆମେ ଭେଟିବା, ଯେଉଁମାନେ କୃଷିକ୍ଷେତ୍ରରେ କେତେବେଳେ କୃଷିଶ୍ରମିକ ତ କେତେବେଳେ କୃଷିସହାୟିକା ଭାବରେ ଅବତୀର୍ଣ୍ଣ ହୋଇଛନ୍ତି।

କୃଷି ତଥା ଉତ୍ପାଦନ ପ୍ରକିୟା ସହିତ ନାରୀର ସମ୍ପୃକ୍ତି ଉପନ୍ୟାସରେ ଆଉ ଏକ ରୂପରେ ପ୍ରତିଫଳିତ ହୋଇଛି, ଯାହା ସିଧାସଳଖ ଆମମାନଙ୍କ ନଜରକୁ ଆସେନାହିଁ। କାରଣ ସେଇ ସମ୍ପୃକ୍ତିଟି ରହିଛି ପରୋକ୍ଷ ଭାବରେ। ଚାଷ କାର୍ଯ୍ୟରେ ସହାୟକ ହେଉଥିବା ବଳଦ, ଗାଈଗୋରୁ, ମଇଁଷି ଆଦିଙ୍କୁ ଖାଦ୍ୟ ଦେବା, ସେମାନଙ୍କର ସେବାଯତ୍ନ କରିବା, ସେମାନଙ୍କ ମଳକୁ ସଂଗ୍ରହ କରି ଚାଷପାଇଁ ଜୈବିକ ସାର ପ୍ରସ୍ତୁତ କରିବା ଆଦି କାର୍ଯ୍ୟ ନାରୀ ଦ୍ୱାରା ସଂପାଦିତ ହୋଇଥାଏ। ଗୋପୀନାଥ ମହାନ୍ତିଙ୍କ ଲୋକପ୍ରିୟ ଉପନ୍ୟାସ ପରଜାରୁ ଏହାର ସ୍ପଷ୍ଟ ଚିତ୍ର ଆମେ ପାଇପାରିବା। "ଶୁକ୍ରୁ ଜାନି ଟିକ୍ରାକୁ କୁହେ, ଭଲ ଝିଅଟିଏ ଉତୁରେଇଛି ପୁରୀ ଜାନି XXX ପୁରୀ ଜାନି ଘରର କାମ କିଏ କରେ? ଗୋଠ ଗୋଠ ଗୋରୁ ସମ୍ଭାଳି ନେବ, ଆଉ ଡଙ୍ଗରକୁ କନ୍ଦା ଖୋଜି ଯାଇଥିବ ଯଦି ଖୋଜୁଥିବ, ଖରା ନାହିଁ, ତରା ନାହିଁ।" (ପରଜା, ପୃ. ୪୪) ଫସଲ ଅମଳ ହୋଇସାରିବା ପରେ ତାର ସଂରକ୍ଷଣ କରିବା, ଧାନ ଉଷେଇଁବା, ପାଛୁଡ଼ିବା ଆଦି କାର୍ଯ୍ୟଠାରୁ ଆରମ୍ଭ କରି ରାନ୍ଧିବାଢ଼ି ପରିବାରକୁ ପରଷିବା, ସେମାନଙ୍କର ସେବାଯତ୍ନ କରିବା ପର୍ଯ୍ୟନ୍ତ ସକଳ କାମ ନାରୀ କରେ। ତାର ଏହି ଶ୍ରମ ଘରର ପୁରୁଷମାନଙ୍କୁ ଶାରୀରିକ ଓ ମାନସିକ ଭାବେ ସୁସ୍ଥ ରଖିବା ସହ ପରୋକ୍ଷରେ ଚାଷକାର୍ଯ୍ୟରେ ହିଁ ବିନିଯୋଗ ହୋଇଥାଏ। ଏହି କ୍ଷେତ୍ରରେ ଚାଷୀ ପରିବାରର 'ପଧାନବୁଢ଼ୀ' (ମାଟିର ମଣିଷ) ଓଡ଼ିଶାର ଶହଶହ ଚଷା ଝିଅବୋହୂଙ୍କର ପ୍ରତିନିଧି ହୋଇପାରେ। "ପଧାନ ବୁଢ଼ୀ! ଧନ୍ୟ କହିବଲୋ ତାକୁ! ସେଇ ଖପୁରୀ ଘରଟି ଭିତରେ କେତେ ଘଡ଼ି, କେତେ କୁଞ୍ଚା, ହାଣ୍ଡି, ମାଠିଆ, ଘୁମ ସଜାଡ଼ି କରି ରଖିଛି। କାହିଁରେ ଅରୁଆ ପୁଞ୍ଜିଏ, କାହିଁରେ ଉଷୁନା ପୁଞ୍ଜିଏ, କାହିଁରେ ଖୁଦ ଗଣ୍ଡାଏ କାହିଁରେ ମୁଗ, କାହିଁରେ ବିରି, କାହିଁରେ ସୋରିଷ।" (ମାଟିର ମଣିଷ, ପୃ. ୧୦)ଘର ଠାରୁ ଆରମ୍ଭ କରି କ୍ଷେତ ପର୍ଯ୍ୟନ୍ତ ସବୁଠି ତା' ଶ୍ରମର ସମ୍ପୃକ୍ତି ରହିଛି। ଯେଉଁଠି ପୁରୁଷଟିଏ କେବଳ କ୍ଷେତଖଳାରେ କାମ କରି ଘରର ଆର୍ଥିକ ଉତ୍ସର ମାଲିକ ହେବାର ବାହାବା ନେଉଥାଏ, ସେଠି ନାରୀଟିଏ ତମାମ୍ ଜୀବନ ଦୋହରା କାମର ବୋଝ କାନ୍ଧେଇ ଚାଲିଥାଏ। ତଥାପି ତାର ଶ୍ରମକୁ ସ୍ୱୀକାର କରିବାରେ ସମାଜର କୁଣ୍ଠାବୋଧ! ଚାଷ ଓ ଚାଷୀର ପ୍ରସଙ୍ଗ ଆସିଲେ କେବଳ ପୁରୁଷମାନଙ୍କ ଚେହେରା ସମସ୍ତଙ୍କୁ ଦିଶିଯାଏ!

କୃଷିକ୍ଷେତ୍ରରେ ନାରୀର ଏହି ସମ୍ପୃକ୍ତିକୁ ଦେଖିଲାବେଳେ ମନ ଭିତରେ ସ୍ୱତଃ ଏକ ପ୍ରଶ୍ନ ଉଙ୍କିମାରେ। ଯେଉଁ ନାରୀମାନେ ଚାଷ ସହିତ ଏତେ ନିବିଡ଼ ଭାବରେ ଜଡ଼ିତ, ସେମାନଙ୍କର ଚାଷଜମିରେ ଅଧିକାର କାହିଁ? ଭୂମି, କୃଷି, କୃଷକ ଆଧାରିତ ସମସ୍ତ ଓଡ଼ିଆ ଉପନ୍ୟାସରେ ନାରୀ ଭୂମିହୀନା। ଏବଂ ଏହି ଭୂମିହୀନତା ନାରୀର ପରାଧୀନ, ଅବଦମିତ, ନିର୍ଯାତିତ ତଥା ପୀଡ଼ିତ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ କାରଣ। ଆର୍ଥିକ ଭାବେ ଦୁର୍ବଳ ନାରୀର ସାମାଜିକ ସ୍ଥିତି ମଧ୍ୟ ସୁଦୃଢ଼ ହୋଇପାରେ ନାହିଁ। ପରିବାର ଓ ସମାଜ ସବୁଠି ତାର ସ୍ୱାଧୀନତା ଓ ଅଧିକାର ସଙ୍କୁଚିତ ହୁଏ। ପରିବାରର କୌଣସି ନିଷ୍ପତ୍ତିରେ ତାର ଅଂଶଗ୍ରହଣ ରହେନାହିଁ। ଏପରିକି ଆପଣା ଜୀବନ ବିଷୟରେ ନିଷ୍ପତ୍ତି ନେବାର ଅଧିକାର ଟିକକ ବି ତାର ରହେନାହିଁ। 'ମାଟିର ପ୍ରହରୀମାନେ' ଉପନ୍ୟାସକୁ ଏହି ପ୍ରସଙ୍ଗରେ ଲକ୍ଷ୍ୟ କରାଯାଇପାରେ, "ଏଇ ଜମି ଲାଗି ତ

ସେ ଛଅ ବରଷ ଶାଶୁଘରେ ବନ୍ଧା ପଡ଼ିଥିଲା। ବେଦୀରେ ବାପ ସତ୍ୟ କରିଥିଲା, ଭୂଷଣ୍ଡେଶ୍ୱର ପାଖେ ଥିବା ପାହିଜମିରୁ ତିନିମାଣ ଜମି ତାକୁ ଦେବି। ହେଲେ ବାପକୁ କି ଲୋଭ ଗ୍ରାସିଲା କେଜାଣି, ବାହାଘର ପରେ ଜମା ସେ ଜମି ଦେବାକୁ ମଙ୍ଗିଲାନି। ଏଣେ ଶ୍ୱଶୁର ବି ଅଡ଼ି ବସିଲା, ଜମି କବଲା ନକରିବା ଯାକେ ବୋହୂକୁ ସେ ବାପଘରକୁ ପଠାଇବନାହିଁ" (ମାଟିର ପ୍ରହରୀମାନେ, ପୃ. ୨୮) ଏହି ଉକ୍ତିରୁ ସ୍ପଷ୍ଟ ବାରିହୁଏ ଯେ ଭୂମିହୀନ ନାରୀମାନଙ୍କର ଇଚ୍ଛା-ଅନିଚ୍ଛାର କୌଣସି ମୂଲ୍ୟ ନଥାଏ। ସେମାନଙ୍କ ପାଇଁ ଜୀବନର ସମସ୍ତ ନିଷ୍ପତ୍ତି ନିଅନ୍ତି ପରିବାରର ପୁରୁଷମାନେ। ଏପରିକି ପ୍ରିୟ ପରିଜନଙ୍କ ସହିତ ସେ ମିଳିମିଶି ପାରିବ କି ନାହିଁ ତାହା ମଧ୍ୟ ପୁରୁଷମାନଙ୍କ ଦ୍ୱାରା ନିର୍ଦ୍ଧାରିତ ହୁଏ। ତାହା ପୁଣି ଜମିକୁ କେନ୍ଦ୍ର କରି। ଜମି ମିଳିଲେ ନାରୀଟିଏ ତାର ଆତ୍ମୀୟ ମଣିଷମାନଙ୍କ ସହିତ ଆବେଗିକ ସମ୍ପର୍କ ରଖିପାରିବ ନଚେତ୍ ତାକୁ ନିର୍ଦ୍ଦେଶ ମାନି ସେମାନଙ୍କ ପାଖରୁ ଦୂରେଇ ରହିବାକୁ ପଡ଼ିବ!

ଭାରତରେ ନାରୀ ଶିକ୍ଷାର ପ୍ରଚାର-ପ୍ରସାର ପରେ ଲିଙ୍ଗଭେଦ ଜନିତ ବାଛବିଚାର ଓ ଅସମାନତା ନେଇ ଯେଉଁ ସଚେତନତା ଓ ପ୍ରତିକ୍ରିୟା ଦେଖାଦେଲା, ତାହାର ଫଳସ୍ୱରୂପ ଭାରତରେ ହିନ୍ଦୁ ମହିଳାମାନଙ୍କ ସମ୍ପତ୍ତିଗତ ଅଧିକାରରେ ପର୍ଯ୍ୟାୟକ୍ରମେ ସୁଧାର ଆସିଛି। ହିନ୍ଦୁ ଉତ୍ତରାଧିକାର ଆଇନରେ ସଂଶୋଧନ ହୋଇ ନାରୀମାନଙ୍କୁ ପ୍ରାଥମିକ ସ୍ତରରେ ମୃତସ୍ୱାମୀର ସମ୍ପତ୍ତି ଉପରେ ଏବଂ ପରେ ପିତାର ସମ୍ପତ୍ତି ଉପରେ ଅଧିକାର ଆଇନଗତ ଭାବରେ ଆସିସାରିଲାଣି। କିନ୍ତୁ ଆମର ପିତୃତାନ୍ତ୍ରିକ ବିଚାର ନାରୀ ପାଖରେ ସମ୍ପତ୍ତି ରହିବା କଥାଟିକୁ ସେତେ ସହଜରେ ଗ୍ରହଣ କରିପାରେ ନାହିଁ। ଆଇନଗତ ସୂତ୍ରରେ ନାରୀ ପାଖକୁ ଆସିଥିବା ଜମିକୁ କିପରି ପୁରୁଷଟିଏ ହସ୍ତଗତ କରିବ, ସେ ନେଇ ଅହରହ ଯୋଜନା ଚାଲିଥାଏ। 'କାଳାନ୍ତର' ଓ 'ହସକାନ୍ଦର ଛନ୍ଦ' ଉପନ୍ୟାସର ଏହି ଦୁଇଟି ଉଦ୍ଧୃତାଂଶରୁ ପୁରୁଷକୈନ୍ଦ୍ରିକ ସମାଜର ଷଡ଼ଯନ୍ତ୍ରକୁ ବୁଝିପାରିବା, "ସମସ୍ତଙ୍କ ଆଖିରେ ସେଇ କେତେ ମାଣ ଜମି। ଜମି ପାଇଁ ନକୁଳ ମିଶ୍ରଙ୍କ ଭଉଣୀ ସୁଆଗ, ଦାମୋଦରର ଭାଉଜ ଭକ୍ତି ଆଉ ଯୋଗେଶ୍ୱରଙ୍କ ବିଧବା-ଉଦ୍ଧାର। ଜମି ନଥିଲେ କେତକୀକୁ କେହି ଏମାନେ ଭୁଲରେ ସୁଦ୍ଧା କଣ ଆଡ଼ ଆଖିରେ ଚାହିଁ ଦେଖନ୍ତେ?"(କାଳାନ୍ତର, ପୃ-୩୭) ଏବଂ "ଭାଇ କହିଥିଲା ମାଧକୁ ତୁ ପୋଷ୍ୟ ପୁତ୍ର କରିନେ ସୀତା! ତା ନହେଲେ ପଛକେ ତୋ ଜମିବାଡ଼ି ଘରଦ୍ୱାର ସବୁ ପୁରସ୍ତମପୁର ଖଣ୍ଡ ଖାଇଯିବେ XXX ତାର ଲେଖା ଯୋଖା ଦିଅର ଦେଢ଼ଶୁରମାନେ ତାକୁ ଗାଁ ଛାଡ଼ି ବାପଘରକୁ ଚାଲି ଯିବାକୁ ଫୁସୁଲାଇଥିଲେ। ସମସ୍ତଙ୍କ ଆଖି ଥିଲା ତାର ଘରଡ଼ିଅ ଖଣ୍ଡକ ଉପରେ।"(ହସକାନ୍ଦର ଛନ୍ଦ, ପୃ. ୦୭)

ଭୂମି ଉପରେ ନାରୀର ଆଇନଗତ ଅଧିକାର ଆସିଥିଲେ ବି ବାସ୍ତବ କ୍ଷେତ୍ରରେ ତାହାର କାର୍ଯ୍ୟକାରିତା ବିରଳ। ନାରୀଟିଏ ଯେତେଯାଏ ଶାଢ଼ୀ, ଚୁଡ଼ି, ଅଳଙ୍କାର, ଆବରଣ ପାଖରେ ଅଟକି ରହିଛି, ସେତେବେଳ ଯାଏ ସେ ଅଳିଅଳୀ ଝିଅ, ସୁନାନାକୀ ଭଉଣୀ। କିନ୍ତୁ ଯେତେବେଳେ ସେ ସମ୍ପତ୍ତିରେ ଅଧିକାର ମାଗିବସେ, ସେତେବେଳେ ସ୍ନେହ, ଶ୍ରଦ୍ଧା, ଆଦର ସବୁକିଛି ପଛକୁ ହେଇଯାଏ। ଏହା ହେଉଛି ଆମ ସମାଜର ଅସଲ ବାସ୍ତବତା।

ଓଡ଼ିଆ ଉପନ୍ୟାସରୁ ଭୂମିହୀନତା ଜନିତ ନାରୀ ଉତ୍ପୀଡ଼ନକୁ ଲକ୍ଷ୍ୟ କଲେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ, ସମ୍ବେଦନଶୀଳ ପ୍ରସଙ୍ଗ ଦୃଷ୍ଟିକୁ ଆସେ। ନାରୀମାନଙ୍କ ଉପରେ ହେଉଥିବା ହିଂସାର ସ୍ୱରୂପ ଭିନ୍ନ ଭିନ୍ନ। ଆଉ ଏହି ଭିନ୍ନତା ସହିତ ସେମାନଙ୍କ ସାମାଜିକ ଅବସ୍ଥାନର ଏକ ନିବିଡ଼ ସମ୍ପର୍କ ରହିଛି। କିଛି ଉଦାହରଣ ମାଧ୍ୟମରେ ଆମେ ଏହି ଦୃଷ୍ଟିକୋଣଟିକୁ ବୁଝିବାପାଇଁ ପ୍ରୟାସ କରିବା।

ଛ' ମାଣ ଆଠଗୁଣ୍ଠ ଉପନ୍ୟାସର 'ସାଆନ୍ତାଣୀ', 'ଶାସ୍ତି'ର 'ଧୋବୀ', 'ବଜ୍ରବାହୁ'ର ଜମିଦାର ପତ୍ନୀ 'ମମତା' ଆଦି ଉଚ୍ଚବର୍ଗୀୟ (ଉଭୟ ଜାତି ଓ ଶ୍ରେଣୀ ଦୃଷ୍ଟିରୁ) ନାରୀମାନଙ୍କ ଜୀବନ ନିତାନ୍ତ ଭାବରେ ପରାଧୀନ, ଅବହେଳିତ ଓ ପଦେ ପଦେ ପିତୃତାନ୍ତ୍ରିକ ଶୃଙ୍ଖଳରେ ବନ୍ଧା। ପୁରୁଷର ନିରଙ୍କୁଶ କ୍ଷମତାରେ ଆକ୍ରାନ୍ତ ସେମାନଙ୍କର ସମଗ୍ର ଜୀବନ। ଛମାଣ ଆଠଗୁଣ୍ଠ ଉପନ୍ୟାସର ଜମିଦାର ପତ୍ନୀ ସାଆନ୍ତାଣୀ। ସୀଆନ୍ତାଣୀ ହେଲେ ସୁଦ୍ଧା ଆପଣା ପତି ଓ ସନ୍ତାନମାନଙ୍କଦ୍ୱାରା ସେ ଅବହେଳିତା ଓ ପରିବାରରେ ଏକ ଅଲୋଡ଼ା ମଣିଷ ଭାବରେ ଗୃହୀତା। ସେହିପରି କାହ୍ନୁଚରଣଙ୍କ ଶାସ୍ତି ଉପନ୍ୟାସର ନାୟିକା ଧୋବୀ। ମୃତ ସ୍ୱାମୀର ଅପର୍ଯ୍ୟାପ୍ତ ସମ୍ପତ୍ତିର ସେ ମାର୍ଫତଦାର। ତାର ପୁନର୍ବିବାହ ସାମ୍ନାରେ ପ୍ରତିବନ୍ଧକ, ଖୋଦ୍ ଜନ୍ମକଲା ପିତା। "ବାହା ନହୋଇ କେଇଟା ଝିଅ ମଲା ମଲେଣି? ଧୋବୀ ଯଦି ବାହା ହୋଇଯାଏ ନାଏକଘର ସମ୍ପତ୍ତି ହାତରୁ ଖସିଯିବ। ସାତପୁରୁଷ ଲାଗି ଭଲା ଏତେ ସମ୍ପତ୍ତି କିଏ କଲାଣି?" (ଶାସ୍ତି, ପୃ.୨୦) ଛଳେ ବଳେ କୌଶଳେ ନାରୀକୁ ସମ୍ପତ୍ତିହୀନ କରି ରଖିବାରେ ପୁରୁଷ ସବୁକାଳରେ ସକ୍ଷମ ହୋଇପାରିଛି। କାହ୍ନୁଚରଣଙ୍କ ଅନ୍ୟତମ ଉପନ୍ୟାସ ବଜ୍ରବାହୁରେ ରଣଗଡ଼ର ରାଣୀ ତଥା ରକ୍ତମାଟିର ରାଜଜେମା ମମତା। ରାଣୀ ହେଲେ ବି ସେ ନାରୀ। ତେଣୁ ନିର୍ଯାତିତ ହେବା ତାର ନିୟତି! "ରଣସିଂହେ, ବଦ୍ଧମୁଷ୍ଟି କରି ମମତାଙ୍କ ଚିବୁକରେ ପ୍ରହାର କଲେ। ଚିତ୍କାର କରି ମମତା ପଡ଼ିଲେ ପଲଙ୍କ ଉପରେ। ନାକ ଫାଟି ରକ୍ତର ଧାର ଛୁଟୁଛି। ଆଖିକୁ ଦିଶୁଛି ସବୁ ଅନ୍ଧାର। ଦେହରେ ଆହୁରି ଆଘାତ।" (ବଜ୍ରବାହୁ, ପୃ. ୫୯) ଏହି ନାରୀମାନଙ୍କ ପାଖରେ ସ୍ୱଚ୍ଛନ୍ଦ ଜୀବନ ଜୀଇଁବାର ସକଳ ଉପାଦାନ ଅଛି। ଭଲ ଖାଇବା, ପିନ୍ଧିବା, ଉପଭୋଗ କରିବା, ସବୁକିଛି ସେମାନଙ୍କ ହାତ ପାହାନ୍ତାରେ। କିନ୍ତୁ ଜୀବନ ବଞ୍ଚିବାପାଇଁ ଏସବୁ ବ୍ୟତୀତ ଆତ୍ମସମ୍ମାନ ବି ଜରୁରୀ। ଯାହାର ଅଭାବରେ ଜୀବନ ଥାଇ ବି ଜଣେ ମରିଯାଏ।

"ମାଇପି ଜନମ ଅତି ହୀନଛାକରା ଜନମ- ମାଡ଼ ଖାଇବେ, ଗାଳି ଖାଇବେ, ସବୁ ସହି ପଡ଼ିରହିବେ। ତାଙ୍କର ଖାଇବା କ'ଣ, ପିନ୍ଧିବା କ'ଣ! XXX ସ୍ତିରୀ ଜନମରେ ସୁଖ କ'ଣ ଖୋଜିବା।" (ମାଟିର ମଣିଷ, ପୃ.୧୩) ମାଟିର ମଣିଷ ଉପନ୍ୟାସରେ ଏହା କେବଳ ପଧାନବୁଢ଼ୀର ବକ୍ତବ୍ୟ ମାତ୍ର ନୁହେଁ; ଏକ ନିମ୍ନ ମଧ୍ୟବିତ୍ତ ଚାଷୀ ପରିବାରର ସବୁଠୁ ବୟସ୍କ

ନାରୀର ଜୀବନୋପଲବ୍ଧି। ସାମାନ୍ୟ ଜମି ଥିବା ପରିବାରର ଝିଅବୋହୂ ଏମାନେ। ସିଧାସଳଖ ଚାଷରେ ଅଂଶଗ୍ରହଣ ନକଲେ ମଧ୍ୟ ଚାଷରେ ସେମାନଙ୍କ ଶ୍ରମର ପରୋକ୍ଷ ଭାଗିଦାରୀ ରହିଛି। କିନ୍ତୁ ପରିବାରରେ ଏମାନଙ୍କର ସ୍ଥିତି ଖୁବ୍ ଦୟନୀୟ। କାଳାନ୍ତର ଉପନ୍ୟାସର ନକୁଳ ମିଶ୍ରଙ୍କ ଭଉଣୀ 'କେତକୀ', ମାଟିର ପ୍ରହରୀମାନେ ଉପନ୍ୟାସର ଚୌଧୁରୀ ଘରର ବିଧବା ବୋହୂ 'ଉମା', ହାଅନ୍ନ ଉପନ୍ୟାସର ମୃତ ବାସୁ ସାହୁଙ୍କ ସ୍ତ୍ରୀ 'ଉମାବୋଉ' ଆଦି ଚରିତ୍ରମାନଙ୍କୁ ଦେଖିଲେ ହୃଦୟଙ୍ଗମ କରିହୁଏ ଯେ, ଚାଖଣ୍ଡେ ପେଟର ଦାଉରେ ନାରୀମାନେ ଯାବତଜୀବନ କିପରି ଦାସୀର ଜୀବନ ବଞ୍ଚନ୍ତି। ଉପାର୍ଜନ ପାଇଁ ଘର ବାହାରକୁ ଗୋଡ଼ କାଢ଼ିବା ଏମାନଙ୍କ ପାଇଁ ନିଷେଧ। ସୁତରାଂ ପରିବାରର ପୁରୁଷମାନଙ୍କ ଦୟା ହିଁ ଏମାନଙ୍କ ଜୀବନ ବଞ୍ଚିବାର ଏକମାତ୍ର ରାସ୍ତା। କେତକୀର ସ୍ୱାମୀ ମଲାପରେ ଭାଇମାନଙ୍କ ମଧ୍ୟରେ ତାକୁ ରଖିବା ନେଇ କୁଣ୍ଠାବୋଧ। ଯିଏ ରଖିଲା ସେ ତାର ଶାଶୁଘରର ସମ୍ପତ୍ତି ହାତେଇବାର ମସୁଧା କଲା। ଉମାବୋଉର କାହାଣୀଟି ମଧ୍ୟ ସେହିପରି। "ବାପ ମଲାରୁ ଆଜି କାଳ ଓଲଟିଗଲା। ବୋଉ ମୁଣ୍ଡରେ ମୁଢ଼ି ପସରା ଧରି ଘର ଘର ବୁଲିବ, ଘରର ସବୁ କାମ କରିବ, ଗୁହାଳ ପୋଛିବ! XXX ବାସୁ ସାହୁର ପନ୍ଦର ମାଣ ଜମି ଥିଲା। ସେ ଆଖି ବୁଜିଲାରୁ ଆଜି ସିନା ଏୟା! XXX ବୋଉ ତ ମଲାସାପ। ଖୁଡ଼ୀର ହାତଟେକାରେ ଥାଏ, ତାଆର କି ଚାରା? ପସରା ବୁଲେଇ ବିକି ଯେଉଁ ପଇସା ଆଣେ ଦାଦିଖୁଡ଼ୀ କଡ଼ାକ୍ରାନ୍ତି ହିସାବ କରି ନିଅନ୍ତି। ହାତ ଖର୍ଚ୍ଚ ପାଇଁ ପଇସାଟିଏ ମାଗିଲେ ବି ଦେବାକୁ ତାଙ୍କର ମନ ବଳେ ନାହିଁ।" (ହା ଅନ୍ନ, ପୃ.୦୬ ) ସ୍ୱାମୀ ଚାଲିଗଲା ପରେ ଛାଡ଼ି ଯାଇଥିବା ପନ୍ଦରମାଣ ଜମିର ଉତ୍ତରାଧିକାରୀ ହେଲା ଦିଅର ଏବଂ ନିଜ ଘରେ ଚାକରାଣୀ ହେଲେ ଉମାବୋଉ। ନିର୍ଯ୍ୟାତନା ସହି ନପାରି ଉମା ହେଲା ପଥର ଭିକାରୀ। ଆମର ଜାତିଭିତ୍ତିକ ସମାଜ ବ୍ୟବସ୍ଥାର ଉପର ସୋପାନରେ ଥିବା ନାରୀମାନଙ୍କ ପାଦରେ ତଥାକଥିତ ପରମ୍ପରା ଓ ସାମାଜିକ ନିୟମର ବେଡ଼ିଟି ବେଶ୍ ସୁଦୃଢ଼। ତାକୁ ଭାଙ୍ଗିଦେଇ ପଦାକୁ ବାହାରିଯିବା ଓ ପୁରୁଷମାନଙ୍କ ପରିଶ୍ରମ କରି ପେଟ ପୋଷିବା, ଏହି ବର୍ଗର ନାରୀମାନଙ୍କ କ୍ଷେତ୍ରରେ ସମ୍ଭବ ହୁଏନାହିଁ। ହିଡ଼ମାଟି ଉପନ୍ୟାସରେ ମୂଲିଆଣୀ ନିଧିଆବୋଉର ଏହି ଉକ୍ତି ସମାଜ ବ୍ୟବସ୍ଥାର ଏହି ଦିଗ ପ୍ରତି ଏକ ତୀକ୍ଷଣ ପ୍ରଶ୍ନବାଚୀ! "ବାବୁଘର, କରଣ ସାଆନ୍ତଙ୍କ ଘର, ବ୍ରାହ୍ମଣ ଗୋସେଇଁଙ୍କ ଘର। ତାଙ୍କ ଘରେ ବାଇଆମା ବଅସର କୁଳ ଭୁଆସୁଣୀ, ଝିଅ ଭୁଆସୁଣୀ କ'ଣ ନାହାନ୍ତି। କେତେ ଜଣଙ୍କର ଛାଇ ପଡୁଛି ଏଇ ଗାଁ ଗୋହିରୀ କଡ଼ରେ? XXX ଲାଜ ସିନା ତାଙ୍କରି। XXX ଗରିବର ପଇସା ଟଙ୍କା କାହିଁ ଯେ ତା ଇଜ୍ଜତକୁ ଜଗିବ! ତାଙ୍କ ଇଜ୍ଜତକୁ ଏଇ ବଡ଼ ଲୋକଙ୍କ ଟଙ୍କା ପଇସା ଓଲଟି ମାଡ଼ିବସେ। ବଳାତ୍କାର କରେ।" (ହିଡ଼ମାଟି, ପୃ. ୩୭) ଏହି ବକ୍ତବ୍ୟ ପ୍ରକାରାନ୍ତରେ ନିମ୍ନବର୍ଗର ନାରୀମାନଙ୍କ ଶାରୀରିକ ଶୋଷଣ ସମ୍ପର୍କରେ ଇଙ୍ଗିତ ଦିଏନାହିଁ କି?

ତେବେ ଭୂମିହୀନତା କାରଣରୁ ଯେଉଁମାନେ ସବୁଠୁ ବେଶୀ ପ୍ରଭାବିତ ହୋଇଥିବାର ଦେଖାଯାଇଛି, ସେମାନେ ହେଲେ ଦଳିତ ଓ ପଛୁଆ ବର୍ଗର ନାରୀ। ସମାଜରେ ଏହି ବର୍ଗଟି ମୁଖ୍ୟତଃ ଭୂମିହୀନ। ପରିବାରର ପୁରୁଷମାନେ ଯେତେବେଳେ ଭୂମିହୀନ ସେତେବେଳେ ନାରୀଟିର ଦୁର୍ଦ୍ଦଶା ବହୁ ଗୁଣରେ ବଢ଼ିଯାଏ। ଦୈନନ୍ଦିନ ଜୀବନଧାରଣ ନିମନ୍ତେ ଏହି ଭୂମିହୀନ ପରିବାରର ନାରୀମାନେ ଅନ୍ୟର ଜମିରେ ମୂଲ ଲାଗନ୍ତି। ଏବଂ ସେମାନଙ୍କ ଅସହାୟତାର ସୁଯୋଗ ନେଇ ଉଚ୍ଚବର୍ଗର ମାଲିକମାନେ ସେମାନଙ୍କୁ ଅକ୍ଳେଶରେ ଶୋଷଣ କରନ୍ତି। ପଡ଼ାପୋଡ଼ି ଉପନ୍ୟାସର ଉଦ୍ଧୃତାଂଶକୁ ଏହି ପ୍ରସଙ୍ଗରେ ଲକ୍ଷ୍ୟ କରାଯାଇପାରେ "ଲାଲବାବୁ ଯାହାକୁ ପସନ୍ଦ କରିବେ ଏବଂ ସେ ଯଦି ନଗଲା, ତେବେ ତାର ସେଇ ଗାଁରେ ରହିବା ଅସମ୍ଭବ ହୋଇପଡ଼େ। କାରଣ ଯେତେ ଜମିବାଡ଼ି କେବଳ ଲାଲବାବୁଙ୍କର। ଏ ଲୋକମାନଙ୍କର କିଛି ଜମିବାଡ଼ି ନଥିଲା। ସମସ୍ତେ ତାଙ୍କର ଜମିରେ ମୂଲ ଲାଗି ପେଟ ପୋଷୁଥିଲେ। ଯିଏ ମୂଲ ଲାଗି ଯାଉନଥିଲା, ଅନ୍ତତଃ ତାଙ୍କର ବିଲକୁ ଯାଇ ଜାଳକାଠ ସଂଗ୍ରହ କରିବା ସହ ମହୁଲ ଋତୁରେ ମହୁଲ ଗୋଟେଇବା, ଚାଁର, ଆମ୍ବ, କେନ୍ଦୁ ଗୋଟେଇବା କାମ କରୁଥିଲେ ଏବଂ ଜୀବନ ଧାରଣ କରୁଥିଲେ XXX ତେଣୁ ଲାଲବାବୁଙ୍କ ବିରୁଦ୍ଧରେ ଯିବା ଅର୍ଥ ଯମ ବିରୁଦ୍ଧରେ ଯିବା। ନିଆଁ ପାଣି ସବୁ ବନ୍ଦ ହୋଇଯିବ।" (ପଡ଼ାପୋଡ଼ି, ପୃ. ୫୦) ଆମ ସମାଜ ବ୍ୟବସ୍ଥାରେ ଥିବା ଜାତି ଓ ଶ୍ରେଣୀଗତ ବୈଷମ୍ୟ ଲାଲ୍‌ବାବୁଙ୍କ ପରି ଥିଲାବାଲା ମାନଙ୍କୁ ମଣିଷର ଶ୍ରମ, ସମ୍ପତ୍ତି, ଇଜ୍ଜତ ସବୁକିଛି ଲୁଣ୍ଠନ କରିବାର ସୁଯୋଗ ଓ ସାହସ ଯୋଗାଇଦିଏ। ଶାରୀରିକ ଶୋଷଣ ହେଲେ ସୁଦ୍ଧା ନାରୀଟିଏ ଅପମାନକୁ ସହି କାମ କରିବାକୁ ସେମାନେ ବାଧ୍ୟ ହୁଏ। ଦ୍ରୋହକାଳ ଉପନ୍ୟାସରେ ଏହି ଅସହାୟତାର ଚିତ୍ର ଆହୁରି ସ୍ୱଷ୍ଟ ହୋଇ ଦିଶେ। "ଗୁମାସ୍ତା ଆଗେଇ ଆସି ରତନା ବୋଉର ଫୁଙ୍ଗୁଳା କାନ୍ଧରେ ହାତ ରଖିଲା XXX ବଳ ସାହସ ନଥିଲେ ନଥାଉ ପଛକେ ସ୍ତ୍ରୀଲୋକ ପାଖରେ ସ୍ପର୍ଶ ବୁଝିବାର କଳା ଟିକକ ବରାବର ଥାଏ XXX ରତନା ବୋଉ ସଂଭ୍ରମରେ କାନ୍ଧ ଉପରକୁ ତା'ର ମଳିସିଆ କପ୍ତା କାନିକୁ ଉଠେଇ ନେଲା। XXX ଦୀର୍ଘନିଃଶ୍ୱାସଟିଏ ନେଇ ରତନା ବୋଉ ଆଖି ବୁଜିଦେଲା। କେହି ଯଦି ତା' ବନ୍ଦ ଆଖିକୁ ସେତତେବେଳେ ହାତରେ ମେଲେଇ ଦେଖିଥାନ୍ତା ତାହେଲେ ସେଠି ଅବଶ୍ୟ ଦେଖିଥାନ୍ତା ଆଖି ଦି'ଟା ରଡ଼ ନିଆଁ ପରି ରକ୍ତବର୍ଣ୍ଣ। କୁହାଯାଏ ରକ୍ତର ରଙ୍ଗ ବିଦ୍ରୋହର ରଙ୍ଗ।" (ଦ୍ରୋହକାଳ, ପୃ. ୫୨) ଧନୀକ ପୁରୁଷମାନଙ୍କ ବିରୁଦ୍ଧରେ ଦଳିତ ନାରୀର ବିଦ୍ରୋହ ଆଖିରେ ଓ ରକ୍ତରେ ଚହଟିପାରେ। କିନ୍ତୁ ବାହାରକୁ ବାହାରେ କେବଳ ଦୀର୍ଘଶ୍ୱାସ।

ଭୂମିହୀନତା ଭାରତରେ ଦଳିତ ପୁରୁଷମାନଙ୍କୁ ଯେମିତି ଏକ ସ୍ୱାଭିମାନବିହୀନ ଜୀବନ ବଞ୍ଚିବା ପାଇଁ ବାଧ୍ୟ କରେ, ଦଳିତ ନାରୀଟିକୁ ମଧ୍ୟ ଏକ ସମ୍ମାନଜନକ ଜୀବନ ବଞ୍ଚିବାର ପଥରୋଧ କରେ। ଦଳିତ ନାରୀଟିଏ କେବଳ ଲିଙ୍ଗଭେଦ ଓ ଅର୍ଥନୀତିକ ବଞ୍ଚନାର ଶିକାର ହୁଏନାହିଁ, ବରଂ ଏହା ସହିତ ଯୋଡ଼ି ହୋଇ ରହିଥିବା ଜାତିଭେଦ ସେମାନଙ୍କ ସାମାଜିକ-ସାଂସ୍କୃତିକ ଓ ରାଜନୈତିକ ଅଧିକାରଗୁଡ଼ିକୁ ମଧ୍ୟ ସେମାନଙ୍କଠାରୁ ଛଡ଼ାଇ

ନିଏ। ଉପର ବର୍ଣ୍ଣିତ ଲାଲ୍‌ବାବୁ ଓ ଗୁମାସ୍ତାମାନଙ୍କ ପରିବାରର ନାରୀମାନେ କେବଳ ନିଜ ପରିବାର ଭିତରେ ଶୋଷିତ ଓ ନିର୍ଯାତିତ। ଓଡ଼ିଆ ଉପନ୍ୟାସରେ ସେମାନଙ୍କ ଶାରୀରିକ ଶୋଷଣର ଚିତ୍ର ବିରଳ। କିନ୍ତୁ ରତନୀ ପରି ନିମ୍ନ ବର୍ଗର ନାରୀମାନେ ପରିବାରରେ ଲିଙ୍ଗଭେଦ ଜନିତ ହିଂସାକୁ ସାମ୍ନା କରିବା ସହିତ ଉଚ୍ଚଜାତିର ପୁରୁଷମାନଙ୍କ ଦ୍ୱାରା ଶାରୀରିକ ଶୋଷଣର ଶିକାର ହୁଅନ୍ତି। ଜାତି-ଶ୍ରେଣୀ-ଲିଙ୍ଗ ଆଧାରିତ ସମସ୍ତ ପ୍ରକାର ଶୋଷଣ ଭୋଗନ୍ତି। ଏଇ ଦଳିତ ତଥା ପଛୁଆ ବର୍ଗର ନାରୀମାନେ।

ନାରୀ ଜୀବନର ଏହି ଅସହାୟତା, ପରାଧୀନତା, ଯନ୍ତ୍ରଣା ଓ ଅବଦମନର କାହାଣୀକୁ ଓଡ଼ିଆ ଉପନ୍ୟାସ ତାର କଳେବରରେ ବାନ୍ଧି ରଖିବାକୁ ଯଥେଷ୍ଟ ପ୍ରୟାସ କରିଛି। ସମାଜକୁ ତଥା ପାଠକମାନଙ୍କୁ ନାରୀର ସ୍ଥିତି ବିଷୟରେ ସଚେତନ କରିଛି। ଜମି ତଥା ଉତ୍ପାଦନ ପ୍ରକ୍ରିୟା ସହିତ ନାରୀର ପ୍ରତ୍ୟକ୍ଷ ଓ ପରୋକ୍ଷ ସମ୍ବନ୍ଧ ଉପନ୍ୟାସରେ ପ୍ରତିଫଳିତ ହୋଇଛି। ମାତ୍ର କୌଣସି ବି ସ୍ଥାନରେ ନାରୀର ଜମି ଉପରେ ମାଲିକାନା ରହିଥିବାର ଦେଖାଯାଇନାହିଁ। ଭୂମିହୀନତା, ନାରୀ ଦୁର୍ଦ୍ଦଶାର ଏକ ପ୍ରମୁଖ କାରଣ ରୂପେ ପ୍ରତୀୟମାନ ହୋଇଥିଲେ ସୁଦ୍ଧା ଏହି ସ୍ଥିତାବସ୍ଥାକୁ ଦୋହଲାଇ ଦେବା ପରି ନାରୀ ଚରିତ୍ରଟିଏ ଉପନ୍ୟାସରେ ସୃଷ୍ଟି ହେଲା ପରି ମନେହୁଏ ନାହିଁ। ଏପରି ଏକ ନାରୀ ଚରିତ୍ର ନଜରକୁ ଆସେନାହିଁ, ଯିଏ ଭୂମି ଅଧିକାରକୁ ସାବ୍ୟସ୍ତ କରିବା ଦିଗରେ ଏକ ଉଦାହରଣ ପାଲଟିଛି! ତଥାପି ନାରୀ ଓ ଭୂମିସମ୍ପର୍କର ଏହି ଦିଗକୁ ଓଡ଼ିଆ ଉପନ୍ୟାସ ନଜର ଆଢୁଆଳରେ ନରଖି ସମ୍ବୋଧିତ କରିବ ବୋଲି ଆଶା କରାଯାଇପାରେ।

**ସହାୟକ ଗ୍ରନ୍ଥସୂଚୀ**


୧) ନାୟକ, ପୁଷ୍ପାଞ୍ଜଳୀ। ମାଟିର ପ୍ରହରୀମାନେ। କଟକ ଟ୍ରେଡିଂ କମ୍ପାନୀ, କଟକ। ୨୦୦୪।

୨) ପଟ୍ଟନାୟକ, ବିଭୂତି। ହସକାନ୍ଦର ଛନ୍ଦ। ସୁଧା ପ୍ରକାଶନୀ କଟକ। ୨୦୦୨।

୩) ପାଣିଗ୍ରାହୀ, କାଳିନ୍ଦୀ ଚରଣ। ମାଟିର ମଣିଷ। ଲାର୍କ ବୁକ୍ସ ଭୁବନେଶ୍ୱର। ୨୦୦୪।

୪) ମହାନ୍ତି, କାହ୍ନୁଚରଣ। ଶାସ୍ତି। ଫ୍ରେଣ୍ଡସ୍ ପବ୍ଲିଶର୍ସ, ବାଲୁବଜାର, କଟକ। ୨୦୧୬।

୫) ମହାନ୍ତି, କାହ୍ନୁଚରଣ। ବଜ୍ରବାହୁ। ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ। ୧୯୯୪।

୬) ମହାନ୍ତି, କାହ୍ନୁଚରଣ। ହା ଅନ୍ନ। ସାଥୀ ପ୍ରକାଶନ, ବାଲୁବଜାର, କଟକ। ୨୦୧୬।

୭) ମହାନ୍ତି, ଗୋପୀନାଥ। ପରଜା। ବିଦ୍ୟାପୁରୀ, ବାଲୁବଜାର, କଟକ। ୨୦୦୧।

୮) ମହାପାତ୍ର, ନିତ୍ୟାନନ୍ଦ। ହିଡ଼ମାଟି। ଗ୍ରନ୍ଥମନ୍ଦିର, ବାଲୁବଜାର, କଟକ। ୨୦୦୭।

୯) ରାୟ ରାମଶଙ୍କର। ସଂପାଦନା। ମନୁସଂହିତା ବା ମନୁସ୍ମୃତି। ଧର୍ମଗ୍ରନ୍ଥ ଷ୍ଟୋର୍, କଟକ। ୧୯୨୭।

୧୦) ସୁନାନୀ, ବାସୁଦେବ। ପଡ଼ାପୋଡ଼ି। ପକ୍ଷୀଘର ପ୍ରକାଶନୀ, ଭୁବନେଶ୍ୱର। ୨୦୨୧।

୧୧) ସ୍ୱାଇଁ, ସ୍ୱାଗତିକା। ଦ୍ରୋହକାଳ। ପକ୍ଷୀଘର ପ୍ରକାଶନୀ, ଭୁବନେଶ୍ୱର। ୨୦୧୭।


●

BAGEESHA
ବାଗୀଶ
ଦ୍ୱିତୀୟ ବର୍ଷ, ତୃତୀୟ ସଂଖ୍ୟା | ମଇ - ଜୁନ୍ ୨୦୨୪
Volume No. 02 | Issue No. 03 | May-June 2024
Refereed Peer-Reviewed Jornal
https://bageesha.in
OPEN ACCESS

# ଆଞ୍ଚଳିକ ଲୋକମିଥ୍ ପ୍ରସଙ୍ଗରେ 'ଡାଲଖାଇ ଯାତ୍ରା'

■ ଡ. ସଂଜୟ କୁମାର ମିଶ୍ର

ଅଧ୍ୟାପକ, କେ.ଭି ଡିଗ୍ରୀ ମହାବିଦ୍ୟାଳୟ, କଣ୍ଟାବାଞ୍ଜି

Article Received : 15.06.2024 | Accepted : 25.06.2023 | Published : 15.07.2024

**ସାରାଂଶ**

ଡାଲଖାଇ ପଶ୍ଚିମ ଓଡ଼ିଶାର ଲୋକ ଜୀବନ ଓ ସଂସ୍କୃତିର ଏକ ପ୍ରମୁଖ ଅଙ୍ଗ। ଲୋକ ଜୀବନର ସ୍ୱପ୍ନ, ସମ୍ଭାବନା, ଉଲ୍ଲାସ ଓ ଆଭିଚାରିକତା ଏଥିରେ ରୂପାୟିତ ହୋଇଥାଏ। ଡାଲଖାଇ ଦେବୀଙ୍କ ଉତ୍ପତ୍ତି ବିଷୟକ ଏକାଧିକ ମିଥ୍ ମଧ୍ୟ ଅଛି। ଆମେ ଲୋକ ଜୀବନରେ ଚାରୋଟି ପ୍ରକାର ଡାଲଖାଇ ଦେଖିବାକୁ ପାଇଥାଉଁ। ଡାଲଖାଇ ଗୀତ ଓ ନୃତ୍ୟ ଅତ୍ୟନ୍ତ ମନୋମୁଗ୍ଧକର। ସମୟର ପ୍ରହାରରେ 'ଡାଲଖାଇ' ପରମ୍ପରା ତା'ର ବୈଶିଷ୍ଟ୍ୟ ହରାଇ ବସୁଛି। ଏହି ମହାନ ପରଂପରା ଓ ଏହାର ବିଭିନ୍ନ ଦିଗ ପ୍ରତି ଆଲୋକପାତ ପୂର୍ବକ ଏହାର ସାଂପ୍ରତିକ ମୂଲ୍ୟବୋଧ ଓ ଗୁରୁତ୍ୱକୁ ପରିଚିତ କରେଇବା ହିଁ ଏହି ପ୍ରବନ୍ଧର ଉଦ୍ଦେଶ୍ୟ ।

ମୂଳଶବ୍ଦ: ଡାଲଖାଇ, ପଶ୍ଚିମ ଓଡ଼ିଶା, ଲୋକଜୀବନ, ମିଥ୍, ଡାଲଖାଇ ଦେବୀ, ଗୀତ ଓ ନୃତ୍ୟ, ଡାଲଖାଇ ଓଷା ପାଳନ

ବଣ ପାହାଡ଼ ଘେରା ଓଡ଼ିଶା। ନଦ, ନଦୀ, ବଣ ପାହାଡ଼, ପଥର, ମଣିଷ ଅନ୍ୟାନ୍ୟ ପ୍ରାଣୀ ସହ କେଉଁ ଆବହମାନ କାଳରୁ ଗଢ଼ି ଆସୁଛି ଜୀବନ। ସମୟ ସହିତ ତାଳ ଦେଇ ବଦଳିଛି, ବଢ଼ିଛି ଜୀବନ ଧାର, ମଣିଷର ପ୍ରକୃତିର ହସ, କାନ୍ଦ, ଲୁହ, ଲହୁ, ଜନ୍ମ, ମୃତ୍ୟୁ, ସଂକଳ୍ପ, ବିଶ୍ୱାସ ଓ ଅବିଶ୍ୱାସ ସମୂହ ମାଧ୍ୟମରେ ମଣିଷ ଗଢ଼ିଛି ଦେବତା, ରାକ୍ଷସ, ଭୂତ, ପ୍ରେତ। ମଣିଷ ପାଳିଛି ଉତ୍ସବ। କେତେ ଖୁଣ୍ଟକାଟି ଗାଁରେ ପରଜା ସାଜିଛି ତ ଦିହାରି, ଝାଙ୍କର, ବରୁା, ଗଉଁତିଆ ଆଦି ହୋଇ ଦେବତାଙ୍କ ଖୁସି ପାଇ ପରବ କରିଛି, ଯାନିଯାତ୍ରା ଉତ୍ସବ ଅନୁଷ୍ଠାନ ମାଧ୍ୟମରେ କଟିଛି ସମୟ। ସମୟ ଓ ମଣିଷ ଜୀବନ ଧାରାରେ ଲୋକବିଶ୍ୱାସ, ଲୋକ ପରଂପରା, ଲୋକ ଜୀବନ, ଲୋକମାନସ ସବୁ ସୃଷ୍ଟି ହୋଇଛନ୍ତି। ପଶ୍ଚିମ ଓଡ଼ିଶାର ସରଳ, ନିରୀହ, ଆଦିବାସୀ ଓ ଅନ୍ୟାନ୍ୟ ଜାତି, ପ୍ରଜାତିମାନେ ପଥର, ପାହାଡ଼, ଝରଣା, ଗଛ ଆଦିରେ ଖୋଜିଛନ୍ତି ଦେବତା ଅନ୍ୟାନ୍ୟ ଅଞ୍ଚଳର ଜାତି, ପ୍ରଜାତିଙ୍କ ଭଳି। ଡାଲଖାଇ ପଶ୍ଚିମ ଓଡ଼ିଶାର ସେମିତି ଏକ ଲୋକପର୍ବ ଯାହାକି ଏ ଅଞ୍ଚଳର ଅଗଣିତ ଲୋକ, ବ୍ୟକ୍ତିବୃନ୍ଦ ଓ ସମାଜ ଦ୍ୱାରା ଆଦୃତ ଓ ସ୍ୱୀକୃତ।

**ଡାଲଖାଇ କ'ଣ, କେବେ ଓ କାହିଁକି** : ଆଶ୍ୱିନ ମାସର ଶୁକ୍ଳପକ୍ଷ ଅଷ୍ଟମୀ ଦିନ ଡାଲଖାଇ ପୂଜା କରାଯାଏ। ଏହି ଦିନ ହିନ୍ଦୁ ସବର୍ଣ୍ଣମାନେ ଭାଇମାନଙ୍କ ମଙ୍ଗଳ କାମନା କରି ଭାଇ ଜିଉନ୍ତିଆ ଓଷା କରୁଥିଲା ବେଳେ ଆଦିବାସୀ ପରଂପରାର ଝିଅମାନେ ଭାଇ ଓ ପରିବାରର ମଙ୍ଗଳ କାମନା କରି ଡାଲଖାଇ ଓଷା ପାଳନ କରିଥାନ୍ତି। ପଶ୍ଚିମ ଓଡ଼ିଶାରେ ବାସ କରୁଥିବା କନ୍ଧ, ଗଣ୍ଡ, ଶବର, ବିଂଝାଲ, ଭୂୟାଁ ଆଦି ଆଦିବାସୀ ସଂପ୍ରଦାୟରେ ଏହି ଯାତ୍ରା ବେଶ୍ ଆଦୃତ୍। ପଶ୍ଚିମ ଓଡ଼ିଶାର ଜିଲ୍ଲା ଗୁଡ଼ିକ ଯଥା- ବଲାଙ୍ଗୀର, ସମ୍ବଲପୁର, ବରଗଡ଼, ନୂଆପଡ଼ା, କଳାହାଣ୍ଡି, ସୁବର୍ଣ୍ଣପୁରର ଆଦିବାସୀମାନେ ଏହା ପାଳନ କରିଥାନ୍ତି। ଡାଲଖାଇ ପୂଜା ପାଇଁ ଏକ 'କୁଠି'ର ଚିତ୍ର ଅଙ୍କାଯାଏ। ସେ ଚିତ୍ର ସମୂହରେ ହର-ପାର୍ବତୀ, କଇଁଛ, ପତ୍ର, ଫୁଲ ଓ ଅନ୍ୟାନ୍ୟ ଏକାଧିକ ଚିତ୍ର ରହେ। ସାତଜଣ ଅବିବାହିତା କୁମାରୀ କନ୍ୟା ଓ ଜଣେ ବିବାହିତା ନାରୀ ମିଶି ଏକ ଦଳ ହୁଅନ୍ତି। ସଭିଏଁ ସେ ଦିନ ଉପବାସ ରହିଥାନ୍ତି। ନଦୀ ବା ପୋଖରୀରେ ବାଲି ପୂଜା ହୁଏ। ସେଠି କୁମାରୀମାନେ ଉଲଗ୍ନ ହେବା ବିଧି ରହିଛି। କୁଠିରେ ଦେହେରି ପୂଜା କରନ୍ତି। ଧୁନକେଲ ସାହାଯ୍ୟରେ ଓଷାଗୀତ ମଧ୍ୟ ଗାଆନ୍ତି। ରାତିସାରା ଯୁବତୀମାନେ କୁଠି ବାହାରେ ନାଚଗୀତ କରିଥାଆନ୍ତି। ଆଦିବାସୀ ପରଂପରାର ସବୁତକ ଗଣା ପିନ୍ଧି ଝିଅମାନେ ନୃତ୍ୟ କରୁଥିବାର ଦୃଶ୍ୟ ବେଶ୍ ମନୋହର। ଖୁଲବାଦ୍ୟର ତାଳେ ତାଳେ ଖୁଲକୁଠିର ସାମନାରେ ନୃତ୍ୟ ହୁଏ। ବାହାରେ ମଧ୍ୟ ଝଙ୍କାଳିଆ ଗଛ ବାପଡ଼ିଆରେ ନୃତ୍ୟ ହୁଏ। ଗୀତ ଓ ନୃତ୍ୟ ପାରଂପରିକ ପ୍ରଥା

ମାଧ୍ୟମରେ ହିଁ ଅନୁଷ୍ଠିତ ହୁଏ। ଢ଼ୋଲ, ମହୁରୀ, ତାସା, ନିସାନ, ଟିମ୍‌କିଡ଼ି ମାଧ୍ୟମରେ ବାହାରୁଥିବା ବାଦ୍ୟ ଶବ୍ଦଗୁଚ୍ଛ ଚହଲେଇ ଦିଏ କୁମାରୀଙ୍କ ପାଦ। ନାଚିନାଚି ହାଲିଆ ହେବା ଯାଏଁ ଚାଲିଥାଏ ନୃତ୍ୟଗୀତ। ଗୀତ ଓ ନୃତ୍ୟ ମାଧ୍ୟମରେ ଦେବତାଙ୍କ ଆରାଧନା, ପ୍ରକଟିତ ହୁଏ ଏଣୁ ଡାଲଖାଇ ଯାତ୍ରାରୁ ନୃତ୍ୟ ଗୀତ ବାଦ୍ୟ ମାଧ୍ୟମରେ 'ଲୋକ' ପାଏ ଜୀବନର ଆନନ୍ଦ।

**ଡାଲଖାଇ ଯାତ୍ରାର ପ୍ରକାର ଭେଦ** : ଡାଲଖାଇ ଯାତ୍ରା ମୂଳତଃ ଚାରିପ୍ରକାର। ସେ ଗୁଡ଼ିକ ହେଲା - ୧) ମଡ଼ୋ ଡାଲଖାଇ ୨) ଡାହି ଡାଲଖାଇ ୩) କୁଠି ଡାଲଖାଇ ୪) ପଥେଇ ଡାଲଖାଇ। ଡାହି ଓ କୁଠି ଡାଲଖାଇ ଅଷ୍ଟମୀ ଦିନ ପାଳିତ ହୁଏ ଏବଂ ମଡ଼ୋ ଓ ପଥେଇ ଡାଲଖାଇ ବର୍ଷସାରା ବିବାହ ଓ ଅନ୍ୟାନ୍ୟ ଉତ୍ସବରେ ପାଳିତ ହୁଏ। ସୀମିତ କଳେବର ଦୃଷ୍ଟିରୁ ଏ ସମସ୍ତ ପ୍ରକାର ଡାଲଖାଇ ଉପରେ ବିସ୍ତାରିତ ଆଲୋଚନା ସମ୍ଭବ ନୁହେଁ। ସମୟ ଓ ସୁବିଧା ଦେଖି ତାହା ପରବର୍ତ୍ତୀ ସମୟରେ କରାଯିବ।

**ଡାଲଖାଇ ଉତ୍ପତ୍ତିର ବିଷୟକ ଏକ ମିଥ୍:** ଡାଲଖାଇ ଯାତ୍ରା ବିଷୟରେ ଏକ ସୁନ୍ଦର ମିଥର ପ୍ରଚଳନ ଅଛି। ମିଥଟି ଏହିପରି- ସତ୍ୟ ଯୁଗରେ ଭଗବାନ ଶିବଙ୍କ ଦ୍ୱାରା ଏକ ଗୋହତ୍ୟା ପାପ ହୋଇଥିଲା। ସେ ଗନ୍ଧମାର୍ଦ୍ଦନକୁ ଆସି ଏହାର ପବିତ୍ର ଝରଣା ପାଣିରେ ଗାଧୋଇବାରୁ ତାଙ୍କର ପାପ ମୋଚନ ହୋଇଥିଲା। ଶିବ ଉଭୟ ନୃସିଂହନାଥ ଓ ହରିଶଙ୍କର ଝରଣାରେ ବୁଡ଼ ପକାଇଥିଲେ। ତା'ର କିଛି ଦିନ ପରେ ଉତ୍ସୁକତା ଓ କୌତୁହଳ ବଶତଃ ଦେବୀ ପାର୍ବତୀ ବୁଲିବା ପାଇଁ ଓ ଶିବଙ୍କ ପାପମୋଚନ କ୍ଷେତ୍ର ଦେଖିବା ପାଇଁ ଆସିଥିଲେ ଗନ୍ଧମାର୍ଦ୍ଦନ ପାହାଡ଼ ଅଂଚଳକୁ। ପାହାଡ଼ରେ ବୁଲୁଥିବା ସମୟରେ ତ୍ରିପଳା ନାମକ ଜଣେ ରାକ୍ଷସ ଦେବୀ ପାର୍ବତୀଙ୍କୁ ଦେଖି କାମଜ୍ୱାଳାରେ ଅଧୀର ହୋଇ ଉଠିଲା ଓ ଦେବୀଙ୍କୁ ବଳପୂର୍ବକ ଭୋଗ କରିବା ପାଇଁ ଚେଷ୍ଟା କଲା। ଦେବୀ ପାର୍ବତୀ କହିଲେ ମୁଁ ତୋର ମାଁ, ମୁଁ ଏ ଜଗତର ମାଁ, ଏଣୁ ମୋ ପ୍ରତି ତୋର ଏ ବ୍ୟବହାରେ ଅନୁଚିତ ଓ ବର୍ଜନୀୟ। ମାତ୍ର ତ୍ରିପଳା, ତୁମେ ତ ଯୁବତୀ ଦିଶୁଛ ଏଣୁ ତମେ ମୋର ମାଁ କିଭଳି ହେବ ବୋଲି କହି ଦେବୀଙ୍କୁ ଆକ୍ରମଣ କରିବାକୁ ଉଦ୍ୟତ ହୁଅନ୍ତେ ମାତା ପାର୍ବତୀ ତାଙ୍କର ଯୋନୀକୁ ବିସ୍ତାରିତ କରିବାକୁ ଲାଗିଲେ। ସେ ଯୋନୀ ମଧ୍ୟରୁ ଜନ୍ମ ନେଲେ ଚୌଷଠି ଯୋଗିନୀ। ସେମାନେ ସଭିଏଁ ମିଶି ତ୍ରିପଳା ରାକ୍ଷସକୁ ହତ୍ୟା କରିବାକୁ ଉଦ୍ୟତ ହୁଅନ୍ତେ ତ୍ରିପଳା ଭୀତତ୍ରସ୍ତ ହୋଇ ଯୋଡ଼ ହସ୍ତରେ ଦେବୀଙ୍କୁ କ୍ଷମା ପ୍ରାର୍ଥନା କଲା। ମାତା ପାର୍ବତୀ ତାକୁ ଏକ ବାଘରେ ପରିଣତ କରି ନିଜର ବାହାନ ରୂପରେ ବ୍ୟବହାର କଲେ। ଏସବୁ ଘଟଣା ଘଟିଥିବା ସ୍ଥାନଟି ଦୁର୍ଗେଇ ଖୋଲ ଯାହାକି ନୃସିଂହନାଥ ଠାରୁ ୧୦କିମି. ପାହାଡ଼ ଉପରେ ଅବସ୍ଥିତ। ସେ ଦେବୀଙ୍କୁ ଆଜି ମଧ୍ୟ ଡାଳ ଅର୍ପଣ କରି ପୂଜା କରାଯାଇଥାଏ। ଡାଳ ଖାଉଥିବାରୁ 'ଡାଲ୍‌ଖାଇ' ଦେବୀଙ୍କ ଉତ୍ପତ୍ତି ଓ ନାମକରଣ ଭଳି ହୋଇଅଛି। ଏ ମିଥ୍‌ରୁ 'ଡାଲ୍‌ଖାଇ' ପୂଜାର ଉତ୍ପତ୍ତି ସହ ମଣିଷ ଓ ପ୍ରକୃତିର ସଂପର୍କ ବେଶ୍ ଜଣାପଡ଼େ।

ବିଶିଷ୍ଟ ନୃତ୍ୟ ଗବେଷକ ତଥା ଗୁରୁ ଘାସିରାମ ମିଶ୍ର ଏ ମିଥ୍‌କୁ ନେଇ ଅନେକ ଗୁଡ଼ିଏ ଗବେଷଣାରେ ଲିପ୍ତ ଅଛନ୍ତି। ତାଙ୍କ ମତରେ ପ୍ରାଚୀନ ବିଶିଷ୍ଟ ନୃତ୍ୟ ଗବେଷକ ତଥା ଗୁରୁ ଘାସିରାମ ମିଶ୍ର ଏ ମିଥ୍‌କୁ ନେଇ ଅନେକ ଗୁଡ଼ିଏ ଗବେଷଣାରେ ଲିପ୍ତ ଅଛନ୍ତି। ତାଙ୍କ ମତରେ ପ୍ରାଚୀନ ଲୋକ ଜୀବନ ଯେହେତୁ ଜଙ୍ଗଲ ଭିତରେ କରୁଥିଲା ଗଛ, ଲତା, ପତ୍ର ଓ ପାହାଡ଼କୁ ନେଇ ପ୍ରଚଳିତ କିମ୍ବଦନ୍ତୀ ଓ ମିଥ୍‌କୁ ବୁଝିବାର ଆବଶ୍ୟକତା ରହିଅଛି। ଦୁର୍ଗେଇ ଡାଲଖାଇ ଦେବୀଙ୍କ ମୂଳସ୍ଥଳୀ। ବର୍ତ୍ତମାନ ସେ ଗଛତଳେ ଏକ ଦୁର୍ଗାଙ୍କ ମୂର୍ତ୍ତୀ ବସା ଯାଇଛି। ମାତ୍ର ଡାଲପୂଜା ସେଠି ବର୍ତ୍ତମାନ ଯାଏଁ ମଧ୍ୟ ଅଛି। ଡାଲଖାଇ ନୃତ୍ୟ ସମୟରେ ବାଦ୍ୟ ଅଙ୍ଗଭଙ୍ଗୀ ଆଦିକୁ ନେଇ ଅନେକ ଗବେଷଣା କରାଯାଇପାରେ ବୋଲି ଶ୍ରୀ ମିଶ୍ର ମତ ଦିଅନ୍ତି। ବିଭିନ୍ନ କାରଣରୁ ଡାଲ୍‌ଖାଇ ସଂପର୍କୀତ ମିଥ୍‌ଟି ବହିରାଗତ ଲୋକଙ୍କ ଦ୍ୱାରା ବଦଳ ହୋଇଯାଇଥିବାର ଅଭିଯୋଗ ମଧ୍ୟ କରନ୍ତି ଶ୍ରୀ ମିଶ୍ର।

ପ୍ରକୃତରେ କଥାଟି ମଧ୍ୟ ସତ। ଶତାଧିକ ବର୍ଷ ଧରି ଏ ଅଂଚଳକୁ ଆସିଥିବା ବହିରାଗତ ଉଚ୍ଚ ଜାତିଙ୍କ ପ୍ରଭାବ ଏବ ଅଂଚଳର ସଂସ୍କୃତି ଓ ପରଂପରାରେ ପଡ଼ିଅଛି। ଉଭୟେ ମୂଳ ଲୋକେ ଓ ବହିରାଗତ ଲୋକେ ଉଭୟଙ୍କୁ କିଛି କିଛି ଦେଇଛନ୍ତି ଓ ନେଇଛନ୍ତି। ମାତ୍ର ଗୀତରୁ କାହାଣୀ ହେଲା ବେଳକୁ, କାହାଣୀ ଗୁଡ଼ିକ ପୁରାମାତ୍ରାରେ ଆର୍ଯ୍ୟାୟିତ ହୋଇ ପଡ଼ିଛନ୍ତି। ଡାଲଖାଇକୁ ନେଇଥିବା ଅନ୍ୟ ମିଥ ଗୁଡ଼ିକର ଅବସ୍ଥା ମଧ୍ୟ ସେଇଭଳି।

**ଡାଲଖାଇ ସଂପର୍କିତ ଅନ୍ୟ ଏକ ମିଥ୍‌**- ସୃଷ୍ଟି ଆରମ୍ଭ ହେବା ପରେ ପୃଥିବୀର ପ୍ରଥମ ରାଜା ହେଲେ ଥଳ ରାଜା ଓ ରାଣୀ ବିମଳା। ତାଙ୍କର ପୁଅ ନଳ ରାଜା ଓ ରାଣୀ ତାରାବତୀ, ଝିଅ ରଇଲାବତୀ। ସାତବର୍ଷର ଝିଅ ରଇଲାବତୀ ଦିନେ ଆଈ ସାଂଗରେ ଗାଧୋଇ ଯାଇଥିବା ସମୟରେ ଦୁର୍ଗା ଅଧାସ୍ୱର୍ଗରୁ ଥାଇ ଫୁଲ ଡାଲାଟିଏ ନଦୀରେ ପକାଇ ଦେଲେ ଓ ମର୍ତ୍ତ୍ୟରେ ଡାଲଖାଇ ଓଷା ମାଧ୍ୟମରେ ତାଙ୍କର ପୂଜାର ପ୍ରସାର ପାଇଁ ରଇଲାକୁ ଆଦେଶେ ଦେଲେ। ପୂଜାର ବିଧିବିଧାନ ଜାଣିଥିଲା ରଇଲାର ଭାଉଜ ତୁଳସା। କେତୋଟି କଠିଣ ପରୀକ୍ଷା କରିସାରିଲା ପରେ ତୁଳସା ଡାଲଖାଇ ଓଷା ପାଳନ ବିଧି ନିର୍ଦ୍ଦେଶ ପୂର୍ବକ ରଇଲାକୁ ସାହାଯ୍ୟ କଲା। ସ୍ୱର୍ଗରୁ ମହାରଣା ଡକାଇ କାନ୍ଥରେ ଦୁର୍ଗା, ପାର୍ବତୀ, ଈଶ୍ୱର, ଅହଲ୍ୟାବତୀ, ତୁଳସାରାଣୀ, ନାରଦ, କୁର୍ମ୍ମଦେବତା, ହନୁମାନ, ଦହନା ରାଣୀ ଆଦି ଷୋହଳଟି ଚିତ୍ର ଅଂକନ ପୂର୍ବକ କୋଠିଶାଳ ତିଆରି ହେଲା। କଇଲାସରୁ ଗାଉଣୀ ଆସି ଓଷାର ଗୀତ ଗାଇଲା।

ନାରଦ ସବୁ ଦେବତାଙ୍କୁ ନିମନ୍ତ୍ରଣ କରିଗଲେ। ତା'ପରେ ଭାଈ ନଳରାଜାଙ୍କ ମଂଗଳ କାମନା କରି ରଇଲା ପୃଥିବୀରେ ପ୍ରଥମ ଥରପାଇଁ ଆଶ୍ୱିନ ଶୁକ୍ଳ ଅଷ୍ଟମୀ ଦିନ ଏହି ଡାଲଖାଇ ଓଷା ଆରମ୍ଭ କଲା। (ପଣ୍ଡା, ନିମାଇଁ ଚରଣ(୧୯୯୭) ପଶ୍ଚିମ ଓଡ଼ିଶାର ଲୋକ ସାହିତ୍ୟର ସ୍ୱରୂପ, ସାରସ୍ୱତ ପୁସ୍ତକ ଭଣ୍ଡାର, ସମ୍ବଲପୁର, ପୃ- ୬୨)

**ଡାଲଖାଇଲୋକଗୀତରେ ଲୋକଜୀବନ:** ଡାଲଖାଇ ଗୀତ ଏକ ଲୋକଗୀତ। ଛେଦନ ମଣ୍ଡନ ପ୍ରକ୍ରିୟାରେ ଏହା ଆଗକୁ ଆଗକୁ ବଢ଼ିଥାଏ। ଲୋକ ମୁଖରେ ପ୍ରସାରିତ ଓ ପ୍ରବାହିତ ହେଉଥିବାରୁ ଉକ୍ତ ଗୀତରେ ଲୋକଜୀବନ ଓ ଲୋକାଚାରର ଅନେକ ବିଭବ ପ୍ରକଟିତ ହୋଇଥାଏ। ସବୁଠୁ ଅଧିକ ଭାବେ ଏଥିରେ ପ୍ରେମ, ଶୃଙ୍ଗାର, ଦାରିଦ୍ର୍ୟ, ଦାଦନ ଭଳି ମାନବୀୟ ଦୁଃଖ ଓ ପ୍ରତିବେଦନ ସବୁ ଭରି ରହିଥାଏ ଡାଲଖାଇ ଗୀତରେ। ବିଶେଷ ଭାବେ କୁମାରି ମାନଂକ କଥା ଥାଏ ଏ ଗୀତରେ। ସ୍ଥାନ ଅଭାବରୁ ଏଠି ମାତ୍ର ଦୁଇଟି ଉଦାହରଣ ଦିଆଯାଇପାରେ।

ବର୍ତ୍ତମାନ ପଶ୍ଚିମ ଓଡ଼ିଶା ଅଭାବଗ୍ରସ୍ତ। ବିସ୍ଥାପନ, ଦୁଃସ୍ଥ ସ୍ଥାନାନ୍ତରଣ ଅଭାବ ଏଅଂଚଳର ମେରୁଦଣ୍ଡ ଭାଙ୍ଗି ଦେଇଛି। ତାକୁ ଡାଲଖାଇ ଗୀତରେ ଗାଇଛି ଲୋକ କବି- ଡାଲ ଖାଇରେ...ଡାଲ୍ ଖାଇରେ/ କମେଇ ଖେଇ ଗଲ ନୂଆଁ ନାଗର/ ସେନ ରହି ମତେ ପାଶିରି ଦେଲ/ ଏତ କଥା ଯଦି ମନେ ଭାବିଲ/ ଯଦର୍ ଭି ଗଲ/ ତମର ସାଂଗେ ମତେ କାଂଜେ ନି ନେଲ/ ପାହାଁତି ରାତି/ ତମର ବିନେ ଛାତି ହେସି କରତି/ ତମର କଥା ଭାଲି ରସିଆ/ ଆନୁଛେ ଜର, ଅଠି ପହର/ ରଜାଗୋ ମୋର, କାଏଁ ଡାଲଖାଇରେ...।

ସ୍ଥାନାନ୍ତରଣ ପରିପ୍ରେକ୍ଷୀରେ ଜଣେ ଯୁବତୀ ଝିଅର କୋହ ଏହି ଗୀତରୁ ମିଳେ।

ଆଉ ଗୋଟିଏ ପଦ ଦେଖନ୍ତୁ – ଡାଲଖାଇରେ/ ହାଁଡ଼ି ଭାଂଗିଗଲେ ହେସି ଖପରା/ ମନ ଭାଂଗି ଗଲେ ସବୁ ଚୁପୁରା/ ଗୁଟେ ଭାତ ଚିପି ଦେଲେ ଡାଲଖାଇ/ ପଡ଼ସି ଧରା, ପଡ଼ସି ଧରା, ପଡ଼ସି ଧରା କେଁ/ ଡାଲଖାଇରେ।

ମନ ଭଙ୍ଗା କଥାର ଏକ ଚମତ୍କାର ଚିତ୍ରଣ ମିଳେ ଏଥିରୁ।

ତେବେ ଡାଲଖାଇ ଗୀତରେ ସ୍ୱପ୍ନ, ପ୍ରେମ, ଜୀବନ, ଯୌବନ ଆଦି ବିଷୟରେ ଅନେକ ପଙ୍କ୍ତି ଗୁଡ଼ିକ ଗାନ କରାଯାଏ। ଝିଅମାନେ ପଦକୁ ମେଳାଇ ହଜାର ହଜାର ଗୀତ ଗାଇଥାନ୍ତି। ଜୀବନ, ଯୌବନ, ପ୍ରେମ ଓ ପ୍ରକୃତିର ଅପାର ଅପରୂପ ବର୍ଣ୍ଣନା ମିଳେ ଡାଲଖାଇ ଗୀତରୁ। ଡାଲଖାଇ ଗୀତରେ ସାହିତ୍ୟିକ ମୂଲ୍ୟ ଅପାର।

**ମହାନ୍ ପରଂପରା ଓ କ୍ଷୁଦ୍ର ପରଂପରାର ମିଶ୍ରଣ ଓ ସମନ୍ୱୟ:** ଡାଲଖାଇ ଓଷା କ୍ଷୁଦ୍ର ପରଂପରାର ଅଂଶ ବିଶେଷ। ମାତ୍ର ସମୟ କ୍ରମେ ମହାନ୍ ପରଂପରା ସହ ଅନେକ ପରିମାଣରେ ପ୍ରଭାବିତ ହୋଇଛି। ପୂର୍ବରୁ ନିଶ୍ଚିତ ଭାବେ ଏହା ଏକ ଦୁର୍ଗାପୂଜା ଓ ଭାଇ ଜିଉନ୍ତିଆ ଓଷା ନଥିବା ସମୟାନ୍ତରରେ ଏହା ଆର୍ଯ୍ୟ ପରଂପରା ସହ ମିଶି ଦୁର୍ଗାପୂଜାର ରୂପ ନେଇ ଥାଇପାରେ। ସେହିପରି ଆର୍ଯ୍ୟ ପରଂପରାର ଭାଇଜିଉନ୍ତିଆରେ କାଠି ଓ ବାଲି ଆଦିର ବ୍ୟବହାର କ୍ଷୁଦ୍ର ଆଦିବାସୀ ପରଂପରାଠାରୁ ଆସିଅଛି। ଡାଲଖାଇ ଓଷାର କାହାଣୀ ମଧ୍ୟ ଆର୍ଯ୍ୟ ଉଚ୍ଚ ପରଂପରା ଦ୍ୱାରା ବ୍ୟବହୃତ। କ୍ଷୁଦର ପରଂପରା ଓ ବୃହତ୍ ପରଂପରାର ସଂପର୍କ ଓ ସମନ୍ୱୟ ହିଁ ଭାରତୀୟ ସଂସ୍କୃତିର ବୈଚିତ୍ର୍ୟ। ପଶ୍ଚିମ ଓଡ଼ିଶାରେ ମଧ୍ୟ ସେ ସଂପର୍କ ଓ ସମନ୍ୱୟ ଅନେକ କ୍ଷେତ୍ରକୁ ପ୍ରଭାବିତ କରିଛି। ଡାଲଖାଇ ପୂଜା, ଗୀତ ଓ ଅନ୍ୟାନ୍ୟ ବିଷୟରେ ମହାନ୍ ଓ କ୍ଷୁଦ୍ର ପରଂପରାର ପ୍ରଭାବ ବିଷୟରେ ଅନେକ ଆଲୋଚନାର ଆବଶ୍ୟକତା ରହିଛି। ଶିବ ଗୋହତ୍ୟା ପାପ ମୋଚନ କରିବା ପାଇଁ ଗନ୍ଧମାର୍ଦ୍ଦନ ପାହାଡ଼କୁ ଆସିବା, ପାର୍ବତୀ ବୁଲି ଆସିବା ଇତ୍ୟାଦି କ୍ଷୁଦ୍ର ପରଂପରାର ମହିମା ପଖ୍ୟାପନ ପାଇଁ ଉଦ୍ଦିଷ୍ଟ। ଶିବଙ୍କ ଗୋହତ୍ୟା ପାପ ନାମରେ ଏକ ବିରାଟ ଲୋକଗାଥା ମଧ୍ୟ ପ୍ରଚଳିତ ଅଛି ଏ ଅଂଚଳର ଲୋକମୁଖରେ। ଡାଲଖାଇ ଏଣୁ ମୂଳତଃ ଏକ ଆଦିବାସୀ ପରଂପରାରୁ ଉଦ୍ଧୃତ ଲୋକ ଜୀବନର ଅନନ୍ୟ ଆବଶ୍ୟକତା। ପରେ ପରେ ଏଥିରେ ଅନେକ ଘଟଣା ଓ କାହାଣୀର ମିଶ୍ରଣ ଘଟିଅଛି।

**'ଡାଲଖାଇ' ଏକ ଅମୂଲ୍ୟ ଲୋକସଂପତ୍ତି:** ଡାଲଖାଇ ନିଶ୍ଚିତ ଭାବରେ ଏକ ଅମୂଲ୍ୟ ଲୋକସଂପତ୍ତି। ଧର୍ମୀୟ ପରଂପରା ସହ ଜଡ଼ିତ ହୋଇଥିବାରୁ ଏହାର ପ୍ରକାର୍ଯ୍ୟାତ୍ମକ ମୂଲ୍ୟ ମଧ୍ୟ ରହିଛି। ଲୋକ ଜୀବନର ଅନେକ ଅକୁହା କଥା ଗୀତ ମାଧ୍ୟମରେ ଗାଇଥାଏ ଲୋକକବି 'ଡାଲଖାଇ' ଗୀତରେ। ସ୍ଥାନୀୟ ଘଟଣାବଳୀ ଓ ସୁଖ ଦୁଃଖ ବାହରେ ଜଗତ ଜୀବନର ମଙ୍ଗଳ କାମନା ମଧ୍ୟ କରାଯାଇଥାଏ। କେହି କେହି ଯାକୁ ଆଦିବାସୀ ଓ ତନ୍ତ୍ର ମିଳନର ଏକ ପର୍ବ ବୋଲି ମଧ୍ୟ କହନ୍ତି। ଆଗରୁ ଅଶ୍ଳୀଳତା ଅଛି ବୋଲି ଆର୍ଯ୍ୟ ଓ ଉଚ୍ଚ ଜାତିର ଲୋକେ ଉକ୍ତ ପର୍ବରୁ ନିଜକୁ ଦୂରେଇ ରଖୁଥିଲେ। ବର୍ତ୍ତମାନ ସେ ଯୁଗ ନାହିଁ। ଡାଲଖାଇ ପ୍ରତି ଆସକ୍ତି ରଖୁଥିବା ଗବେଷକ ବାସୁଦେବ ସା କହନ୍ତି ଡାଲଖାଇ ଏକ ମହାନ୍ ଲୋକନୃତ୍ୟ। ଏହାର ପ୍ରଚାର, ପ୍ରସାର ଓ ଗବେଷଣା ଏକାନ୍ତ ଆବଶ୍ୟକ। ମାତ୍ର ଅନେକ ଏହାର ମହତ୍ତ୍ୱ ବୁଝି ନପାରି ଶସ୍ତା ନୃତ୍ୟ ବୋଲି ମଧ୍ୟ ମନେ କରିଥାନ୍ତି। କୁମାରୀ ଝିଅମାନଙ୍କ ହୃଦୟ ଓ ଭାବାବେଗ ସହ ଜଡ଼ିତ ଏହା ପଶ୍ଚିମ ଓଡ଼ିଶାର ଏକ ପ୍ରମୁଖ ଲୋକ ଆବେଦନ। ଏଥିର ମିଥ୍ ଗୁଡ଼ିକ ଉପରେ ମଧ୍ୟ ଗବେଷଣା କରା ଯାଇପାରେ।

ବର୍ତ୍ତମାନ ଦେଖାଯାଉଛି ଅନ୍ୟାନ୍ୟ ଲୋକସଂପତ୍ତି ପରି ଡାଲଖାଇ ନୃତ୍ୟଗୀତ ଧୀରେ ଧୀରେ ସତ୍ତା ହରାଇ ବସୁଛି। ସହରୀ ଜୀବନ ପ୍ରତି ଆକର୍ଷଣ ଓ ଉଗ୍ର ଆଧୁନିକତା ଏହାର ଏକ ମୁଖ୍ୟ କାରଣ। ସହରରେ ଷ୍ଟେଜ୍‌ରେ ଏ ନୃତ୍ୟର

ବହୁଳ ପ୍ରଦର୍ଶନ ଏହାର ମୌଳିକତାକୁ ନଷ୍ଟ କରୁଅଛି। ଦୁଃସ୍ଥ ସ୍ଥାନାନ୍ତରଣ ସମସ୍ୟାର ଅନେକ ଲୋକ କମେଇ ଖାଇ ବାହାରକୁ ଯାଉଥିବାରୁ ଦିଅଁ ଦେବତା, ପୂଜା ପରଂପରାରେ ମଧ୍ୟ ବ୍ୟାଘାତ୍ ସୃଷ୍ଟି ହୋଇଛ।

**ଉପସଂହାର :** ଡାଲଖାଇ ପୂଜା, କୋଠି, ନାଚ ଓ ୟା' ପଛରେ ଥିବା ଧର୍ମୀୟ ଓ ସାମାଜିକ ପରଂପରା ପଶ୍ଚିମ ଓଡ଼ିଶାର ଏକ ଅମୂଲ୍ୟ ସଂପଦ। ଜୀବନ ଓ ଜଗତ ମଧ୍ୟରେ ଥିବା ସଂପର୍କ, ତଥା ଭ୍ରାତୃତ୍ୱ ଓ ପ୍ରେମର ବାର୍ତ୍ତା ବହନ କରୁଥିବା 'ଡାଲଖାଇ' ଉତ୍ସବଟି ଆହୁରି ଅଧିକ ଗବେଷଣା ଓ ସଂଗ୍ରହର ଆବଶ୍ୟକତା ରଖେ। ସମାଜ ଗତିର ତାଳେ ତାଳେ ଏ ପର୍ବ ଗୀତ ସବୁ ଧୀରେ ଧୀରେ ନିଜପଣ ହରାଇବାକୁ ବସିଛି। ଆଧୁନିକତାର କବଳରୁ ଏସବୁକୁ ବଂଚାଇବା ଅସମ୍ଭବ। ତେଣୁ ସଂଗ୍ରହ ଓ ଗବେଷଣା ଆଗାମୀ ଅନେକ ପିଢ଼ି ପାଇଁ ଅନେକ ବାର୍ତ୍ତା ଦେବ। 'ଡାଲଖାଇ' ଦେବୀଙ୍କ ଉତ୍ପତ୍ତି ଓ ଅନ୍ୟାନ୍ୟ ମିଥ୍‌ଗୁଡ଼ିକ ଏକାଧିକ କାରଣରୁ ଅନ୍ୟ ପ୍ରକାର ଜିନିଷରେ ଭାରାକ୍ରାନ୍ତ ରହୁଛି, ଯେଉଁଥିରେ କି ଏ ଉତ୍ସବର ମୌଳିକତା ବ୍ୟାହତ ହେଉଛି। ବିଶ୍ୱବିଦ୍ୟାଳୟ ଓ ଅନ୍ୟାନ୍ୟ ଅନୁଷ୍ଠାନମାନେ ଏ ଦିଗରେ ଆଗେଇ ଆସିବା ଉଚିତ୍। ଅଗଣିତ ଜନତାଙ୍କ ଅତୁଳନୀୟ ସଂପତ୍ତି ଧ୍ୱଂସ ହେବା ପୂର୍ବରୁ ସାଇତା ଗଲେ ମଙ୍ଗଳ ହେବ।

ସହାୟକ ଗ୍ରନ୍ଥସୂଚୀ:


୧. ମହାପାତ୍ର, ଶ୍ୟାମ ସୁନ୍ଦର। ଲୋକ ସାହିତ୍ୟ ତତ୍ତ୍ୱ, ଓଡ଼ିଶା ବୁକ୍ ଷ୍ଟୋର୍ସ ବିନୋଦ ବିହାରୀ, କଟକ। ୧୯୯୫

୨୧. ମହାପାତ୍ର, ଚକ୍ରଧର। ଉତ୍କଳ ଗାଉଁଲୀ ଗୀତ। ୧୯୫୬

୨. ମିଶ୍ର, ମହେନ୍ଦ୍ର କୁମାର। ଲୋକ ସଂସ୍କୃତି ପରିକ୍ରମା, ୧ମ ପ୍ରକାଶ, ଗ୍ରନ୍ଥ ମନ୍ଦିର, ବିନୋଦ ବିହାରୀ, କଟକ। ୧୯୯୬

୩. ମିଶ୍ର, ପ୍ରସନ୍ନ କୁମାର। ପୂର୍ବ ଭାରତର ହିନ୍ଦୁ ଲୋକମିଥ୍ ଓଡ଼ିଶା। ୧୯୮୧

୪. ମିଶ୍ର, ସୁରେନ୍ଦ୍ର କୁମାର (ସଂ)। ଗୋଁଡ଼ ସଂସ୍କୃତି ଓ ଲୋକ ସାହିତ୍ୟ, ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ, କଲ୍ୟାଣ ବିଭାଗ, ଭୁବନେଶ୍ୱର। ୧୯୯୮

୫. ମେହେର, ଲକ୍ଷ୍ମଣ। ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ଲୋକଧାରା, ବଲାଙ୍ଗିର ଷ୍ଟୁଡେଣ୍ଟସ୍ ଷ୍ଟୋର, ବଲାଙ୍ଗିର। ୨୦୧୧

୬. ରଥ, ସନ୍ତୋଷ କୁମାର। ଅସ୍ୱୀକୃତ ପରମ୍ପରା, ଅନୁରାଗ ପ୍ରକାଶନ, ବଲାଙ୍ଗିର। ୨୦୦୭

୭. ରାୟ, ମାଳବିକା। ମିଥ୍ ଓ ଆଧୁନିକ ଓଡ଼ିଆ କବିତା- ଅଗ୍ରଦୂତ, ବାଙ୍କାବଜାର, କଟକ-୨। ୧୯୯୩


●

BAGEESHA
ବାଗୀଶ
ଦ୍ୱିତୀୟ ବର୍ଷ, ତୃତୀୟ ସଂଖ୍ୟା | ମଇ - ଜୁନ୍ ୨୦୨୪
Volume No. 02 | Issue No. 03 | May-June 2024
Refereed Peer-Reviewed Jornal

# ଏକବିଂଶ ଶତାବ୍ଦୀର ଓଡ଼ିଆ ଆତ୍ମଜୀବନୀରେ ଲୋକ ଉପାଦାନ

■ ରୁଦ୍ରନାରାୟଣ ସାହୁ
ସହକାରୀ ପ୍ରଫେସର, ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ,
ସରକାରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟ, ଅନୁଗୋଳ

OPEN ACCESS
https://bageesha.in
Article Received : 28.03.2024 | Accepted : 25.06.2024 | Published : 15.07.2024

**ସାରାଂଶ**

କବିତା, ଗଳ୍ପ, ନାଟକ ଉପନ୍ୟାସ ପରି ଆତ୍ମଜୀବନୀ ହେଉଛି ସାହିତ୍ୟର ଏକ ବୈଚିତ୍ର୍ୟପୂର୍ଣ୍ଣ ବିଭାଗ। ମନୁଷ୍ୟ ଜୀବନର ନାନା ବୈଚିତ୍ର୍ୟମୟ ଘଟଣାର ପ୍ରତିଲିପି ହେଉଛି ଆତ୍ମଜୀବନୀ, ଯେଉଁଥିରେ ସମାଜର ସଂସ୍କୃତି, ପରମ୍ପରା, କଳା ସହିତ ଜୀବନର ନାନା ଅନ୍ତରଙ୍ଗ ଘଟଣା ସୂକ୍ଷ୍ମ ଭାବରେ ଲିପିବଦ୍ଧ ହୋଇଥାଏ। କବିତା, ଗଳ୍ପ, ଉପନ୍ୟାସ, ନାଟକରେ ଲୋକ ଉପାଦାନର ବ୍ୟବହାର ସଚେତନ ଭାବରେ କରାଯାଇଥିଲେ ହିଁ ଆତ୍ମଜୀବନୀରେ ତାହାର ବ୍ୟବହାର ହୋଇଥାଏ ସ୍ୱତଃସ୍ଫୂର୍ତ୍ତ ଓ ସ୍ୱାଭାବିକ ଭାବରେ ।

ମୂଳଶବ୍ଦ: ଆତ୍ମଜୀବନୀ, ଲୋକ ସାହିତ୍ୟ, ଲୋକ ଉପାଦାନ, ଲୋକବାଣୀ, ଢଗଢ଼ମାଳି, ପ୍ରବାଦ ପ୍ରବଚନ

ବିଦଗ୍ଧ ସାହିତ୍ୟ ସୃଷ୍ଟି ପୂର୍ବରୁ ଲୋକ ସାହିତ୍ୟ ମୌଖିକ ଆକାରରେ ଲୋକ ସମାଜରେ ପ୍ରଚଳିତ ଥିଲା। ବିଦଗ୍ଧ ସାହିତ୍ୟ ଉନ୍ନତିର ଶୀର୍ଷ ଶିଖରରେ ପହଞ୍ଚିଥିଲେ ବି ଲୋକସାହିତ୍ୟର ପ୍ରଭାବକୁ ଏଡ଼ାଇ ଦେଇ ହେବନାହିଁ। ନବ ନବ ରୂପରେ ନୂତନ ଚେତନା ନେଇ ଲୋକ ସାହିତ୍ୟ ବିଦଗ୍ଧ ସାହିତ୍ୟକୁ କରିବ ସମୃଦ୍ଧ ଓ ପରିବର୍ଦ୍ଧିତ। ଅତୀତର ଐତିହପ୍ରବଣତା ଲୋକସାହିତ୍ୟ ଦେଇ ବିଦଗ୍ଧ ସାହିତ୍ୟରେ ପ୍ରବେଶ କରି ବିଦଗ୍ଧ ସାହିତ୍ୟକୁ କରିଛି ପରାଙ୍ଗପୃଷ୍ଟ ଏହା କେହି ଅସ୍ୱୀକାର କରିପାରିବେ ନାହିଁ। ଭାରତୀୟ ବୈଦିକ ସାହିତ୍ୟଠାରୁ ଆରମ୍ଭ କରି ପୁରାଣ ସାହିତ୍ୟ ପର୍ଯ୍ୟନ୍ତ ପ୍ରତିଟି କ୍ଷେତ୍ରରେ ଲୋକ ସାହିତ୍ୟର ଅଖଣ୍ଡ ପ୍ରଭାବ ରହିଛି। ରାମାୟଣ, ମହାଭାରତ, ବିଭିନ୍ନ କାବ୍ୟ, ଆଖ୍ୟାୟିକା ଇତ୍ୟାଦି ଲୋକ ସାହିତ୍ୟର ପ୍ରଭାବରେ ରଚିତ। ଓଡ଼ିଆ ସାହିତ୍ୟରେ ସାରଳା ଦାସଙ୍କ ଠାରୁ ଆରମ୍ଭ କରି ଏକବିଂଶ ଶତାବ୍ଦୀର ଓଡ଼ିଆ ଲେଖକ ଲେଖିକାଙ୍କ ପର୍ଯ୍ୟନ୍ତ ସମସ୍ତେ ଲୋକ ସାହିତ୍ୟ ଦ୍ୱାରା ଗଭୀର ଭାବରେ ପ୍ରଭାବିତ, ଏହାକୁ ଅସ୍ୱୀକାର କରାଯାଇନପାରେ। ଲୋକ ସାହିତ୍ୟକୁ ବୁଝିବା ପୂର୍ବରୁ ପ୍ରଥମେ 'ଲୋକ' କ'ଣ ସେ ସମ୍ପର୍କରେ ସମ୍ୟକ ଆଲୋଚନା କରିବା ସମୀଚୀନ ହେବ। ଲୋକ ଶବ୍ଦର ଗୋଟିଏ ନିର୍ଦ୍ଦିଷ୍ଟ ଅର୍ଥ କୌଣସି ଆଲୋଚକ ପ୍ରକାଶ କରିନାହାନ୍ତି। ତେଣୁ ଲୋକ ଶବ୍ଦ ହେଉଛି ବ୍ୟାପକ। ତାହେଲେ କାହାର ସାହିତ୍ୟକୁ ଲୋକ ସାହିତ୍ୟ କୁହାଯିବ? ଏହା ବଡ଼ ବିଷମ ପ୍ରଶ୍ନ। ଲୋକ କହିଲେ ସାଧାରଣ ଜନତା ଭିତରେ ଥିବା ସଭ୍ୟ-ଅସଭ୍ୟ, ଶିକ୍ଷିତ-ଅଶିକ୍ଷିତ, ମାର୍ଜିତ-ଅମାର୍ଜିତ, ଧନୀ-ଦରିଦ୍ର, ଉଚ୍ଚ-ନୀଚ ସବୁ ଶ୍ରେଣୀର ଲୋକ ଅନ୍ତର୍ଭୁକ୍ତ। ଅଧିକାଂଶ ଆଲୋଚକ ଲୋକ ସାହିତ୍ୟକୁ ପଲ୍ଲୀ ବା ନଗରର ଅଶିକ୍ଷିତ ଜନତାର ସାହିତ୍ୟ ବୋଲି ଗ୍ରହଣ କରିଛନ୍ତି। କାରଣ ପଲ୍ଲୀ/ନଗରର ଅଶିକ୍ଷିତ ଗୀତ, କାହାଣୀ, ନାଟକ ଯେତେବେଳେ ପଲ୍ଲୀର ସମୁଦାୟ ଜନତାଙ୍କର ଅଧିକାରଭୁକ୍ତ ହୋଇଯାଏ, ସେତେବେଳେ ତାହା ହୋଇଯାଏ ଲୋକ ସାହିତ୍ୟ। ଲୋକ ବା ସାଧାରଣ ଜନତା, ତା'ର ସଂସ୍କୃତି, ସାହିତ୍ୟ, ଧର୍ମ, ଆଚାର, ବିଚାର, ଚାଲିଚଳଣୀ, ରୀତିନୀତି ସହିତ ଜଡ଼ିତ। ସଂସ୍କୃତରେ ଲୋକ୍ ଦର୍ଶନ ଧାତୁରେ ଘଞ୍ ପ୍ରତ୍ୟୟ ଯୁକ୍ତ ହୋଇ ଲୋକ ଶବ୍ଦ ନିଷ୍ପନ୍ନ ହୋଇଛି। ଏହି ଧାତୁର ଅର୍ଥ ହେଉଛି ଦେଖିବା। ତେଣୁ ଲୋକ ଶବ୍ଦର ଅର୍ଥ ହେଉଛି ଦେଖିବା ଲୋକ ବା ଯିଏ ଦେଖିପାରେ। ଯେତେବେଳେ ଗୋଟିଏ ଜନ ସମୁଦାୟ ସେହି ସମାନ କାର୍ଯ୍ୟକୁ କରେ ସେ ସମୟରେ ସେ ଲୋକ ପାଲଟି ଯାଏ। ଅର୍ଥାତ୍ ଜଣେ ପଲ୍ଲୀ ଜନତାର ସାହିତ୍ୟକୁ ଦେଖନ୍ତି ବା ତାକୁ ଗ୍ରହଣ କରିନିଅନ୍ତି, ସେତେବେଳେ ତାହା ହୋଇଯାଏ ଲୋକ ସାହିତ୍ୟ। ତେଣୁ ଲୋକ ସାହିତ୍ୟରେ ଲୋକ ସଂସ୍କୃତିର ପ୍ରତିଟି ବିଭବ ପଲ୍ଲୀ ଜନତା ଦ୍ୱାରା ସମାନ ଭାବରେ ଆଦୃତ।

**ଲୋକ ଉପାଦାନ**: ଉପାଦାନ ଶବ୍ଦର ଅର୍ଥ ପ୍ରାୟତଃ ସମସ୍ତଙ୍କୁ ଜଣା। ଯାହାର ଅର୍ଥ ହେଉଛି ଉପକରଣ ବା ଆନୁସଙ୍ଗିକ ଦ୍ରବ୍ୟ। ଲୋକ ଉପାଦାନ କହିଲେ ଏଇଆ ବୁଝିବାକୁ ହେବ ଯାହା ଲୋକ ଜୀବନକୁ ମାର୍ଜିତ, ରୁଚିବନ୍ତ, ସଂସ୍କୃତି ସମ୍ପନ୍ନ ଓ ଶିକ୍ଷିତ କରେ ତାହା ହେଉଛି ଲୋକ ଉପାଦାନ। ଯାହା ବିନା ଲୋକର ଜୀବନ ସ୍ୱୟଂସମ୍ପୂର୍ଣ୍ଣ ନୁହେଁ, ତାହା ହେଉଛି ଲୋକ ଉପାଦାନ। ମନୁଷ୍ୟ ସମାଜରେ ବସବାସ କରିବା ଓ ଜୀବନ ଧାରଣ କରିବାପାଇଁ ଏହି ଉପକରଣଗୁଡ଼ିକର ଅପରିହାର୍ଯ୍ୟ ଆବଶ୍ୟକତା ରହିଛି। ଏହାର ଅଭାବ ରହିଲେ ମନୁଷ୍ୟ ହୋଇଯାଏ ଅଚଳ ଓ ପ୍ରାଣଶୂନ୍ୟ।

ସାଧାରଣତଃ ସାହିତ୍ୟ ଲୋକକୁ କେନ୍ଦ୍ର କରି ରଚିତ। ତେଣୁ ସାହିତ୍ୟର ପ୍ରଥମ ଉପାଦାନ ହେଉଛି ଲୋକ। ଲୋକ ଜୀବନ ଯେଉଁ ଉପାଦାନ ଉପରେ ପର୍ଯ୍ୟବେସିତ ସେହିସବୁ ଉପକରଣଗୁଡ଼ିକ ହେଉଛି- ଲୋକ ସାହିତ୍ୟ, ଲୋକଗୀତ, ଢଗଢ଼ମାଳି, ପ୍ରବାଦ ପ୍ରବଚନ, ଲୋକବାଣୀ, ଲୋକ କାହାଣୀ, ଲୋକ ନାଟକ, ଲୋକଚାର, ଲୋକ ବିଶ୍ୱାସ, ଲୋକ କ୍ରୀଡ଼ା ପ୍ରଭୃତି ଅନ୍ୟତମ ।

**ସାହିତ୍ୟରେ ଲୋକ ଉପାଦାନର ଆବଶ୍ୟକତା :** ଲୋକକୁ ଛାଡ଼ି ସାହିତ୍ୟର ପରିକଳ୍ପନା ଅସମ୍ଭବ। ସେ ବିଦଗ୍ଧ ସାହିତ୍ୟ ହେଉ କି ଲୋକ ସାହିତ୍ୟ ପ୍ରତିଟି କ୍ଷେତ୍ରରେ ଲୋକର ଉପସ୍ଥିତି ଏକାନ୍ତକାମ୍ୟ। ସଭ୍ୟତା ଓ ବିଜ୍ଞାନର ଅଗ୍ରଗତି, ମୁଦ୍ରଣ ଯନ୍ତ୍ରର ପ୍ରତିଷ୍ଠା, ଶିକ୍ଷା ବିସ୍ତାର ପ୍ରଭୃତି ମୌଖିକ ସାହିତ୍ୟକୁ ବିସ୍ମୃତି ପଥରେ ଛାଡ଼ିଦେଇ ବିଦଗ୍ଧ ସାହିତ୍ୟର ହାତ ଧରି ଆଗକୁ ବଢ଼ିଥିଲା। କିନ୍ତୁ ଯେତେବେଳେ ସାହିତ୍ୟିକମାନଙ୍କର ଉପଲବ୍ଧି ହେଲା ଅତୀତ ପ୍ରବଣତା ଓ ଐତିହ୍ୟ ପ୍ରୀତିକୁ ଛାଡ଼ି ସାହିତ୍ୟ ରଚନା ଅସମ୍ପୂର୍ଣ୍ଣ, ସେତେବେଳେ ସେମାନେ ଲୋକସାହିତ୍ୟ ବା ଲୋକସଂସ୍କୃତି ପ୍ରତି ଆକର୍ଷିତ ହେବା ସ୍ୱାଭାବିକ କଥା। ଏହା କେବଳ ଭାରତୀୟ ସାହିତ୍ୟରେ ନୁହେଁ ବିଶ୍ୱ ସାହିତ୍ୟ ପ୍ରତି ମଧ୍ୟ ପ୍ରଯୁଜ୍ୟ। କାରଣ ଲୋକସଂସ୍କୃତି ଭିତରେ ଗୋଟିଏ ଜାତି ବା ସଭ୍ୟତାର ସୁନୀଳ ଇତିହାସ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇଥାଏ। ସେହି ଐତିହ୍ୟ ସମ୍ପର୍ଣ୍ଣ କଥା ଓ ସଂସ୍କୃତିକୁ ବିଦଗ୍ଧ ସାହିତ୍ୟରେ ବ୍ୟବହାର(କୃତ୍ରିମ ଭାବରେ ନହୋଇ ସ୍ୱାଭାବିକ ଭାବରେ) କରି ଲୋକ ଚେତନାରେ ଐତିହ୍ୟପ୍ରବଣତା ଓ ଅତୀତପ୍ରୀତିକୁ ଉଜ୍ଜୀବିତ କରିବା ହେଉଛି ଆଧୁନିକ ସାହିତ୍ୟିକମାନଙ୍କର ପ୍ରମୁଖ ଲକ୍ଷ୍ୟ। ସାହିତ୍ୟ କେବଳ ବିଦଗ୍ଧ ଜନତା ମଧ୍ୟରେ ସୀମାବଦ୍ଧ ନରହି ପଲ୍ଲୀଜନତା ନିକଟରେ ପହଞ୍ଚିପାରୁ ଏ ପ୍ରକାର ଆଦର୍ଶ କଥା ବ୍ୟକ୍ତ କରୁଥିଲେ ଗୋପବନ୍ଧୁ ଦାସ। ଗୋପବନ୍ଧୁଙ୍କ ସେହି ଆଦର୍ଶ ବକ୍ତବ୍ୟକୁ ବ୍ୟକ୍ତ କରିବାକୁ ଯାଇ ମହେନ୍ଦ୍ର କୁମାର ମିଶ୍ର ତାଙ୍କର ଲୋକ ସାହିତ୍ୟ ପରିକ୍ରମା ପୁସ୍ତକରେ ଉଲ୍ଲେଖ କରିଛନ୍ତି - "ସମାଜର କେତେକ ଉଚ୍ଚ ଶ୍ରେଣୀର ଲୋକେ ସମଗ୍ର ଜାତି ହୋଇଥିଲେ ଲୌକିକ ସାହିତ୍ୟର ପ୍ରୟୋଜନ ହୁଅନ୍ତା ନାହିଁ। ମାତ୍ର ଯେଉଁମାନେ ବିଲରେ ହଳ କରୁଛନ୍ତି, ବଗିଚାରେ ପାଣି ବୋହୁଛନ୍ତି, ଜଙ୍ଗଲରେ କାଠ କାଟୁଛନ୍ତି, ତନ୍ତ ଶାଳରେ ଲୁଗା ବୁଣୁଛନ୍ତି, ସେ ଶ୍ରେଣୀର ଅଶିକ୍ଷିତ ଓ ଅର୍ଦ୍ଧ ଶିକ୍ଷିତ ଜନସାଧାରଣ ଯେ ଜାତିର ଗଣ୍ଡି। ଉଚ୍ଚ ଶ୍ରେଣୀର କେତେକ ଲୋକେ ମସ୍ତିଷ୍କ ହୋଇପାରନ୍ତି ମାତ୍ର ସାଧାରଣ ମନରେ ଜାତିର ହୃଦୟ ଓ ଆତ୍ମାର ସ୍ଥାନ। ସେମାନଙ୍କ ପ୍ରାଣରେ ସୌନ୍ଦର୍ଯ୍ୟ ଗ୍ରହଣର ପିପାସା ଅଛି। ଆହ୍ଲାଦ ଆମୋଦର ପ୍ରବୃତ୍ତି ଅଛି। ଉନ୍ନତିର ଆକାଂକ୍ଷା ମଧ୍ୟ ଅଛି। ଏହି ଆକାଂକ୍ଷା ଓ ପ୍ରବୃତ୍ତିର ସକଳର ତୃପ୍ତି ନିମନ୍ତେ ସେମାନେ ଲୋଡ଼ନ୍ତି ଉପଯୋଗୀ ସାହିତ୍ୟ। ନପାଇଲେ ସେମାନଙ୍କ ହୃଦୟର ଭାବ ମରିଯିବ ନହେଲେ ବିପଥରେ ଚାଲିବ।(୧)

**ଓଡ଼ିଆ ସାହିତ୍ୟରେ ଲୋକ ଉପାଦାନର ବ୍ୟବହାର :** ଓଡ଼ିଆ ସାହିତ୍ୟରେ ସମସ୍ତ ବିଭାଗ ଯଥା - କବିତା, ଗଳ୍ପ, ନାଟକ, ଉପନ୍ୟାସ, କ୍ଷୁଦ୍ରଗଳ୍ପ, ଆତ୍ମଜୀବନୀରେ ଲୋକ ଉପାଦାନର ବହୁଳ ବ୍ୟବହାର ହେଉଥିବାର ପରିଲକ୍ଷିତ ହୁଏ। କବିତା କ୍ଷେତ୍ରରେ ରାଧାନାଥ ରାୟ, ଫକୀରମୋହନ ସେନାପତି, ନନ୍ଦକିଶୋର ବଳ, ଗଙ୍ଗାଧର ମେହେର, ଗୋପବନ୍ଧୁ ଦାସ ଗୋଦାବରୀଶ ମହାପାତ୍ର, ନୀଳକଣ୍ଠ ଦାସ, ମାୟାଧର ମାନସିଂହ ତଥା ବର୍ତ୍ତମାନ ସମୟରେ ଅନେକ ଆଧୁନିକ କବିଙ୍କ ରଚନାରେ ଲୋକ ଉପାଦାନର ଚିତ୍ର ପାଠକ ଲକ୍ଷ୍ୟ କରିପାରିବେ। ସେହିପରି ନାଟକ କ୍ଷେତ୍ରରେ ମନୋରଞ୍ଜନ ଦାସ, ବିଜୟ ଶତପଥୀ, ବିଜୟ ମିଶ୍ର, ନାରାୟଣ ସାହୁ, ଶଙ୍କରପ୍ରସାଦ ତ୍ରିପାଠୀ, ରମେଶ ପ୍ରସାଦ ପାଣିଗ୍ରାହୀ ପ୍ରଭୃତି ନାଟ୍ୟକାରମାନେ ନାଟକରେ ଲୋକ ଉପାଦାନର ପ୍ରୟୋଗ କରି ନାଟକକୁ ଲୋକାଭିମୁଖୀ କରିବାରେ ବେଶ୍ ସଫଳ ହୋଇପାରିଛନ୍ତି। ସେହିପରି ଗଳ୍ପରେ ଲୋକ ଉପାଦାନର ପ୍ରୟୋଗ ଦେଖିବାକୁ ମିଳେ ଫକୀରମୋହନ ସେନାପତି, ଦୟାନିଧି ମିଶ୍ର, ତାରିଣୀଚରଣ ରଥ, ବାଙ୍କନିଧି ପଟ୍ଟନାୟକ, ଲକ୍ଷ୍ମୀକାନ୍ତ ମହାପାତ୍ର, ଚିନ୍ତାମଣି ମହାନ୍ତି ତଥା ସ୍ୱାଧୀନତା ପରବର୍ତ୍ତୀ ବହୁ ବିଶିଷ୍ଟ ଗାଳ୍ପିକଙ୍କ ଗଳ୍ପରେ। ଆତ୍ମଜୀବନୀ ରଚୟିତାଙ୍କ ଆତ୍ମଜୀବନୀରେ ଲୋକ ଉପାଦାନ ସ୍ୱାଭାବିକ ଭାବରେ ଉତ୍କୀର୍ଣ୍ଣ ହୋଇ ଉଠିଛି ଏହା ଯେକୌଣସି ସଚେତନ ପାଠକ ନିବିଡ଼ ଭାବରେ ଅନୁଭବ କରିପାରିବ।

**ଓଡ଼ିଆ ଆତ୍ମଜୀବନୀରେ ଲୋକ ଉପାଦାନ:** ସାହିତ୍ୟର ଅନ୍ୟାନ୍ୟ ବିଭାଗ ଭଳି ଆତ୍ମଜୀବନୀର ଲେଖକମାନେ ଆତ୍ମଜୀବନୀରେ ସଚେତନ ଭାବରେ ଲୋକ ଉପାଦାନର ବ୍ୟବହାର କରିନାହାନ୍ତି। ଆତ୍ମଜୀବନୀରେ ଲୋକ ଉପାଦାନର ଉପସ୍ଥିତି ସ୍ୱାଭାବିକ ଓ ସ୍ୱତଃସ୍ଫୂର୍ତ୍ତ ଭାବରେ ହୋଇଛି ଏହା ଯେକେହି ଉପଲବ୍ଧି କରିପାରିବେ। ଆତ୍ମଜୀବନୀ ଲେଖକ ନିଜ ସମ୍ପର୍କରେ ତଥା ସମାଜ ସମ୍ପର୍କରେ ବକ୍ତବ୍ୟ ଉପସ୍ଥାପନ କଲାବେଳେ ଲୋକ ଜୀବନର ସେସବୁ ଉପକରଣଗୁଡ଼ିକ ଆପେ ଆପେ ତା'ର ବର୍ଣ୍ଣନାର ପରିସର ଭିତରକୁ ଚାଲିଆସେ। ମନୁଷ୍ୟ ଯେତେ ସଭ୍ୟ ଶିକ୍ଷିତ ହେଲେ ମଧ୍ୟ ନିଜ ସଂସ୍କୃତିଠାରୁ ସେ ସଂପୂର୍ଣ୍ଣ ଭାବରେ ବିଚ୍ଛିନ୍ନ ହୋଇପାରେ ନାହିଁ।

ଅତୀତର ଇତିହାସ ଓ ପରମ୍ପରାକୁ ଜାଣିବାକୁ ହେଲେ ଲୋକ ସଂସ୍କୃତିକୁ ଜାଣିବା ଏକାନ୍ତ ଅପରିହାର୍ଯ୍ୟ। ଆଧୁନିକ ମନୁଷ୍ୟକୁ ଅତୀତ ସହିତ ଯୋଡ଼ିବା ତଥା ଐତିହ୍ୟ ଓ ଗୌରବମୟ ଇତିହାସ ସମ୍ପର୍କରେ ସୁନିର୍ଦ୍ଦିଷ୍ଟ ଜ୍ଞାନ ପ୍ରଦାନ କରିବାପାଇଁ ଆତ୍ମଜୀବନୀ ରଚୟିତାମାନେ ଯେଉଁ ପ୍ରୟାସ କରିଛନ୍ତି ବାସ୍ତବରେ ତାହା ପ୍ରଶଂସାର ବିଷୟ। ଏ ପ୍ରବନ୍ଧରେ ଏକବିଂଶ ଶତାବ୍ଦୀର ସମସ୍ତ ଆତ୍ମଜୀବନୀ ସମ୍ପର୍କରେ ଆଲୋଚନା କରିବାର ଦୁର୍ବାର ବାସନା ଥିଲେ ମଧ୍ୟ, ସମୟ ଓ ପରିସରର ଅଭାବରୁ ସମସ୍ତ ଆତ୍ମଜୀବନୀକୁ ଆଲୋଚନାର ପରିସରଭୁକ୍ତ କରିପାରି ନାହିଁ ।

**ଲୋକଗୀତ**: ଓଡ଼ିଆ ଆତ୍ମଜୀବନୀରେ ବହୁସ୍ଥଳରେ ଲୋକଗୀତର କ୍ରମପ୍ରବାହ ଧାରା ଦେଖିବାକୁ ମିଳେ। ବିଭିନ୍ନ ଲୋକଗୀତ, ଢଗଢ଼ମାଳି, ପ୍ରବାଦ ପ୍ରବଚନ, ଲୋକବାଣୀ, ନୀତିବାଣୀ, ଲୋକୋକ୍ତି ପ୍ରଭୃତି ଆତ୍ମଜୀବନୀର ଛତ୍ରେ ଛତ୍ରେ ବ୍ୟବହାର ହୋଇ ଆତ୍ମଜୀବନୀକୁ କରିଛି ମଧୁସିକ୍ତ। ନିଜ ସଂସ୍କୃତି ଓ ଲୋକ ସାହିତ୍ୟରୁ ସେସବୁ ସାଉଁଟି ଆଣି ନିଜେ ପ୍ରଭାବିତ ହେବା ଏବଂ ପରବର୍ତ୍ତୀ ପୀଢ଼ି ପାଇଁ ଛାପ ଛାଡ଼ିଯିବା

ସକାଶେ ଆତ୍ମଜୀବନୀ ରଚୟିତାମାନେ ଯେଉଁ ପ୍ରୟାସ କରିଛନ୍ତି, ବାସ୍ତବରେ ତାହା ପ୍ରଶଂସନୀୟ। ଲୋକକବିର ଭାବାବେଗ ଯେତେବେଳେ ଆତ୍ମଜୀବନୀ ରଚୟିତାଙ୍କ ଭାବାବେଗରେ ପରିଣତ ହୋଇଯାଏ ସେତେବେଳେ ଆତ୍ମଜୀବନୀରେ ପ୍ରବାହିତ ହୋଇଯାଏ ଲୋକ ସଙ୍ଗୀତର ଉଚ୍ଛୁଳା ଜଳଧାରା, ଯାହା କେବଳ ପାଠକକୁ ଆବେଗସିକ୍ତ କରେ ତାହା ନୁହେଁ; ତାହାର ବୌଦ୍ଧିକ ଚେତନାକୁ ସ୍ପର୍ଶ କରି ବୁଦ୍ଧିଦୀପ୍ତ କରିବାରେ ନେଇଥାଏ ପ୍ରମୁଖ ଭୂମିକା। ଲୋକସଙ୍ଗୀତର ସେହି ସମୃଦ୍ଧ ପରମ୍ପରା ଶରତଚନ୍ଦ୍ର ପ୍ରଧାନ, ବୈଷ୍ଣବ ଚରଣ ସାମଲ, ପ୍ରତିଭା ଶତପଥୀଙ୍କ ଆତ୍ମଜୀବନୀରେ କିଭଳି ଜୀବନ୍ତ ଭାବରେ ପ୍ରତିଫଳିତ ତାହା ସଚେତନ ପାଠକ ଅନୁଭବ କରିପାରିବେ।

**ସାହିତ୍ୟର ସେବାୟତ- ଶରତଚନ୍ଦ୍ର ପ୍ରଧାନ**

୧- ପାଗ ବାନ୍ଧୁ ବାନ୍ଧୁ କଚେରୀ ବରଖାସ୍ତ, ପୃଷ୍ଠା-୧୯

୨- କଟକର ଚିନ୍ତା ବାଇମୁଣ୍ଡିକି, ପୃଷ୍ଠା- ୫୭

୩- ଅଇଲା କଳାପାହାଡ଼/ଭାଙ୍ଗିଲା ଲୁହାର ବାଡ଼/ପିଇଲା ମହାନଦୀ ପାଣି/ ସୁବର୍ଣ୍ଣ ଥାଳିରେ ହୀରା ପରଷିଲେ ମୁକୁନ୍ଦ ଦେବଙ୍କ ରାଣୀ, ପୃଷ୍ଠା-୫୮

୪- ଦୁବ ବଢୁଥାଏ କାକର ପାଇଲୋ ବୋଉ/ ମୁଁ ବି ବଢୁଥିଲି ସେନେହ ପାଇ, ଲୋ ବୋଉ/ ଦୁବକୁ କାକର ସହଜ ନାଇଁ ଲୋ ବୋଉ/ ତୋହରି ସେନେହ ରହିବ କାହିଁ, ଲୋ ବୋଉ। ପୃଷ୍ଠା-୯୯

୫- ବିଶ୍ୱାସେ ମିଳଇ ହରି, ତର୍କ ବହୁଦୂରେ। ପୃଷ୍ଠା-୧୧୧

୬- ରଜାର ପୀରତି ବାଲିର ବନ୍ଧ/କ୍ଷଣକେ କୋରଡ଼ା କ୍ଷଣକେ ଚାନ୍ଦ, ପୃଷ୍ଠା-୧୭୧

୭-ଅଗ୍ନିଶର୍ମା , ପୃଷ୍ଠା-୧୫୪

୮- ଆକାଶ କଇଁଆ ଚିଲିକା ମାଛ, ପୃଷ୍ଠା-୧୮

**ଜଣେ ବଣା ବାଟୋଇର କାହାଣୀ- ବୈଷ୍ଣବ ଚରଣ ସାମଲ**

୯-ସ୍ୱର୍ଗକୁ ନିଶୁଣି ନାହିଁ, ବଡ଼ ଲୋକଙ୍କୁ ଉତ୍ତର ନାହିଁ,ପୃଷ୍ଠା-୨୪

୧୦- ମାରନା ମୁଁ ମଲିଣି/ବଇଠା ଲଗାଇ ଦେଖନି ମୁଁ ପୋଇ ଖାଇ ପରି ହେଲିଣି, ପୃଷ୍ଠା-୨୪

୧୧- ଆବେ ପର୍ଶୁ ଯାବେ ପର୍ଶୁ, ବାବୁ ପର୍ଶୁରାମ, ପଇସା କ୍ୟା ନକରେ କାମ, ପୃଷ୍ଠା-୨୬

**ଶୈଶବରୁ ସଂସାର- ପ୍ରତିଭା ଶତପଥୀ**

୧୨- ହଡ଼ାର ବେଦନା କୁଆ ନଜାଣେ/ ନା ଠକ ଠକ କରି ଠେଙ୍ଗିରେ ହାଣେ, ପୃଷ୍ଠା-୮୨

୧୩- ଯା' ପ୍ରୀତି ସୋଦରେ ନାସ୍ତି/ ତା' ପ୍ରୀତି ଇତରେ ଜନା, ପୃଷ୍ଠା-୮୨

୧୪- ପାଖରେ ଶୁଏ କାନରେ କୁହେ/ତା କଥାକି ଅନ୍ୟଥା ହୁଏ, ପୃଷ୍ଠା-୮୩

୧୫- ନିର୍ଲଜ ଲାଉ ଟେକି ଟାକି ଦେଲେ ପିତାକୁ ଯାଉ,ପୃଷ୍ଠା-୮୩

୧୬- ଖା' ମୁଡ଼ି ପି' ପାଣି/ବାପା ଯାଇଛି ବଇଦ ଆଣି,ପୃଷ୍ଠା-୮୪

୧୭- ଅନ୍ତେ ତିକ୍ତ ଦନ୍ତେ ଲୁଣ/ ଭାତ ଖାଇବ ତିନି କୋଣ, ପୃଷ୍ଠା-୮୪

୧୮- ମୁଣ୍ଡରେ ପଗଡ଼ି ପାଦରେ ତେଲ/ବଇଦ ସାଙ୍ଗରେ କରିବ ଗେଲ, ପୃଷ୍ଠା-୮୪

**ଲୋକ ବିଶ୍ୱାସର ଚିତ୍ର:** ପ୍ରାଚୀନ କାଳରୁ ଲୋକ ବିଶ୍ୱାସ ମନୁଷ୍ୟ ମନରେ ବଳବତ୍ତର ହୋଇ ରହିଆସିଛି। ମନୁଷ୍ୟ ଯେତେ ଶିକ୍ଷିତ ହେଲେବି ସମାଜ ଓ ପରମ୍ପରାରେ ରହିଆସିଥିବା ଲୋକବିଶ୍ୱାସକୁ କେବେବି ଉପେକ୍ଷା କରିପାରିନାହିଁ। ମଙ୍ଗଳ-ଅମଙ୍ଗଳ, ଶୁଭ-ଅଶୁଭ ପ୍ରଭୃତି ତା'ର ଚେତନାକୁ ଶୈଶବରୁ କବଳିତ କରି ଆସିଛି। ତେଣୁ ଯେକୌଣସି କାର୍ଯ୍ୟ ଆରମ୍ଭ କଲାବେଳେ ତାହାର ମଙ୍ଗଳ ବିଧାନ ନିମନ୍ତେ ଈଶ୍ୱରବିଶ୍ୱାସୀ ବ୍ୟକ୍ତି ଭଗବାନଙ୍କୁ ସ୍ମରଣ କରି କାର୍ଯ୍ୟ ଆରମ୍ଭ କରିଥାନ୍ତି। ଆତ୍ମଜୀବନୀ ରଚୟିତାମାନେ ସେହି ସମାଜରେ ବସବାସ କରୁଥିବାରୁ ଏବଂ ତାହାର ସଂସ୍ପର୍ଶରେ ଆସୁଥିବାରୁ ଅନୁରୂପ ବର୍ଣ୍ଣନା ସେମାନଙ୍କ ଆତ୍ମଜୀବନୀରେ ପ୍ରତିଫଳିତ ହେବା ସ୍ୱାଭାବିକ। ଅଶୁଭ ଶକୁନ, ଗୁଣିଗାରେଡ଼ି, ଅନ୍ଧବିଶ୍ୱାସ ଆଜିର ସମୟରେ ବି କିପରି ଆଧିପତ୍ୟ ବଜାୟ ରଖିଛି ତାହା ଶରତଚନ୍ଦ୍ର ପ୍ରଧାନଙ୍କ ସାହିତ୍ୟର ସେବାୟତ, ବୈଷ୍ଣବ ଚରଣ ସାମଲଙ୍କ ଜଣେ ବଣା ବାଟୋଇର କାହାଣୀ, ନିତ୍ୟାନନ୍ଦ ଶତପଥୀଙ୍କ ଶୈଶବରୁ ଅବସର ଆତ୍ମଜୀବନୀ ପାଠ କଲେ ଅତି ସହଜରେ ଉପଲବ୍ଧି କରିହୁଏ ।

ପିଲାଙ୍କ ପ୍ଲିହା ଓ ପେଟବ୍ୟଥାରୁ ଉପଶମ କରିବା ପାଇଁ ଅତୀତରେ ଚେଙ୍କ ଦିଆଯାଉଥିଲା। କେବଳ ଅତୀତ ନୁହେଁ ସଂପ୍ରତି ବି ଏଭଳି ଦୃଶ୍ୟ ଅନେକ ସ୍ଥାନରେ ଦୃଷ୍ଟିଗୋଚର ହୁଏ। ହୁଏତ ଏହାଦ୍ୱାରା ପ୍ଲିହା ବା ପେଟବ୍ୟଥା କମିବାର ସତ୍ୟତା ଥାଇପାରେ ବା ନଥାଇପରେ କିନ୍ତୁ ମନୁଷ୍ୟ ଭିତରେ ସେହି ବିଶ୍ୱାସ ଚିରକାଳ ଦୃଢ଼ ହୋଇ ରହିଛି ଯାହାକୁ ଅସ୍ୱୀକାର କରାଯାଇନପାରେ। ଶରତଚନ୍ଦ୍ର ପ୍ରଧାନଙ୍କ ଆତ୍ମଜୀବନୀ 'ସାହିତ୍ୟର ସେବାୟତ' ପାଠ କଲେ ପ୍ରତିଟି ସଚେତନ ପାଠକ ଏହା ଅନୁଭବ କରିପାରିବେ। ଏ ସମ୍ପର୍କରେ ସେ କୁହନ୍ତି - "ଏବେ ଜାଣୁଛି ଦେହରେ ଚିତା କୁଟାଇବା, ଦାଗି ଦେବା କିମ୍ବା ଜୀବଜନ୍ତୁର ପ୍ରତିକୃତିକୁ ହାତ, ଗୋଡ଼ ବା ଦେହରେ ଅଙ୍କେଇବା ଏକ ଜନଜାତିଗତ ବିଶ୍ୱାସର ସଙ୍କେତାତ୍ମକ ପରିପ୍ରକାଶ ବା ଟୋଟେମ। ଜନଜାତିର ମଣିଷ କହେ ଏ ଚିହ୍ନଟି ବା ଏ ଦାଗଟି ଥିଲେ ଦେବତାର ରୋଷ ପଡ଼ିବ ନାହିଁ। ରୋଗବାଗ ହେବନାହିଁ କିମ୍ବା ମୃତ୍ୟୁ ପରେ ଦାଗ ଲାଞ୍ଛନଧାରୀ ମାନବାତ୍ମାକୁ ଯମଦେବତା ଯନ୍ତ୍ରଣା ଦେବେ ନାହିଁ (ପ୍ରଧାନ ଶରତଚନ୍ଦ୍ର, ସାହିତ୍ୟର ସେବାୟତ, ପୃଷ୍ଠା-୬୨)

ବିଜ୍ଞାନର ଅଶେଷ ପ୍ରଗତି ସାଧିତ ହୋଇଥିଲେବି ଏକବିଂଶ ଶତାବ୍ଦୀର ମନୁଷ୍ୟ ଅନ୍ଧବିଶ୍ୱାସର କବଳରୁ ମୁକ୍ତ ହୋଇପାରି ନାହିଁ। ହଇଜା ବସନ୍ତ ରୋଗକୁ ଠାକୁରାଣୀଙ୍କ ରୋଷରୁ ସୃଷ୍ଟି ହୋଇଛି ବୋଲି ବର୍ତ୍ତମାନ ସମୟରେ ବି ଲୋକଙ୍କ ଧାରଣା ରହିଛି। ଲୋକଙ୍କୁ ସଚେତନ କଲେ ମଧ୍ୟ ସେମାନେ ଏହି ବାସ୍ତବ ସତ୍ୟକୁ ଗ୍ରହଣ କରିବାକୁ ନାରାଜ। ବୈଷ୍ଣବ ଚରଣ ସାମଲ ତାଙ୍କ ଆତ୍ମଜୀବନୀରେ ଏହି ଅନ୍ଧବିଶ୍ୱାସ ସମ୍ପର୍କରେ ସବିଶେଷ ବିବରଣୀ ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ସେ ଲେଖିଛନ୍ତି- "ସେତେବେଳେ ଗାଁରେ ହଇଜା ପ୍ରବଳ ହେଉଥାଏ। ବସନ୍ତ ରୋଗ ବି ହେଉଥାଏ। ଗାଁ ଲୋକଙ୍କର ବିଶ୍ୱାସ ଯିଏ କୁଆଡ଼େ ଗାଁ ଠାକୁରାଣୀଙ୍କ କୋପରୁ ହୁଏ। XXX କୌଣସି କୌଣସି ରୋଗୀ କହନ୍ତି- ଆମେ ସାତଭଉଣୀ ଆସିଛୁ। ଏତେ ମୁଣ୍ଡ ନେବୁ। ଆତଙ୍କ ଖେଳିଯାଏ ଗାଁରେ। ସନ୍ଧ୍ୟାପୂର୍ବରୁ ପ୍ରତ୍ୟେକ ଘରର ତାଟି କବାଟ ବନ୍ଦ ହୋଇଯାଏ। ହଇଜା ଯେ ଦୂଷିତ

ଜଳ ଓ ଖାଦ୍ୟରୁ ହେଉଛି ଏଥିରେ ଲୋକଙ୍କ ବିଶ୍ୱାସ ନଥାଏ।" (ସାମଲ ବୈଷ୍ଣବ ଚରଣ, ଜଣେ ବଣା ବାଟୋଇର କାହାଣୀ, ପୃଷ୍ଠା-୧୯)

ଏକବିଂଶ ଶତାବ୍ଦୀର ଲେଖକ ଲେଖିକାମାନେ ମଧ୍ୟ ଜ୍ୟୋତିଷ ବିଦ୍ୟା ପ୍ରଭାବରୁ ମୁକ୍ତ ହୋଇପାରିନାହାନ୍ତି। ପ୍ରାଚୀନ କାଳରୁ ଅଦ୍ୟାବଧି ପର୍ଯ୍ୟନ୍ତ ଜ୍ୟୋତିଷ ଶାସ୍ତ୍ରର ପ୍ରଭାବ ସମାଜରେ ରହିଆସିଛି। ଜ୍ୟୋତିଷମାନଙ୍କ କଥାରେ ସତ୍ୟାସତ୍ୟ ଥାଉ ଅବା ନଥାଉ, କିନ୍ତୁ ସବୁକଥା ସତ୍ୟ ବୋଲି ଗ୍ରହଣ କରିନିଏ ଆଜିର ମନୁଷ୍ୟ। ପ୍ରତିଭା ଶତପଥୀଙ୍କ 'ଶୈଶବରୁ ସଂସାର' ଆତ୍ମଜୀବନୀରୁ ପାଠକ ଏହାର ବଳିଷ୍ଠ ପରିଚୟ ପାଇପାରିବେ। ଏ ସମ୍ପର୍କରେ ସେ ଲେଖିଛନ୍ତି- "ଜ୍ୟୋତିଷ ବିଦ୍ୟା ଧୁରନ୍ଧର ପ୍ରାଧ୍ୟାପକ ଶ୍ରୀଯୁକ୍ତ ଦେବରାଜ ପାଠୀ ମୋର ସହକର୍ମୀ ଥା'ନ୍ତି। ତାଙ୍କୁ ଦିନେ ଅନୁରୋଧ କଲି, ସାର୍ ଶନିଚନ୍ଦ୍ର ବିଷଯୋଗଟା କ'ଣ? ମୋ ଜାତକରେ ଅଛି ଯେ। ସେ ମୋତେ ବୁଝାଇଦେଲେ ସିଂହର ପରାକ୍ରମ ଥିଲେ ମଧ୍ୟ ମେଣ୍ଢାଟିଏ ଫଳ ମିଳିବ। ତେବେ ଉଦଯୋଗୀ ହୋଇଥିଲେ ଟଙ୍କାକେ ଚାରଣା ଫଳ ମିଳିପାରେ। ମୁଁ ଜାତକରେ ବିଶ୍ୱାସୀ ହେଲେହିଁ ଉତ୍ତମ କର୍ମରେ ମଧ୍ୟ ବିଶ୍ୱାସ ରଖିଥାଏ। ତାହା ସହିତ ଶନିଚନ୍ଦ୍ର ବିଷଯୋଗକୁ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ପ୍ରତ୍ୟକ୍ଷ କରିବାରେ ଲାଗିଥାଏ।"(ଶତପଥୀ ପ୍ରତିଭା, ଶୈଶବରୁ ସଂସାର, ପୃଷ୍ଠା-୧୦)

**ଲୋକ ସଂସ୍କୃତି:** ଏକବିଂଶ ଶତାବ୍ଦୀର ଓଡ଼ିଆ ଆତ୍ମଜୀବନୀରେ ପ୍ରାଚୀନ ଉତ୍କଳୀୟ ଲୋକ ସଂସ୍କୃତିର ସମୃଦ୍ଧ ଚିତ୍ର ଦେଖିବାକୁ ମିଳେ। ବିଶେଷ କରି ପ୍ରାଚୀନ ଲୋକସଂସ୍କୃତି ଓ ପରିବର୍ତ୍ତିତ ଲୋକସଂସ୍କୃତିର ଏକ ସମୁଜ୍ଜ୍ୱଳ ଚିତ୍ର ପାଠକ ଆତ୍ମଜୀବନୀରେ ଲକ୍ଷ୍ୟ କରିପାରିବେ। ଏକବିଂଶ ଶତାବ୍ଦୀର ପ୍ରତିଟି ମଣିଷ ଆଧୁନିକ ଶିକ୍ଷା ସଭ୍ୟତାଦ୍ୱାରା ଶିକ୍ଷିତ ତଥା ପ୍ରଭାବିତ। ଯାହାଫଳରେ ଗୋଟିଏ ଗୋଷ୍ଠୀ ପାଶ୍ଚାତ୍ୟ ସଂସ୍କୃତିଦ୍ୱାରା ପ୍ରଭାବିତ ହୋଇ ନିଜର ସଂସ୍କୃତିରେ ପରିବର୍ତ୍ତନ ଆଣିଛନ୍ତି, ଯାହାକୁ ପରିବର୍ତ୍ତିତ ଲୋକ ସଂସ୍କୃତି ବୋଲି କୁହାଯାଇପାରିବ। ଯେଉଁ ଗୋଷ୍ଠୀ ନିଜର ପ୍ରାଚୀନ ଲୋକ ସଂସ୍କୃତି ମଧ୍ୟରେ ଆବଦ୍ଧ ହୋଇରହିଛନ୍ତି, ସେହିମାନଙ୍କର ସଂସ୍କୃତି ହେଉଛି ପ୍ରାଚୀନ ଲୋକସଂସ୍କୃତି। ଏହିଭଳି ଭାବରେ ପ୍ରାଚୀନ ଲୋକସଂସ୍କୃତି ଓ ପରିବର୍ତ୍ତିତ ଲୋକସଂସ୍କୃତି ଭିତରେ ସଂଘର୍ଷ ତୀବ୍ରରୂପ ଧାରଣ କରିଛି। ଧୀରେ ଧୀରେ ସାମାଜିକ ବ୍ୟବସ୍ଥାରେ ପରିବର୍ତ୍ତିତ ସଂସ୍କୃତିର ପ୍ରାଧାନ୍ୟ ବଢ଼ିବାରେ ଲାଗିଛି। ଏହି ପରିବର୍ତ୍ତିତ ସଂସ୍କୃତି ସମ୍ପର୍କରେ ଶରତଚନ୍ଦ୍ର ପ୍ରଧାନ 'ସାହିତ୍ୟର ସେବାୟତ' ଆତ୍ମଜୀବନୀ ପୁସ୍ତକରେ ଲେଖିଛନ୍ତି- "ମୋ ପରି ବର୍ଷିୟାନ ଲୋକେ କେବେ କେମିତି ପରମ୍ପରା କଥା ଉଠାଇଲେ ଆମ ନାତିନାତୁଣୀ ଆମକୁ ପୁରୁଣା କାଳିଆ ଧୋକାଡ଼ ବୋଲି କହୁଛନ୍ତି ସେମାନେ କଥାକଥାକେ ଏତେ ଜେନେରେସନ ଗ୍ୟାପ୍ (ଯା'ର ଓଡ଼ିଆ ରୂପ ପୀଢ଼ିଗତ ବ୍ୟବଧାନ) କହି ସ୍ନେହ ସୋହାଗଭରା ବୋଉ, ବାପା, ଜେଜେ ଜେଜୀ, କକା, ଖୁଡ଼ୀ, ମାମୁଁ, ମାଇଁ, ପିଇସା ପିଉସୀ ପରି ଡାକକୁ ଭୁଲି ସାରିଲେଣି। ତା ବଦଳରେ ମମି ଡାଡ଼ି, ଗ୍ରାଣ୍ଡ ପା, ଗ୍ରାଣ୍ଡ ମମ, ଅଙ୍କଲ ଆଣ୍ଟି ଡାକରେ ଗାଁ ଭୁଇଁ ଫାଟି ପଡୁଛି। ଆମେ ସବୁ ସେତେବେଳେ ଗୁରୁଜନଙ୍କୁ ଦେଖିଲେ ଓଳଗି ହେଉଥିଲୁ, ପ୍ରଣିପାତ କରୁଥିଲୁ। ଏବେ ତ କରମର୍ଦ୍ଦନ ଅବା ହାଲୋ ହାୟ ସଂସ୍କୃତି ଆମକୁ ଗ୍ରାସ କରିବାକୁ ଲାଗିଲାଣି।" (ପ୍ରଧାନ ଶରତଚନ୍ଦ୍ର, ସାହିତ୍ୟର ସେବାୟତ, ପୃଷ୍ଠା-୧୭)

ଆଦିବାସୀ ସମାଜରେ ଯୁବକଯୁବତୀ ଜୀବନସାଥୀ ବାଛିବା ଯେଉଁ ପୂର୍ଣ୍ଣ ସ୍ୱାଧୀନତା ପାଉଥିଲେ ତାହା ଧୀରେ ଧୀରେ କମିବାରେ ଲାଗିଲାଣି। ଜନଜାତି ସମାଜରେ ପ୍ରସ୍ତାବ ପଡ଼ି ବିବାହ ହେବାର ଚଳଣୀ ବିଶେଷ ନଥିଲା। ଆଦିବାସୀ ସଂସ୍କୃତି ମଧ୍ୟ ସମୟର ସୁଅରେ ପରିବର୍ତ୍ତିତ ହେବାରେ ଲାଗିଛି। ନିମ୍ନୋକ୍ତ ଦୃଷ୍ଟାନ୍ତରୁ ପାଠକ ତାହା ଲକ୍ଷ୍ୟ କରିପାରିବେ। ଏ ସମ୍ପର୍କରେ ଲେଖକ ପ୍ରଧାନ ତାଙ୍କ ଆତ୍ମଜୀବନୀରେ ଲେଖିଛନ୍ତି- "ସଞ୍ଜ ହେଲେ ବିଶେଷତଃ ଶୀତ ଦିନରେ ଆମ ଗାଁକୁ ଲାଗି ରହିଥିବା ଭୂମିଜ ସାଇରେ ଚାଙ୍ଗୁନାଚ ଆସର ଜମେ। ଯୁବକମାନେ ଚାଙ୍ଗୁ ବଜାନ୍ତି, ଯୁବତୀମାନେ ଚାଙ୍ଗୁନାଚ ର ତାଳେ ତାଳେ ଅର୍ଦ୍ଧ ମଣ୍ଡଳକାରରେ ନଇଁ ନଇଁ ନୃତ୍ୟ ଆରମ୍ଭ କରିଦିଅନ୍ତି। ଏହି ଅବସରରେ ଅବିବାହିତ ଯୁବକଯୁବତୀ ଜୀବନସାଥୀ ବାଛିବାର ଅବକାଶ ପାଇଥାନ୍ତି। ଆଜି ଅବଶ୍ୟ ସେଇ ଜନଜାତିରେ ବି ପ୍ରସ୍ତାବ ପଡ଼ି ବିବାହ ହେବାର ଚଳଣୀ ଆରମ୍ଭ ହୋଇଗଲାଣି। ଝିଙ୍କା ବିବାହ ବା ଉଦଳା ବିବାହ ପ୍ରଥା ଦିନୁ ଦିନୁ କମିଆସିଲାଣି। ଫଳରେ ସାଂସ୍କୃତିକ ଭାବବିନିମୟର ସଂଘାତ; ସବୁଠି ଲୋକାୟତ ଚେତନା ଓ ବିଦଗ୍ଧ ଭାବର କୋଳାକୋଳି ଓ ସମନ୍ୱୟ।"(ପ୍ରଧାନ ଶରତଚନ୍ଦ୍ର, ସାହିତ୍ୟର ସେବାୟତ, ପୃଷ୍ଠା-୬୩ )

ଆତ୍ମଜୀବନୀ ରଚୟିତା ସମାଜ ଓ ଲୋକ ଜୀବନ ସହ ଅନ୍ତରଙ୍ଗ ଭାବରେ ଜଡ଼ିତ ଥିବାରୁ ବହୁ ଘଟଣାକୁ ଆତ୍ମଜୀବନୀରେ ସ୍ଥାନ ଦେଇଥାଏ। ଯହିଁରୁ ଲୋକସାହିତ୍ୟ ତଥା ସମାଜର ବଳିଷ୍ଠ ତଥ୍ୟ ପାଠକ ହାସଲ କରିପାରେ। ଲୋକ ସାହିତ୍ୟ ପରି ଆତ୍ମଜୀବନୀ ପାଠକକୁ ଆନନ୍ଦ ପ୍ରଦାନ କରେ, ସଂସ୍କୃତି ସମ୍ପନ୍ନ କରେ ଏବଂ ଅଜଣା ରାଇଜରେ ପ୍ରବେଶ କରାଇ ବାସ୍ତବ ଜଗତର ନିରାଶା ଯନ୍ତ୍ରଣାଠାରୁ କ୍ଷଣିକ ସମୟ ପାଇଁ ମୁକ୍ତି ପ୍ରଦାନ କରେ।

ସହାୟକ ଗ୍ରନ୍ଥସୂଚୀ:


(୧) ସାମଲ ବୈଷ୍ଣବଚରଣ,ଜଣେ ବଣା ବାଟୋଇର କାହାଣୀ, ଦ୍ୱିତୀୟ ସଂସ୍କରଣ, ବିଜୟିନୀ ପବ୍ଲିକେଶନ୍ସ,କଟକ,୨୦୧୭ ।

(୨) ପ୍ରଧାନ ଶରତଚନ୍ଦ୍ର, ସାହିତ୍ୟର ସେବାୟତ, ପ୍ରଥମ ପ୍ରକାଶ, ବିଜୟିନୀ ପବ୍ଲିକେଶନ୍ସ, କଟକ,୨୦୧୧।

(୩) ଶତପଥୀ ପ୍ରତିଭା, ଶୈଶବରୁ ସଂସାର,ନୂତନ ସଂସ୍କରଣ, ବିଦ୍ୟାପୁରୀ, କଟକ,୨୦୧୬।

(୪) ମିଶ୍ର ମହେନ୍ଦ୍ର କୁମାର, ଲୋକ ସଂସ୍କୃତି: ସିଦ୍ଧାନ୍ତ ଓ ପ୍ରୟୋଗ, ପ୍ରଥମ ସଂସ୍କରଣ, ଓଡ଼ିଶା ରାଜ୍ୟ ପାଠ୍ୟ ପୁସ୍ତକ ପ୍ରଣୟନ ଓ ପ୍ରକାଶକ ସଂସ୍ଥା ପୁସ୍ତକ ଭବନ, ଭୁବନେଶ୍ୱର,୨୦୧୨।

BAGEESHA
ବାଗୀଶ
ଦ୍ୱିତୀୟ ବର୍ଷ, ଦ୍ୱିତୀୟ ସଂଖ୍ୟା | ମାର୍ଚ୍ଚ - ଅପ୍ରେଲ୍ ୨୦୨୪
Volume No. 02 | Issue No. 02 | Mar-Apr 2024
Refereed Peer-Reviewed Jornal

# ଓଡ଼ିଆ ଚରିତ ନାଟକ : ଏକ ଦୃଷ୍ଟିପାତ

OPEN ACCESS
https://bageesha.in

■ ଲୋଚନ ଖଣ୍ଡେଇ

ଅଧ୍ୟାପିକା, ଶ୍ରୀ ଶ୍ରୀ ବାୟାବାବା ମହାବିଦ୍ୟାଳୟ, ମହାକାଳପଡ଼ା, କେନ୍ଦ୍ରାପଡ଼ା

Article Received : 03.04.2024 | Accepted : 25.04.2024 | Published : 25.05.2024

**ସାରାଂଶ**

ଜୀବନ ଚରିତକୁ ନେଇ ସାହିତ୍ୟର ପ୍ରତିଟି ବିଭାଗ ସମୃଦ୍ଧ। ବଡ଼ ମଣିଷଙ୍କ ଜୀବନଗାଥା ପ୍ରତ୍ୟେକ ସମୟରେ ମାର୍ଗଦର୍ଶକ ପରି ପାଠକଙ୍କୁ ବାଟ କଢ଼ାଇ ନେବାରେ ସହାୟକ ହୋଇଥାଏ। ଆଧୁନିକ କାଳରେ ଚରିତନାଟକ ଏକ ପ୍ରତିଷ୍ଠିତ ବିଭାଗରୂପରେ ବିବେଚିତ ହୋଇ ସାରିଛି। ନାଟକର ବହୁବିଧ ରୂପ ମଧ୍ୟରୁ ସତସତିକା ବ୍ୟକ୍ତିତ୍ୱଙ୍କର ଜୀବନ ଆଶ୍ରିତ ଚରିତ ନାଟକ ହେଉଛି ଅନ୍ୟତମ। ବ୍ୟକ୍ତି ଜୀବନର ରସଘନ ଘଟଣାବଳୀ ଗୁଡ଼ିକ ହିଁ ଦୃଶ୍ୟ ଶ୍ରାବ୍ୟ କାବ୍ୟରେ ବର୍ଣ୍ଣିତ ହୁଏ। ଆଚାର୍ଯ୍ୟ ଭରତଙ୍କ ଦୃଷ୍ଟିରେ ଯାହା 'ଲୋକ ବୃତ୍ତାନୁ କରଣମ୍'; ଆରିଷ୍ଟୋଟଲଙ୍କ ନିକଟରେ ତାହା ଜୀବନର ଅନୁକରଣ (Imitation of Life)। ଚରିତ ନାଟକର ମୂଳଧର୍ମ ହିଁ ହେଉଛି ମହାଜନଙ୍କ ଜୀବନର ମାନଚିତ୍ର ଅଙ୍କନ କରି ଦର୍ଶକଙ୍କ ସେହି ପଥ ଅନୁସରଣ କରିବାର ପ୍ରେରଣା ଯୋଗାଇବା। ଓଡ଼ିଆ ଚରିତ ନାଟକ ରାମଶଙ୍କର ରାୟଙ୍କଠୁ ଆରମ୍ଭ କରି ନୀଳାଦ୍ରିଭୂଷଣ ହରିଚନ୍ଦନ, ଶଙ୍କର ତ୍ରିପାଠୀଙ୍କ ପରି ନାଟ୍ୟକାରଙ୍କ ହାତରେ ବୈଚିତ୍ର୍ୟମୟ ହୋଇପାରିଛି। ଓଡ଼ିଆ ଚରିତ ନାଟକର କ୍ରମ ପ୍ରବାହରେ ବିଭିନ୍ନ ପ୍ରକାର ପରୀକ୍ଷା ନିରୀକ୍ଷା, ଆହାରଣ ସମୀକରଣଦ୍ୱାରା ସମୃଦ୍ଧ ହୋଇଛି ।

ମୂଳଶବ୍ଦ: ଓଡ଼ିଆ ସାହିତ୍ୟ, ଚରିତ, ଜୀବନଗାଥା, ଚରିତ ନାଟକ, ଜୀବନବୃତ୍ତାନ୍ତ, ନାଟ୍ୟ ସାହିତ୍ୟ, ନବନାଟ୍ୟ

ଜୀବନ ଏକ କର୍ମମୟ ଯାତ୍ରା। ମଣିଷ ସେହି ଯାତ୍ରାର ପଥିକ। କର୍ମକୁ ଅହୋଭାଗ୍ୟ ମନେକରି ଚିରକାଳ ଆଗକୁ ଅଗ୍ରସର ହେବା ହିଁ ତା' ଜୀବନର ଏକମାତ୍ର ମାନଦଣ୍ଡ। କିନ୍ତୁ ମଣିଷ ସ୍ୱଭାବତଃ ଦୁର୍ବଳ। ଜୀବନର ଉତ୍ଥାନପତନ ତଥା ଅଙ୍କାବଙ୍କା ପଥରେ ଅବିଶ୍ରାନ୍ତ ଚାଲିବା ତା ପକ୍ଷରେ ଅସମ୍ଭବ ହୋଇପଡ଼େ। ସେ ବିସ୍ମରି ଯାଏ ତା'ର ସକଳ କରଣୀୟ କର୍ମର ସୂଚିପତ୍ର। ନୈରାଶ୍ୟର ଘନଅନ୍ଧକାର ଭିତରେ ବନ୍ଦୀ ସାଜି ଦୁଃଖ କ୍ଳେଶର କଣିକାକୁ ସର୍ବାଙ୍ଗରେ ଲେପନ କରି ଗାଏ ଦୁଃଖଦୋହା। ସେ ଭୁଲିଯାଏ ନିଜ ଆତ୍ମିକ ସତ୍ତାର ପରିଚୟ। ଭୁଲିଯାଏ ଯେ ସେ ହେଉଛି ଅମୃତର ସନ୍ତାନ। ଅଥଳ ସମୁଦ୍ର ଗର୍ଭରେ ଯେତେବେଳେ ସେ ବାଟବଣା ହୁଏ ସେହି ସମୟରେ ମାର୍ଗଦର୍ଶନର ଲୋଡ଼ାପଡ଼େ। ମହାପୁରୁଷଙ୍କ ତେଜମୟ ଜୀବନ ହିଁ ସେତେବେଳେ ଆକାଶଦୀପ ସାଜି ମଣିଷର ଫୁଟାଡ଼ଙ୍ଗାକୁ ବାଟ କଢ଼ାଇ କୂଳରେ ଲଗାଏ। 'ଅମୃତମୟ ଅମୃତରୟ ଭସାଇ ନେଉଛି ଜୀବନ' ପରି ଜୀବନ ସଙ୍ଗୀତ ଗାନ କରି ସାଧାରଣ ପ୍ରାଣକୁ ଉଦବୋଧିତ କରାଇ ଅସାଧାରଣ ପ୍ରାଣସତ୍ତାରେ ରୂପାନ୍ତରିତ କରାଏ। ତେବେ ସେହିପରି ଉଚ୍ଚାଙ୍ଗ ମାନବୀୟ ମୂଲ୍ୟବୋଧ ସମ୍ପନ୍ନ ବ୍ୟକ୍ତିତ୍ୱଙ୍କ ଜୀବନ ଆଧାରିତ କାହାଣୀକୁ ମଞ୍ଚର କଳାକୁଶଳତା ସହିତ ପରିବେଶିତ ନାଟକ ହିଁ ହେଉଛି ଚରିତ ନାଟକ।

ସାଧାରଣତଃ ଜୀବନ ଓ ଜଗତର ରହସ୍ୟମୟ ପ୍ରବୃତ୍ତି ଓ ଅବସ୍ଥାକୁ ଭିତ୍ତିକରି ନାଟ୍ୟ ସାହିତ୍ୟ ପରିକଳ୍ପିତ। ମାନବ ଜୀବନର ପୂର୍ଣ୍ଣାଙ୍ଗ ତଥ୍ୟ ଯେତେବେଳେ ଦ୍ୱନ୍ଦ୍, ସଂଘର୍ଷ ଉତ୍କଣ୍ଠା, ମଞ୍ଚ, ସଙ୍ଗୀତ, ବାଦ୍ୟ ନୃତ୍ୟ ଓ ଅଭିନୟର ମିଶ୍ରଣରେ ପରିପ୍ରକାଶିତ ହୁଏ ତାକୁ ନାଟକ କହିଥାଉ। କିନ୍ତୁ ଯେତେବେଳେ ପରିବେଷିତ ଜୀବନ ସାଧାରଣ ମଣିଷର ନହୋଇ ଏକ ଅସାଧାରଣ ପ୍ରତିଭାର ଅଧିକାରୀର ହୁଏ ସେତେବେଳେ ତାକୁ ଆମେ ଚରିତ ନାଟକ କହିଥାଉ। ଏଠି ସ୍ପଷ୍ଟ କରିଦେବା ଆବଶ୍ୟକ ଯେ ଚରିତ ନାଟକର ପ୍ରତିଭାଶାଳୀ ବ୍ୟକ୍ତି ଚରିତ୍ର ଲେଖକର କଳ୍ପନାର ଆଦର୍ଶ ଭାବନାରୁ ଜାତ ନୁହନ୍ତି ବରଂ ସେ ହେଉଛନ୍ତି ଆମ ଧୂଳିଧୂସରିତ ପୃଥିବୀର ସତସତିକା ମଣିଷ। ଅର୍ଥାତ୍ ଚରିତ ନାଟକ ହେଉଛି ଏକ ନାଟକ ଯେଉଁଥିରେ ଅଣକାଳ୍ପନିକ କିମ୍ବା ଐତିହାସିକ ଭିତ୍ତିକ ବ୍ୟକ୍ତିର ଜୀବନକୁ କାହାଣୀ ଭାବରେ ଗ୍ରହଣ କରି ପରିବେଷଣ କରାଯାଇଥାଏ। ଏହିପରି ନାଟକର କେନ୍ଦ୍ରୀୟ ଚରିତ୍ରର ପ୍ରକୃତ ନାମ ଉଲ୍ଲେଖ କରାଯାଏ ।

ନାଟକର ବହୁବିଧ ରୂପ ମଧ୍ୟରୁ ସତସତିକା ବ୍ୟକ୍ତିତ୍ୱଙ୍କର ଜୀବନ ଆଶ୍ରିତ ଚରିତ ନାଟକ ହେଉଛି ଅନ୍ୟତମ। ବ୍ୟକ୍ତି ଜୀବନର ରସଘନ ଘଟଣାବଳୀ ଗୁଡ଼ିକ ହିଁ ଦୃଶ୍ୟ ଶ୍ରାବ୍ୟ କାବ୍ୟରେ ବର୍ଣ୍ଣିତ ହୁଏ। ଆଚାର୍ଯ୍ୟ ଭରତଙ୍କ ଦୃଷ୍ଟିରେ ଯାହା 'ଲୋକ ବୃତ୍ତାନୁ କରଣମ୍ ଆରିଷ୍ଟୋଟଲ୍ ଙ୍କ ନିକଟରେ ତାହା ଜୀବନର ଅନୁକରଣ (imitation of life)। ଚରିତ ନାଟକର ମୂଳଧର୍ମ ହିଁ ହେଉଛି ମହାଜନଙ୍କ ଜୀବନର ମାନଚିତ୍ର ଅଙ୍କନ କରି ଦର୍ଶକଙ୍କ ସେହି ପଥ ଅନୁସରଣ କରିବାର ପ୍ରେରଣା ଯୋଗାଇବା। ତେବେ ନାଟକର କାହାଣୀରେ ମହାନ ମଣିଷଙ୍କ ଜୀବନଚର୍ଯ୍ୟା ଦେଖାଇବା ପରମ୍ପରା ନାଟକର ସୃଷ୍ଟିପର୍ବରୁ ଜଡ଼ିତ। 'ନାଟ୍ୟଶାସ୍ତ୍ର'ର ପ୍ରଣେତା ନାଟକର କଥାବସ୍ତୁ ସଂପର୍କରେ ଲେଖିଛନ୍ତି ଯେ ଦେବତା, ମନୁଷ୍ୟ, ରାଜା ଏବଂ ମହାତ୍ମାଙ୍କ ପୂର୍ବବୃତ୍ତିର ଅନୁକୃତିକୁ ନାଟକ କୁହନ୍ତି। "ଦେବତାନାଂ ମନୁଷ୍ୟଣାଂ ରାଜ୍ଞାଂ ଲୋକମହାତ୍ମନମ୍। ପୂର୍ବବୃତ୍ତାନୁଚରିତଂ ନାଟକଂ ନାମ ତଭଦା" ତେବେ ବଡ଼ଲୋକଙ୍କ ବଡ଼ଜୀବନ କାହାଣୀକୁ ନେଇ ପରିକଳ୍ପିତ ହୋଇଥାଏ ଚରିତନାଟକ। ଅଭିନୟ ଯୋଗ୍ୟତା ଥିବା ଦୃଶ୍ୟଶ୍ରାବ୍ୟ କାବ୍ୟ ନାଟକରେ ମହାପୁରୁଷମାନଙ୍କର ପବିତ୍ର ଜୀବନଯାପନର ବୃତ୍ତାନ୍ତକୁ ପ୍ରଭାବୀ ସୂତ୍ରରେ ମଞ୍ଚରେ ଅବତାରଣା କରିବାର ଉତ୍ସାହରୁ ଚରିତ ନାଟକର ସୃଷ୍ଟି। ପ୍ରତିଟି ଭାଷାଭାଷୀ ଅଞ୍ଚଳ ତଥା ଭୌଗଳିକ ଭୂମିରେ ଜୀବନ ବଞ୍ଚି ସମଗ୍ର ଜଗତକୁ ଅମୃତମୟ ଜୀବନ ଦର୍ଶନ ଶିଖାଇଲା ପରି ମଣିଷମାନେ ଜନ୍ମ ନେଇଥାନ୍ତି, ସେହିପରି ଦୁର୍ଲଭ ପ୍ରାଣର ଅଧିକାରୀମାନଙ୍କୁ ନେଇ ନାଟ୍ୟକାରମାନେ ସ୍ୱକୀୟ ନାଟକ ରଚନା କରିଥିବାର ଦୃଷ୍ଟାନ୍ତ ଦେଖିବାକୁ ମିଳେ। ଜାତୀୟଗୌରବର ସୁବାହକ ସାଜି ଏହି ମହାନ୍ ଆତ୍ମାଗଣ ଜାତୀୟଜୀବନରେ ଏକତା ଏବଂ ଅସ୍ମିତା ନିର୍ମାଣ କରିଥାନ୍ତି। ଓଡ଼ିଆ ନାଟ୍ୟଧାରାକୁ ଅବଲୋକନ କଲେ ଦିବ୍ୟଜୀବନ ଆଧାରିତ ବ୍ୟକ୍ତି ଓ ବ୍ୟକ୍ତିତ୍ୱକୁ ଜୀବନଗାଥା ଅବଲମ୍ବନରେ ଯଥେଷ୍ଟ ନାଟକ ରଚିତ ହୋଇଛି। କାରଣ ଏମାନଙ୍କ ଜୀବନର ପ୍ରଭାବଶାଳୀ ବୈଚିତ୍ର୍ୟପୂର୍ଣ୍ଣ ଜୀବନାଦର୍ଶ ସମାଜକୁ ପରିବର୍ତ୍ତନ କରି ସଂସ୍କାରିତ କରିବାରେ ବିଶେଷ ଭୂମିକା ନିର୍ବାହ କରିପାରିଥାଏ। ସାଧାରଣ ମଣିଷ ନିଜଜୀବନରେ କମନୀୟତାର ଅଭାବ ପୂରଣ କରିବା ନିମନ୍ତେ ସମକାଳର ତଥା ପୂର୍ବକାଳର ପ୍ରତିଷ୍ଠିତ କିମ୍ବଦନ୍ତୀ ପୁରୁଷଙ୍କ ଜୀବନ ବୃତ୍ତାନ୍ତ ଆଡ଼କୁ ହାତ ବଢ଼ାଇଥାଏ। ସେହି ଦୃଷ୍ଟିରୁ ଓଡ଼ିଆ ନାଟ୍ୟଧାରାକୁ ଦେଖିଲେ ବୁଦ୍ଧଦେବ, ଶ୍ରୀଚୈତନ୍ୟ, ସାରଳା ଦାସ, ଜଗନ୍ନାଥ ଦାସ, ଉପେନ୍ଦ୍ରଭଞ୍ଜ, କବିସୂର୍ଯ୍ୟ ବଳଦେବ ରଥ, ସାଲବେଗ, ଫକୀରମୋହନ ସେନାପତି, ଗଙ୍ଗାଧର ମେହେରଙ୍କ ପରି ମନୀଷୀଙ୍କ ଜୀବନଚରିତ ଆଧାରିତ ନାଟକର ସସମୃଦ୍ଧ ପରମ୍ପରା ଦେଖିବାକୁ ମିଳେ। ନିମ୍ନରେ ଓଡ଼ିଆ ଚରିତ ନାଟକର ସୁପ୍ରବାହିତ ନାଟ୍ୟଧାରାକୁ ଆଲୋଚନା କରିବା ସହ ତହିଁରୁ ଉତ୍କଳୀୟ ଜନସମାଜରେ ପ୍ରସିଦ୍ଧି ଅର୍ଜନ କରିଥିବା କବିଜୀବନ ଆଧାରିତ ଚରିତ ନାଟକର ବିକାଶକ୍ରମ ଆଲୋଚନା କରାଯାଇପାରେ।

ଭାରତୀୟ ନାଟ୍ୟ ସାହିତ୍ୟରେ ଚରିତନାଟକର ପରମ୍ପରା ସୁପ୍ରାଚୀନ। କାଳିଦାସ, ଅଶ୍ୱଘୋଷ, ଭବଭୂତି, କବିକର୍ଣ୍ଣ ଆଦି ସଂସ୍କୃତ କାବ୍ୟଶିଳ୍ପୀ ଦେବଅଂଶୀ, ଧିରୋଦାତ୍ତ ତଥା ଧିରଲଳିତ ନାୟକମାନଙ୍କ ଜୀବନବୃତ୍ତାନ୍ତକୁ ନାଟ୍ୟରୂପ ପ୍ରଦାନ କରିଥିବାର ଦେଖାଯାଏ। କାଳିଦାସକୃତ 'ଅଭିଜ୍ଞାନ ଶାକୁନ୍ତଳମ୍', 'ରଘୁବଂଶମ୍', ଭବଭୂତିଙ୍କ 'ଉତ୍ତର ରାମଚରିତମ୍', ଅଶ୍ୱଘୋଷଙ୍କ 'ବୁଧଚରିତ', କବିକର୍ଣ୍ଣପୁରଙ୍କ 'ଚୈତନ୍ୟ-ଚନ୍ଦ୍ରୋଦୟ' ଇତ୍ୟାଦି ନାଟକର ଆଦ୍ୟ ନିଦର୍ଶନ ଭାବରେ ବିବେଚନା କରିବାରେ କୌଣସି ଅସୁବିଧା ନାହିଁ। ଭାରତୀୟ ପରମ୍ପରାର ଏହି ମହାନ୍ ଆଦର୍ଶରେ ଅନୁପ୍ରାଣିତ ହୋଇ ତଥା ଆଧୁନିକ ନବଜାଗରଣ ଚେତନାରେ ଉଦବୋଧିତ ହୋଇ ସ୍ୱକୀୟ ସମାଜ-ସଭ୍ୟତା-ସଂସ୍କୃତିକୁ ମହାନ୍ ଘୋଷଣା କରି ନାଟ୍ୟକାରଗଣ ଚରିତ ନାଟକ ରଚନା କରିଥିବାର ଦୃଷ୍ଟାନ୍ତ ଦେଖିବାକୁ ମିଳେ।

ଆଧୁନିକ ଓଡ଼ିଆ ନାଟକ ସାହିତ୍ୟର ଉନ୍ମେଷ ପର୍ବର ଏକ ରୋମାଞ୍ଚକର ଅଧ୍ୟାୟ ହେଉଛନ୍ତି ନାଟ୍ୟକାର ରାମଶଙ୍କର ରାୟ। ଓଡ଼ିଆ ସାହିତ୍ୟରେ ଅମିତ୍ରାକ୍ଷର ଛନ୍ଦର ପ୍ରୟୋଗ ଏବଂ ସଙ୍ଗୀତ ରଚନା କ୍ଷେତ୍ରରେ ଓଡ଼ିଶୀ ସହିତ ହିନ୍ଦୁସ୍ଥାନୀ ରାଗରାଗିଣୀର ପ୍ରବର୍ତ୍ତନ ଦିଗରେ ସେ ଥିଲେ ପ୍ରଥମ ଉଦ୍ୟୋକ୍ତା। ଓଡ଼ିଆ ନାଟକ ରଚନର ଭିତ୍ତି ସ୍ଥାପନ କରିବା ସହିତ ଆଦ୍ୟପର୍ଯ୍ୟାୟର ନାଟକରେ ପରୀକ୍ଷାନିରୀକ୍ଷା କରିଥିବର ଦୃଷ୍ଟାନ୍ତ ମଧ୍ୟ ଦେଖିବାକୁ ମିଳେ। ସେହି ଦୃଷ୍ଟାନ୍ତର ଫଳସ୍ୱରୂପ ତାଙ୍କୁ ଓଡ଼ିଆ ଚରିତ ନାଟକର ଆଦ୍ୟସ୍ରଷ୍ଟା ରୂପେ ଭୂଷିତ କରାଯାଏ। ଗୌଡ଼ୀୟ ବୈଷ୍ଣବଧର୍ମର ସର୍ବଶ୍ରେଷ୍ଠ ପ୍ରବର୍ତ୍ତକ ଶ୍ରୀଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ଜୀବନ ଚରିତକୁ ଉପଜୀବ୍ୟ କରି ୧୯୦୬ ମସିହାର 'ଚୈତନ୍ୟଲୀଳା' ନାଟକ ରଚନା କରିଥିଲେ। ଏହାକୁ ଓଡ଼ିଆ ସାହିତ୍ୟର ପ୍ରଥମ ଚରିତନାଟକର ମାନ୍ୟତା ଦିଆଯାଏ। ଏ ସମ୍ପର୍କରେ ନାଟ୍ୟଆଲୋଚକ ସର୍ବେଶ୍ୱର ଦାସ ତାଙ୍କର 'ଓଡ଼ିଆ ନାଟ୍ୟସାହିତ୍ୟ' ପୁସ୍ତକରେ କୁହନ୍ତି - "ଚୈତନ୍ୟ ଲୀଳା' ଓଡ଼ିଆରେ ସର୍ବପ୍ରଥମ ଜୀବନୀମୂଳକ ନାଟକ। ଏଥିରେ ଚୈତନ୍ୟଙ୍କର ବାଲ୍ୟ-ଜୀବନଠାରୁ ପୁରୀ ମହୋଦଧିରେ ଅନ୍ତର୍ଦ୍ଧାନ ପର୍ଯ୍ୟନ୍ତ ତାହାଙ୍କ ଜୀବନର ସମଗ୍ର ଘଟଣାବଳୀ ପ୍ରଦତ୍ତ ହୋଇଅଛି। ଚୈତନ୍ୟଙ୍କର ଭାବମୂର୍ତ୍ତି ଅଙ୍କନରେ ନାଟ୍ୟକାର ଅପୂର୍ବ କଳାକୁଶଳତାର ପରିଚୟ ପ୍ରଦାନ କରିଅଛନ୍ତି। ଚୈତନ୍ୟଙ୍କୁ ସେ ଜଣେ ଶକ୍ତି ସମ୍ପନ୍ନ ଅତିମାନବ ରୂପରେ ଚିତ୍ରଣ ନକରି ସମାଜ ସଂସ୍କାର ଓ ଦେଶସେବା ପାଇଁ ଜୀବନ ଉତ୍ସର୍ଗ କରିଥିବା ଜଣେ ମହାପୁରୁଷ ଭାବ ପ୍ରତିପାଦନ କରିଅଛନ୍ତି। ଚରିତ୍ର ଚିତ୍ରଣରେ ଏହି ଉନ୍ନତ ଓ ଆଧୁନିକ ଦୃଷ୍ଟିଭଙ୍ଗୀ ଏ ନାଟକର ପ୍ରଧାନ ବିଶେଷତ୍ୱ। ଆଙ୍ଗିକ ଦୃଷ୍ଟିରୁ ଚୈତନ୍ୟଲୀଳା ପ୍ରକୃତରେ ଏକ ନାଟକ ନୁହେଁ ଅମିତ୍ରାକ୍ଷର ଛନ୍ଦରେ ରଚିତ ଏହା ନାଟ୍ୟକାବ୍ୟ। (୧) ୧୮୮୪ ମସିହାରେ ଏହି ସମାନ ଶୀର୍ଷକରେ ବଙ୍ଗଳା ନାଟ୍ୟକାର ଗିରୀଶଚନ୍ଦ୍ର ଖଣ୍ଡେ ନାଟକ ରଚନାକରି 'ଷ୍ଟାର୍ ଥିଏଟର୍'ରେ ଅଭିନୀତ କରାଇଥିଲେ। ସେହି ନାଟକ ବି ଅମିତ୍ରାକ୍ଷର ଛନ୍ଦରେ ରଚିତ ହୋଇଥିଲା ତେଣୁ ରାମଶଙ୍କର ରାୟ ସେଥିରୁ ପ୍ରେରଣା ସଂଗ୍ରହ କରିଥିବେ ବୋଲି ସମାଲୋଚକମାନେ ମତଦିଅନ୍ତି। ସବୁ ସତ୍ତ୍ୱେ ଚୈତନ୍ୟଲୀଳା ଯେ ପ୍ରଥମ ଓଡ଼ିଆ ଚରିତ ନାଟକ ଏଥିରେ ତିଳେ ହେଲେ ସନ୍ଦେହ ନାହିଁ।

ସତ୍ୟବାଦୀ ବନବିଦ୍ୟାଳୟର ଅନ୍ୟତମ ମଣିଷଗଢ଼ା କାରିଗର ପଣ୍ଡିତ ଗୋଦାବରୀଶ ମିଶ୍ର ନାଟକ ରଚନାରେ ମଧ୍ୟ ହାତ ଦେଇଥିଲେ। ତାଙ୍କ ଦ୍ୱାରା ରଚିତ ଦୁଇଟି ନାଟକ ହେଲା 'ପୁରୁଷୋତ୍ତମ ଦେବ' (୧୯୧୭), 'ମୁକୁନ୍ଦ ଦେବ' (୧୯୨୦)। ନିଜର ନାଟକ ରଚନା ସମ୍ପର୍କରେ ନିଜେ କୁହନ୍ତି- "ମୁଁ ଯୌବନରେ ଦୁଇଖଣ୍ଡି ନାଟକ ରଚନା କରିଥିଲି ତାକୁ ନାଟକ ନକହି, ନାଟକ ଆକାରରେ ଲିଖିତ ଐତିହାସିକ ଉପନ୍ୟାସ କୁହାଯାଇପାରେ, କାରଣ ତାହା ଆଜିକାଲି କୌଣସି ରଙ୍ଗମଞ୍ଚରେ ଅଭିନୀତ ହେଉନାହିଁ।(୨) ନିଜର ନାଟକକୁ ଐତିହାସିକ ଉପନ୍ୟାସ ପର୍ଯ୍ୟାୟଭୁକ୍ତ କରିଥିଲେ ମଧ୍ୟ ତାହା ଯେ ଚରିତ ନାଟକ ଶ୍ରେଣୀର ତାକୁ ପ୍ରମାଣ କରିବାର କୌଣସି ଆବଶ୍ୟକତା ନାହିଁ। କାରଣ ପୁରୁଷୋତ୍ତମ ଦେବ' ଓ ମୁକୁନ୍ଦ ଦେବ ଚରିତ୍ରଙ୍କ ମାଧ୍ୟମରେ ଐତିହାସିକତା ମାନବତା ଓ ଜାତୀୟତା ମନ୍ଦ୍ର ନିନାଦରେ ନିନାଦିତ ହୋଇଥାଏ। ଗୋଦାବରୀଶ ମିଶ୍ରଙ୍କ ଦ୍ୱାରା ରଚିତ ଏହି ଚରିତ ନାଟକ ଦ୍ୱୟ ସମ୍ପର୍କରେ ଆଲୋଚକ ମନୋରଞ୍ଜନ ପ୍ରଧାନଙ୍କ ମନ୍ତବ୍ୟ ଉଲ୍ଲେଖନୀୟ- "ଜାତୀୟତା ଓ ଦେଶାତ୍ମକବୋଧ ପୁରୁଷୋତ୍ତମ ଦେବ ଓ ମୁକୁନ୍ଦ ଦେବ ନାଟକର ପ୍ରାଣକେନ୍ଦ୍ର। ମୁକ୍ତିକାମୀ ଓଡ଼ିଆ ପ୍ରାଣରେ ମାତୃଭୂମି ଓ ଜାତିପ୍ରତି ନିର୍ମଳ ଉଚ୍ଛ୍ୱାସ ବୁହାଇବାର ମାଧ୍ୟମ ଭାବରେ ଗୋଦାବରୀଶ ନାଟକ ଦୁଇଟିକୁ ନିର୍ମାଣ କରିଛନ୍ତି। ଉଭୟ ନାଟକର ଲକ୍ଷ୍ୟ ଏକ, ମାତ୍ର ପରିବେଶ ଭିନ୍ନ। ଅତୀତ ଉତ୍କଳର ଗୌରବ ଘଟଣାର ଜାତୀୟତାର ସ୍ୱଷ୍ଟ ରଙ୍ଗ ଦେଇ ନାଟକ ଦୁଇଟିକୁ ସୁନ୍ଦର କରି ପାରୁଥିବାରୁ ଗୋଦାବରୀଶଙ୍କର ଉଦାର ମାନବିକତା ଓ ଜାତିୟତାବୋଧ ବାରିହୋଇପଡ଼େ।(୩) ଅଧୋଃପତିତ ଓଡ଼ିଆ ଜାତିକୁ ଉଠାଇବାକୁ ହେଲେ ବର୍ତ୍ତମାନ କିଛି କାମ କରି ଜାତିକୁ ଉଠାଇବାକୁ ହେବ - ଏହିପରି ଭାବବୋଧରେ ବିଶ୍ୱସ କରୁଥିବା ସମାଜ ସଂସ୍କାରକ ନାଟ୍ୟକାର ଭିକାରୀଚରଣ ପଟ୍ଟନାୟକଙ୍କଦ୍ୱାରା 'ରାଜା ପୁରୁଷୋତ୍ତମ'(୧୯୨୫) ନାଟକ ରଚିତ ହୋଇଥିଲା। ଉମାକାନ୍ତ ସମିତି ଦ୍ୱାରା ପ୍ରଥମଥର ଏହି ନାଟକଟି ଅଭିନୀତ ହୋଇଥିବାର ଉଲ୍ଲେଖ ଅଛି। ଓଡ଼ିଆ ନାଟକରେ ପୂର୍ବରୁ ମହାରାଜା ପୁରୁଷୋତ୍ତମଙ୍କୁ ଭିତ୍ତି କରି ରାମଶଙ୍କର ରାୟ 'କାଞ୍ଚିକାବେରୀ', ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ 'ପୁରୁଷୋତ୍ତମ ଦେବ' ଓ ପରବର୍ତ୍ତୀ ସମୟରେ କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କର ଅଭିଯାନ ଲେଖା ହୋଇଥିଲେ ମଧ୍ୟ ଭିକାରୀଚରଣଙ୍କ ଏହି ଚରିତ ନାଟକର କଥାବସ୍ତୁ ଅନ୍ୟ ତିନୋଟି ନାଟକଠାରୁ ଭିନ୍ନ। ଅନ୍ୟ ନାଟକରେ ପୁରୁଷୋତ୍ତମ ଦେବଙ୍କ କାଞ୍ଚି ଅଭିଯାନ ଓ ପଦ୍ମାବତୀଙ୍କୁ ବରଣ କରିବା ମୁଖ୍ୟ ବିଷୟବସ୍ତୁ ହୋଇଥିବା ବେଳେ ଭିକାରୀଚରଣଙ୍କ 'ରାଜା ପୁରୁଷୋତ୍ତମ' ନାଟକରେ ପୁରୁଷୋତ୍ତମ ଦେବଙ୍କର ସିଂହାସନ ପ୍ରାପ୍ତି ମୁଖ୍ୟ କଥାବସ୍ତୁ ଭାବରେ ଗୃହୀତ ହୋଇଛି।

ନାଟ୍ୟକାର ଅଶ୍ୱିନୀକୁମାର ଘୋଷ ପୌରାଣିକ ନାଟକ ରଚନା କରି ଲୋକପ୍ରିୟତା ଲାଭକରିଥିଲେ ସତ ମାତ୍ର ଯଥାର୍ଥରେ ପ୍ରତିଷ୍ଠା ପାଇଥିଲେ ଐତିହାସିକ ନାଟକରୁ। ପୁରାଣ ଓ ଇତିହାସଶ୍ରୟୀ ନାଟକ ରଚନା କରିଥିଲେ ମଧ୍ୟ ମହନ ଚରିତ୍ରଙ୍କ ଜୀବନବୃତ୍ତାନ୍ତ ହିଁ ତାଙ୍କର ମୂଳ ଉପଜୀବ୍ୟ। ଇତିହାସ ଗର୍ଭରୁ ମହାନ ଚରିତ୍ରଙ୍କୁ ଆବିଷ୍କାର କରି ଆଦର୍ଶ ଓ ତ୍ୟାଗର ମୂର୍ତ୍ତିମନ୍ତ ରୂପ ପ୍ରଦାନ କରି ଚରିତ ନାଟକର ଭିତ୍ତିଭୂମି ନିର୍ମାଣ କରିଥିଲେ। ଅଶ୍ୱିନୀକୁମାର କେବଳ ଚରିତ୍ରର ଆଦର୍ଶ ଦିଗକୁ ଚିତ୍ରଣ କରି ନାହାନ୍ତି ବରଂ 'କୁ'ଭିତରେ 'ସୁ'ର ଯଥେଷ୍ଟ ସମ୍ଭାବନାକୁ ଆବିଷ୍କାର କରିଛନ୍ତି। ଗତାନୁଗତିକତାର ଦୂରକୁ ଯାଇ ନାଟ୍ୟକାର ଅଶ୍ୱିନୀକୁମାର ଚରିତ୍ର ସଂପର୍କରେ ଦୃଢ଼ ମତ ପୋଷଣ କରି କୁହନ୍ତି - "କାମୁକ, ଲମ୍ପଟ, ଉଚ୍ଛୃଙ୍ଖଳ ଯେଉଁମାନେ ସେହିମାନେ ହିଁ ଜାଣନ୍ତି ସିନା ଶୃଙ୍ଖଳା, ସଂଯମ ଓ ପ୍ରେମର ପ୍ରକୃତ ମାଧୁରୀ ଓ ମହତ୍ତ୍ୱ କ'ଣ ଏବଂ ତାହାର ପ୍ରକୃତ ମର୍ଯ୍ୟାଦା ରକ୍ଷା କରିବାକୁ? ସ୍ୱାର୍ଥପର ହିଁ ଜାଣେ ତ୍ୟାଗର ମହତ୍ତ୍ୱ ଓ ମର୍ଯ୍ୟାଦା ଏବଂ ସେ ନିଜେ ମଧ୍ୟ ଜାଣେ ଆଦର୍ଶ ତ୍ୟାଗୀ ହୋଇ ନିଜକୁ ସ୍ଥାପିତ କରିପାରେ ।(୪) ଅଶ୍ୱିନୀକୁମାର ଘୋଷଙ୍କ ଦ୍ୱାରା ରଚିତ ଚରିତ ନାଟକଗୁଡ଼ିକ ହେଲା - 'ସେଓଜି'(୧୯୧୮), 'କଳାପାହାଡ଼ ବା ମୁକୁନ୍ଦ ଦେବ'(୧୯୨୦), 'ଗୋବିନ୍ଦ ବିଦ୍ୟାଧର'(୧୯୨୧), 'ଉତ୍କଳ ଗୌରବ'(୧୯୨୭), 'କପିଳେନ୍ଦ୍ର ଦେବ'(୧୯୫୩), 'ସାଲବେଗ' ଇତ୍ୟାଦି। ଏହି ନାଟକଗୁଡ଼ିକରେ ଉତ୍କଳୀୟ ମହନୀୟତାର ଗୌରବମୟ ପୃଷ୍ଠଭୂମି ସହ ଚରମ ଦୁର୍ଦ୍ଦିନରେ ଏ ଜାତିର ସମ୍ମାନପାଇଁ ଅଣ୍ଟାଭିଡ଼ିଥିବା ଗଜପତି କପିଳେନ୍ଦ୍ର ଦେବ, ମୁକୁନ୍ଦ ଦେବ ଓ ହିନ୍ଦୁକୀର୍ତ୍ତି ଧ୍ୱଂସର ଖଳନାୟକ କଳାପାହାଡ଼ ଚରିତ୍ରର ଚରିତ ବର୍ଣ୍ଣିତ ହୋଇ ଦର୍ଶକାନୁମୋଦିତ ହୋଇପାରିଛି।

ଓଡ଼ିଆ ନାଟକର ଉନ୍ମେଷ ପର୍ବରେ ତଥା ଅଶ୍ୱିନୀକୁମାର ଘୋଷଙ୍କ ସମକାଳରେ ରାମଚନ୍ଦ୍ର ମହାପାତ୍ରଙ୍କ 'ବିଲ୍ୱମଙ୍ଗଳ', 'ରଘୁ ଅରକ୍ଷିତ', ଲାଲା ନଗେନ୍ଦ୍ର କୁମାର ରାୟଙ୍କ 'ରଘୁ ଅରକ୍ଷିତ', ବାଳକୃଷ୍ଣ କରଙ୍କ 'ଚନ୍ଦ୍ରଗୁପ୍ତ', ସବୁଜ ଯୁଗର ସ୍ରଷ୍ଟା କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ 'ପ୍ରିୟଦର୍ଶୀ', 'ପଦ୍ମିନୀ' ଆଦି ନାଟକ ରଚିତ ହୋଇ ଲୋକପ୍ରିୟତା ଲାଭ କରିଥିଲେ। ଆଦି ପର୍ଯ୍ୟାୟର ଏହି ନାଟକଗୁଡ଼ିକ ମଞ୍ଚରେ ଅଭିନୀତ ହୋଇ କେବଳ ଦର୍ଶକର ହୃଦୟକୁ ଜୟ କରିବାରେ ସମର୍ଥ ହୋଇଥିଲା ତା' ନୁହଁ ବରଂ ଏହା ଦର୍ଶକର ଚେତନାକୁ ମଧ୍ୟ ସଞ୍ଚରିତ ହୋଇ ଜାତୀୟ ଚେତନାର ଦୁନ୍ଦୁଭି ବଜାଇ ପାରିଥିଲା। ଏହି ନାଟକ ଓ ନାଟ୍ୟକାର ଅସ୍ମିତା ଚିହ୍ନାଇବାର ଏକ ଏକ ଶୁଭ ଅନୁଷ୍ଠାନ ରୂପରେ ପରିଗଣିତ ହୋଇ ପାରିଥିଲେ।

ରଙ୍ଗମଞ୍ଚ ଆନ୍ଦୋଳନର ପିତାମହ ଭାବରେ ପରିଚିତ କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ ଓଡ଼ିଆ ବାସ୍ତବବାଦୀ ନାଟ୍ୟଧାରାର ପ୍ରବର୍ତ୍ତକ। ସ୍ୱକୀୟ ଅବଦାନ ଫଳରେ ଓଡ଼ିଆ ନାଟକର ସୁବର୍ଣ୍ଣଯୁଗର ସେ ହେଉଛନ୍ତି ଅଗ୍ରଦୂତ। "ଅହଂକାର ନାହିଁ, ଆଡ଼ମ୍ବର ନାହିଁ, ଆତ୍ମପ୍ରଚାର ନାହିଁ କାହାବିରୁଦ୍ଧରେ ଅଭିମାନ ନାହିଁ, ଆପତ୍ତି ଅଭିଯୋଗ ନାହିଁ। ସେ କେଉଁ ଗୁପ୍ତ ଅମୃତକୁଣ୍ଡର ସନ୍ଧାନ ପାଇଛନ୍ତି ଯେପରି, ସଙ୍ଗୀତ ସାହିତ୍ୟ ନୃତ୍ୟରେ ଆଜୀବନ ମଧୁ ବିତରଣ କରି ସୁଦ୍ଧା ତାଙ୍କର ଆଧାର ସର୍ବଦା ପରିପୂର୍ଣ୍ଣ।"(୫) କାଳୀଚରଣ ପଟ୍ଟନାୟକଙ୍କ ପରି ଜଣେ ପ୍ରବୀଣ ନାଟ୍ୟଶିଳ୍ପୀ ଚରିତ ନାଟକରେ ହାତ ଦେଇ ଚରିତ

ନାଟକକୁ ସମୃଦ୍ଧ କରିପାରିଛନ୍ତି। ତାଙ୍କ ଦ୍ୱାରା ରଚିତ ଚରିତ ନାଟକଗୁଡ଼ିକ ହେଲା-'ଜୟଦେବ'(୧୯୪୩), 'ଅତିବଡ଼ୀ ଜଗନ୍ନାଥ ଦାସ'(୧୯୪୫), 'ସାରଳା ଦାସ'(୧୯୫୪) ଇତ୍ୟାଦି। 'ଗୀତଗୋବିନ୍ଦ'ର ଜଣେ ସୁପାଠକ ଭାବରେ ୧୯୩୬ ମସିହାରେ ରାସନାଟକ ଶୈଳୀରେ ଗୀତଗୋବିନ୍ଦକୁ ମଞ୍ଚରୂପଦେଇ ଲୋକପ୍ରିୟତା ଅର୍ଜନ କରି ସାରିଥିଲେ। ସେହି ସମୟରେ ବଙ୍ଗଳା ଭାଷାରେ ଜୟଦେବ ଚଳଚ୍ଚିତ୍ର ନିର୍ମାଣ ହେବା ଏବଂ ତହିଁରେ ଇତିହାସକୁ ବିକୃତ ଢଙ୍ଗରେ ସ୍ଥାନଦେବା ପ୍ରତିବାଦରେ କାଳୀଚରଣଙ୍କ ଜୟଦେବ ନାଟକ ରଚିତ। ନାଟକରେ ପୌରାଣିକତାର ଦୃଷ୍ଟାନ୍ତ ଉପଲବ୍ଧ ହେଉଥିଲେ ହେଁ ଏହା ଏକ ସଫଳ ଚରିତ ନାଟକ। ଗଭୀର ଆଧ୍ୟାତ୍ମିକତାବୋଧ ସହ ଜାତୀୟଗୌରବବୋଧର ସୁସମନ୍ୱୟର ନାଟ୍ୟରୂପ ହେଉଛି 'ଅତିବଡ଼ୀ ଜଗନ୍ନାଥ ଦାସ' ନାଟକ। ସକଳ ପ୍ରତିକୂଳ ପରିସ୍ଥିତିରେ ଜଗନ୍ନାଥ ଦାସଙ୍କ ଲେଖନୀରୁ ଭାଗବତର ସୃଷ୍ଟି, କବି ରୂପରେ ତାଙ୍କର ଅପୂର୍ବ ପ୍ରତିଷ୍ଠା ନାଟକର କଥାଭାଗ ରୂପେ ପରିକଳ୍ପିତ। ତଥାକଥିତ ଅଦିବ୍ୟ ଭାଷାରେ ଶାସ୍ତ୍ର ରଚନା କରିବାର ଦୁଃସାହାସ ଏବଂ ତାରି ଫଳ ସ୍ୱରୂପ ସମାଜର ବଡ଼ପଣ୍ଡାଙ୍କ ପ୍ରତିରୋଧ ନାଟକକୁ ରସାଣିତ କରେ। 'ନାଟକର ମୂଳ ଘଟଣା ଗୋଟିଏ। ଜଗନ୍ନାଥ ଦାସଙ୍କର ଶ୍ରେଷ୍ଠତ୍ୱ ପ୍ରତିପାଦନ କରି ତାଙ୍କ ଅତିବଡ଼ୀ ଉପାଧିର ଯଥାର୍ଥ୍ୟ ପ୍ରଦର୍ଶନ। ଅନେକ ଉପଘଟଣା ପରପର ସଜାଇ ଦିଆଯାଇ ମୂଳ କାହାଣୀକୁ ସ୍ୱଷ୍ଟ କରାଯାଇଛି। ମୁଖ୍ୟ ଚରିତ୍ରକୁ ଛାଡ଼ି ଅନ୍ୟ ଚରିତ୍ରଗୁଡ଼ିକ ହେଉଛନ୍ତି ପ୍ରତିନିଧି ସ୍ଥାନୀୟ। ଭକ୍ତି ରସର ଗୁରତ୍ୱ ପ୍ରତିଷ୍ଠା ସହିତ ଅତିବଡ଼ୀ ଉପାଧିର ମର୍ଯ୍ୟାଦା ରକ୍ଷା ନିମନ୍ତେ ଏଥିରେ ଇତିହାସକୁ ପ୍ରାୟ ଅବହେଳା କରାହୋଇଛି। ନାଟକ ଅବଶ୍ୟ ଇତିହାସ ନୁହଁ। ତେବେ କେତୋଟି ପ୍ରତିଷ୍ଠିତ ସତ୍ୟ କୌଣସି ମତେ ଉପେକ୍ଷିତ ହେବା ଉଚିତ୍ ନୁହେଁ। (୬)।

ମାଟିର ମହାକବିଙ୍କୁ ନେଇ କାଳୀଚରଣ ପଟ୍ଟନାୟକ ମାତ୍ର ଅଠର ଦିନ ମଧ୍ୟରେ ରଚନା କରିଥିବା ନାଟକ ହେଉଛି ସାରଳା ଦାସ। ଏହାର ପ୍ରକାଶକାଳ ହେଉଛି ୧୯୫୪ ମସିହା। ଅଳ୍ପଦିନ ମଧ୍ୟରେ ରଚିତ ହୋଇଥିବାରୁ କାଳୀଚରଣ ପଟ୍ଟନାୟକ ନାଟକର କଳେବର ବା ଛାଞ୍ଚକୁ ପୂର୍ବବର୍ତ୍ତୀ ନାଟକ 'ଅତିବଡ଼ୀ ଜଗନ୍ନାଥ ଦାସ' ଅନୁରୂପ ପରିକଳ୍ପନା କରିଛନ୍ତି। ନାଟକରେ ସାରଳା ଦାସ କବି ଓ ଦେବୀ ଭକ୍ତ ରୂପରେ ଚିତ୍ରିତ ହୋଇଛନ୍ତି। ଜନଶ୍ରୁତି, କିମ୍ବଦନ୍ତୀ ଏବଂ କଳ୍ପନାର ତ୍ରିବେଣୀ ସଙ୍ଗମ ନାଟକରେ ପରିଦୃଶ୍ୟମାନ ହୁଏ। ନାଟ୍ୟଶିଳ୍ପ ଜନିତ ଦୁର୍ବଳତା ରହିଥିବା ସତ୍ତ୍ୱେ ଚରିତ ନାଟକ ଦୃଷ୍ଟିରୁ 'ସାରଳା ଦାସ'ର ଭୂମିକା ଅତୁଳନୀୟ ମନେହୁଏ। କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ ତିନୋଟି ଚରିତ ନାଟକରେ ଚରିତ୍ରଗୁଡ଼ିକ କବି-ଭକ୍ତ-ବିପ୍ଳବୀର ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି। ସାମାଜିକ-ଐତିହାସିକ-କିମ୍ବଦନ୍ତୀ ଆଧାରିତ ଏକ ଏକ ଜାତୀୟତା ମୂଳକ ନାଟକ ତଥା ଚରିତ ମୂଳକ ନାଟକ ଭାବରେ ଖୁବ୍ ଗୁରୁତ୍ୱପୂର୍ଣ୍ଣ। ଏହା ସହିତ କାଳୀଚରଣ ପଟ୍ଟନାୟକଙ୍କ 'ଧ୍ରୁବ', 'ଶକୁନ୍ତଳା', 'ହରିଶ୍ଚନ୍ଦ୍ର' ଆଦି ପୌରାଣିକ ଆଖ୍ୟାନ ସମ୍ବଳିତ ନାଟକକୁ ମଧ୍ୟ ସମାଲୋଚକମାନେ ଚରିତ ନାଟକ ପର୍ଯ୍ୟାୟଭୁକ୍ତ କରିଥାନ୍ତି।

ଏହି କାଳଖଣ୍ଡରେ ଅନ୍ୟାନ୍ୟ ବିଶିଷ୍ଟ ନାଟ୍ୟକାରଙ୍କ ମଧ୍ୟରେ ରାମଚନ୍ଦ୍ର ମିଶ୍ର, ଗୋପାଳ ଛୋଟରାୟ, ନରସିଂହ ମହାପତ୍ର ପ୍ରମୁଖ ଚରିତ ନାଟକ ରଚନା କରି ଦର୍ଶକଙ୍କ ପ୍ରଶଂସାଭାଜନ ହୋଇପାରିଛନ୍ତି। ରାମଚନ୍ଦ୍ର ମିଶ୍ରଙ୍କ 'କବିସୂର୍ଯ୍ୟ'(୧୯୪୬) ନାଟକ ସଙ୍ଗୀତଯୁଗର କବି ବଳଦେବ ରଥଙ୍କ ଜୀବନୀ ଉପରେ ଆଧାରିତ ଚରିତ ନାଟକ। ଅନ୍ନପୂର୍ଣ୍ଣା ବି ଗ୍ରୁପ୍ ଦ୍ୱାରା ମଞ୍ଚସ୍ଥ ହେଲାପରେ ଏ ନାଟକ ଖୁବ୍ ଜନସମର୍ଥନ ସାଉଁଟିଥିଲା। ବଳଦେବ ରଥଙ୍କ ଜୀବନର ବର୍ଣ୍ଣାଢ୍ୟ ରୂପ ବିଭବରେ ଏହି ନାଟକର କଥାବସ୍ତୁ ମହିମାମଣ୍ଡିତ ହୋଇଛି। ସାମାଜିକ ନାଟକ ରଚନା ଏବଂ ଚରିତ୍ର ଉପଯୋଗୀ ସଂଳାପ ସଂଯୋଜନା କରିବା କ୍ଷେତ୍ରରେ ପାରଦର୍ଶୀତା ଲାଭ କରିଥିବା ନାଟ୍ୟକାର ଗୋପାଳ ଛୋଟରାୟଙ୍କ ଏକମାତ୍ର ଇତିହାସ ଆଧାରିତ ନାଟକ 'ଦଳବେହେରା'(୧୯୬୬) ଏକ ସଫଳ ଚରିତଧର୍ମୀ ନାଟକ। ଖୋର୍ଦ୍ଧା ଅଞ୍ଚଳର ଏକ କ୍ଷୁଦ୍ର ଜମିଦାରୀ ତାପଙ୍ଗର ଦଳବେହେରାଙ୍କ ବ୍ରିଟିଶ୍ ସରକସରଙ୍କ ବିରୁଦ୍ଧରେ ଦେଖାଇଥିବା ପରାକ୍ରମର କାହାଣୀ ଏଥିରେ ବର୍ଣ୍ଣିତ। ବେତାର ନାଟିକା ରଚନା କରି ଉତ୍କଳୀୟ ଶ୍ରୋତାମଣ୍ଡଳୀଙ୍କ ସ୍ନେହଶୀଳ ହୋଇ ପାରିଥିବା କୃତୀ ନାଟ୍ୟକାର ନରସିଂହ ମହାପାତ୍ରଙ୍କ ଦ୍ୱାରା ଉତ୍କଳର ସୁପରିଚିତ ପଦାବଳୀ ଲେଖକ ଗୋପାଳକୃଷ୍ଣ ପଟ୍ଟନାୟକଙ୍କୁ ନେଇ 'କବି ଗୋପାଳକୃଷ୍ଣ ' (୧୯୫୧) ଚରିତ ନାଟକ ରଚନା କରିଛନ୍ତି।

ଜାତୀୟତା ଭାବ ଉଦ୍ରେକକାରୀ ଚରିତ ନାଟକ ରଚନା କରିବା ଦିଗରେ 'କଳିଙ୍ଗ ଭାରତୀ'ର ଜଣେ ନିଷ୍ଠାପର ସେବକ, ମଧ୍ୟଯୁଗୀୟ କାବ୍ୟକଳନାରେ ରୁଚି ରଖୁଥିବା ବିଦଗ୍ଧ ଆଲୋଚକ ରଜତ କର କେତେକ ଚରିତ ନାଟକ ରଚନା କରିଛନ୍ତି। ତାଙ୍କ ଅମୃତ ଲେଖନୀରୁ ନିସୃତ ରଚନା ହେଲା - 'ଚାଖିଖୁଣ୍ଟିଆ'(୧୯୫୨), 'କବିସମ୍ରାଟ'(୧୯୫୩), 'ସୁରେନ୍ଦ୍ର ସାଏ'(୧୯୫୪)। ଉତ୍ସର୍ଗୀକୃତ ଦେଶପ୍ରେମୀ, କବିତ୍ୱର ଅସ୍ମିତାରେ ଆଲୋକିତ କରିଥିବା କବିଙ୍କ ଜୀବନର ସ୍ମରଣୀୟ ଚିତ୍ର ନାଟକ ରୂପରେ ନିର୍ମାଣ କରିଛନ୍ତି। ରୀତିଯୁଗୀୟ ଶ୍ରେଷ୍ଠକବି ଭଞ୍ଜଙ୍କୁ ନେଇ ନବନାଟ୍ୟ ଜଗତର ମୂର୍ଦ୍ଧନ୍ୟ ନାଟ୍ୟଶିଳ୍ପୀ ମନୋରଞ୍ଜନ ଦାସ 'କବିସମ୍ରାଟ ଉପେନ୍ଦ୍ରଭଞ୍ଜ'(୧୯୪୭) ଓ ଦେବେନ୍ଦ୍ର କୁମାରଙ୍କ 'ଭଞ୍ଜକବି'(୧୯୫୦) ମଧ୍ୟ ଚରିତ ନାଟକକୁ ସମୃଦ୍ଧ କରିପାରିଛି। ସ୍ୱାଧୀନତା ପରବର୍ତ୍ତୀ କାଳରେ ନାଟକର ପ୍ରୟୋଗବାଦିତା ଉପରେ ଗୁରୁତ୍ୱାରୋପ ଦେଇଥିବା ମନୋରଞ୍ଜନ ଦାସ ନିଜ ନଟଜୀବନର ଆଦ୍ୟ ଭାଗରେ 'କବିସମ୍ରାଟ ଉପେନ୍ଦ୍ରଭଞ୍ଜ' ନାଟକ ରଚନା କରିଛନ୍ତି। ଐତିହାସିକ ନାଟକ ଇତିହାସ ନୁହେଁ, ସେଇ ଦୃଷ୍ଟିରୁ ନାଟକରେ ଇତିହାସର ବ୍ୟତିକ୍ରମ ଘଟିପାରେ ବୋଲି ନାଟ୍ୟକାର ମୁଖବନ୍ଧରେ ସ୍ୱୀକାର କରିଛନ୍ତି। ଅପର ପକ୍ଷରେ ଦେବେନ୍ଦ୍ର କୁମାର ସିଂହ ସମଗ୍ର ନାଟକଟି ଐତିହାସିକ ଭିତ୍ତି ଉପରେ ଠିଆ ହୋଇଛି ବୋଲି ଘୋଷଣା କରିଛନ୍ତି। ସବୁ ସତ୍ତ୍ୱେ ଉଭୟ ନାଟକ ନିଜନିଜ ଗୁଣକୁ ନେଇ ସଫଳ ଭାବରେ ଆତ୍ମପ୍ରକାଶ କରିପାରିଛନ୍ତି।

ଚରିତ ନାଟକର କ୍ରମବିକାଶରେ ଆଲୋଚନାର ଅନ୍ତୁଆଳରେ ରହି ଯାଇଥିବା ନାଟ୍ୟକାର ହେଉଛନ୍ତି

ନିକୁଞ୍ଜକିଶୋର ଦାସ। ତାଙ୍କ ଦ୍ୱାରା ରଚିତ ନାଟକ ହେଲା - 'ଗୌତମ ବୁଦ୍ଧ' (୧୯୫୮), 'କପିଳେନ୍ଦ୍ର ଦେବ' (୧୯୫୮)। ଆର୍ନଲଡ଼ଙ୍କ Light of Asia ଗ୍ରନ୍ଥ ଆଧାରରେ 'ଗୌତମବୁଦ୍ଧ' ନାଟକର କଥାବସ୍ତୁ ଗଢ଼ାହୋଇଛି। କପିଳେନ୍ଦ୍ର ଦେବ ନାଟକରେ ଇତିହାସ-କିମ୍ବଦନ୍ତୀ ଓ କଳ୍ପନାର ମଧୁର ସଂଯୋଗ ହୃଦୟସ୍ପର୍ଶୀ ହୋଇପାରିଛି। ଇତିହାସ ଉଦ୍ଧାର କରି ମନୋରଞ୍ଜନାତ୍ମକ ଜାତୀୟତାବୋଧର ପ୍ରଚାର ପ୍ରସାର ଦିଗରୁ ଏହି ରଚନା ଗୁଡ଼ିକ ସଫଳତା ଲାଭ କରିଛନ୍ତି। ସେହିପରି ଶ୍ରୀ ସତ୍ୟନାରାୟଣ ପଣ୍ଡାଙ୍କ ଦ୍ୱାରା ସମ୍ରାଟ ଅଶୋକ, ଶିବାଜୀ ଓ ଗାଳ୍ପିକ ଦୟାନିଧି ମିଶ୍ରଙ୍କ ପୁତ୍ର ଅମୂଲ୍ୟକୃଷ୍ଣ ମିଶ୍ରଙ୍କ ସାଲବେଗ ନାଟକ ମଞ୍ଚାୟିତ ହୋଇ ସଫଳତା ଅର୍ଜନ କରିପାରିଛି।

ସ୍ୱାଧୀନତୋତ୍ତର ଓଡ଼ିଆ ନାଟକ ସାହିତ୍ୟରେ ନବନାଟ୍ୟର ଆବିର୍ଭାବ ଫଳରେ ନାଟକର ଶୈଳ୍ପିକ ବିବର୍ତ୍ତନ ସାଧିତ ହୋଇଥିଲା। ମୁକ୍ତଧାରା ନାଟକ ରୂପେ ବିବେଚିତ ଏହି ସମୟର ଓଡ଼ିଆ ନାଟକର ଭାବକକ୍ଷ ଓ ରୂପବିନ୍ୟାସରେ ଅଭୂତପୂର୍ବ ପରିବର୍ତ୍ତନ ସାଧିତ ହୋଇଥିଲା। ମୁକ୍ତିବୋଧର ଆତ୍ମାନୁଭୂତି ସ୍ୱତସ୍ଫୁର୍ତ ଭାବରେ ନୂତନ ନାଟ୍ୟଶୈଳୀକୁ ଜନ୍ମ ଦେଲା। ଏହି ନୂତନ ନାଟ୍ୟଶୈଳୀରେ ଇତିହାସକୁ ଏକ କାହାଣୀର ଜ୍ୟାମିତିରେ ଅଙ୍କନ କରିବା ଖୁବ୍ କାଠିକର ପାଠ ହୋଇ ପଡ଼ିଲା। ଫଳସ୍ୱରୂପ କବି, ଦାର୍ଶନିକ, ସଂଗ୍ରାମୀ, ସଂସ୍କାରକଙ୍କ ପରି ସମାଜରେ ପ୍ରତିଷ୍ଠା ଅର୍ଜନ କରିଥିବା ବ୍ୟକ୍ତିତ୍ୱମାନେ ଓଡ଼ିଆ ନାଟକରେ କିଛିକାଳ ଅଦୃଶ୍ୟଥିଲା ପରି ମନେହୁଏ। କିନ୍ତୁ, ନାଟକ ଯେତେ ନୂତନ ଶୈଳୀର ନକ୍ସା ତିଆରି କରୁ, ତାହାର ମୁଖ୍ୟ ଉଦ୍ଦେଶ୍ୟ ସାମାଜିକ ସମସ୍ୟାର ବିଶ୍ଳେଷଣ ନୁହଁ -ଉଦ୍ଦେଶ୍ୟ ହେଉଛି, ସମାଜକୁ ବଦଳାଇବା ଓ ଆଉ ଏକ ଉନ୍ନତ ସମାଜର ନିର୍ମାଣ କରିବା। ତେଣୁ ଉତ୍ତର ଷାଠିଏ କାଳର ନୂତନ ନାଟ୍ୟଧାରାର ନାଟ୍ୟକାରମାନେ ମହାପୁରୁଷମାନଙ୍କ ଜୀବନବୃତ୍ତାନ୍ତ ଆଧାରରେ ନୂତନ ଶୈଳୀରେ ନାଟକ ରଚନା କରିଛନ୍ତି। ସେହି ନାଟ୍ୟକାରମାନେ ହେଲେ - ରତ୍ନାକର ଚଇନି, ନୀଳାଦ୍ରି ଭୂଷଣ ହରିଚନ୍ଦନ, ହରିହର ମିଶ୍ର, ମନ୍ମଥ ଶତପଥି, ଶଙ୍କର ପ୍ରସାଦ ତ୍ରିପାଠୀ, ଶୈଳେଶ୍ୱର ନନ୍ଦ, ଦିଲେଶ୍ୱର ମହାରଣା, ବସନ୍ତ ସାମଲ, ରମାରମଣ ପାଢ଼ୀ, ଭାସ୍କର ଚନ୍ଦ୍ରପାଢ଼ୀ ପ୍ରମୁଖ।

ନାଟକ ରଚନା ଓ ନାଟକର ଆଲୋଚନା ଉଭୟରେ ନିଜର ପାରଦର୍ଶିତା ଅର୍ଜନ କରିଥିବା ଲେଖକ ରତ୍ନାକର ଚଇନି 'ଅଥଚ ଚାଣକ୍ୟ'(୧୯୮୨) ଓ 'ଆହେ ଆପଣେ' (୧୯୯୭) ଶୀର୍ଷକରେ ଦିଓଟି ଚରିତ ନାଟକ ରଚନା କରିଛନ୍ତି। ମୌର୍ଯ୍ୟ ଯୁଗର କୂଟନୀତି ବିଶାରଦ ନାୟକ ଚାଣକ୍ୟଙ୍କୁ ନେଇ 'ଅଥଚ ଚାଣକ୍ୟ ଉପନ୍ୟାସ ରଚିତ। ଏହା ୧୯୮୨ ମସିହା ଅଗଷ୍ଟ ୧୨ ତାରିଖରେ 'ଏବଂ ଆମେ ' ସୌଖିନ ସଂସ୍ଥା ଦ୍ୱାରା ମଞ୍ଚସ୍ଥ ହୋଇଥିଲା। ଠିକ୍ ସେହିପରି 'ଆହେ ଆପଣେ' ନାଟକରେ ନାଟ୍ୟକାର ସନ୍ଥକବି ଭୀମଭୋଇଙ୍କ ଜୀବନକୁ ବିଚାର କରିଛନ୍ତି। ଏହାକୁ ନାଟ୍ୟକାର ଲୋକନାଟକ ଶୈଳୀରେ ରଚନା କରିଛନ୍ତି। ଜୀବନ ଚରିତ ମୂଳକ ନାଟକରେ ଚରିତ୍ରର ଜୀବନ ଚିତ୍ର ଯେଉଁ ପାରଦର୍ଶୀତାର ସହ ପରିବେଷଣ ହେବା କଥା - 'ଆହେ ଆପଣେ' ସେହି ସଫଳତାକୁ ସ୍ପର୍ଶ କରିପାରିଛିବ।

ସ୍ୱାଧୀନତା ପରବର୍ତ୍ତୀ କାଳର ଜଣେ ପ୍ରମୁଖ କବି, ନାଟ୍ୟକାର, କଥାକାର ତଥା ଓଡ଼ିଶା ସାହିତ୍ୟ ଏକାଡ଼େମୀର ପୂର୍ବତନ ସଭାପତି ମଞ୍ଚନାଟକ ରଚନା କ୍ଷେତ୍ରରେ ଜଣେ ଅପ୍ରତିଦ୍ୱନ୍ଦୀ ନାଟ୍ୟକାର ହରିହର ମିଶ୍ରଙ୍କ ଦ୍ୱାରା ମଧ ଦୁଇଟି ଚମତ୍କାର ଚରିତ ନାଟକ ରଚିତ ହୋଇଛି, ଯଥା- 'ନିନ୍ଦିତ ଗଜପତି'(୧୯୭୪) ଓ 'ଅଦୃଶ୍ୟ ନଟ' (୧୯୮୦)। 'ନିନ୍ଦିତ ଗଜପତି' ନାଟକରେ ସୂର୍ଯ୍ୟବଂଶର ଶେଷ ଗଜପତି ପ୍ରତାପରୁଦ୍ରଙ୍କୁ ନାୟକ ରୂପରେ ନିଆଯାଇଛି। ପରାଜିତ ପାଇଁ ପୃଥିବୀର ଇତିହାସରେ କୌଣସି ସ୍ଥାନ ନାହିଁ ଏହିପରି ଭାବଧାରା ଉପରେ ନାଟକ ଠିଆହୋଇଛି। ୧୯୮୦ ମସିହାରେ ରଚିତ 'ଅଦୃଶ୍ୟନଟ' ନାଟକ ହେଉଛି ଓଡ଼ିଶାର ପୁରପଲ୍ଲୀରେ ନିଜର ସ୍ୱଭିମାନି କବିପଣକୁ ନେଇ ପରିଚିତି ଲାଭ କରିଥିବା ରସକ କବି ଦୀନକୃଷ୍ଣ ଦାସଙ୍କ ଜୀବନ-ଚରିତ। କ୍ଷମତା ବିରୁଦ୍ଧରେ ସ୍ୱର ଉଚ୍ଚାରଣ କରୁଥିବା ଦୀନକୃଷ୍ଣ ନାଟକର କେନ୍ଦ୍ରବିନ୍ଦୁ। ଇତିହାସ,କିମ୍ବଦନ୍ତୀର ନବମୂଲ୍ୟାଙ୍କନର ପ୍ରକ୍ରିୟାରେ ନାଟକ ସମୃଦ୍ଧ। ଅଦୃଶ୍ୟନଟ ସମ୍ପର୍କରେ ସମାଲୋଚକ ଡଃ ବିଜୟ କୁମାର ଶତପଥିଙ୍କ ମନ୍ତବ୍ୟ ଅତ୍ୟନ୍ତ ଉଲ୍ଲେଖନୀୟ - "ନାଟ୍ୟକାର ଶ୍ରୀ ମିଶ୍ର ସାଂପ୍ରତିକ କାଳର ଜଣେ ଯଶସ୍ୱୀ କବି ହୋଇଥିବାରୁ ତାଙ୍କ ନାଟକ ଗୁଡ଼ିକରେ ସେଥିପାଇଁ ସୂକ୍ଷ୍ମ, ଅନ୍ତରଙ୍ଗ କବି ଦୃଷ୍ଟି ସହ ଏହି ନାଟକୀୟତାର ସମନ୍ୱୟ ଆମେ ଦେଖିବାକୁ ପାଉ। ନିବିଡ଼ ଅନ୍ତରଙ୍ଗ କବି ଦୃଷ୍ଟି ଥିବାରୁ ସେ ସେଥିପାଇଁ ମଧ୍ୟଯୁଗୀୟ ଜଣେ ଶକ୍ତିଶାଳୀ କବିଙ୍କ ଚିତ୍ରଣ କରି ପାରିଛନ୍ତି ସଫଳତାର ସହ ତାଙ୍କ ନାଟକରେ। ଦୀନକୃଷ୍ଣ ଏଠାରେ ସର୍ବକାଳର କବି ଭାବରେ ପ୍ରତୀୟମାନ ହୋଇଛନ୍ତି। 'ଅଦୃଶ୍ୟ ନଟ'କୁ ଏ ଦୃଷ୍ଟିରୁ ତାଙ୍କ ନଟ ସତ୍ତାର ନାଟ୍ୟକାରିତାର ଏକ ଅନୁପମ ସୃଷ୍ଟି ବୋଲି କୁହାଯାଇ ପାରିବ।" (୭) ।

ଅଶୀପରବର୍ତ୍ତୀ ଓଡ଼ିଆ ନାଟ୍ୟଧାରାରେ ଜଣେ ଶ୍ରଦ୍ଧାଶୀଳ ଉଚ୍ଚାରଣ ହେଉଛନ୍ତି ନାଟ୍ୟକାର ନୀଳାଦ୍ରିଭୂଷଣ ହରିଚନ୍ଦନ। ସାହିତ୍ୟର ବହୁବିଭାଗରେ ଲେଖନୀ ଚାଳନା କରିଥିଲେ ବି ପ୍ରାୟ ସବୁ କ୍ଷେତ୍ରରେ ସମପରିମାଣରେ ସଫଳତା ଅର୍ଜନ କରିପାରିଛନ୍ତି। କବିତା, ନାଟକ ଓ ସମାଲୋଚନା କ୍ଷେତ୍ରରେ ବିଶେଷ ପରିଚିତି ଅର୍ଜନ କରିଥିବା ନୀଳାଦ୍ରଭୂଷଣଙ୍କ ଦ୍ୱାରା କେତୋଟି ଚରିତନାଟକ ରଚିତ। ଯଥା- ସତ୍ୟ 'ସଂଶୟ ସାଲବେଗ'(୧୯୮୧), 'ଭୀମଭୋଇଙ୍କ ସନ୍ଧାନରେ'(୧୯୮୮), 'ଭାରତୀକୁନ୍ତଳା ଓ ସରସ୍ୱତୀ ନଗେନ୍ଦ୍ରବାଳା'(୨୦୧୦) ଇତ୍ୟାଦି। ନାଟ୍ୟକାର ନୀଳାଦ୍ରୀଭୂଷଣଙ୍କ ପ୍ରଥମ ନାଟକ ହେଉଛି 'ସତ୍ୟ ସଂଶୟ ସାଲବେଗ'। ଏଥିରେ ଅଶ୍ୱିନୀକୁମାର ଘୋଷଙ୍କ 'ଭକ୍ତକବି ସାଲବେଗ' ନାଟକର କାହାଣୀ, ଆଲବର୍ କାମ୍ୟୁଙ୍କ 'କାଲିଗୋଲା' ନାଟକର ଚେତନାଗତ ପ୍ରଭାବ ରହିଥିବା ସମାଲୋଚକମାନେ ମତବ୍ୟକ୍ତ କରନ୍ତି। ତେବେ ଜଗନ୍ନାଥଙ୍କ ମହିମାରେ ଲୀନ ହୋଇ ଧର୍ମ ତଥା ସମ୍ପ୍ରଦାୟର ସବୁ ବାଡ଼କୁ ଭାଙ୍ଗି ହୃଦୟ ଏକତାର ଗୀତ ରଚନା କରିଥିବା ସାଲବେଙ୍କ ଜୀବନ ବୃତ୍ତାନ୍ତଧର୍ମୀ ନାଟକ 'ସତ୍ୟ ସଂଶୟ ସାଲବେଗ'

ସଫଳତାର ସହ ଦର୍ଶକଙ୍କୁ ବିଭୋର୍ କରିବାରେ ସମର୍ଥ। ଏଥିରେ ସାଲବେଗଙ୍କ ଜୀବନର ଐତିହାସିକ ସତ୍ୟତା ଅପେକ୍ଷା ସାଂପ୍ରତିକ ଜୀବନବୋଧର ଆଧାରକୁ ଗୁରୁତ୍ୱ ପ୍ରଦାନ କରିଛନ୍ତି। ଠିକ୍ ସେହିପରି ଏହି ନାଟ୍ୟକାରଙ୍କ ଅନ୍ୟତମ ଚରିତ ନାଟକ ହେଉଛି 'ଭୀମଭୋଇର ସନ୍ଧାନରେ'। ଏହି ନାଟକରେ ଭୀମଭୋଇ ରକ୍ତ-ମାଂସ-ହାଡ଼ର ମଣିଷ ନୁହଁ, ଭୀମଭୋଇ ଏକ ଚେତନା। ବ୍ୟକ୍ତିର ଜୀବନବୃତ୍ତାନ୍ତରେ ତାର ଚେତନା ସମାହିତ ହୋଇ ରହିଥାଏ। ସେହି ସମାହିତ ଚେତନା ମାଧ୍ୟମରେ ଅନେକ ସମସ୍ୟାକୁ ଉପକାହାଣୀ ଭାବରେ ସଂଯୋଗ କରି ଭୀମଭୋଇର ସନ୍ଧାନରେ ନାଟକ ରଚିତ।

ଏହି ସମୟରେ ଆବିର୍ଭାବ ଘଟିଥିବା ମନ୍ମଥନାଥ ଶତପଥିଙ୍କ 'ମୁଁ ଚକରା କହୁଛି' ନାଟକ ସଂଗ୍ରାମୀ ଚକରା ବିଶୋଇଙ୍କ ଜୀବନଲିପିରେ ସମୃଦ୍ଧ। ବସନ୍ତକୁମାର ସାମଲଙ୍କ 'କବି ତିଳକ' ବିଦଗ୍ଧ ଚିନ୍ତାମଣି କାବ୍ୟର ରଚୟିତା ଅଭିମନ୍ୟୁ ସାମନ୍ତ ସିଂହାରଙ୍କ ନେଇ ରଚିତ। ପାଇକବିଦ୍ରୋହର ଜନନାୟକ ଜୟୀରାଜଗୁରୁଙ୍କୁ ନେଇ 'ଜୟୀ ରାଜଗୁରୁ' ଓ ବିପ୍ଳବୀ ଧରଣୀଧରଙ୍କ ଜୀବନାଲେଖ୍ୟ ଉପରେ ଆଧାରି 'ବେଠି' ନାଟକ ରଚନା କରିଥିବା ନାଟ୍ୟକାର ହେଉଛନ୍ତି ରମାରମଣ ପାଢ଼ୀ। ଠିକ୍ ସେହିପରି ବିଶିଷ୍ଟ କବି,ଗାଳ୍ପିକ ତଥା ଔପନ୍ୟାସିକ ଜଗନ୍ନାଥ ପ୍ରସାଦ ଦାସଙ୍କ ଦ୍ୱାରା 'ସୁନ୍ଦର ଦାସ'(୧୯୯୩) ନାଟକ ରଚିତ ହୋଇଛି। ବିଶିଷ୍ଟ ନାଟ୍ୟକାର ଶଙ୍କର ପ୍ରସାଦ ତ୍ରିପାଠୀ ମଧ୍ୟ ଚରିତ ନାଟକ ରଚନାରେ ହାତ ଦେଇ ସଫଳତା ଅର୍ଜନ କରିଛନ୍ତି। ସେ ଅତିବଡ଼ୀ ଜଗନ୍ନାଥ ଦାସଙ୍କୁ ଆଧାର କରି 'କାବ୍ୟପୁରୁଷ' ନାଟକ ରଚନା କରିଛନ୍ତି ଏବଂ ଯଥେଷ୍ଟ ସମ୍ମାନର ଅଧିକାରୀ ହୋଇପାରିଛନ୍ତି।

ସାମଗ୍ରିକ ଭାବରେ ବିଚାର କଲେ ଓଡ଼ିଆ ନାଟକର ଆଦ୍ୟପର୍ଯ୍ୟାୟରେ ସୃଷ୍ଟିହୋଇଥିବା ସଂସ୍କାରମୂଳକ ଚିନ୍ତାଚେତନାର ନାଟକ ରଚନା କରିବାପାଇଁ ନାଟ୍ୟକାରମାନଙ୍କୁ ଏକ ଅନୁକୂଳ ପରିସ୍ଥିତି ଯୋଗାଇଥିଲା। ଫଳରେ ନାଟ୍ୟକାରମାନେ ମହାପୁରୁଷଙ୍କୁ ଆୟୁଧ କରି ସଂସ୍କାରର ଲଢ଼େଇ କରିଥିଲେ। ଅଜ୍ଞାନ, ଅଶିକ୍ଷା ତଥା ଅବିଦ୍ୟାର ଅମା ଅନ୍ଧକାର ଭିତରେ ଚରିତ ନାଟକଗୁଡ଼ିକ ସଚେତନତାର ଆଲୋକରେ ସମାଜକୁ ଆଲୋକିତ କରିପାରି ଜୀବନ ଜୀଇଁବାର ଉଚିତ୍ ମାର୍ଗଦର୍ଶନ କରାଇ ପାରିଥିଲେ। ଭକ୍ତି, ବିପ୍ଳବ ଓ ଜାତୀୟତାର ତ୍ରିବେଣୀ ସଙ୍ଗମରେ ଓଡ଼ିଆ ନାଟ୍ୟକାରମାନେ ଇତିହାସ-କିମ୍ବଦନ୍ତୀରୁ ଆଖ୍ୟାନ ଆହରଣ ପୂର୍ବକ ଚରିତ ନାଟକର ପରିକଳ୍ପନା କରୁଥିଲେ। ମହାପୁରୁଷମାନଙ୍କ ମହାର୍ଘ୍ୟ ଜୀବନ ଯେ କେବେହେଲେ ଅତୀତର ଅନ୍ଧାରୀମୂଳକରେ ଲୁକ୍କାୟିତ ହୋଇ ରହିପାରେ ନାହିଁ, ବରଂ ଏହା ଚିରକାଳ, ଚିରନ୍ତନ, ଶାଶ୍ୱାତ ଓ ନିତ୍ୟନୂତନ ଭାବରେ ସମାଜର ମଣିଷମାନଙ୍କ ଆଗରେ ଆବିର୍ଭାବ ହୁଏ ଏବଂ ନୈତିକତା ସମ୍ପର୍ଣ୍ଣ ଜୀବନଯାପନର ମନ୍ତ୍ରରେ ଅଭିମନ୍ତ୍ରିତ କରାଏ ଏକଥାକୁ ଆଦ୍ୟ ପର୍ଯ୍ୟାୟ ନାଟ୍ୟକାରଙ୍କ ଚରିତ ନାଟକଗୁଡ଼ିକ ପ୍ରମାଣିତ କରେ।

ସ୍ୱାଧୀନତା ପରବର୍ତ୍ତୀକାଳରେ ଓଡ଼ିଆ ନାଟ କ୍ଷେତ୍ରରେ ଗତାନୁଗତିକ ନାଟ୍ୟ କୌଶଳ ବିରୁଦ୍ଧରେ ନବଚେତନାର ନାଟ୍ୟଧାରା ସୃଷ୍ଟି ହୋଇଥିଲା ଯାହାକୁ କି ଆମେ ନବନାଟ୍ୟଧାରା ବା ପ୍ରୟୋଗବାଦୀ ନାଟ୍ୟଧାରା ରୂପରେ ଜାଣିଥାଉ। ଏହି ସମୟରେ ନାଟକଗୁଡ଼ିକ ବିଭିନ୍ନ ବାଦ ଓ ଦର୍ଶନ ଆଶ୍ରିତ ହେଲାପରେ ନାଟକର ବିଷୟ ସଂଯୋଜନାରେ କାହାଣୀହୀନତା, ଚରିତ୍ର ଚିତ୍ରଣରେ ଅନ୍ତର୍ମୁଖିନତା, ଉତ୍କଣ୍ଠା ଓ ଦ୍ୱନ୍ଦ ସୃଷ୍ଟିରେ ଗଭୀରତା, ମିଥ୍ ପ୍ରୟୋଗ, ପ୍ରତୀକ ପ୍ରୟୋଗ ପରି ବିଶେଷତ୍ୱଗୁଡ଼ିକ ଏହି ନାଟ୍ୟଧାରାକୁ ପୂର୍ବବର୍ତ୍ତୀ ନାଟ୍ୟଧାରାଠାରୁ ସ୍ୱତନ୍ତ୍ର ବିବେଚିତ କରିଥିଲା। ପ୍ରତିଟି ଯୁଗର ଏକ ଯୁଗୀୟ ଆହ୍ୱାନ ନିହିତ ଥାଏ। ସେହି ଆହ୍ୱାନକୁ ଶୁଣି ଯେଉଁମାନେ ସର୍ଜନାର ଉର୍ଜନାକୁ ଅନୁଭବ କରନ୍ତି ଓ ସାହିତ୍ୟ ସୃଷ୍ଟି କରନ୍ତି ସେମାନେ ହିଁ ସବୁକାଳରେ ସାର୍ବକାଳୀକ ହୋଇ ଦର୍ଶକାନୁମୋଦନ ଲାଭ କରନ୍ତି। ସେହି ଦୃଷ୍ଟିରୁ ଉତ୍ତର ଷାଠିଏ ଓ ଉତ୍ତର ଅଶୀ ଓଡ଼ିଆ ନାଟକରେ ଯେଉଁ ନାଟ୍ୟକାରମାନେ ପଦାର୍ପଣ କରିଥିଲେ ସେମାନେ ଯୁଗୀୟ ଆହ୍ୱାନକୁ ଅନୁସରଣ କରି ଚରିତ ନାଟକଗୁଡ଼ିକରେ ତାହାର ପ୍ରତିଫଳନ ଘଟାଇ ପାରିଛନ୍ତି। ରତ୍ନାକର ଚଇନି, ହରିହର ମିଶ୍ର, ମନ୍ମଥନାଥ ଶତପଥି, ନୀଳାଦ୍ରୀ ଭୂଷଣ ହରିଚନ୍ଦନ, ଶଙ୍କର ପ୍ରସାଦ ତ୍ରିପାଠୀ ଆଦି ନାଟ୍ୟକର ପ୍ରମୁଖ। ଏହି ନାଟ୍ୟକାରମାନେ ମହାପୁରୁଷମାନଙ୍କୁ କେବଳ ମହାନତାର ବିଚାରବୋଧରେ ନଘେନି, ସେମାନେ କେମିତି ସମଗ୍ର ମାନବ ଜାତିର ଏକ ଏକ ପ୍ରତିକାତ୍ମକ ପ୍ରତିନିଧି ସେହି ରୂପରେ ଚିତ୍ରଣ କରିଛନ୍ତି। ଜୀବନ-ବୃତ୍ତାନ୍ତର ଟିକିନିକି ତଥ୍ୟାତ୍ମକ ସତ୍ୟ ବା ବିବରଣାତ୍ମକ ଉପାଦାନଗୁଡ଼ିକୁ ବିଶେଷ ଗୁରୁତ୍ୱ ପ୍ରଦାନ ନକରି ସେମାନଙ୍କ ଜୀବନାଦର୍ଶକୁ ଆଧୁନିକ ମଣିଷର ଭାବ ଚେତନା ସହ ସଂଯୋଜିତ କରିଛନ୍ତି। ଚରିତ୍ରଗୁଡ଼ିକ ଆଧୁନିକ ଜୀବନବୋଧର ମିଥ୍ ରୂପରେ ପ୍ରୟୋଗ ହୋଇଛନ୍ତି। ସୁତରାଂ ଓଡ଼ିଆ ଚରିତ ନାଟକ ରାମଶଙ୍କର ରାୟଙ୍କଠୁ ଆରମ୍ଭ କରି ନୀଳାଦ୍ରିଭୂଷଣ ହରିଚନ୍ଦନ, ଶଙ୍କର ତ୍ରିପାଠୀଙ୍କ ପରି ନାଟ୍ୟକାରଙ୍କ ହାତର ସ୍ୱର୍ଶରେ ସମୃଦ୍ଧ ଓ ଶୃଙ୍ଖଳିତ ହୋଇପାରିଛି ।


ପ୍ରାନ୍ତଟୀକା:

୧-ଦାସ,ସର୍ବେଶ୍ୱର। ଓଡ଼ିଆ ନାଟ୍ୟ ସାହିତ୍ୟ। ପ୍ରଥମ ପ୍ରକାଶନ, ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ଭୁବନେଶ୍ୱର। ୧୯୮୧। ପୃ-୬୩

୨-ଉତ୍କଳ ସାହିତ୍ୟ ସମାଜ ସାହିତ୍ୟ ସ୍ମରଣିକା। ପୃ -୯୨

୩- ପ୍ରଧାନ,ମନୋରଞ୍ଜନ, ଗୋଦାବରୀଶ ମିଶ୍ର। ପ୍ରଥମ ପ୍ରକାଶ, ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଭୁବନେଶ୍ୱର। ୨୦୦୬। ପୃ-୬୦

୪-ଅଶ୍ୱିନୀକୁମାର ଗ୍ରନ୍ଥାବଳୀ- ପ୍ରଥମ ଖଣ୍ଡ। ପ୍ରଥମ ପ୍ରକାଶ, କଟକ ଟ୍ରେଡ଼ିଂ କମ୍ପାନୀ, ବାଲୁବଜାର, କଟକ। ପୃ - ୬୪୦

୫-ଦାସ, ହେମନ୍ତ କୁମାର, କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ। ପ୍ରଥମ ପ୍ରକାଶ, ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଭୁବନେଶ୍ୱର। ୧୯୯୩ ପୃ-୯୮

ALOCHANA
ସମାଲୋଚନା
ନୂ ଆ ଫ ର୍ଦ୍ଦ
ଦ୍ୱିତୀୟ ବର୍ଷ, ତୃତୀୟ ସଂଖ୍ୟା | ମଇ - ଜୁନ୍ ୨୦୨୪
Volume No. 02 | Issue No. 03 | May-June 2024
Refereed Peer-Reviewed Jornal
OPEN ACCESS
https://bageesha.in

# ସଂରଚନାବାଦ ଅନ୍ତର୍ଭୁକ୍ତ ପେରୋଲ ପରିପ୍ରେକ୍ଷୀରେ ଫକୀରମୋହନଙ୍କ 'ଛମାଣ ଆଠଗୁଣ୍ଠ'

■ ଡ. ରବୀନ୍ଦ୍ର କୁମାର ଦାସ
ସହଯୋଗୀ ପ୍ରଫେସର, ଓଡ଼ିଆ ବିଭାଗ, ବିଶ୍ୱଭାରତୀ, ଶାନ୍ତିନିକେତନ

**ମୂଳ ଶବ୍ଦ:** ସଂରଚ଼ନାବାଦ, ଲାଙ୍ଗ୍, ପାରୋଲ, ଭାଷା ନିବନ୍ଧନ (Language Register) ଏବଂ 'ଛମାଣ ଆଠଗୁଣ୍ଠ'ର ଭାଷିକ ବୈଶିଷ୍ଟ୍ୟ ।

**ସାରାଂଶ:** ଏହି ପ୍ରବନ୍ଧରେ ପ୍ରଥମେ ସଂରଚ଼ନାବାଦ ସମ୍ପର୍କରେ କିଛି କୁହାଯାଇଛି। ତା'ପରେ ସଂରଚନାବାଦ ଅନ୍ତର୍ଗତ ପେରୋଲ ପକ୍ଷ ସମ୍ପର୍କରେ ବିଶେଷ ସୂଚନା ଦିଆଯାଇଛି। ଫକୀରମୋହନଙ୍କ 'ଛମାଣ ଆଠଗୁଣ୍ଠ' ଉପନ୍ୟାସରେ ବିଭିନ୍ନ ସ୍ଥାନ ତଥା ଭୌଗୋଳିକ ପରିବେଶରୁ ଆସିଥିବା ଚରିତ୍ରମାନେ କେମିତି ଭାଷା ନିବନ୍ଧନ ବା Language Registerର ବିବିଧ ପ୍ରୟୋଗିକ ବୈଶିଷ୍ଟ୍ୟକୁ ଧରିରଖିଛନ୍ତି, ସେ କଥା ଆଲୋଚନା କରାଯାଇଛି। ସେହି ଆଲୋଚନା ପରିପ୍ରେକ୍ଷୀରେ 'ଛମାଣ ଆଠଗୁଣ୍ଠ'ର ବିଭିନ୍ନ ଚରିତ୍ର ମୁହଁରେ ଯେଉଁ ଭାଷିକ ପ୍ରାୟୋଗିକ ସଂରଚନା ଫକୀରମୋହନ ସଂଯୁକ୍ତ କରିଛନ୍ତି, ସେ ସଂପର୍କରେ ଆଲୋଚନା କରାଯାଇଛି।

ଫକୀରମୋହନଙ୍କ 'ଛମାଣ ଆଠଗୁଣ୍ଠ' ସଂପର୍କରେ ବିଶେଷ କିଛି ସୂଚନା ଦେବାର ନାହିଁ। ଏହି ଉପନ୍ୟାସଟି ୧୮୯୭ ମସିହାରୁ ଧାରାବାହିକ ଭାବରେ 'ଉତ୍କଳ ସାହିତ୍ୟ' ପତ୍ରିକାରେ ପ୍ରକାଶ ପାଇଥିଲା।

ଉପନ୍ୟାସରେ ଯେଉଁ କଥନକାଳ ରହିଛି, ତାହା ହେଉଛି ୧୮୯୭ ମସିହାରୁ ୧୮୯୯ ମସିହା ଅର୍ଥାତ୍ ମାତ୍ର ଦୁଇବର୍ଷ; କିନ୍ତୁ ଏହି ଉପନ୍ୟାସର କଥାକାଳ ହେଉଛି ୧୮୦୧ ମସିହାରୁ ୧୮୪୦ ମସିହା। ସମୁଦାୟ ଚାଳିଶ ବର୍ଷର ସ୍ଥାନଗତ, କାଳଗତ ଓ ପାତ୍ରଗତ ବିନ୍ୟାସ ଏହାର ସାମଗ୍ରିକ ବକ୍ତବ୍ୟ।

ସଂରଚନାବାଦ ବା ଗଠନବାଦର ଇଂରାଜୀ ହେଉଛି 'structuralism'। ଏହି structuralismର ପ୍ରବର୍ତ୍ତକ ହେଉଛନ୍ତି ଫର୍ଡିନାଣ୍ଡ ଡି ସସ୍ୟୁର। ସଂରଚନାବାଦକୁ ଅଧିକ ବିକଶିତ ତଥା ସମୃଦ୍ଧ କରାଇଛନ୍ତି କ୍ଲଡ୍ ଲେଭିଷ୍ଟ୍ରସ୍। ସଂରଚନାବାଦରେ ସସ୍ୟୁର ଲାଙ୍ଗ୍ ଏବଂ ପେରୋଲ ନାମରେ ଦୁଇଟି ସଙ୍କେତକ ବ୍ୟବହାର କରିଛନ୍ତି। ଲାଙ୍ଗ୍ କହିଲେ ସାଧାରଣତଃ ଯେ କୌଣସି ଏକ ଭାଷାବଳୟ ବା କିନ୍‌ସିପ୍ ସିଷ୍ଟମ ବା ଭାଷାବ୍ୟବସ୍ଥା ଭିତରେ ପ୍ରଚଳିତ ଥିବା ସଂକେତକ ବା signifierର ଧ୍ୱନିଶୃଙ୍ଖଳାକୁ ବୁଝାଏ। ଏହା ଭାଷାର ଏକ ଅମୂର୍ତ୍ତ ବ୍ୟବସ୍ଥା। ଏହାକୁ ବ୍ୟାକରଣିକ ବ୍ୟବସ୍ଥା ମଧ କହିହେବ। ଏହି ବ୍ୟବସ୍ଥା ବିଭିନ୍ନ ସିଦ୍ଧାନ୍ତ ବା ତତ୍ତ୍ୱଗତ ଅବଧାରଣା(concept) ଉପରେ ପ୍ରତିଷ୍ଠିତ ହୋଇଥାଏ। ଭାଷା ଯେଉଁମାନେ ବ୍ୟବହାର କରନ୍ତି, ସେମାନେ ଏହି ନିୟମକୁ ମାନିଥାନ୍ତି। ଲାଙ୍ଗର ବ୍ୟାବହାରିକ ବା ପ୍ରାୟୋଗିକ ସ୍ତର ହେଉଛି ପେରୋଲ୍। ପେରୋଲରେ ଲାଙ୍ଗ୍ ବା ଧ୍ୱନିଶୃଙ୍ଖଳା ଦ୍ୱାରା ଗଠିତ ସଂକେତକକୁ ଯଥାଯଥ ଭାବରେ ପ୍ରୟୋଗ କରାଯାଏ।

ପେରୋଲ ଦୈନନ୍ଦିନ କଥାବାର୍ତ୍ତା ମଧ୍ୟଦେଇ ରୂପାୟିତ ହୁଏ; କିନ୍ତୁ ଏହାର ମୂଳଥାଏ ଲାଙ୍ଗ୍ ଭିତରେ। ତେଣୁ ଗୋଟିଏ ଭାଷାସମୁଦାୟ ବା ଭାଷାସମ୍ପ୍ରଦାୟ ବା ଭାଷାବଳୟରେ ଯେଉଁ ବ୍ୟାକରଣିକ ସଂରଚନା ଥାଏ, ତାକୁ ଯେତେବେଳେ ପ୍ରୟୋଗ କରାଯାଏ ଅର୍ଥାତ୍ ଭାଷା କହୁଥିବା ବ୍ୟକ୍ତିମାନେ ତା'କୁ ଯେତେବେଳେ ଭାବପ୍ରକାଶ ପାଇଁ ଉପଯୋଗ କରନ୍ତି , ସେତେବେଳେ ସେହି ସ୍ତରକୁ ପେରୋଲ ସ୍ତର ବୋଲି କୁହାଯାଏ।

ସଂରଚନାବାଦ ଅନ୍ତର୍ଭୁକ୍ତ ପେରୋଲ ସ୍ତରକୁ ଭିତ୍ତିକରି ଏ ଯେଉଁ ପ୍ରବନ୍ଧ ପ୍ରସ୍ତୁତ କରାଯାଇଛି, ଏହାର ପରିକଳ୍ପନା ପଶ୍ଚାତରେ ଫକୀରମୋହନଙ୍କ 'ଛମାଣ ଆଠଗୁଣ୍ଠ'ର ଭାଷିକ ବିବିଧତାକୁ କେନ୍ଦ୍ର ଭାବରେ ଗ୍ରହଣ କରାଯାଇଛି।

ଊନବିଂଶ ଶତାବ୍ଦୀର ଓଡ଼ିଆ ଗଦ୍ୟଭାଷା ବିଶେଷ କରି ସଂସ୍କୃତ ବହୁଳ ମାର୍ଜିତ ରୁଚ଼ିସମ୍ପନ୍ନ ଶୁଦ୍ଧ ଗଦ୍ୟଭାଷା ବୋଲି ଚ଼ିହ୍ନିତ ହୋଇ ଆସୁଥିଲା; କିନ୍ତୁ ଫକୀରମୋହନ ଏଇ ସଂସ୍କୃତ ବହୁଳ ମାର୍ଜିତ ରୁଚ଼ିସମ୍ପନ୍ନ ଭାଷାବଳୟ ( Language reg-

ister) ବ୍ୟବସ୍ଥା ମଧ୍ୟରୁ ଓଡ଼ିଆ ଭାଷାକୁ ମୁକ୍ତକରାଇଥିଲେ। ସେଥିପାଇଁ ତାଙ୍କ କଥାସାହିତ୍ୟର ଭାଷା କଥିତ ଭାଷାର ଅଧିକ ନିକଟବର୍ତ୍ତୀ ବୋଲି ମନେହୁଏ। ଫର୍ଡ଼ିନାଣ୍ଡ ଡି ସସ୍ୟୁର୍ ଭାଷାର ଏହି କଥିତ ଦିଗ ତଥା କଥିତ ସଂସ୍ଥାନକୁ ଭାଷାଚର୍ଚ୍ଚା କ୍ଷେତ୍ରରେ ଗୁରୁତ୍ୱ ଦେଇଥିଲେ। ଭାଷାର ଐତିହାସିକ ଓ କାଳାନୁକ୍ରମିକ ସ୍ତର ଅପେକ୍ଷା ଭାଷାର ସମକାଳୀନ ବା ପ୍ରଚଳିତ ବା କଥିତ ସ୍ତରକୁ ହିଁ ସେ ଭାଷାର ମୁଖ୍ୟ କେନ୍ଦ୍ର ବୋଲି ବିବେଚନା କରିଥିଲେ। ସେଥିପାଇଁ ସଂରଚନାବାଦର ସମସ୍ତ ପ୍ରକାର୍ଯ୍ୟ ଏହି କଥିତ ବା ପ୍ରଚଳିତ ଭାଷା ଉପରେ ପ୍ରତିଷ୍ଠିତ। ତେବେ ଫକୀରମୋହନଙ୍କ 'ଛମାଣ ଆଠଗୁଣ୍ଠ'ର ଭାଷା ଅତ୍ୟନ୍ତ ପରୀକ୍ଷାଧର୍ମୀ ମନେ ହୁଏ। ଏଇ ଭାଷା ଅଧିକାଂଶ ସମୟରେ ସ୍ୱାଭାବିକ ଲାଗେ। ଅର୍ଥାତ୍ କୃତ୍ରିମତାଯୁକ୍ତ ମନେହୁଏ ନାହିଁ।

ସେଥିପାଇଁ ଫକୀରମୋହନ ଯେତେବେଳେ 'ଛମାଣ ଆଠଗୁଣ୍ଠ'ର ଘଟଣା ବିନ୍ୟାସ , ଚରିତ୍ର ଚିତ୍ରଣ ଇତ୍ୟାଦି କରିଛନ୍ତି, ସେତେବେଳେ ପ୍ରଚଳିତ ଭାଷିକ ସ୍ତରକୁ ଅଧିକ ଦୃଷ୍ଟିଦେଇଛନ୍ତି। ଫଳରେ ତାଙ୍କ 'ଛମାଣ ଆଠଗୁଣ୍ଠ'ର ଭାଷା ବହୁ ଭୌଗୋଳିକ କ୍ଷେତ୍ର ପରିସର ଭିତରୁ ଆସୁଥିବା ଚରିତ୍ରମାନଙ୍କର ଭାଷାଦ୍ୱାରା ସମୃଦ୍ଧ ହୋଇଛି। ତା ସହିତ ଏଭଳି ଭାଷିକ ପ୍ରୟୋଗ ତଥା ପରୀକ୍ଷା ଦ୍ୱାରା ଅପୂର୍ବ ଶୈଳୀୟ ସୌନ୍ଦର୍ଯ୍ୟ ମଧ୍ୟ ପ୍ରକଟିତ ହୋଇଛି। ତା' ସହିତ ଫକୀରମୋହନଙ୍କ ଗଦ୍ୟରଚନା ଏକ ଅନନ୍ୟ ଶୈଳୀଭାବରେ ସମସ୍ତଙ୍କ ଦ୍ୱାରା ଗୃହୀତ ତଥା ଆଦୃତ ହୋଇଛି।

ଏହି ପ୍ରବନ୍ଧରେ ଯେଉଁ ବିଶ୍ଳେଷଣାତ୍ମକ ପଦ୍ଧତିକୁ ଅବଲମ୍ବନ କରାଯାଇଛି, ତାହା ହେଉଛି ଶୈଳୀବିଜ୍ଞାନ ଅନ୍ତର୍ଗତ ଭାଷାଚର୍ଚ୍ଚାର Language Register ବା ଭାଷା ନିବନ୍ଧନ କ୍ଷେତ୍ରରେ ପରିଦୃଷ୍ଟ ହେଉଥିବା ବିଶ୍ଳେଷଣ ପଦ୍ଧତି। ବିଶେଷକରି କଥାସାହିତ୍ୟରେ ବିଭିନ୍ନ ଚରିତ୍ରମାନଙ୍କୁ ଚିତ୍ରଣ କରାଯାଏ ଏବଂ ସେମାନଙ୍କ ସମ୍ମେଳନରେ ବିଭିନ୍ନ ଘଟଣା ଘଟେ। ତଦ୍ଦ୍ୱାରା କଥାସାହିତ୍ୟର କଥାବସ୍ତୁ ଗତିଶୀଳହୁଏ। ସେତେବେଳେ ଯେଉଁ ଚରିତ୍ର ଯେଉଁ ଭାଷାବଳୟ ଭିତରୁ ଆସିଥାଏ ସେଇ ଚରିତ୍ର ତା' ନିଜ ମୁଖରେ ସେହି ଭଳି ଭାଷା ଉଚ୍ଚାରଣ କରେ। ସେହିଭଳି ଭାଷା ଉଚ୍ଚାରଣ କରିବାଦ୍ୱାରା ପାଠକେ ସେହି ଚରିତ୍ରର ମୂଳ ବଳୟ ବା ଭାଷାବ୍ୟବସ୍ଥା ସମ୍ପର୍କରେ ଅବଗତ ହୁଅନ୍ତି । ଏଇ ଯେଉଁ ପ୍ରକ୍ରିୟା, ଏହା ପ୍ରାୟତଃ ସକଳ କଥା ସାହିତ୍ୟରେ ଲକ୍ଷ୍ୟ କରାଯାଏ। ଅର୍ଥାତ୍ କଥକ ବା କଥାକାର ଯେତେବେଳେ କଥା ରଚନାକରନ୍ତି, ସେତେବେଳେ ସେ ବିଭିନ୍ନ ପ୍ରକାରର ଚରିତ୍ରକୁ ତାଙ୍କ ଉପନ୍ୟାସରେ ସଂଯୁକ୍ତ କରନ୍ତି। ତା' ସହିତ ସେଇ ଚରିତ୍ରମାନଙ୍କ ମୁହଁରେ ବିଭିନ୍ନ ପ୍ରକାରର ପାତ୍ରମୁଖୀ ଭାଷାର ସଂଯୋଜନା କରିଥାନ୍ତି। ସେଥିପାଇଁ ଉପନ୍ୟାସ ପ୍ରଭୃତି କଥାରଚନାରେ ବହୁପ୍ରକାରର କ୍ଷେତ୍ରୀୟ ଭାଷାର ବ୍ୟବହାର ହୋଇଥାଏ। ଏ ଧରଣର ଭାଷିକ ବ୍ୟାବହାରିକତାକୁ Language Register ବା ଭାଷାନିବନ୍ଧନ କୁହାଯାଏ। ଏହି ଭାଷାନିବନ୍ଧନ ଦ୍ୱାରା ପାଠକମାନେ ବହୁଧରଣର ଭାଷା ସମ୍ପର୍କରେ ଅବଗତ ହେବା ସହିତ ସମ୍ପୃକ୍ତ ଭାଷାର ବିବିଧ କ୍ଷେତ୍ରୀୟ ବୈଶିଷ୍ଟ୍ୟ ସହିତ ମଧ୍ୟ ପରିଚିତ ହୋଇପାରନ୍ତି।

ଧରାଯାଉ ଫକୀରମୋହନଙ୍କ 'ଛମାଣ ଆଠଗୁଣ୍ଠ'ର ଭାଷା। ଫକୀରମୋହନ 'ଛମାଣ ଆଠଗୁଣ୍ଠ'କୁ ମୁଖ୍ୟତଃ ଓଡ଼ିଆ ପାଠକମାନଙ୍କ ପାଇଁ ରଚନା କରିଛନ୍ତି। ଏଥିରେ ମାନକ ଓଡ଼ିଆ ଭାଷାର ବ୍ୟବହାର ହୋଇଛି; କିନ୍ତୁ ଏ ଓଡ଼ିଆ ଭାଷା ସମଗ୍ର ଓଡ଼ିଶାରେ ଏକ ପ୍ରକାରର ହୋଇ ନଥାଏ। ଏମିତିକି ବିଭିନ୍ନ ସ୍ଥାନରେ ଏଇ ଓଡ଼ିଆ ଭାଷା ଯେତେବେଳେ ଭାଷକମାନଙ୍କ ଦ୍ୱାରା ବ୍ୟବହୃତ ହୁଏ; ସେତେବେଳେ ସେଇ ଭାଷକମାନେ ନିଜ ନିଜ କ୍ଷେତ୍ର ବା ଭୌଗୋଳିକ ପରିବେଶ ଅନୁସାରେ ବା ଭାଷାବଳୟର ବ୍ୟବସ୍ଥା ଅନୁସାରେ ଭାଷା ଉଚ୍ଚାରଣ କରିଥାନ୍ତି। ଫଳରେ ଜଣେ ପାଠକ କଥା ରଚନା ପାଠକରି ଜାଣିପାରେ ଯେ, ଅମୁକ ଚରିତ୍ରଟି ଅମୁକ ଭାଷାନିବନ୍ଧନ କ୍ଷେତ୍ରରୁ ଆସିଛି। ସେଇ ଚରିତ୍ରଟି ସମୁକ ଅଞ୍ଚଳର ସମୁକ ଭାଷାନିବନ୍ଧନରୁ ଆସିଛି। ତେଣୁ ଭିନ୍ନ ଭିନ୍ନ ପ୍ରେକ୍ଷାପଟରେ ଭିନ୍ନ ଭିନ୍ନ ଭାଷା ନିବନ୍ଧନ ପ୍ରଦର୍ଶିତ ତଥା ପରିବେଷିତ ହୋଇଥାଏ। ଫଳରେ କଥା ବିନ୍ୟାସଗତ ଚମତ୍କାରିତା ତଥା ନବୀନତା ନିଷ୍ପନ୍ନ ହୁଏ।

ପ୍ରବନ୍ଧର ଏହି ଭାଗରେ ପେରୋଲ ପରିପ୍ରେକ୍ଷୀରେ 'ଛମାଣ ଆଠଗୁଣ୍ଠ'ର ଭାଷିକ ବିଶ୍ଳେଷଣର ବିବିଧ ଦିଗକୁ ଆଲୋଚନା କରାଯାଉ। ପୂର୍ବରୁ କୁହାଯାଇଛି ଯେ, ସଂରଚନାବାଦରେ ଯେଉଁ ପେରୋଲ ପକ୍ଷଟି ରହିଛି, ସେହି ପକ୍ଷଟି ଯଦିଓ ମୂଳତଃ ଲାଙ୍ଗରୁ ଉଦ୍ଭବ; ତଥାପି ତାହା ଏକ ପ୍ରାୟୋଗିକ ପ୍ରକ୍ରିୟା ଭାବରେ ଗୃହୀତ। ଯଦିଓ ଲାଙ୍ଗ୍ ଓ ପେରୋଲ ଭିତରେ ଥିବା ପାର୍ଥକ୍ୟ ତଥା ବିଶେଷତ୍ୱକୁ ଭଲଭାବରେ ବୁଝିବାପାଇଁ ଚେଷ୍ଟା କରାଯାଏ, ତେବେ ଲାଙ୍ଗ୍ କହିଲେ ଆମେ "the set of rules by which combine in words into sentences, use certain words in certain ways, rules rarely altered in which all users of language follows"କୁ ହିଁ ଆମେ ବୁଝିଥାଉ। ଅର୍ଥାତ୍ ଏଠାରେ ଲାଙ୍ଗ୍ କହିଲେ ଆମେ ସଂକେତକର ଧ୍ୱନିଶୃଙ୍ଖଳାକୁ ବୁଝୁ, ଯାହା ପୂର୍ବରୁ ସୂଚିତ। ସେହି ସଂକେତକ କ୍ରମଶଃ ବାକ୍ୟ ନିର୍ମାଣ କରେ। ଏଇ ନିର୍ମାଣ ପ୍ରକ୍ରିୟାରେ ଗୋଟିଏ ନିର୍ଦ୍ଦିଷ୍ଟ ପଦ୍ଧତି ମଧ୍ୟ ରହିଥାଏ।

ଯେଉଁମାନେ ଭାଷା ବ୍ୟବହାର କରନ୍ତି, ସେମାନେ ଏଇ set of rules ବା ନିୟମ ଶୃଙ୍ଖଳାକୁ ମାନି ଚଳନ୍ତି। ତା'ପରେ ପେରୋଲ କହିଲେ ଆମେ "everyday speech where we use words particular contexts".

ଅର୍ଥାତ୍ ଦୈନନ୍ଦିନ ଜୀବନରେ ଆମେ ଯେଉଁ କଥନ ବା ଉଚ୍ଚାରଣ କରୁ ଏବଂ ସେଥିପାଇଁ ଯେଉଁ ସଂକେତକଗୁଡ଼ିକ ବ୍ୟବହାର କରୁ, ସେଗୁଡ଼ିକ ଗୋଟେ ଗୋଟେ ନିର୍ଦ୍ଦିଷ୍ଟ ପ୍ରସଙ୍ଗକୁ କେନ୍ଦ୍ରକରି ଉଚ୍ଚାରିତ ବା କଥିତ ହୋଇଥାନ୍ତି। ଏଇ ପ୍ରସଙ୍ଗ ହେଉଛି ମୂଳତଃ ଲାଙ୍ଗର ଏକ ପ୍ରୟୋଗିକ ସ୍ତର। ସେଥିପାଇଁ ପେରୋଲକୁ ଭାଷାର ଜୀବନ୍ତ ସ୍ଥିତି ବୋଲି କୁହାଯାଏ। କାରଣ ପେରୋଲ ବା ଭାଷାର ବ୍ୟାବହାରିକ ସ୍ତର ବିନା ଭାଷାର କୌଣସି ସଂକେତିତ ବିନ୍ୟାସ ଅସମ୍ଭବ। ତା ସହିତ ଲାଙ୍ଗ୍ ମଧ୍ୟ ନିଷ୍କ୍ରିୟତାଯୁକ୍ତ ହୋଇଯିବ। ଅସ୍ତିତ୍ୱହୀନ ପାଲଟିଯିବ। 'ଛମାଣ ଆଠଗୁଣ୍ଠ' ରେ ଯେଉଁ ଚରିତ୍ରସବୁ ରହିଛନ୍ତି, ସେମାନେ ବିଭିନ୍ନ ପ୍ରକାରର ଭାଷାଉତ୍ସରୁ ଆସିଛନ୍ତି। ସେଥିପାଇଁ ସେମାନଙ୍କ ମୁହଁରେ ବିଭିନ୍ନ ପ୍ରକାର ଭାଷା ଉଚ୍ଚାରିତ ହୋଇଛି। ଫଳରେ ସମଗ୍ର ଉପନ୍ୟାସରେ ଏକ ନବୀନ ସ୍ୱାଦଯୁକ୍ତ ଭାଷିକ ନିର୍ମିତି

ବା ସଂରଚନା ସମ୍ଭବ ହୋଇଛି। ଏଠାରେ ଯେଉଁ ଚରିତ୍ର ଯେଉଁଭଳି ଭାଷା ଉଚ୍ଚାରଣ କରିବା କଥା ତାକୁ ଫକୀରମୋହନ ସେଇ ଭଳି ଭାଷା ଉଚ୍ଚାରିତ କରାଇଛନ୍ତି; କିନ୍ତୁ ଏଇ ଭାଷାସବୁ ଭିନ୍ନଭିନ୍ନ ନ ହୋଇ 'ଛମାଣ ଆଠଗୁଣ୍ଠ' କଥାରଚନାରେ ଗୋଟିଏ ସୂତ୍ରରେ ବନ୍ଧିତ ହୋଇଛନ୍ତି। ଫଳରେ ସେଠାରେ ଏକ ସାମଗ୍ରିକ ବିନ୍ୟାସ ବା କଥନିକା ନିର୍ମାଣ ହୋଇଛି। ତା ସହିତ ପ୍ରତ୍ୟେକ ଚରିତ୍ରର ତୁଣ୍ଡରେ ସ୍ଥାପନ କରାଯାଇଥିବା ଭାଷା ତାତ୍କାଳିକ ପ୍ରାସଙ୍ଗିକତା ଅର୍ଜନ କରିଛି।

ବର୍ତ୍ତମାନ 'ଛମାଣ ଆଠଗୁଣ୍ଠ'ର ଭାଷିକ ବିବିଧତାକୁ ଆନୁକ୍ରମିକତା ରୀତିରେ ପେରୋଲ ପରିପ୍ରେକ୍ଷିରେ ଏଠାରେ ବିଶ୍ଳେଷଣ କରାଯାଉ।

**<u>୧) ଅଣଓଡ଼ିଆ ପେରୋଲ ଏବଂ 'ଛମାଣ ଆଠଗୁଣ୍ଠ'ର ଭାଷିକ ବିବିଧତା:</u>**

'ଛମାଣ ଆଠଗୁଣ୍ଠ' ଉପନ୍ୟାସରେ ଅନେକ ଅଣଓଡ଼ିଆ ଚରିତ୍ର ଅଛନ୍ତି। ଯଥା; ଦାରୋଗା ଇନାଏତ ହୋସେନ, ଶେଖ ଦିଲ୍‌ଦାର ମିଆଁ, ମେଜେଷ୍ଟର ସାହେବ, ଏ. ବି. ସି. ଡି. ଡଗଲାସ ପ୍ରମୁଖ।

ଏହି ଚରିତ୍ରମାନେ ଓଡ଼ିଆ ଭାଷା ନିବନ୍ଧନ କ୍ଷେତ୍ରରୁ ଆସି ନଥିବାରୁ ଏମାନଙ୍କ କଥାଭାଷାରେ ପାର୍ସୀ ଏବଂ ଇଂରାଜୀ ଭାଷାର ଲାଙ୍ଗଯୁକ୍ତ ପେରୋଲ ଲକ୍ଷ୍ୟ କରାଯାଏ ।

ସେଖ୍ ଇନାଏତ୍ ହୋସେନ୍ ହେଉଛନ୍ତି କଟକ ଜିଲ୍ଲାର ଜଣେ ନାମଜାଦା ପୁଲିସ୍ ଦାରୋଗା। ସେ ପାର୍ସୀଭାଷା ତଥା ବୁଦ୍ଧିରେ ବଡ଼ ମଜବୁତ୍। ସେ ଓଡ଼ିଆ ଭାଷାକୁ ଭଲ ପାଆନ୍ତି ନାହିଁ। ତାଙ୍କ ମତରେ ଓଡ଼ିଆ ନାଲାୟକ୍ ଇଲମ୍, ସେଥି ସକାଶେ ସେ ଲେଖନ୍ତି ନାହିଁ। ସରକାରୀ କାଗଜରେ ସେ ପାର୍ସୀ ଦସ୍ତଖତ କରନ୍ତି। ବାରବର୍ଷ ହେଲା ସେ କେନ୍ଦ୍ରାପଡ଼ା ଥାନାରେ ଅଛନ୍ତି। 'ପୁଲିସ୍ ତଦାରଖୀ' ପରିଚ୍ଛେଦରେ ସାରିଆର ମୃତ୍ୟୁ ଉପରେ ଖାନତଲାସ କରାବା ପାଇଁ ଗୋବିନ୍ଦପୁରରେ ସେ ପହଞ୍ଚିଛନ୍ତି। ରାମଚନ୍ଦ୍ର ମଙ୍ଗରାଜଙ୍କ ଘରେ। ନିଜ ଦାଢ଼ିରେ ହାତ ବୁଲେଇ କହୁଛନ୍ତି "ରାମଚନ୍ଦର ମଙ୍ଗରାଜ ! ଅବ୍ କ୍ୟା ମତଲବ୍ ହୈ- ରତନପୁର୍ ଡୋମ୍ ଲୋକୋଁକା ମାମଲା ଇୟାଦ ହୈ କି ନେହିଁ?"

ଦାରୋଗା ଶେଖ୍ ଇନାୟତ ହୋସେନଙ୍କର ଏଇ ଯୋଉ କଥାଭାଷା, ଏଇ କଥାଭାଷାରେ ଓଡ଼ିଆ ପେରୋଲର କ୍ଷେତ୍ରୀୟତା ଅନୁପସ୍ଥିତ। ତା'ର ଏକମାତ୍ର କାରଣ ହେଉଛି; ଇନାୟତ ହୋସେନ୍ ଓଡ଼ିଆ ଭାଷା ନିବନ୍ଧନ କ୍ଷେତ୍ରରୁ ଆସି ନାହାନ୍ତି। ସେ ଯେହେତୁ ପାର୍ସୀ ଭାଷାରେ କଥାବାର୍ତ୍ତା କରନ୍ତି, ସେଥିପାଇଁ ସେ ଉପନ୍ୟାସରେ ପାର୍ସୀ ବାକ୍ୟରେ ଭାବ ବିନିମୟ ବା ପଚରାଉଚରା କରିବା ନିମନ୍ତେ ପ୍ରୟାସ କରିଛନ୍ତି ।

ଏଠାରେ ଭାଷାର ଯେଉଁ ବ୍ୟାବହାରିକ କ୍ଷେତ୍ର, ତାହା ପ୍ରକୃତରେ ଓଡ଼ିଆ ଭାଷା। ଅର୍ଥାତ୍ ଫକୀରମୋହନ 'ଛମାଣ ଆଠଗୁଣ୍ଠ' ଉପନ୍ୟାସକୁ ଓଡ଼ିଆ ଭାଷାରେ ଲେଖୁଛନ୍ତି; କିନ୍ତୁ ଚରିତ୍ର ଜଣଙ୍କ ଯେହେତୁ ଅଣଓଡ଼ିଆ ଭାଷାକୁଟୁମ୍ବର ସେଥିପାଇଁ ତା ମୁଖରେ ଫକୀରମୋହନ ଅଣଓଡ଼ିଆ ଭାଷାର ପେରୋଲକୁ ବା ପ୍ରାୟୋଗିକ ମାନକତାକୁ ସଂଯୁକ୍ତ କରୁଛନ୍ତି।

ସେହିପରି ଅଷ୍ଟମ ପରିଚ୍ଛେଦରେ ଜମିଦାର ସେଖ୍ ଦିଲଦାର ମିଆଁ ମୁହଁରେ ମଧ୍ୟ ଫକୀରମୋହନ ପାର୍ସୀଭାଷାର ବାକ୍ୟ ସଂଯୁକ୍ତ କରିଛନ୍ତି। ଏଇ ଚରିତ୍ର ଜଣକ ମୁସଲମାନ ସମ୍ପ୍ରଦାୟ କ୍ଷେତ୍ରଭୁକ୍ତ ଘୋଡ଼ା ସୌଦାଗର ସେଖ୍ କେରାମତ୍ ଅଲ୍ଲୀଙ୍କର ପୁତ୍ର ହେଇଥିବାରୁ ସିଏ କେବଳ ପାର୍ସୀ ଭାଷାରେ କଥାବାର୍ତ୍ତ କରିପାରନ୍ତି। ଏଠାରେ ମଧ୍ୟ ସେଇ ଭାଷା ନିବନ୍ଧନ ପ୍ରସଙ୍ଗ ଆସିଛି। ଫକୀରମୋହନ ସେଥିପାଇଁ କହୁଛନ୍ତି "ପୂର୍ବେ ପାର୍ସୀବିଦ୍ୟାର ଭାରି ଆଦର ଥିଲା; ଅଦାଲତର ଚଳିତ ବିଦ୍ୟାଥିଲା ପାର୍ସୀ। ଭାରତ ଭାଗ୍ୟରେ ବିଧାତା ଏପରି ଲେଖନ ମୂନ ମାରିଛନ୍ତି, କାଲିଥିଲା ପାର୍ସୀ ଆଜିହେଲା ଇଂରାଜୀ। ଏ ଉତ୍ତାରେ କ'ଣ ହେବ ତାଙ୍କୁ ଜଣା।" (ପରିଚ୍ଛେଦ - ୮)

ଏଇ ଉକ୍ତିରୁ ଏକଥା ସ୍ପଷ୍ଟ ବୁଝାପଡୁଛି ଯେ ଓଡ଼ିଶାରେ ବିଭିନ୍ନ ସମୟରେ ବିଶେଷକରି କୋର୍ଟ୍ କଚେରିରେ ପାର୍ସୀ ଆଉ ଇଂରାଜୀ ଭାଷାରେ ବିଭିନ୍ନ ସରକାରୀ କାର୍ଯ୍ୟ କରାଯାଉଥିଲା। ବିଶେଷକରି ମୁସଲମାନମାନେ ଓ ଇଂରେଜମାନେ ଯେଉଁ ସମୟରେ ଶାସନ କରୁଥିଲେ, ସେ ସମୟରେ ଏଇ ବ୍ୟବସ୍ଥା ଥିଲା। ଏମିତିକି ତା'ର ପ୍ରଭାବ ଆଜି ପର୍ଯ୍ୟନ୍ତ ମଧ୍ୟ ରହିଛି। ସେଥିପାଇଁ ପକୀରମୋହନ ସେଖ୍ ଦିଲଦାର୍ ମିଆଁଙ୍କ Language Registerକୁ ପାର୍ସୀଭାଷା କୈନ୍ଦ୍ରିକ କରିବାପାଇଁ ଚେଷ୍ଟା କରିଛନ୍ତି। ତେଣୁ ସେଖ୍ ଦିଲଦାର୍ ମିଆଁ ଯେତେବେଳେ କଥାବାର୍ତ୍ତା କରିଛନ୍ତି; ଯଥା- "କ୍ୟା? ରାମଚନ୍ଦର ମାମଲାବାଜ୍?" କିମ୍ବା "ଆଚ୍ଛା ! ଓଇ ହୁଆ - ରାମଚନ୍ଦ୍ର ମଙ୍ଗୋରାଜା।"

ଏଠାରେ ଦିଲଦାର୍ ମିଆଁ ପାର୍ସୀ ଭାଷାର ବାକ୍ୟ ବ୍ୟବହାର କରିଛି। ତା'ର ଏକମାତ୍ର କାରଣ ହେଉଛି ସିଏ ଓଡ଼ିଆ ଭାଷା ଭଲଭାବେ ଜାଣିନାହିଁ। ଯଦିଚ ଓଡ଼ିଶାରେ ଫତେପୁର ସରଷଣ୍ଡ ତାଲୁକର ଜମିଦାର ସେ ତଥାପି ସେ କେବଳ ପାର୍ସୀ ଭାଷାରେ କଥାବାର୍ତ୍ତା କରିପାରେ।

ଏଠାରେ ଫକୀରମୋହନ ପ୍ରମାଣକରିବା ପାଇଁ ଚାହୁଁଛନ୍ତି ଯେ- ସେଖ୍ ଦିଲଦାର୍ ମିଆଁର ଭାଷାକୁଟୁମ୍ବ ହେଉଛି ପାର୍ସୀଭାଷା l ଅର୍ଥାତ୍ ପାର୍ସୀଭାଷାର କିନ୍‌ସିପ୍ ବ୍ୟବସ୍ଥା ଭିତରେ ସିଏ ଜୀବନ ବଞ୍ଚେ ଓ ଭାବ ବିନିମୟ ମଧ୍ୟ କରେ। ସେଥିପାଇଁ ତା ମୁଖରେ ଫକୀରମୋହନ ପାର୍ସୀ ଭାଷାର ପେରୋଲକୁ ସଂଯୁକ୍ତ କରି 'ଛମାଣ ଆଠଗୁଣ୍ଠ'ରେ ପାର୍ସୀ ଭାଷାର ଭାଷିକ ନିବନ୍ଧନମୂଳକ କ୍ଷେତ୍ରୀୟତାକୁ ଅଭିବ୍ୟକ୍ତ କରିଛନ୍ତି।

ଆଲୋଚ୍ୟ ଉପନ୍ୟାସର ପରିଚ୍ଛେଦ ଏକୋଇଶିରେ ଯେଉଁ 'କଟକ ସେସନ୍ ଜଜ୍ କୋର୍'ଟ୍ ଶୀର୍ଷକଟି ରହିଛି , ସେଥିରେ ଯିଏ ବିଚାରକ ସେ ହେଉଛନ୍ତି ଇଂରେଜୀ ପେରୋଲ କ୍ଷେତ୍ରର। ଯେତେବେଳେ ସେ ବିଭିନ୍ନ ପ୍ରସଙ୍ଗରେ ପଚରାଉଚରା ବା କଥାବାର୍ତ୍ତା କରୁଛନ୍ତି ; ସେତେବେଳେ ତାଙ୍କ ଭାଷାରେ ଇଂରାଜୀ ଏବଂ ପାର୍ସୀ କ୍ଷେତ୍ରୀୟତାର ପ୍ରଭାବ ରହୁଛି। ସେ ଗୋଟେ ଚିଠି ଲେଖୁଛନ୍ତି। ଫକୀରମୋହନଙ୍କ ଭାଷାରେ ସେ ଚିଠିଟି ଏହିପରି:

"ସାହେବ 'My Dear Lady' ଆରମ୍ଭ କରି ଚଞ୍ଚଳ ଚିଠିଖଣ୍ଡ ଲେଖି ପକାଉଛନ୍ତି।" ପୁଣି ସେହି ଜଜ୍ ସାହେବ ଯେତେବେଳେ ଆସାମୀ ଓକିଲକୁ ଅନେଇ ପ୍ରଶ୍ନ କରୁଛନ୍ତି, ସେତେବେଳେ କହୁଛନ୍ତି- "ତୁମାରା କୁଛୁ ସବାଲ୍ ହେ ?" ସେହିଭଳି- "ନନସେନ୍ସ ! ଆଉର୍ କ୍ୟା ପୁଛନେକା ହୈ ପୁଛୋ" କିମ୍ବା"କୁଛବାତ୍ ନେହିଁ, ଗୋ ଅନ୍ - ଚଲୋ ଚଲୋ।"

ସେହିଭଳି ଯେତେବେଳେ ଇଂରେଜ ଡାକ୍ତର ଏ.ବି.ସି.ଡି. ଡଗଲାସ ଜମାନବନ୍ଦୀ ଦେଉଛନ୍ତି ଏବଂ ତାଙ୍କୁ ଯେତେବେଳେ

ପଚରାଉଚରା କରାଯାଉଛି, ସିଏ ବି ସେହିଭଳି କିଛି କିଛି ଜାଗାରେ ଇଂରାଜୀ ମିଶା ଓଡ଼ିଆ ଭାଷାରେ କଥାବାର୍ତ୍ତା କରୁଛନ୍ତି। ଯେମିତି "ଆମ୍ଭେ ଆଜକୁ ସାଢ଼େ ଦଶବର୍ଷ ହେଲା ସିଭିଲ୍ ସର୍ଜନୀ କରି ଆସୁଅଛୁ। ପ୍ରଥମେ ମିଲେଟାରୀ ଡିପାର୍ଟମେଣ୍ଟରେ ଥିଲୁ। ଆମ୍ଭେ ଲଣ୍ଡନ କଲେଜରେ ଡାକ୍ତରୀ ପଢ଼ି ପାସ୍ କରିଛୁଁ।" କିଂବା "ପ୍ରଥମେ ଆମ୍ଭେ ହସପିଟାଲ ଆସିଷ୍ଟାଣ୍ଟ ଥିଲୁ। ବର୍ମାଯୁଦ୍ଧରେ ଆମର ପ୍ରମୋସନ ହୋଇଛି।"

ଏଠାରେ ଏ. ବି. ସି. ଡି. ଡଗଲାସ ଯେଉଁ କଥୋପକଥନ କରିଛନ୍ତି ବା ଯେଉଁ ପେରୋଲ ତାଙ୍କ ତୁଣ୍ଡରେ ସଂଯୁକ୍ତ କରିଛନ୍ତି ଫକୀରମୋହନ ସେନାପତି, ସେଥିରେ ଇଂରାଜୀ ଶବ୍ଦ କମ୍ ରହିଛି ଏବଂ ଓଡ଼ିଆ ଶବ୍ଦ ବେଶି ରହିଛି। ଏଠାରେ ଏଇ ଇଂରାଜୀ ଭାଷିକ କ୍ଷେତ୍ରୀୟ ଡାକ୍ତର ଜଣଙ୍କ ଉଭୟ ଇଂରେଜୀ ଓ ଓଡ଼ିଆ Language Register ବା ଭାଷା ନିବନ୍ଧନର ପ୍ରାୟୋଗିକ ଭାଷିକ କ୍ଷେତ୍ର ସହିତ ସାମନ୍ୟ ପରିଚିତ ଥିବାର ଲକ୍ଷ୍ୟ କରାଯାଏ।

ସେହିଭଳି ଓକିଲ ଯେତେବେଳେ କଥା ହେଉଛନ୍ତି ଯଥା: "ହଜୁର ଖୋଦାବନ୍ଦ୍- ମାଆ ବାପ - ଦୁନିଆକା ବାଦଶା।" ସେତେବେଳେ ତାଙ୍କ ଭାଷାରେ ବା ତାଙ୍କ କଥନରେ ପାର୍ସୀ ଭାଷାର ପ୍ରଭାବ ବା ପାର୍ସୀ ଭାଷାର ଶବ୍ଦାବଳୀ ସଂଯୁକ୍ତ ହୋଇଛି। ତେଣୁ ଫକୀମୋହନଙ୍କ ଉପନ୍ୟାସରେ ଏ ଯେଉଁ ଅଣଓଡ଼ିଆ ପେରୋଲ ଆମେ ଲକ୍ଷ୍ୟକରୁ, ତହିଁରେ କିଛି କିଛି ସ୍ଥାନରେ ସେହି ଅଣଓଡ଼ିଆ ଚରିତ୍ରମାନେ ଓଡ଼ିଆ ଭାଷାକୁ ବିକୃତ ଭାବରେ ଉଚ୍ଚାରଣ କରୁଥିବାର ଲକ୍ଷ୍ୟ କରାଯାଏ; କିନ୍ତୁ ସେମାନେ ଯେଉଁ ଭାଷିକ କ୍ଷେତ୍ରର ଅନ୍ତର୍ଭୁକ୍ତ ହୋଇଥାନ୍ତି, ସେହି ଭାଷାକ୍ଷେତ୍ରର ଭାଷା ସେମାନେ ବ୍ୟବହାର କରନ୍ତି। ଏ ପ୍ରସଙ୍ଗ ଆମେ ଦିଲଦାର୍ ମିଆଁ ଏବଂ ଇନାଏତ ହୋସେନ ତଥା ଜଜଙ୍କ ନିକଟରେ ଦେଖିବାକୁ ପାଉ। ତେବେ ଇଂରାଜୀ ଡାକ୍ତର ଏ.ବି.ସି.ଡି. ଡ଼ଗଲାସ ଯେତେବେଳେ କଥା କହନ୍ତି, ସେତେବେଳେ ତାଙ୍କ କଥନରେ ଓଡ଼ିଆମିଶା ଇଂରାଜୀ ଆମେ ଦେଖିବାକୁ ପାଉ। ଅର୍ଥାତ ସେ ବେଶି ଓଡ଼ିଆ ଶବ୍ଦଯୁକ୍ତ ଭାଷା କହନ୍ତି ଏବଂ ତହିଁରେ ଅଳ୍ପ କିଛି କିଛି ଇଂରାଜୀ ମିଶାଇ ଦିଅନ୍ତି। ଏ ଏକ ବ୍ୟତିକ୍ରମ ଫକୀରମୋହନଙ୍କର। ଏଠାର ସେ ପେରୋଲ କ୍ଷେତ୍ରକୁ ପାରସ୍ପରିକ ଭାଷିକ ରୂପାନ୍ତରିକରଣ ଭିତ୍ତିରେ ବଦଳାଇ ଦେଇଛନ୍ତି।

## ତତ୍‌ସମ / ସଂସ୍କୃତ ପେରୋଲ ଏବଂ 'ଛମାଣ ଆଠଗୁଣ୍ଠ'ର ଭାଷିକ ବୈବିଧ୍ୟ :

'ଛମାଣ ଆଠଗୁଣ୍ଠ' ଉପନ୍ୟାସରେ ଫକୀରମୋହନ ଜାଣିଶୁଣି କିଛିକିଛି ଓଡ଼ିଆ ପାତ୍ରଙ୍କ ମୁହଁରେ ତତ୍‌ସମ ଶବ୍ଦ କିମ୍ବା ବାକ୍ୟାଂଶ କିମ୍ବା ବାକ୍ୟ ସଂଯୁକ୍ତ କରିଛନ୍ତି। ସେଇଭଳି ଜଣେ ଚରିତ୍ର ହେଉଛନ୍ତି ପରିଚ୍ଛେଦ ୨୮ (ଉପସଂହାର)ରେ ଥିବା କବିରାଜ ଚରିତ୍ର। ଏଇ କବିରାଜ ଜଣକ ଯେତେବେଳେ ଭୟଙ୍କର ରୋଗଗ୍ରସ୍ତ ହୋଇଥିବା ରାମଚନ୍ଦ୍ର ମଙ୍ଗରାଜଙ୍କୁ ଚିକିତ୍ସା କରିବାକୁ ଆସିଛନ୍ତି, ଯେତେବେଳେକୁ ସେ କଥାକଥାକେ ସଂସ୍କୃତ ଆୟୁର୍ବେଦ ଶାସ୍ତ୍ରରୁ ବିଭିନ୍ନ ଶ୍ଳୋକ ଉଦ୍ଧାରକରି ବକ୍ତବ୍ୟ ପ୍ରଦାନ କରିଛନ୍ତି। ଯେମିତିକି -

"ଏଁ , ବୋଇଲା, ' ସ୍ୱର୍ଣ୍ଣାଦଷ୍ଟ ଗୁଣଂ ଶୋଥଂ" କିମ୍ବା "କସ୍ତୁରୀ ତିଳକଂ ପେଟକୁ ଦିଆଯିବ। ଆଉ ତିଳକ କରିଦେବାକୁ ହେବ। କିମ୍ବା "ପାଠ କହିଲା, ମୁସ୍ତକଂ କଟୁକୀ ରାତ୍ରୀ, ଶୁଣ୍ଠୀ ପିପ୍ପଳୀ ଏବଂ ଚ" କିମ୍ବା "ଏଁ ବୋଇଲା ଅନୁପାନ ବିଶେଷଣ କରୋତି ବିବିଧାନ ଗୁଣାନ୍।"

ସେତେବେଳେ ଅର୍ଥାତ୍ ୧୮୦୧ ରୁ ୧୮୪୦ ମସିହାରେ କବିରାଜଙ୍କ ଭଳି ଶିକ୍ଷିତ ଲୋକମାନେ କଥା ହେଲାବେଳେ ତତ୍‌ସମ ଶବ୍ଦ ବେଶି ବ୍ୟବହାର କରୁଥିଲେ। ତେବେ କବିରାଜ ତ ଜଣେ ସଂସ୍କୃତ ଜାଣିଥିବା ବ୍ୟକ୍ତି। କାରଣ ସେ ଆୟୁର୍ବେଦ ଅଧ୍ୟୟନ କରିଛନ୍ତି ଏବଂ ଆୟୁର୍ବେଦ ଶାସ୍ତ୍ରରେ ଥିବା ବିଭିନ୍ନ ରୋଗ ପାଇଁ ଯେଉଁ ନିଘଣ୍ଟୁମାନ ରହିଛି ତାହା ସଂସ୍କୃତ କ୍ଷେତ୍ରୀୟ ଭାଷାରେ ଲିଖିତ। ସେଥିପାଇଁ ସେ କଥାକଥାକେ ସଂସ୍କୃତ ବାକ୍ୟାଂଶ ବ୍ୟବହାର କରିଛନ୍ତି ତା'ପରେ ତାକୁ ଓଡ଼ିଆରେ ମଧ୍ୟ ବୁଝାଇ ଦେଇଛନ୍ତି। ତେଣୁ ଏଇ ଚରିତ୍ରଜଣକର ପେରୋଲ ବା ଭାଷିକ ବ୍ୟାବହାରିକତା କ୍ଷେତ୍ରରେ ଉଭୟ ଓଡ଼ିଆ ଏବଂ ସଂସ୍କୃତ Language Register ସଂଯୁକ୍ତ ହୋଇଥିବାର ଲକ୍ଷ୍ୟ କରାଯାଏ।

ଆଲୋଚ୍ୟ ଉପନ୍ୟାସର ବହୁ ସ୍ଥାନରେ ଫକୀରମୋହନ ନିଜେ ଜାଣିଶୁଣି ଅନେକ ତତ୍‌ସମ ଶବ୍ଦଯୁକ୍ତ ବାକ୍ୟ ତଥା ଉଦ୍ଧୃତାଂଶକୁ ସଂଯୁକ୍ତ କରିଛନ୍ତି। ଯେମିତିକି ଶିବୁ ପଣ୍ଡିତଙ୍କ ପ୍ରସଙ୍ଗରେ ଫକୀରମୋହନ ବର୍ଣ୍ଣନା କଲାବେଳେ କହୁଛନ୍ତି ଯେ ସାଆନ୍ତଙ୍କୁ ହଠାତ୍ ପଛରୁ ଦେଖି ଡର ଡର ହୋଇ ସାଢ଼େ ସାତ ହାତ ଆଡ଼ ହୋଇଗଲେ ଏବଂ ଢାଳଟା ତଳେ ଥୋଇଦେଇ "ଧନୁକାକାର ଧାରଣପୂର୍ବକ ଅଞ୍ଜଳିବଦ୍ଧୋ ଭୂତ୍ୱା" ସାଆନ୍ତଙ୍କର "କୀର୍ତ୍ତିମାୟୁର୍ଯ୍ୟଶଃଶ୍ରିୟଂ" କାମନା କଲେ। କିମ୍ବା "ଅଦ୍ୟ ପ୍ରାତରେବାନିଷ୍ଟ ଦର୍ଶନଂ ନ ଜାନେ, କିମନଭିମତଂ ଦର୍ଶୟିଷ୍ୟତି।" କିମ୍ବା ଫକୀରମୋହନଙ୍କର ବିଭିନ୍ନ ତତ୍‌ସମ ଶବ୍ଦଯୁକ୍ତ ଉଦ୍ଧୃତି(ଯଥା: ଚମ୍ପା ରୂପବର୍ଣ୍ଣନା କଲାବେଳେ ବିଭିନ୍ନ ତତ୍‌ସମ ଶବ୍ଦଯୁକ୍ତ ଭାଷିକ ବିନ୍ୟାସ ବା ବୁଢ଼ୀମଙ୍ଗଳା ପ୍ରସଙ୍ଗରେ ବ୍ୟବହାର କରାଯାଇଥିବା ବିଭିନ୍ନ ତତ୍‌ସମ ଶବ୍ଦଯୁକ୍ତ ଭାଷିକ ଅଭିବ୍ୟକ୍ତିରେ ଆମେ ମାନକ ଓଡ଼ିଆ ଭାଷିକ ବ୍ୟାହାରିକ କ୍ଷେତ୍ର ମଧ୍ୟରେ ସଂସ୍କୃତ ବା ତତ୍‌ସମ ସଂକେତକସମୂହର ଭାଷିକ ବ୍ୟାବହାରିକ କ୍ଷେତ୍ରୀୟତାପଣକୁ ଦେଖିବାକୁ ପାଉ।

ଏ ଧରଣର ବର୍ଣ୍ଣନା ବା ଏ ଧରଣର ବିନ୍ୟାସକରଣ ଫକୀରମୋହନ ଜାଣିଶୁଣି କରିଛନ୍ତି। ତେଣୁ ବେଳେବେଳେ ମନେହୁଏ, ଏ 'ଛମାଣ ଆଠଗୁଣ୍ଠ' ଗୋଟେ ଉପନ୍ୟାସ ନୁହେଁ, ଇଏ ହେଉଛି ଓଡ଼ିଆ ଭାଷା ବା ଓଡ଼ିଶାର ଭାଷା ଇତିହାସର ବା ଭାଷାଚର୍ଚ୍ଚା ପରମ୍ପରାର ଗୋଟିଏ ଲାଙ୍ଗୁଏଜ ଲାବୋରେଟୋରୀ ବା ଭାଷା ପ୍ରୟୋଗଶାଳା। ବିଭିନ୍ନ ପ୍ରକାରର ଭାଷାରେ ପ୍ରାୟୋଗିକ ବିବିଧତା ଆମେ ଏ ଉପନ୍ୟାସରେ ଲକ୍ଷ୍ୟକରୁ। ଏମିତିକି ଫକୀରମୋହନ ଏଇ ଉପନ୍ୟାସର ବହୁସ୍ଥାନରେ ମାନକ ଓଡ଼ିଆ ବା କଥିତ ଓଡ଼ିଆ ଭାଷା ସହିତ ଅନ୍ୟ ଭାଷାମାନଙ୍କୁ ମିଶାଇ କେତେକତ୍ର ଗୋଟିଏ ଗୋଟିଏ ଚମତ୍କାର ତଥା ଆକର୍ଷଣୀୟ ଭାଷିକ ଅନ୍ତଃମିଶ୍ରଣର ବଳୟ ନିର୍ମାଣ କରିଛନ୍ତି।

ଯେତେବେଳ ଫକୀରମୋହନ ସୁନ୍ଦର ତ୍ରିପାଠୀ (ସୁନ୍ଦର ତିହାଡୀ)ଙ୍କର ବ୍ୟକ୍ତିତ୍ୱକୁ ବର୍ଣ୍ଣନା କରିଛନ୍ତି, ସେତେବେଳେ

ତତ୍‌ସମ ଶବ୍ଦ ସହିତ କଞ୍ଚା କଥିତ ଓଡ଼ିଆ ଶବ୍ଦକୁ ଫେଣ୍ଟେଇ ଲାଳିକା ପ୍ରସ୍ତୁତ କରିଛନ୍ତି। ଯେମିତିକି "ଶୁଣ ପରୀକ୍ଷ ନରନାଥ"ଠୁଁ ଆରମ୍ଭ କରି "ନାମଟି ସୁନ୍ଦର ତ୍ରିପାଠୀ" ପର୍ଯ୍ୟନ୍ତ। ଏଠାରେ ଯଦି ଆମେ ଲକ୍ଷ୍ୟକରିବା, ତେବେ ଦେଖିବା ଯେ, ଦୁଇଟି ପେରୋଲ ପକ୍ଷର ଅପୂର୍ବ ସମ୍ମେଳନ ଘଟିଛି ଏଇ ରଚନାରେ। ଏଭଳି ମିଶ୍ରଣକୁ ଅନ୍ତଃମିଶ୍ରଣ ବୋଲି ମଧ କହିପାରିବା। ଏଇ ଅନ୍ତଃମିଶ୍ରଣ ବା Internalisation ହେଉଛି ଭାଷା ନିବନ୍ଧନର ଗୋଟିଏ ବିଶେଷ ପ୍ରାରୂପଗତ ବିଶିଷ୍ଟତା। ଯେଉଁଠି ଗୋଟିଏ ଭାଷାର ପେରୋଲ କ୍ଷେତ୍ର ସହିତ ଆଉ ଗୋଟିଏ ଭାଷାର ପେରୋଲ କ୍ଷେତ୍ରର ଅନ୍ତଃମିଶ୍ରଣ ଘଟେ। ତେଣୁ ଏଠାରେ ଯଦି ଆମେ ଲକ୍ଷ୍ୟକରିବା ଯେ 'ନରନାଥ', 'ପରୀକ୍ଷ', 'ବିବର୍ଜିତ', 'ଶୋଭିତ','ଗାୟତ୍ରୀ', 'ମୀନ' ଇତ୍ୟାଦି ତତ୍‌ସମ ଶବ୍ଦାବଳୀ ସହିତ ଫକୀରମୋହନ 'ତାମ୍ପଡ଼ା', 'ଶୁଖୁଆ', 'ପଖାଳଭାତ', 'ଶୁଣ', 'ଆଗ', 'ବାଛିବାକୁ', 'ଚିପନ୍ତି', 'ବିଲରୁ', 'ଫିଟେ', 'ପାଟି' ଇତ୍ୟାଦି କଞ୍ଚା କଥିତ ଓଡ଼ିଆ ଶବ୍ଦ ମିଶେଇ ଦୁଇଟି ପୋରୋଲକୁ ଗୋଟିଏ କରି ଉପନ୍ୟାସର ଭାଷିକ ସୌକର୍ଯ୍ୟକୁ ଅଧିକ ଆକର୍ଷକ, ଅଧିକ ସ୍ୱାଭାବିକ ଏବଂ ଅଧିକ ପ୍ରାଣସ୍ପର୍ଶୀ କରିବା ପାଇଁ ପ୍ରୟାସ କରିଛନ୍ତି। ସେଥିପାଇଁ ବେଳେବେଳେ ଫକୀରମୋହନଙ୍କର ଭାଷିକ ନିବନ୍ଧନ କ୍ଷେତ୍ରକୁ ଚିହ୍ନଟ କରିବାପାଇଁ ଅନେକ ସମର୍ଥ ହୋଇପାରନ୍ତି ନାହିଁ କାରଣ ବିଭିନ୍ନ ପ୍ରକାରର ଭାଷିକ ନିବନ୍ଧନର ଏକତ୍ର ସଂଯୋଜନକୁ ଯେହେତୁ ସେ ତାଙ୍କ ରଚନାରେ ଅଭିବ୍ୟକ୍ତ କରିଛନ୍ତି; ସେଥିପାଇଁ ସେଇ ଭାଷିକ ନିବନ୍ଧନ କ୍ଷେତ୍ର ସହିତ ଯେଉଁମାନେ ଅପରିଚିତ, ଯେଉଁମାନେ ଅନଭିଜ୍ଞ ସେମାନେ ଉପନ୍ୟାସର ଭାଷିକ ବିବିଧତାକୁ ହୃଦବୋଧ କରିବାରେ ଅସୁବିଧାର ସମ୍ମୁଖୀନ ହେବେ ହିଁ ହେବେ।

ତେବେ ଶେଷରେ, କେବଳ ଏତିକି କୁହାଯାଇପାରେ ଯେ, ଫକୀରମୋହନଙ୍କ 'ଛମାଣ ଆଠଗୁଣ୍ଠ'ରେ ଯେଉଁ ଭାଷିକ ସମ୍ପଦ ରହିଛି ତାହା ବହୁମୁଖୀ କ୍ଷେତ୍ରୀୟତାକୁ ଭିତ୍ତିକରି ସମ୍ପାଦିତ। ଏହି ସମ୍ପାଦନ କାର୍ଯ୍ୟ ଫକୀରମୋହନ ନିଜେ ହିଁ କରିଛନ୍ତି। ଫକୀରମୋହନଙ୍କ ଆଲୋଚ୍ୟ ଉପନ୍ୟାସରେ ଆମେ ଦେଶଜ, ତଦଭବ, ତତ୍‌ସମ, ପାର୍ସୀ, ଆରବୀ, ଇଂରାଜୀ ପ୍ରଭୃତି ଭାଷିକ ପେରୋଲକୈନ୍ଦ୍ରିକ ଅଭିବ୍ୟକ୍ତି ଘଟିଥିବାର ଲକ୍ଷ୍ୟକରୁ। ତା'ର ଏକମାତ୍ର କାରଣ ହେଉଛି ଯେଉଁ ସମୟରେ ଉପନ୍ୟାସଟି ଲେଖା ହୋଇଛି ଅର୍ଥାତ୍ ଏ କଥା ରଚନାର ଯେଉଁ କଥାକାଳ ସେଇ କଥାକାଳୀନ ଅବଧିରେ ଓଡ଼ିଶାରେ ଯେଉଁ ଭଳି ଶାସନ ଚାଲିଥିଲା; ଯେଉଁଭଳି ସାଧାରଣ ଲୋକ ଜୀବନ ଯାପନ କରୁଥିଲେ; ଭାଷା ବ୍ୟବହାର କରୁଥିଲେ; ଯେଉଁ ଭଳି ଶୋଷଣ ହେଉଥିଲା; ଯେଉଁଭଳି ଜମିଦାରୀ ବ୍ୟବସ୍ଥା ଥିଲା; ପ୍ରତାରଣାଥିଲା; ଲାଞ୍ଛନା ଥିଲା; ଯନ୍ତ୍ରଣା ଥିଲା; ଉପେକ୍ଷା ଥିଲା; ଅବହେଳା ଥିଲା; ସେ ସବୁର ଭାବଗତ ନିର୍ଯ୍ୟାସକୁ ଫକୀରମୋହନ ବିଭିନ୍ନ ଧ୍ୱନି, ଶବ୍ଦ, ବାକ୍ୟ, କଥନିକା ମାଧ୍ୟମରେ ନିଜ ଉପନ୍ୟାସରେ ପରିବେଷଣ କରିଛନ୍ତି। ପ୍ରାୟୋଗିକ ଭାଷାବିଜ୍ଞାନ ପରିସରଭୁକ୍ତ ଏଇ ସଙ୍କେତକସମୂହ ଦ୍ୱାରା ବିଭିନ୍ନ ପ୍ରକାରର ଅବଧାରଣାଗତ(ସଂକେତିତ) ପ୍ରାସଙ୍ଗିକତାକୁ ସମ୍ମୁଖୀକୃତ କରାଇଛି। ସେଥିପାଇଁ ଫକୀରମୋହନ ଯେତେବେଳେ ଯେଉଁ ଚରିତ୍ରକୁ ଏଇ ଉପନ୍ୟାସରେ ଚିତ୍ରଣ କରିଛନ୍ତି, ସେତେବେଳେ ସେହି ଚରିତ୍ର ମୁହଁରେ ତଦନୁରୂପ ଭାଷାର ପ୍ରୟୋଗ କରିବା ଦିଗ ଉପରେ ଗୁରୁତ୍ୱ ଆରୋପ କରିଛନ୍ତି। ତେଣୁ ଶେଷରେ କେବଳ ଏତିକି କୁହାଯାଇ ପାରେ ଯେ, ଫକୀରମୋହନଙ୍କ 'ଛମାଣ ଆଠଗୁଣ୍ଠ' ରେ ଉପନ୍ୟାସଗତ ବିଶେଷତ୍ୱ ବା ଗୁଣଧର୍ମ ଯେତିକି ରହିଛି, ତା'ଠାରୁ ବେଶି ରହିଛି ଭାଷିକ ବିବିଧତା। ଏଇ ଭାଷିକ ବିବିଧତା କିନ୍ତୁ ଆଧୁନିକ ଭାଷାବିଜ୍ଞାନର କଥିତ ପରମ୍ପରା ଉପରେ ଆଧାରିତ। ଏଠାରେ କଥିତ ବିନ୍ୟାସ ହିଁ ହେଉଛି କେନ୍ଦ୍ରୀୟ ବିଭବ। ଯାହା ବହୁମୁଖୀ ପେରୋଲ ପକ୍ଷର ପ୍ରତ୍ୟକ୍ଷ ଦୃଷ୍ଟାନ୍ତ ଭାବରେ ସ୍ୱୀକାର୍ଯ୍ୟ।

ସହାୟକ ଗ୍ରନ୍ଥତାଳିକା :

୧) Nayar, Pramod K, Contemporary Literature and Cultural Theory, First Impression, Noida(U.P), Pearson,2010.

୨) ଦାସ,ରବୀନ୍ଦ୍ର କୁମାର , ଶୈଳୀବିଜ୍ଞାନର ଆଲୋକରେ ଫକୀରମୋହନଙ୍କ ଉପନ୍ୟାସ, ପ୍ରଥମ ସଂସ୍କରଣ, ବାଲେଶ୍ୱର , ମରାମ୍ବିକା ପ୍ରକାଶନୀ,୨୦୦୮।

୩) ନାରଂଗ, ଗୋପୀଚାନ୍ଦ, ସଂରଚନାବାଦ ଉତ୍ତର - ସଂରଚନାବାଦ ଏବଂ ପ୍ରାଚ୍ୟ କାବ୍ୟତତ୍ତ୍ୱ, ନୂଆଦିଲ୍ଲୀ, ସାହିତ୍ୟ ଏକାଡ଼େମୀ, ୨୦୧୩ ।

୪) ପଟ୍ଟନାୟକ, କଇଳାସ, ସଂପା. , ଫକୀରମୋହନ ଗ୍ରନ୍ଥାବଳୀ ଉପନ୍ୟାସମାଳା, ପ୍ରଥମ ସଂସ୍କରଣ, କଟକ: ଫ୍ରେଣ୍ଡସ୍ ପବ୍ଲିଶର୍ସ, ୨୦୦୬।

●

ALOCHANA
ସମାଲୋଚନା
ପ୍ର ସ ଙ୍ଗ ନୂ ଆ
ଦ୍ୱିତୀୟ ବର୍ଷ, ତୃତୀୟ ସଂଖ୍ୟା | ମଇ - ଜୁନ୍ ୨୦୨୪
Volume No. 02 | Issue No. 03 | May-June 2024
Refereed Peer-Reviewed Jornal
OPEN ACCESS
https://bageesha.in

# ବହ୍ନିକନ୍ୟା : ସରଳା ଦେବୀ

■ ଡ. ବିଜୟଲକ୍ଷ୍ମୀ ଦାଶ
ସହଯୋଗୀ ପ୍ରଫେସର, ଓଡ଼ିଆ ବିଭାଗ, ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ

**ମୂଳ ଶବ୍ଦ:** ସରଳା ଦେବୀ, ସ୍ୱାଧୀନତା ସଂଗ୍ରାମ, ନାରୀ ପ୍ରତିଭା, ନାରୀ ଜାଗରଣ, ବହ୍ନିକନ୍ୟା, ପ୍ରମୁଖ ନେତ୍ରୀ, ସ୍ୱଦେଶୀ ଆନ୍ଦୋଳନ ।

**ସାରାଂଶ:** ଓଡ଼ିଆ ସାହିତ୍ୟର ଜଣେ ସତ୍ୟନିଷ୍ଠ ଲେଖିକା, ଶକ୍ତିଶାଳୀ ସମାଜ ସଂସ୍କାରିକା, ନାରୀମୁକ୍ତି ଆନ୍ଦୋଳନର ଅନନ୍ୟ କର୍ଣ୍ଣଧାର ସ୍ୱାଧୀନତା ସଂଗ୍ରାମୀ ଭାବରେ ସରଳା ଦେବୀ ବିଦ୍ୟମାନ। ସରଳା କେବଳ ଓଡ଼ିଶାର ପରିଧି ଭିତରେ ସୀମାବଦ୍ଧ ହୋଇନାହାନ୍ତି, ବରଂ ଭାରତୀୟ ନାରୀ ଜାଗରଣର ପ୍ରମୁଖ ନେତ୍ରୀ ସାଜିଛନ୍ତି। ସ୍ୱାଧୀନତା ସଂଗ୍ରାମରେ ଜଣେ ଅଗ୍ରଦୂତ କର୍ମନିଷ୍ଠ ବହ୍ନିକନ୍ୟା ଭାବରେ ଆବିର୍ଭୂତ ହୋଇଛନ୍ତି। ସମାଜରେ ଜଣେ ନିଷ୍ଠାପର ସୈନିକା ଭାବରେ ନିଜକୁ ପ୍ରମାଣିତ କରିଛନ୍ତି। ସବୁଠି ସେ ପ୍ରଥମା। ଆଗଧାଡ଼ିରେ ଠିଆହୋଇ ନିଜର ପରାକାଷ୍ଠା ପ୍ରଦର୍ଶନ କରିଛନ୍ତି। ମୁକ୍ତି ସଂଗ୍ରାମର ପ୍ରଥମ ଓଡ଼ିଆ ନାରୀଭାବେ ପରଦା ପ୍ରଥାକୁ ଲଙ୍ଘିଛନ୍ତି। ଲବଣ ସତ୍ୟାଗ୍ରହରେ ଓଡ଼ିଶାରୁ ପ୍ରଥମ ମହିଳା ରାଜନୀତିକ ବନ୍ଦୀ ହୋଇଛନ୍ତି। ପ୍ରଥମ ମହିଳା ଭାବେ ଖଦୀ ପିନ୍ଧିଛନ୍ତି। କରାଚୀ କଂଗ୍ରେସ ଅଧିବେଶନରେ ପ୍ରଥମ ଓଡ଼ିଆ ଭାବେ ଭାଷଣ ଦେଇଛନ୍ତି।

ତାଙ୍କ ସଂଗ୍ରାମୀ ଜୀବନର ବିପୁଳ ଅନୁଭବ ଓ ନାରୀ ହୃଦୟର ଆବେଗ ତାଙ୍କ ସାହିତ୍ୟ କାନଭାସରେ ରୂପାୟିତ। ନାରୀମୁକ୍ତି ଓ ସମାଜର ପ୍ରଗତି ତାଙ୍କ ସର୍ଜନ ସୃଷ୍ଟିର ମୌଳିକ କଥା। ତେଣୁ ସରଳା ଦେବୀଙ୍କ ପ୍ରଗତିଶୀଳ ଚିନ୍ତନର ପ୍ରବନ୍ଧଗୁଡ଼ିକୁ ନେଇ ମୋର ଏଇ ଆଲୋଚନାଟି ପର୍ଯ୍ୟବେସିତ।

ବିଂଶ ଶତକର ପ୍ରଥମ ଭାଗର ନାରୀ ପ୍ରତିଭାଙ୍କ ମଧ୍ୟରେ ସରଳା ଦେବୀ ଅନନ୍ୟା। ସ୍ୱାଧୀନତା ସଂଗ୍ରାମ, ସମାଜ ସେବା, ରାଜନୀତି ସହିତ ସାରସ୍ୱତ ସାଧନରେ ନିମଗ୍ନା। ସାମାଜିକ, ରାଜନୀତିକ ଓ ସାଂସ୍କୃତିକ ଶୋଧନ ନିମନ୍ତେ ସରଳାଙ୍କ ସାରସ୍ୱତ ସୃଷ୍ଟିର ଉପାଦେୟତା। ସଂଗ୍ରାମୀ ଜୀବନର ବିପୁଳ ଅନୁଭବ ସାହିତ୍ୟରେ ଅଭିବ୍ୟକ୍ତ। ସାହିତ୍ୟର ପ୍ରତିଟି ବିଭାଗ ଯଥା- କବିତା, ଗପ, ଉପନ୍ୟାସ, ନାଟକ, ଏକାଙ୍କିକା, ଆଲୋଚନା, ସମାଲୋଚନା, ପ୍ରବନ୍ଧ, ଜୀବନୀ, ଭ୍ରମଣ କାହାଣୀ ଓ ଶିଶୁସାହିତ୍ୟ ସର୍ବତ୍ର ସରଳାଙ୍କର ଉପସ୍ଥିତି। ସରଳା କେବଳ ଓଡ଼ିଶାର ପରିଧି ଭିତରେ ସୀମାବଦ୍ଧ ହୋଇନାହାନ୍ତି, ବରଂ ଭାରତୀୟ ନାରୀ ଜାଗରଣର ପ୍ରମୁଖ ନେତ୍ରୀ ସାଜିଛନ୍ତି। ସ୍ୱାଧୀନତା ସଂଗ୍ରାମରେ ଜଣେ ଅଗ୍ରଦୂତ କର୍ମନିଷ୍ଠ ବହ୍ନିକନ୍ୟା ଭାବରେ ଆବିର୍ଭୂତ ହୋଇଛନ୍ତି। ସମାଜରେ ଜଣେ ନିଷ୍ଠାପର ସୈନିକା ଭାବରେ ନିଜକୁ ପ୍ରମାଣିତ କରିଛନ୍ତି। ସବୁଠି ସେ ପ୍ରଥମା। ଆଗଧାଡ଼ିରେ ଠିଆହୋଇ ନିଜର ପରାକାଷ୍ଠା ପ୍ରଦର୍ଶନ କରିଛନ୍ତି। ମୁକ୍ତି ସଂଗ୍ରାମର ପ୍ରଥମ ଓଡ଼ିଆ ନାରୀଭାବେ ପରଦା ପ୍ରଥାକୁ ଲଙ୍ଘିଛନ୍ତି। ଲବଣ ସତ୍ୟାଗ୍ରହରେ ଓଡ଼ିଶାରୁ ପ୍ରଥମ ମହିଳା ରାଜନୀତିକ ବନ୍ଦୀ ହୋଇଛନ୍ତି। ପ୍ରଥମ ମହିଳା ଭାବେ ଖଦୀ ପିନ୍ଧିଛନ୍ତି। କରାଚୀ କଂଗ୍ରେସ ଅଧିବେଶନରେ ପ୍ରଥମ ଓଡ଼ିଆ ଭାବେ ଭାଷଣ ଦେଇଛନ୍ତି। କେବଳ ସେତିକି ନୁହେଁ, ବ୍ୟବସ୍ଥାପକ ସଭାର ପ୍ରଥମ ମହିଳା ବିଧାୟିକା, ନେହେରୁଙ୍କ ଗଠିତ ପ୍ଲାନିଂ କମିଟିର ପ୍ରଥମ ଓଡ଼ିଆ ପ୍ରତିନିଧି, ଓଡ଼ିଶା ବିଧାନସଭାର ପ୍ରଥମ ଅସ୍ଥାୟୀ ନାରୀ ବାଚସ୍ପତି, ଭାରତର ପ୍ରଥମ ମହିଳା ବ୍ୟାଙ୍କ ନିର୍ଦ୍ଦେଶିକା, ସରକାରଙ୍କ ତରଫରୁ ନିୟୋଜିତ ପ୍ରଥମ ମହିଳା କାରାଗାର ଓ ଚିକିତ୍ସାଳୟ ପରିଦର୍ଶିକା, ଉତ୍କଳ ସାହିତ୍ୟ ସମାଜର ପ୍ରଥମ ସଭାନେତ୍ରୀ, ନାରୀ କଲ୍ୟାଣ ସମବାୟ ସମିତିର ପ୍ରଥମ ସଭାନେତ୍ରୀ ଥିଲେ ସରଳା ଦେବୀ। ସବୁକ୍ଷେତ୍ରରେ ଅଗ୍ରଗାମୀ ହୋଇ ସ୍ୱକୃତିତ୍ୱର ପରାକାଷ୍ଠା ପ୍ରଦର୍ଶନ କରିବା ସହ ଓଡ଼ିଆ ଜାତି ପାଇଁ ଗୌରବ ସାଜିଛନ୍ତି।

(୨)

ପ୍ରତିଭାମୟୀ ସରଳା ଦେବୀ ଜଗତସିଂହପୁର ଜିଲ୍ଲାର ବାଲିକୁଦା ଅନ୍ତର୍ଗତ ନରିଲୋ ଗାଁରେ ୧୯୦୪ ମସିହା ଅଗଷ୍ଟ ମାସ ୧୯ ତାରିଖରେ ଜନ୍ମଗ୍ରହଣ କରିଥିଲେ। ବାପା- ବାସୁଦେବ କାନୁନ୍‌ଗୋ, ମା' ପଦ୍ମାବତୀ ଦେବୀ। ପିଲାଦିନରୁ ବାସୁଦେବଙ୍କ ସାନଭାଇ ବାଳମୁକୁନ୍ଦ ସରଳାଙ୍କୁ ଝିଅ କରି ନେଇଥିଲେ। ବାଳମୁକୁନ୍ଦ ଓ ତାଙ୍କ ପତ୍ନୀ ହେମନ୍ତ କୁମାରୀ ଖୁବ୍ ଆଦରରେ ସରଳାଙ୍କୁ ପାଳି ଥିଲେ। ବାଳମୁକୁନ୍ଦ ସେ ସମୟରେ ଡେପୁଟୀ କଲେକ୍ଟର। ପତ୍ନୀ ହେମନ୍ତ କୁମାରୀ ଭର୍ଣ୍ଣାକୁଲାର୍ ଉତ୍ତୀର୍ଣ୍ଣା। ରମାଦେବୀ ହେଉଛନ୍ତି ସରଳାଦେବୀଙ୍କ ମାଉସୀ ଝିଅ ଭଉଣୀ। ନିତ୍ୟାନନ୍ଦ କାନୁନ୍‌ଗୋ ସରଳାଦେବୀଙ୍କ ଭାଇ। ସରଳାଙ୍କ ପରିବାରର ବାଲିକୁଦା ଅଞ୍ଚଳରେ ବେଶ୍ ନାଁ ଡାକ ଥିଲା। ଅଭିଜାତ ପରିବାର ଭାବରେ ଏକ ପ୍ରତିଷ୍ଠା ମଧ୍ୟ ଥିଲା। ବାଙ୍କୀରୁ ସରଳାଙ୍କର ପାଠପଢ଼ା ଆରମ୍ଭ ହୋଇଥିଲା ସତ କିନ୍ତୁ ଆଧୁନିକ ଇଂରାଜୀ ଶିକ୍ଷାପାଇଁ ପର୍ଯ୍ୟାପ୍ତ ସୁଯୋଗ ସେ ପାଇପାରି ନଥିଲା। ସେଥିପାଇଁ ଛାତ୍ରୀ ସରଳା ଈଶ୍ୱର ଚନ୍ଦ୍ର ବିଦ୍ୟାସାଗରଙ୍କ 'ଫାଷ୍ଟ ବୁକ୍ ଅଫ୍ ରିଡ଼ିଙ୍ଗ୍'ରୁ ଇଂରାଜୀ ଶିକ୍ଷା ଆରମ୍ଭ କଲେ। ଘରକୁ ଜଣେ ଗୃହ ଶିକ୍ଷକ ପଢ଼ାଇବା ପାଇଁ ଆସୁଥାନ୍ତି ତାଙ୍କ ପାଖରେ ସପ୍ତମ ଶ୍ରେଣୀଯାଏ ପଢ଼ିଲେ। ସରଳାଦେବୀ ଅଙ୍କରେ ଖୁବ୍ ଦୁର୍ବଳ ଥିଲେ। ମାଡ଼ଖାଇ ପୋଥିରେ ଡୋରି ବନ୍ଧା ହେଲା। କିଛିଦିନ ପରେ ସରଳାଙ୍କ ବାପା କଟକ ବଦଳି ହୋଇଆସିଲେ। ରେଭେନ୍‌ସା ବାଳିକା ବିଦ୍ୟାଳୟରେ ସାତ ମାସ ପଢ଼ିଲେ। ପୁଣିଥରେ ବାପାଙ୍କର ବଦଳି ହେବାରୁ ସେଠାରେ ଥିବା କ୍ରଫଡ଼ ବାଳିକା ବିଦ୍ୟାଳୟରେ ଖ୍ରୀଷ୍ଟାନ ଶିକ୍ଷୟିତ୍ରୀଙ୍କ ପାଖେ ଇଂରାଜୀ, ହିନ୍ଦୀ ଓ ବଙ୍ଗଳା ଶିଖିଲେ।

ସେ ସମୟର ପାରଂପରିକ ନୀତିନିଷ୍ଠ ଚଳଣି ସମ୍ଭ୍ରାନ୍ତ ପରିବାରର ଆଦବ କାଇଦାରେ ସରଳା ଭାରାକ୍ରାନ୍ତ ହୋଇପଡ଼ନ୍ତି। ରକ୍ଷଣଶୀଳ ପରିବାରରେ ଝିଅମାନଙ୍କ ପାଇଁ ସେ ସମୟରେ ଚଳୁଥିବା କୁସଂସ୍କାର, ଛୁଆଁ ଅଛୁଆଁ ଭେଦଭାବ ରୂପକ ରକ୍ଷଣଶୀଳତାକୁ ସରଳା ଦେବୀ ଖାତିର୍ କରିନାହାନ୍ତି। ଏସବୁକୁ ସମାଜ ଜୀବନରୁ ବାଦ୍ ଦେବା ପାଇଁ ସରଳା ଆପ୍ରାଣ ଉଦ୍ୟମ ଆରମ୍ଭ କରିଛନ୍ତି। ଏ କ୍ଷେତ୍ରରେ ସ୍ୱାମୀ ଭାଗିରଥି ମହାପାତ୍ର ତାଙ୍କୁ ସହଯୋଗ କରିଛନ୍ତି। ଭାଗିରଥୀ ମଧ୍ୟ ଉଚ୍ଚଶିକ୍ଷିତ, ସ୍ୱାଧୀନଚେତା ଓ ଉଦାର ସ୍ୱଭାବଯୁକ୍ତ। ସରଳାଙ୍କର ପ୍ରତିଟି କାର୍ଯ୍ୟର ପଛରେ ଭାଗିରଥୀଙ୍କ ପ୍ରେରଣା ସାରଳାଙ୍କ କାର୍ଯ୍ୟଧାରାକୁ ଆଗେଇନେବା ସହିତ ସଫଳ କରାଇଛି ।

(୩)

ସେ ସମୟରେ ପରିବେଶ ଥିଲା ସ୍ୱାଧୀନତା ଆନ୍ଦୋଳନର ସମୟ। ସମଗ୍ର ଭାରତବର୍ଷରେ ସାମାଜିକ ଜୀବନଧାରାରେ ଗାନ୍ଧୀବାଦର ପ୍ରଭାବ ଅନୁଭୂତ ହେଉଥାଏ। ଗାନ୍ଧୀଙ୍କ ସ୍ୱଦେଶୀ ଆନ୍ଦୋଳନକୁ ଓଡ଼ିଶାରେ ଏକ ନିର୍ଦ୍ଦିଷ୍ଟ ରୂପରେଖ ଦେବାପାଇଁ ଗୋପବନ୍ଧୁ ଆପ୍ରାଣ ଉଦ୍ୟମ ଚଳାଇଥାଆନ୍ତି। ୧୯୧୯ ମସିହାରେ ଘଟିଥିବା ଜାଲିଆନାୱାଲାବାଗ୍ ହତ୍ୟାକାଣ୍ଡ ସମଗ୍ର ଭାରତୀୟ ଜନମାନସରେ ଗଭୀର ଆଲୋଡ଼ନ ସୃଷ୍ଟି କରିଥାଏ। ଏ ଅମାନୁଷିକ ବର୍ବର ହତ୍ୟାକାଣ୍ଡ ସରଳାଙ୍କୁ ମଧ୍ୟ ପ୍ରଭାବିତ କରିଥିଲା। ନିଜର ବଂଶ ପରଂପରା ଓ ରକ୍ଷଣଶୀଳତାକୁ ତ୍ୟାଗ କରି ସେ ନାରୀ ଜାଗରଣ ଓ ସ୍ୱାଧୀନତା ସଂଗ୍ରାମରେ ନିଜକୁ ସଂପୂର୍ଣ୍ଣ ଭାବରେ ନିୟୋଜିତ କରିଥିଲେ। ୧୯୨୦ ମସିହାରେ ଗୋପବନ୍ଧୁଙ୍କ ପ୍ରେରଣାରେ ଅନୁପ୍ରେରିତ ହୋଇ ଭାଗିରଥି ମହାପାତ୍ର ଓକିଲାତି ଛାଡ଼ିଥିଲେ। ଭାରତୀୟ ଜାତୀୟ କଂଗ୍ରେସର ନାଗପୁର ଅଧିବେଶନରେ ସରଳା ଓ ଭାଗିରଥି ଦୁହେଁ ଯୋଗ ଦେଲେ। ଓଡ଼ିଶାରୁ ସେମାନଙ୍କ ସହ ଗୋପବନ୍ଧୁ, ହରେକୃଷ୍ଣ ମହତାବ ମଧ୍ୟ ଯୋଗ ଦେଇଥିଲେ। ଏହି ଅଧିବେଶନ ପରେ ଉତ୍କଳ ପ୍ରାଦେଶିକ କଂଗ୍ରେସ କମିଟି ଗଠନର ମୂଳଦୁଆ ପଡ଼ିଥିଲା। ଗୋପବନ୍ଧୁ ଏହାର ସଭାପତି ଓ ଭାଗିରଥୀ ଏହାର ସଂପାଦକ ହେଲେ। ଗୋପବନ୍ଧୁଙ୍କ ଆମନ୍ତ୍ରଣରେ ଗାନ୍ଧିଜୀ ୧୯୨୧ ମସିହା ମାର୍ଚ୍ଚ ମାସ ୨୩ ତାରିଖରେ ଓଡ଼ିଶା ଆସିଥିଲେ। ଏହି ସମୟରେ ସରଳା କଟକ ସହରସାରା ବୁଲିବୁଲି ମହିଳାମାନଙ୍କୁ ସଭାକୁ ଯିବାପାଇଁ ଉତ୍ସାହିତ କରୁଥିଲେ। ତାଙ୍କ ନେତୃତ୍ୱରେ ପ୍ରଥମେ ୪୦ ଜଣ ମହିଳା ଗାନ୍ଧିଜୀଙ୍କ ସଭାରେ ଯୋଗ ଦେଇଥିଲେ।

ସଭାରେ ଗାନ୍ଧିଜୀଙ୍କ ହିନ୍ଦୀ ଅଭିଭାଷଣକୁ ସରଳା ଓଡ଼ିଆରେ ଭାଷାନ୍ତର କରିଥିଲେ। ଗାନ୍ଧିଜୀଙ୍କ ଉଦ୍ବୋଧନରେ ଅନୁପ୍ରାଣିତ ହୋଇ ସରଳା ନିଜର ସମସ୍ତ ଅଳଙ୍କାରକୁ ସ୍ୱରାଜ ପାଣ୍ଠିକୁ ଦାନ କଲେ। ସେଇ ଦିନଠାରୁ ଜୀବନରେ କେବେହେଲେ ସେ ଅଳଙ୍କାର ପିନ୍ଧିନାହାନ୍ତି। ଏହାପରେ ସେ କଂଗ୍ରେସର ସଦସ୍ୟା ହେଲେ। ଗୋପବନ୍ଧୁଙ୍କ ସତ୍ୟବାଦୀ ବନବିଦ୍ୟାଳୟର 'ମଣିଷ ତିଆରି କାରଖାନା'ର ଆଦର୍ଶରେ ଅନୁପ୍ରାଣିତ ହୋଇ ସ୍ୱାମୀ ଭାଗିରଥିଙ୍କ ସହଯୋଗରେ ଜଗତସିଂହପୁରର ଅଳକାନଦୀ ପାଖରେ ଥିବା ଚାଟରାଠାରେ 'ଅଳକାଶ୍ରମ' ନାମକ ଆବାସିକ ବିଦ୍ୟାଳୟ ଗଠନ କଲେ। ସେ ସମୟରେ ଦେଢ଼ଶହ ଅଧ୍ୟାୟୀ ଆଶ୍ରମରେ ରହୁଥିଲେ। ପାଠପଢ଼ା ସାଙ୍ଗକୁ ସୂତାକଟା, ଗାଁ ସଫେଇ ଭଳି ବିଭିନ୍ନ କାର୍ଯ୍ୟରେ ଛାତ୍ରମାନେ ନିୟୋଜିତ ହେଉଥିଲେ। ଉଦ୍ଦେଶ୍ୟ ଥିଲା ଛାତ୍ରମାନଙ୍କ ମନରେ ସ୍ୱଦେଶ ଭାବନା ଜାଗ୍ରତ କରାଇବା। ଭାଗିରଥୀ ଓ ସରଳା ଦୁହିଁଙ୍କ ନିରବଚ୍ଛିନ୍ନ ଉଦ୍ୟମରେ 'ଅଳକାଶ୍ରମ'ରୁ 'ଅଳକା' ନାମକ ପତ୍ରିକା ପ୍ରକାଶ ପାଇଲା ।

ଗାନ୍ଧିଜୀଙ୍କ ନାରୀ ଜାଗରଣ ନୀତି ଦ୍ୱାରା ସରଳାଦେବୀ ଖୁବ୍ ପ୍ରଭାବିତ ହୋଇଥିଲେ। ଫଳସ୍ୱରୂପ ସରଳାଦେବୀ ମହିଳା ସଂଗଠନକୁ ସୁଦୃଢ଼ କରିବା ପାଇଁ 'ଉତ୍କଳ ମହିଳା ସମ୍ମିଳନୀ' ଗଠନ କରିଥିଲେ। ଏହା 'ନିଖିଳ ଭାରତ ମହିଳା ସମ୍ମିଳନୀ'ର ଏକ ଶାଖା ଭାବେ କାର୍ଯ୍ୟ କଲା। ମହିଳା ସମ୍ମିଳନୀର ସାଂଗଠନିକ କାର୍ଯ୍ୟରେ ସରଳା ନିଜକୁ ମନପ୍ରାଣ ଦେଇ ନିୟୋଜିତ କଲେ। ଏହାପରେ ୧୯୨୪ ମସିହାରେ ବ୍ରହ୍ମପୁରରେ 'ଉଦ୍‌ଯୋଗ ମନ୍ଦିର' ନାମକ ମହିଳା ସଂଗଠନ ଆରମ୍ଭ କଲେ। ଗାଁ ଗାଁ ବୁଲି ମହିଳାମାନଙ୍କୁ ଇଂରେଜ ସରକାର ବିରୋଧରେ ଏକାଠି କରାଇଲେ। ଏ ପ୍ରସଙ୍ଗରେ ସରଳା ଦେବୀ ସ୍ୱହସ୍ତଲିଖିତ ପାଣ୍ଡୁଲିପିରେ ସ୍ୱୀକାର କରିଛନ୍ତି ।

"ମୁଁ ଗଞ୍ଜାମ ଜିଲ୍ଲାର ସତ୍ୟାଗ୍ରହ ସମରରେ ଡିକ୍ଟେଟର ଥିଲାବେଳେ ନିତି ଗୋଟିଏ ଗୋଟିଏ ଗାଁକୁ ଯାଇ ଇଂରେଜଙ୍କ ପିଣ୍ଡ ବାଡ଼ି ଭାଷଣ ଦେଉଥିଲି। ଦେଢ଼ଶହ ଲୋକଙ୍କୁ ପ୍ରଭାବିତ କରି ଜେଲ୍ ପଠାଇଥିଲି। ରାତିଦିନ ଧରି ଦି' ବର୍ଷ କାମ କଲି। ଚାନ୍ଦା ଉଠାଇ ସତ୍ୟାଗ୍ରହୀଙ୍କୁ ଚଳାଇବା ଓ ଜେଲ୍‌ଖାନାକୁ ଲୋକ ପଠାଇବା ମୋର କାମ ଥାଏ। XXX। ଗଞ୍ଜାମ ଜିଲ୍ଲାରେ ମୋର ବଳିଷ୍ଠ ପ୍ରଭାବ ଦେଖି କଲେକ୍ଟର ଆୟାର କହୁଥାନ୍ତି – "ସରଳା ଦେବୀ ଗୋଟାଏ ଡାକିନୀ, ତା'ର କି ଗୁଣ ଅଛି ଯେ, ଲୋକେ ତା'ଭାଷଣ ଶୁଣି, ଆଇନ୍ ଭାଙ୍ଗି ଜେଲ୍ ପଳାଉଛନ୍ତି।"(୧) ଗାନ୍ଧିଜୀଙ୍କ ନାରୀ ଜାଗରଣ ନିତି ଦ୍ୱାରା ସରଳାଙ୍କ ଭଳି 'ରେବାରାୟ', କାନ୍ତକବି ଲକ୍ଷ୍ମୀକାନ୍ତଙ୍କ ଭଉଣୀ 'କୋକିଳାଦେବୀ', କବି 'କୁନ୍ତଳା କୁମାରୀ ସାବତ', 'ରମାଦେବୀ', 'ଶୈଳବାଳା ଦେବୀ', ବିଶ୍ୱନାଥ କରଙ୍କ ଦୁଇ ଝିଅ ନିର୍ମଳା କର ଓ ପ୍ରତିଭା କର ମଧ୍ୟ ପ୍ରଭାବିତ ହୋଇଥିଲେ। ଉତ୍କଳମଣି ଗୋପବନ୍ଧୁ ସେ ସମୟରେ ଉତ୍କଳ ସମ୍ମିଳନୀ ମାଧ୍ୟମରେ ଓଡ଼ିଆ ଭାଷା ସୁରକ୍ଷା ଓ ବିଚ୍ଛିନ୍ନାଞ୍ଚଳ ଏକତ୍ରୀକରଣ ପାଇଁ କାର୍ଯ୍ୟ କରୁଥାଆନ୍ତି। ଉତ୍କଳମଣିଙ୍କ ସହ ସରଳାଦେବୀ ଯୋଗ ଦେଲେ। ଉଭୟଙ୍କ କର୍ତ୍ତବ୍ୟନିଷ୍ଠା ଓ ଆଦର୍ଶରୁ ୧୯୨୮ ମସିହାରେ ଜନ୍ମ ନେଲା 'ପ୍ରବାସୀ ଉତ୍କଳ ସମ୍ମିଳନୀ'। ଏହି ସମ୍ମିଳନୀ ଦ୍ୱାରା ପ୍ରବାସୀ ଓଡ଼ିଆମାନଙ୍କର ଦୁଃଖ ଦୁର୍ଦ୍ଦଶା ବୁଝିବା, ସେମାନଙ୍କୁ ଓଡ଼ିଆ ଭାଷା ଶିଖାଇବାର ଗୁରୁଦାୟିତ୍ୱ ନେଇଥିଲେ ସରଳାଦେବୀ।

ଗଞ୍ଜାମର ହୁମାଠାରେ ଲବଣ ସତ୍ୟାଗ୍ରହର ସଫଳତାର ଶ୍ରେୟ ସରଳାଦେବୀଙ୍କୁ ହିଁ ଦିଆଯାଏ। ଏଥିପାଇଁ ତାଙ୍କୁ ଗିରଫ ହେବାକୁ ପଡ଼ିଛି। ଗିରଫ ହୋଇ ପ୍ରଥମେ ଗଞ୍ଜାମ କାରାଗାର ଏବଂ ପରବର୍ତ୍ତୀ ସମୟରେ ଦକ୍ଷିଣ ଭାରତର ଭେଲୋର ଜେଲ୍‌କୁ ସ୍ଥାନାନ୍ତର କରାଗଲା। ଭେଲୋର ଜେଲ୍‌ରେ ଥିବାବେଳେ ଦୁର୍ଗାବତୀ ଦେଶମୁଖଙ୍କ ଦ୍ୱାରା ସରଳା ଖୁବ୍ ପ୍ରଭାବିତ ହୋଇଥିଲେ। ସରଳାଙ୍କ ଗିରଫଦାରୀର ପ୍ରତିବାଦରେ ବ୍ରହ୍ମପୁରରେ ବିରାଟ ସାଧାରଣ ସଭାର ଆୟୋଜନ କରାଯାଇଥିଲା। ସମବେତ ଜନତା ସରଳାଙ୍କ ଉଦ୍ଦେଶ୍ୟରେ ଗାଇଥିଲେ– "ଉତ୍କଳ ମହିଳା ଶ୍ରୀମତୀ ସରଳା/ ଭାରତର ପ୍ରିୟନନ୍ଦିନୀ/ ବନ୍ଦିନୀ ଆଜି ବନ୍ଦିନୀ।"

ବନ୍ଦୀ ଜୀବନରୁ ମୁକ୍ତ ହେବାପରେ ସରଳାଙ୍କ ଉଦ୍ଦେଶ୍ୟରେ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ଏହି ସଭାରେ କୁନ୍ତଳା କୁମାରୀଙ୍କ ଦ୍ୱାରା ରଚିତ ସଂଗୀତ ଗାନ କରାଯାଇଥିଲା। "ବୀରବାଳା ମା' ସରଳା, କି ବୋଲି ତୋତେ ବନ୍ଦିବୁ/ ରୁଧିରେ ଅବିର ଖେଳି, ରଣେ ଅଗ୍ରସର ହେବୁ।"

୧୯୩୧ ମସିହାରେ ହୋଇଥିବା କରାଚୀ କଂଗ୍ରେସ ଅଧିବେଶନରେ ସ୍ୱାମୀ ଭାଗିରଥୀଙ୍କ ସହିତ ଯୋଗ ଦେଇ ସରଳାଦେବୀ ଓଡ଼ିଶା ପାଇଁ ଦୁଇଟି ଦାବୀ ଉପସ୍ଥାପନ କରିଥିଲେ। ପ୍ରଥମଟି ସ୍ୱତନ୍ତ୍ର ପ୍ରଦେଶ ଗଠନ ଏବଂ ଦ୍ୱିତୀୟଟି ଓଡ଼ିଶାରେ ଭାରତୀୟ ଜାତୀୟ କଂଗ୍ରେସର ପରବର୍ତ୍ତୀ ଅଧିବେଶନ ଅନୁଷ୍ଠିତ କରାଇବା।

ସରଳାଙ୍କ ସାଂଗଠନିକ ଶକ୍ତିର ଅନ୍ୟତମ ଦୃଷ୍ଟାନ୍ତ ହେଉଛି ୧୯୩୧ ମସିହାରେ ବାଲେଶ୍ୱରଠାରେ ଆୟୋଜିତ 'ନିଖିଳ ଉତ୍କଳ ନାରୀ ପରିଷଦ'। ଏହି ପରିଷଦ ଆୟୋଜନ କରିବାରେ ସହାୟତା କରିଥିଲେ ବାନ୍ଧବୀ ବସନ୍ତ କୁମାରୀ ଦେବୀ, ସରୋଜିନୀ ଚୌଧୁରୀ, କୋକିଳା ଦେବୀ ଏବଂ ଜାହ୍ନବୀ ଦେବୀ। ଏମାନଙ୍କ ମିଳିତ ସହଯୋଗରେ ବାରଶହ ମହିଳା ଏହି ସମ୍ମିଳନୀରେ ଯୋଗ ଦେଇଥିଲେ।

(୪)

ସ୍ୱାଧୀନତା ସଂଗ୍ରାମରେ ଯୋଗଦାନ, ସାଂଗଠନିକ କାର୍ଯ୍ୟ ସଂପାଦନ ସହ ସେ ସମୟର ପତ୍ରପତ୍ରିକାରେ ଆପଣାର ବକ୍ତବ୍ୟକୁ ସ୍ପଷ୍ଟ ନିର୍ଭୀକ ମୌଳିକ ଆଲୋଚନା ମାଧ୍ୟମରେ ପ୍ରକାଶ କରୁଥାନ୍ତି। ତାଙ୍କ ଆଲୋଚନା ବାସ୍ତବ ସଂଗ୍ରାମୀ ଭାବାଦର୍ଶର ପୃଷ୍ଠଭୂମି ଉପରେ ପର୍ଯ୍ୟବେସିତ। ସରଳାଙ୍କର ଅଧିକାଂଶ ଲେଖା ସ୍ୱାଧୀନତା ସଂଗ୍ରାମ, ନାରୀ ଜାଗରଣ ଓ ସମାଜ ସଂସ୍କାର ଉପରେ ଆଧାରିତ। ବ୍ୟକ୍ତିଗତ ଜୀବନର ବିବିଧ ସଂଗ୍ରାମ, ନିଷ୍ଠା, ଆଦର୍ଶ, ଜୀବନଧାରା ମଧ୍ୟରେ ପରିଲକ୍ଷିତ ବିବିଧ ଆଶା-ଆକାଂକ୍ଷାର ବାର୍ତ୍ତା ବହନ କରେ ସରଳାଙ୍କ ଲେଖା। ସରଳାଙ୍କ ସାହିତ୍ୟ କୃତିକୁ ସମ୍ମାନ ଜଣାଇ ସୁସାହିତ୍ୟିକା ବନଜ ଦେବୀ ଲେଖିଛନ୍ତି;

"ତାଙ୍କ ସାହିତ୍ୟରେ ତାରୁଣ୍ୟର ସ୍ୱପ୍ନ ନାହିଁ, ଅଛି ଜୀବନର ବାସ୍ତବତା, କଳ୍ପନାର ବିଳାସ ନାହିଁ, ଅଛି ନିଷ୍ଠୁର ବାସ୍ତବତାର ଦାବୀ। ହସର ଫୁଲ ଝରି ନାହିଁ, ଅଛି ମଣିଷର ଲୁହର କାହାଣୀ, ନିର୍ଯାତିତର କାହାଣୀ। ଯେଉଁଠି ମଣିଷ ଅନ୍ୟାୟ, ଅନୀତି ଓ ଅବିଚାରରେ ଦଳିତ, ଶୋଷିତ ଓ କୁସଂସ୍କାରଗ୍ରସ୍ତ ହୋଇଛି, ସେଇଠି ସେ ଲେଖିଛନ୍ତି ମଣିଷର ହାତ ଧରି ତାକୁ ଊର୍ଦ୍ଧ୍ୱକୁ ଟାଣିବାର ସ୍ୱପ୍ନ।"(୨)

ସରଳାଙ୍କର ଅନେକ ଆଲୋଚନା ବଙ୍ଗଳା ପତ୍ରିକା ଦେବଯାନୀ ଓ ଓଡ଼ିଆ ପତ୍ରିକା 'ପରିଚାରିକା', 'ନବଭାରତ', 'ଉତ୍କଳ ସାହିତ୍ୟ', 'ସହକାର', ଯୁଗବୀଣା', 'ଆଶା', 'ନବୀନ', 'ପ୍ରଭାତ', 'ଆସନ୍ତାକାଲି', 'ଡଗର', 'ଝଙ୍କାର'ରେ ପ୍ରକାଶ ପାଇଥିଲା। 'ପରିଚାରିକା'ରେ ସରଳାଙ୍କର 'ଆକାଂକ୍ଷା' ଓ 'ପ୍ରତୀକ୍ଷା' ନାମକ ଦୁଇଟି କବିତା ପ୍ରକାଶ ପାଇଥିଲା। କବିତା ଦୁଇଟିରୁ ସରଳାଙ୍କର ବିଭୁବୋଧ, ପ୍ରକୃତିପ୍ରୀତି ଓ ଦାର୍ଶନିକ ଦୃଷ୍ଟିଭଙ୍ଗୀର ପରିଚୟ ମିଳିଥାଏ। "ଆହେ ଦିନନାଥ ଆଉ କେତେ ଦିନ ନ ଉଇଁବ ହୃଦ କନ୍ଦରେ/ ଆଉ କେତେ ଦିନ ଚାହିଁ ବସିଥିବି ଅକୂଳ ଅତଳ ସାଗରେ/ ହସିଉଠେ ପ୍ରକୃତି ସୁନ୍ଦରୀ/ ମାତି ଉଠେ କ୍ଷଣେ ଧରଣୀ ସୁନ୍ଦରୀ/ ପଦ୍ମିନୀ କୁମାରୀ ଆନନ୍ଦର ଭାସେ, ହାସ ଫୁଟେ ଚାରୁ ଅଧରେ।"(୩) "ନିଶି ଦିନ ଖରା ବର୍ଷା ଉଷା ପ୍ରଦୋଷରେ/ ଆସିବ ବୋଲି ତ ତୁମ୍ଭେ ଚାହିଁ ବସିଥାଏ/ କେବେ ଆସିବ ହେ ପ୍ରାଣ ଦୟିତ! ନିଶ୍ଚିତ/ କେବେ ଧରା ଦେବ ମୋତେ ସକଳ ଇନ୍ଦ୍ରିୟେ?"(୪)

ସରଳା ଦେବୀ ଜଣେ ସଫଳ ଅନୁବାଦିକା ଭାବରେ ଓଁକାରନାଥଙ୍କ 'କଥା ରାମାୟଣ', ଭାସଙ୍କ 'ସ୍ୱପ୍ନ ବାସବଦତ୍ତା' ରାୟ ରାମାନନ୍ଦଙ୍କ 'ଜଗନ୍ନାଥ ବଲ୍ଲଭ' ନାଟକର ଅନୁବାଦ

କରିଛନ୍ତି। ବଙ୍ଗଳାର 'ବାରୋୟାରୀ' ଉପନ୍ୟାସ ଶୈଳୀରେ ଓଡ଼ିଆରେ ନଅଜଣ ଲେଖକ ଲେଖିକାଙ୍କ ଉଦ୍ୟମରେ ରଚିତ ସବୁଜ ଗୋଷ୍ଠୀର କୃତିତ୍ୱ 'ବାସନ୍ତୀ' ଉପନ୍ୟାସର କେତୋଟି ପରିଚ୍ଛେଦ ମଧ୍ୟ ସରଳା ଲେଖିଛନ୍ତି। 'ବାସନ୍ତୀ' ଚରିତ୍ର ମାଧ୍ୟମରେ ନାରୀ ସ୍ୱାଧୀନତା ଓ ନାରୀ ପ୍ରଗତିର କଥା କହିଛନ୍ତି। 'ବାସନ୍ତୀ' ଚରିତ୍ର ମାଧ୍ୟମରେ ପ୍ରତିବାଦର ସ୍ୱର ଉତ୍ତୋଳନ କରିଛନ୍ତି ବାସନ୍ତୀ କହୁଛି;

"ତମେ ଯାହା କୁହ ପଛେ, ତମେ ଯେଉଁସବୁ ବ୍ୟବସ୍ଥାକୁ ଆଦର୍ଶ ଓ ସନାତନ ବୋଲି ମନେ କରୁଛ, ମୁଁ ତାକୁ କଦାପି ସମର୍ଥନ କରିପାରିବି ନାହିଁ। କାରଣ ମୋ କ୍ଷୁଦ୍ର ବିଚାର ବୁଦ୍ଧିରେ ମୁଁ କହେ ଆଦର୍ଶ ସମାଜ ଗଠନ କରିବାକୁ ହେଲେ ଗଠନ ମୂଳରେ ପୁରୁଷ ଓ ନାରୀ ଦୁହିଁଙ୍କର ସମାନ ହାତର ସମନ୍ୱୟ ରହିବା ଉଚିତ୍।"(୫)

'ଗୋଟିଏ ଛବି' ଗପରେ ମଧ୍ୟ ନାରୀ ନିର୍ଯାତନାର କଥା ଦେଖିବାକୁ ପାଇବା। 'ରତି' ସାଧାରଣ ପରିବାରର କୂଳବଧୂ। ଅସମୟରେ ବିଧବା ହୋଇଛି। ସ୍ୱାମୀର ମୃତ୍ୟୁ ପାଇଁ ଶାଶୁଶ୍ୱଶୁର ରତିକୁ ଦାୟୀ କରିଛନ୍ତି। ଶାଶୁ ଗଞ୍ଜଣା ଦେଇ କୁହନ୍ତି –

"ଡାଆଣୀ, ଅମଙ୍ଗୁଳୀ, ରାକ୍ଷାସୁଣୀ! ମୋର କେଡ଼େ ସୁନ୍ଦର ପୁଅକୁ ଗିଳି ତୋର ପେଟ ପୂରୁ ନାହିଁ। ତୋ ପେଟ କରଡ଼ି ଜଳୁଛି ଯଦି ଭୋକ ମରିନାହିଁ। ତେବେ ଆ ଆ ଖା ଖା ବାକି ଆମେ ଯୋଡ଼ାଏ ବୁଢ଼ାବୁଢ଼ୀ ଠେଙ୍ଗା ପଡ଼ିଛୁ ଆଲୋ ଜୀଅନ୍ତା ଗିଳି ଦେଇ ଯା।"(୬) ନାରୀ ନିର୍ଯାତନା ସାଙ୍ଗକୁ ନାରୀର ଅସହାୟତା, ପୁରୁଷ କୈନ୍ଦ୍ରିକ ସମାଜର ଅତ୍ୟାଚାର, ବ୍ରାହ୍ମଣ ସମାଜର ଲୋଭାତୁର ପିଶାଚ ପ୍ରବୃତ୍ତି ଭଳି ଚିତ୍ର ଗପରେ ଦର୍ଶାଇଛନ୍ତି।

ନାରୀର ଯାବତୀୟ ସମସ୍ୟା ସରଳାଦେବୀଙ୍କ ଚିନ୍ତାଶୀଳ ତଥ୍ୟପୂର୍ଣ୍ଣ ପ୍ରବନ୍ଧ ଓ ଆଲୋଚନାରେ ରୂପ ପାଇଛି। ସରଳାଙ୍କ ଦୃଷ୍ଟିରେ ନାରୀ ଓ ପୁରୁଷ ସମାଜର ଦୁଇ ବଳିଷ୍ଠ ଅଙ୍ଗ। ଜଣକ ବିନା ଅନ୍ୟ ଜଣକର ଅଶେଷ କ୍ଷତି ହୋଇଥାଏ। କିନ୍ତୁ ରୋଗବାଦୀ ପୁରୁଷ କୈନ୍ଦ୍ରିକ ସମାଜରେ ନାରୀ ସର୍ବଦା ଅବହେଳାର ଶିକାର ହୁଏ। ପ୍ରତ୍ୟେକ କ୍ଷେତ୍ରରେ ନାରୀ ପାଲଟିଯାଏ ପଣ୍ୟ ସାମଗ୍ରୀ। 'ନାନାମାୟା' ଓ 'ଏ ଯୁଗର ନାରୀ ଶିକ୍ଷା ଓ ସରକାରୀ' ପ୍ରବନ୍ଧ ଏହି ଚିନ୍ତାଧାରାର ଜ୍ୱଳନ୍ତ ନମୁନା ।

- "ଭଲ ଅଳଙ୍କାର, ଝୀନ ବାସ, ଯାନବାହନ, ପାଚକ, ନୃତ୍ୟ, ଅର୍ଥ, ଭୂମି, କଳକାରଖାନା, ବ୍ୟବସାୟ, କିଳାପୋତେଇ, ଚୋରୀ-ଡକେଇତି, ହାଣକାଟ – ଏସବୁ ଆଜି ନାରୀକୁ ହିଁ କେନ୍ଦ୍ରକରି ସାରା ପୃଥିବୀରେ ପସରା ମେଲେଇ ବସିଛି। ସାହିତ୍ୟ, କାବ୍ୟ, ବିଜ୍ଞାପନ, ସିନେମା, ଅଭିନୟ, ନୃତ୍ୟ, ଗୀତ-ବାଦ୍ୟ – ଏ ସମସ୍ତ ନାରୀର ଭୋଗ ଆହରଣ ପ୍ରକୃତିର ବିକାଶ। ପୁରୁଷ ସେଇ କଳା ଲକ୍ଷ୍ମୀଙ୍କୁ ବରଦା କରିବା ପାଇଁ ତପସ୍ୟା କରେ, ସାଧନା କରେ। ପୁଣି ପ୍ରକୃତିର ଅନୁଗ୍ରହ ପାଇ ତା'ର ସାଧନାରେ ସିଦ୍ଧ ହେଲେ, ନିଜକୁ ସାର୍ଥକ, ସୌଭାଗ୍ୟବାନ୍ ଓ ବୀରବ୍ୟକ୍ତି ବୋଲି ମନେକରେ।"(୭)
- "ଆମର ଶିକ୍ଷିତା ଝିଅଙ୍କ ପରି ଅସହାୟ, ନିରାଶ୍ରୟ ଜୀବନ ଧାରଣ ଆଉ କେଉଁଠି ଦେଖାଯାଏ ନାହିଁ। ପୁରୁଷଙ୍କ ସଂଗେ ସମାନ ହେବାକୁ ନାରୀ ପୁରୁଷଙ୍କ ପାଠ୍ୟ, ପୁରୁଷ ବିଦ୍ୟା ଶିଖୁଛି।"(୮)

ଦେଶ ବିଦେଶ ଖବର, ସମକାଳର ସମାଜ ଓ ନ୍ୟାୟିକ ବ୍ୟବସ୍ଥା ସଂପର୍କରେ ସରଳା ଅଗାଧ ଜ୍ଞାନର ଅଧିକାରୀ ଥିଲେ। ବିବାହ ପରେ, ପୁରୁଷ କୈନ୍ଦ୍ରିକ ସମାଜ ବ୍ୟବସ୍ଥା ନାରୀକୁ ଅଧସ୍ତନ କରିରଖେ। ବୈବାହିକ ସ୍ୱୀକୃତିର ଦ୍ୱାହି ଦେଇ ମାନସିକ ନିର୍ଯାତନା ଦେବା ବିରୋଧରେ ସରଳାଙ୍କର ଦୃଢ଼ ପ୍ରତିବାଦ ତାଙ୍କୁ ବିପ୍ଳବିନୀର ଆଖ୍ୟା ପ୍ରଦାନ କରିଥିଲା। ନାରୀର ଅଧିକାରକୁ ସମ୍ମାନ ଜଣାଇ ବିଚାରପତି ଜଷ୍ଟିସ୍ ମେକାର୍ଡ଼ଙ୍କ ଉକ୍ତିକୁ ଉଦ୍ଧାର କରି ସରଳା ଦେବୀ ଲେଖିଥିଲେ –

"ମୁଁ କହୁଛି ସ୍ତ୍ରୀର ଦେହ କେବେ ସ୍ୱାମୀର ହୋଇପାରେନା। ଏହା ତା'ର ନିଜସ୍ୱ ସଂପତ୍ତି, ସ୍ୱାମୀର ନୁହେଁ। ନିଜ ଇଚ୍ଛା ଅନୁସାରେ ସେ ସ୍ୱାମୀକୁ ପରିତ୍ୟାଗ କରିପାରେ। ସେ ତା'ର ବ୍ୟବସାୟ ନିର୍ବାଚନ କରିପାରେ। ମନମୁତାବକ ରାଜନୈତିକ ଦଳରେ ଯୋଗଦାନ କରିପାରେ। ସନ୍ତାନ ପ୍ରସବ କରିବ କି ନା ଏ ସମ୍ବନ୍ଧରେ ତା'ର ସଂପୂର୍ଣ୍ଣ ଅଧିକାର ଅଛି ଏବଂ କେବେ ସନ୍ତାନ ଜନ୍ମ କରିବ ସେ ତାହା ସ୍ଥିର କରିପାରେ। ବିବାହକୁ ମୂଳକରି କୌଣସି ଲୋକ ସ୍ତ୍ରୀକୁ ନିଜ ଅଧୀନରେ ରଖିପାରେ ନାହିଁ। ଏହି ଦେଶର ମହିଳା ସ୍ୱାଧୀନତା ପାଇଛି। ସେ ନାଗରିକା, କ୍ରୀତଦାସୀ ନୁହେଁ। ବୈବାହିକ ଜୀବନରେ ଆନନ୍ଦ ଆଇନ୍‌କାନୁନ୍‌ରୁ ମିଳେ ନାହିଁ। ପରସ୍ପର ଦୟା, ଶାଳୀନତା, କ୍ଷମା, ତ୍ୟାଗ ସର୍ବୋପରି ନୈତିକତା ଉପରେ ନିର୍ଭର କରେ।"

ତାଙ୍କ ଦୃଷ୍ଟିରେ ନାରୀ ଶାରୀରିକ ଓ ମାନସିକ ଉଭୟ ସ୍ତରରେ ଶକ୍ତିଶାଳୀ। ନାରୀର ମାନସିକ ବୀରତ୍ୱ ତାକୁ ବିଶ୍ୱଜଗତରେ ଚିରନ୍ତନ ମହିମାରେ ମଣ୍ଡିତ କରିପାରେ। ତେଣୁ ସେ କହନ୍ତି "ନାରୀ କେବଳ ଯୁଦ୍ଧାଭିଯାନରେ ଅଗ୍ରଣୀ ହୋଇ ମନୁଷ୍ୟ ଜାତିର ସମ୍ମାନାର୍ହ ହୋଇନାହିଁ, ମାତ୍ର ତା'ର ମାନସିକ ଦୃଢ଼ ସଂକଳ୍ପ, ନିଶ୍ଚୟାମିôକା ବୁଦ୍ଧି, ଅବ୍ୟଭିଚାର ଜ୍ଞାନ, ଭକ୍ତିଭାବ ପୁଣି ମାଧୁର୍ଯ୍ୟମୟୀ ପ୍ରକୃତି ଦ୍ୱାରା ସମ୍ମାନାର୍ହ ହୋଇପାରିଅଛି।"(୯)

ନାରୀର ବିବିଧ ସମସ୍ୟା, ସାମାଜିକ ସ୍ତରରେ ନାରୀ-ପୁରୁଷର ସମଧରଣର ଦାୟିତ୍ୱ ଓ କର୍ତ୍ତବ୍ୟ, ନାରୀକୁ ତା'ର ନ୍ୟାର୍ଯ୍ୟ ଅଧିକାରରୁ ବଞ୍ôଚିତ କରାଯିବା ହେତୁ ସରଳା ଦେବୀଙ୍କ ସଂସ୍କାରପ୍ରବଣ ମାନସିକତା ବିପ୍ଳବ କରିଉଠିଛି। ସରଳା ଏହାର ସ୍ୱଷ୍ଟ ପ୍ରତିବାଦ କରିବାକୁ ଯାଇ କହୁଛନ୍ତି-

"ଉତ୍କଳ ନାରୀର ସମସ୍ୟା କ'ଣ, ତାହା ଉତ୍କଳ ନାରୀ ନିଜେ ଜାଣେ ନାହିଁ, ବୁଝେ ନାହିଁ, ବୁଝିବାକୁ ଚାହେଁ ନାହିଁ ମଧ୍ୟ। ଏଇ ଦୁଃଖ ଏ ଦେଶ ନାରୀର ଚରମ ଦୁଃଖ ଓ ଏଇ ଦୁଃଖର ପରିଣାମ ସାରା ଦେଶର ନାରୀଙ୍କୁ ଅଭିଶାପଗ୍ରସ୍ତା ଅହଲ୍ୟାତୁଲ୍ୟ ପାଷାଣ ପ୍ରତିମା କରିଗଢ଼ିଛି। ଏ ପାଷାଣରୁ କେଉଁ ଅନାଗତ ଭବିଷ୍ୟତର ମହିମାମୟୀ ବରାଭୟଦାୟିନୀ ଦେବୀ ପ୍ରତିମା ଆବିର୍ଭୂତା ହେବେ। ତାହା କେବଳ ତାଙ୍କୁ ହିଁ ଗୋଚର, ଯେ ସୃଷ୍ଟି, ସ୍ଥିତି, ପ୍ରଳୟର ସୂତ୍ରଧର।"(୧୦)

ସାଂପ୍ରତିକ ସମୟରେ ନାରୀର ପରିସ୍ଥିତିକୁ ନେଇ ସରଳା ଦେବୀ ସେ ସମୟରେ ଯାହା ଉଲ୍ଲେଖ କରିଯାଇଥିଲେ, ବର୍ତ୍ତମାନ ସମୟରେ ମଧ୍ୟ ଏହାର ପ୍ରାସଙ୍ଗିକତା ଅନୁଭବ କରିହୁଏ। ଲେଖିକା ଦର୍ଶାଇଛନ୍ତି –

"ଆମ୍ଭମାନଙ୍କ ସମାଜରେ କେତେଗୁଡ଼ିଏ କନ୍ୟା ଅଳ୍ପ ବା ଅଧାପାଠୁଆ ହୋଇ ଚିଠିଲେଖା ବିଦ୍ୟା ସାରି ଶାଶୂଘର ନାଗଫାଶରେ ବନ୍ଧା ହୁଅନ୍ତି, କେତେକ କନ୍ୟା ପାଠପଢ଼ି ଭାବୀ ଶ୍ୱଶୁର ଗୃହ ଭୟରେ ପରୀକ୍ଷା ଦେଇପାରନ୍ତି ନାହିଁ। ଉଚ୍ଚଶିକ୍ଷାକୁ ଦୁର୍ଗୁଣ ବୋଲି ଭାବି ଅନେକ ବିବାହ ସମ୍ବନ୍ଧ ମଧ୍ୟ ଭାଙ୍ଗିଯାଏ। ଏ ଆଲୋକ ଯୁଗରେ ଚିରତମସାରେ ମୁଗ୍ଧ ହୋଇ ରହିବାକୁ ଯେଉଁ ଜାତି ଭଲପାଏ, ସେ ଜାତିର ଜାଗରଣ କେଉଁ ଉପାୟରେ ଆସିବ? XXX ଜାତି ମନରେ ନାରୀ ପ୍ରଗତି ପାଇଁ ଉନ୍ନତି ରୁଚିର ଭାବଧାରା ଓ ଶୋଧିତ ବୁଦ୍ଧିର ବିକାଶ ହେବା ଉଚିତ। ତାହାହିଁ ଚରମ ବାଞ୍ଛନୀୟ କଥା "(୧୧)

(୫)

ସରଳାଙ୍କ ସାହିତ୍ୟିକ ଜୀବନ ସଂଗ୍ରାମର ପଟ୍ଟଭୂମି ଉପରେ ଆଧାରିତ। ସଂଗ୍ରାମୀ ସାହିତ୍ୟିକା ଭାବେ ସରଳା ଜଣେ ଅନନ୍ୟା ପ୍ରତିଭା। ସରଳାଙ୍କ ଦୀର୍ଘ ସଂଗ୍ରାମୀ ଜୀବନ ଓଡ଼ିଶାର ରାଜନୀତି ଓ ସମାଜ ସଂସ୍କାର ପାଇଁ ସ୍ମରଣୀୟ। ସରଳାଙ୍କ ସାହିତ୍ୟ ନବଚେତନାର ଇସ୍ତାହାର। ନାରୀ ମର୍ଯ୍ୟାଦା ପ୍ରତି ସେ ସଦା ସଚେତନ। ଏହି ସ୍ୱଭାବ ସୁଲଭ ସଚେତନତା ସରଳାଙ୍କୁ ଜଣେ ଆତ୍ମମର୍ଯ୍ୟାଦା ସଂପନ୍ନା ମହିଳାରେ ପରିଣତ କରିପାରିଛି। 'ନାରୀର ଦାବି'ହେଉ ଅବା 'ପୁରୁଷ ଜୀବନରେ ନାରୀ-ପ୍ରଭାବ', 'ନାରୀର ଆର୍ଥିକ ସ୍ୱାଧୀନତା'ବା 'ଉତ୍କଳରେ ନାରୀ ଜାତିର ବିବାହ ସମସ୍ୟା'ସବୁଠି ସରଳା ଦେବୀ ଜଣେ ସତ୍ୟନିଷ୍ଠ ଲେଖିକା, ଶକ୍ତିଶାଳୀ ସମାଜ ସଂସ୍କାରିକାର ଭୂମିକା ନିର୍ବାହ କରିଛନ୍ତି। ସଂଗ୍ରାମୀ ଜୀବନର ବିପୁଳ ଅନୁଭବ ତାଙ୍କୁ ଏଇ ଭୂମିକାରେ ଅବତୀର୍ଣ୍ଣା କରାଇଛି। ନାରୀ ହୃଦୟର ଆବେଗ ତାଙ୍କ ପାଇଁ ସଦା ଗୁରୁତ୍ୱପୂର୍ଣ୍ଣ। ସେଥିପାଇଁ ସେ ତାଙ୍କ କାର୍ଯ୍ୟରେ, ଲେଖାରେ, ଭାଷଣରେ ନାରୀ ମୁକ୍ତି ଓ ନାରୀ ପ୍ରଗତିର କଥା କହିଛନ୍ତି। "ସମାଜ ମାନିବି ନାହିଁ, ଲୋକମତ ଦଳିବି ଚରଣେ" ଏହା ଥିଲା ସରଳାଙ୍କ ଜୀବନର ମହାମନ୍ତ୍ର। ଚିନ୍ତନର ଭାବତତ୍ତ୍ୱ। ସେଥିପାଇଁ ସରଳା ହେଉଛନ୍ତି ଓଡ଼ିଶାରେ ନାରୀମୁକ୍ତି ଆନ୍ଦୋଳନର ଉଦ୍‌ଗାତା। ସେ ବିପ୍ଳବିଣୀ ବହ୍ନିକନ୍ୟା। ସରଳାଙ୍କର କର୍ମମୟ ଜୀବନଧାରା, ଆଦର୍ଶ ଓ ଅନୁଚିନ୍ତା ତାଙ୍କୁ ଆଜି ବହ୍ନିକନ୍ୟା ଭାବେ ସଂଜୀବିତ କରି ରଖିଛି।

ସହାୟକ ସୂଚୀ :


୧. ପାଣ୍ଡୁଲିପି : ମୋ ଜୀବନର ସ୍ମରଣୀୟ ଘଟଣା।

୨. ଅଲିଭା ଅନଳ ଶିଖା, ସରଳା ଦେବୀ : ବନଜ ଦେବୀ, ୧୯୯୯, ପୃ.୪୩।

୩. ଆକାଂକ୍ଷା, ପରିଚାରିକା, ୪ର୍ଥ ଭାଗ, ୬ଷ୍ଠ ସଂଖ୍ୟା, ମାଘ-୧୩୨୭, ପୃ.୧୬୮।

୪. ପ୍ରତୀକ୍ଷା, ୪ର୍ଥ ଭାଗ, ୧୦ମ ଓ ୧୧ଶ ସଂଖ୍ୟା, ପୃ.୧୯୨।

୫. ବାସନ୍ତୀ, ଉତ୍କଳ ସାହିତ୍ୟ, ୨୮-୬ ।

୬. 'ଗୋଟିଏ ଛବି', ମୁକୁର, ଚୈତ୍ର ୧୩୩୧ ସାଲ ୧୯/୧୨, ପୃ.୩୦୬।

୭. 'ନାନାମାୟା' - ନବଭାରତ, ନୂଆପ୍ରସ୍ଥ, ଅନୁ ୧୩୫୭, ପୃ.୧୫।

୮. 'ଏ ଯୁଗ ନାରୀଶିକ୍ଷା ଓ ସରକାରୀ', ଡଗର, ୩୧ବର୍ଷ, ୯ମ ସଂଖ୍ୟା, ପୃ.୨୯।

୯. 'ବିଶ୍ୱବିପ୍ଳବିଣୀ', ପୃ.୯୩ ।

୧୦. ଉତ୍କଳର ନାରୀ ସମସ୍ୟା, ପ୍ରଥମ ଖଣ୍ଡ, ୧୯୩୫, ପୃ.୨।

୧୧. ତତ୍ରୈବ।

● ● ● ସା କ୍ଷା ତ କା ର

# ବାଗୀଶ ବରେଣ୍ୟ

ବାଗୀଶର ଚଳିତ ସଂଖ୍ୟାର '**ବାଗୀଶ ବରେଣ୍ୟ**'ରେ ଆମେ ଆପଣମାନଙ୍କୁ ଭେଟି ଦେଉଛୁ ବିଶିଷ୍ଟ ସମାଲୋଚକ ଓ ଗବେଷକ **ପ୍ରଫେସର** ବାବାଜୀ ଚରଣ ପଟ୍ଟନାୟକଙ୍କ ସହ ସ୍ୱତନ୍ତ୍ର ସାକ୍ଷାତକାର। - ***ସଂପାଦନା ମଣ୍ଡଳୀ , ବାଗୀଶ***

● ପ୍ରଫେସର ବାବାଜୀ ଚରଣ ପଟ୍ଟନାୟକଙ୍କ ସ୍ଥିରଚିତ୍ର



**ପ୍ରଫେସର ବାବାଜୀ ଚରଣ ପଟ୍ଟନାୟକଙ୍କ**(୨୬ ସେପ୍ଟେମ୍ବର ୧୯୫୨) ଜନ୍ମସ୍ଥାନ ଜଗତସିଂହପୁର ଜିଲ୍ଲା ରେଡ୍ଡୁଆ ଅନ୍ତର୍ଗତ ଗୁଆଳିପୁର ଗ୍ରାମ। ବୃତ୍ତି ଅଧ୍ୟାପନା। ପ୍ରବୃତ୍ତି ଓଡ଼ିଆ ଭାଷାରେ ପ୍ରବନ୍ଧ ଓ ସାହିତ୍ୟ ସମାଲୋଚନା ଲେଖିବା। ତାଙ୍କ ଜୀବନର ଦୀର୍ଘ ସମୟ ବିତିଛି ଗବେଷଣା ଓ ଅଧ୍ୟାପନା କ୍ଷେତ୍ରରେ। ୧୯୭୭ ମସିହାଠାରୁ ମହାବିଦ୍ୟାଳୟସ୍ତରରୁ ତାଙ୍କ ଅଧ୍ୟାପନା ଆରମ୍ଭ ହୋଇ ଅନୁଷ୍ଠାନିକ ଭାବେ ଓଡ଼ିଆ ପ୍ରାଧ୍ୟାପକ ଏବଂ ଭାରପ୍ରାପ୍ତ ଅଧକ୍ଷ ଭାବେ ସ୍ୱୟଂଶାସିତ ସରକାରୀ ମହାବିଦ୍ୟାଳୟ, ଭବାନୀପାଟଣା, କଳାହାଣ୍ଡିରୁ ଅବସର ଗ୍ରହଣ କରିଥିଲେ। କିନ୍ତୁ ଏଇଠି ପୂର୍ଣ୍ଣଛେଦ ପଡ଼େନି ତାଙ୍କ ଅଧ୍ୟାପନା ଜୀବନରେ। ଏହା ପରେ ସେ ରେଭେନ୍ସା ବିଶ୍ୱବିଦ୍ୟାଳୟରେ କିଛିକାଳ ଧରି ଅତିଥି ପ୍ରଫେସର ଭାବେ ନିଜର ଅଧ୍ୟାପନା ଜାରି ରଖିଥିଲେ। ଏହା ବ୍ୟତୀତ ପୁରୀଠାରେ ଅବସ୍ଥିତ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳସଚିବ ଭାବେ ମଧ ସେ କିଛିକାଳ ଦାୟିତ୍ୱ ନିର୍ବାହ କରିଥିଲେ। କହିବାକୁ ଗଲେ ସେ ଏକାଧାରରେ ଜଣେ ପ୍ରାଧ୍ୟାପକ, ଗବେଷକ ଓ ପ୍ରଶାସକ। ସେ ସାମ୍ପ୍ରତିକ ଓଡ଼ିଆ ସାହିତ୍ୟରେ ଜଣେ ଉଦ୍ୟମଶୀଳ ସମାଲୋଚକ ଭାବେ ଖ୍ୟାତିପ୍ରାପ୍ତ। ଉଭୟ ପ୍ରାଚୀନ ଓ ଆଧୁନିକ ସାହିତ୍ୟରେ ତାଙ୍କର ରହିଛି ଗଭୀର ପ୍ରବେଶ। ତାଙ୍କ ସୁଦୀର୍ଘ କର୍ମମୟ ଜୀବନର ବ୍ୟସ୍ତତା ସତ୍ତ୍ୱେ ଓଡ଼ିଆ ପ୍ରବନ୍ଧ ଓ ସାହିତ୍ୟ ସମାଲୋଚନା କ୍ଷେତ୍ରରେ ତାଙ୍କ ଅବଦାନ ସର୍ବଦା ଉଲ୍ଲେଖନୀୟ। ତାଙ୍କ 'ଓଡ଼ିଆ କାବ୍ୟ କବିତାରେ ଚନ୍ଦ୍ର ପ୍ରସଙ୍ଗ' ଶୀର୍ଷକ ଗବେଷଣା ନିବନ୍ଧ ଏକ ନୂତନ ଗବେଷକୀୟ ଦୃଷ୍ଟିର ପରିଚାୟକ। 'ସର୍ଜନାର ଉର୍ଜନା' (ସାହିତ୍ୟ ସମାଲୋଚନା), 'ସାହିତ୍ୟ ପରିଧି'(ପ୍ରବନ୍ଧ), 'ସାହିତ୍ୟର ବାଟେ ଘାଟେ' (ସାହିତ୍ୟ ସମାଲୋଚନା), 'ଆମ ଗଙ୍ଗାଧର'(ସମ୍ପାଦନା), 'ଏଣୁ ତେଣୁ ପାଞ୍ଚ କଥା'(ରମ୍ୟ ରଚନା), 'ବିବିଧ ଆଲୋଚନା'(ସାହିତ୍ୟ ସମାଲୋଚନା), 'ଅଖିଳ ମୋହନ ପଟ୍ଟନାୟକଙ୍କ ଶ୍ରେଷ୍ଠଗଳ୍ପ'(ସମ୍ପାଦନା), 'ଶିଶୁ ଅନନ୍ତ ଦାସ'(ମନୋଗ୍ରାଫ), 'ପ୍ରସଙ୍ଗ: ଅନୁସଂଗ'(ପ୍ରବନ୍ଧ), 'ବିଚାର ବିମର୍ଶନ'(ସାହିତ୍ୟ ସମାଲୋଚନା), 'ବିଚିତ୍ର ବିବେଚନା' (ପ୍ରବନ୍ଧ), 'ସାରଳା ମହାଭାରତରେ ସେକାଳର ଶବ୍ଦ ଓ ତାହାର ବିନ୍ୟାସ'(କୋଷ) ଆଦି ତାଙ୍କ ସମୁଜ୍ଜ୍ୱଳ ସାରସ୍ୱତ କୀର୍ତ୍ତିମାନ ଓଡ଼ିଆ ଭାଷା ଓ ସାହିତ୍ୟ ଭଣ୍ଡାରକୁ କରିଛି ପରିପୁଷ୍ଟ।

ଝଙ୍କାର ପୁରସ୍କାର (୨୦୦୭), ଏକାମ୍ର ସମ୍ମାନ (୨୦୦୧୨), ରାଜ୍ୟ ସ୍ତରୀୟ ବାଗ୍ମିତା ସମ୍ମାନ (୨୦୧୯), ଭରଦ୍ୱାଜ ସମାଲୋଚନା ସାହିତ୍ୟ ସମ୍ମାନ (୨୦୧୦), କ୍ଷେତ୍ରବାସୀ ସାହିତ୍ୟ ବିଦ୍ୟା ପୁରସ୍କାର (୨୦୧୯), ଶ୍ରେଷ୍ଠ ସାହିତ୍ୟିକ (୨୦୧୯), ପଣ୍ଡିତ ଗୋଦାବରୀଶ ସମ୍ମାନ (୨୦୦୫), ଓଡ଼ିଶା ସାହିତ୍ୟଏକାଡ଼େମୀର ବୟୋଜ୍ୟେଷ୍ଠ ସାରସ୍ୱତ ସମ୍ବର୍ଦ୍ଧନା (୨୦୨୦) ଆଦି ଅଦ୍ୟାବଧି ତାଙ୍କ ସାରସ୍ୱତ ଜୀବନ ସହ ଯୋଡ଼ି ହୋଇଥିବା ସାରସ୍ୱତ ସ୍ୱୀକୃତି ଓ ସମ୍ବର୍ଦ୍ଧନା। ଯାହା ତାଙ୍କ ଅମାୟିକ ସାରସ୍ୱତ ପ୍ରତିଭା ଓ ସାଧନାର ଫଳଶ୍ରୁତି।

**୧. ସାହିତ୍ୟରେ ଆଲୋଚନା ବା ସମାଲୋଚନା କହିଲେ ଆପଣ କ'ଣ ବୁଝନ୍ତି?**

ଉତ୍ତର: ସାହିତ୍ୟରେ ବହୁବିଧ ବିଭାବ ଭଳି ଆଲୋଚନା ବା ସମାଲୋଚନା ଗୋଟିଏ ବିଭାଗ। ଏହା ସାହିତ୍ୟର ଯେକୌଣସି ବିଭାଗର କୃତି ସମ୍ବନ୍ଧରେ ଲେଖକଙ୍କ ବୋଧ ବ୍ୟାଖ୍ୟା। ସଂସ୍କୃତରେ କେହିଜଣେ ପଣ୍ଡିତ କହିଛନ୍ତି; "କବିତ୍ୱମ୍ ରସ ମାଧୂର୍ଯ୍ୟମ୍ କବିର୍ବେତି ନତତ୍ କବିଃ, ଭବାନୀ ଭ୍ରୁକୁଟୀଭଙ୍ଗୀ ଭବ ଇତି ନ ଭୂଧରଃ। ଅର୍ଥାତ୍ ରସମାଧୂର୍ଯ୍ୟ କବିତ୍ୱ ବୁଝିବାପାଇଁ କବିଙ୍କ ବ୍ୟତୀତ ଆଉ ଜଣେ କବି ଥା'ନ୍ତି। ଭବାନୀଙ୍କ ଭ୍ରୁକୁଟୀଭଙ୍ଗୀକୁ ଭବ(ଶିବ) ଯେପରି ବୁଝନ୍ତି, ଭୂଧର(ହିମାଳୟ) ସେପରି ବୁଝି ନଥାନ୍ତି। ସାହିତ୍ୟରେ ଆଲୋଚନା ବା ସମାଲୋଚନା ହେଉଛି ଏପରି ଏକ ସାହିତ୍ୟିକ କର୍ମ, ଯାହା ସାହିତ୍ୟ ସ୍ରଷ୍ଟାଙ୍କ ସୃଷ୍ଟିକୁ ବିଚାର ବିବେଚନା ମୂଳକ ଦୃଷ୍ଟି ସମ୍ପାତରେ ପାଠକମାନଙ୍କ ସାହିତ୍ୟ ରୁଚିକୁ ବିସ୍ତାରିତ କରିଥାଏ। ମୁଖ୍ୟତଃ ତାହା ଏକ ସାହିତ୍ୟ; ତହିଁର ସ୍ରଷ୍ଟା ଆଲୋଚକ କି ସମାଲୋଚକ ଅପେକ୍ଷା ସାହିତ୍ୟିକ ଭାବରେ ଗଣ୍ୟ ହେବା ବାଞ୍ଛନୀୟ।

**୨. ଅଦ୍ୟାବଧି ଆପଣଙ୍କର ଅନେକ ଆଲୋଚନାତ୍ମକ ଲେଖା ଓଡ଼ିଶା ଓ ଓଡ଼ିଶା ବାହାରେ ଅନେକ ପ୍ରସିଦ୍ଧ ପତ୍ରପତ୍ରିକାରେ ପ୍ରକାଶିତ ହୋଇସାରିଛି। ଏପରିକି ଆପଣଙ୍କ ଅନେକ ଆଲୋଚନାତ୍ମକ ପୁସ୍ତକ ମଧ୍ୟ ପ୍ରକାଶିତ। ତେବେ ଆପଣ ନିଜର ଆଲୋଚନାରେ କେଉଁ ଦିଗପ୍ରତି ଗୁରୁତ୍ୱ ଦେଇଥା'ନ୍ତି ଓ କାହିଁକି?**

ଉତ୍ତର: ଜଣେ ସାହିତ୍ୟିକଙ୍କୁ ପୂର୍ବ ସାହିତ୍ୟିକ ଓ ସମକାଳର ସାହିତ୍ୟିକଙ୍କ କୃତି ସହ ନିଜର ସୃଷ୍ଟି ମାଧ୍ୟମରେ ପ୍ରତିଯୋଗିତା କରି ପ୍ରତିଷ୍ଠା ପାଇବାକୁ ହୋଇଥାଏ। ଏକଥା ପ୍ରତି ଧ୍ୟାନ ନଦିଆଯାଇ ଯିଏ ଯାହା ଲେଖିଲେ ତାହା ଅନନ୍ୟ, ଅନୁପମ କିମ୍ବା ବାଃ ବାଃ କୁହାଯିବାରେ ସାମୟିକ ଉତ୍ତେଜନା ସୃଷ୍ଟିକାରୀ ସପ୍ରଶଂସ ବାହାଦୁରୀରେ ସୃଷ୍ଟିକୁ ମହାନ୍ ଏବଂ ସ୍ରଷ୍ଟା କାଳଜୟୀ ବୋଲି ବୋଲାଯାଇପାରେ - ହେଲେ, ତହିଁର ସାରାସାର କାଳ ଖଣ୍ଡରେ ପାସୋର ହୋଇଯିବାର ପ୍ରମାଣ ମିଳିବାକୁ ବେଶିଦିନ ଲାଗେ ନାହିଁ। ତେଣୁ, ପରମ୍ପରା, ପୁରାଣ, ଐତିହ୍ୟ ଓ ସମକାଳୀନ ଦୃଷ୍ଟି ତଥା ସୃଷ୍ଟି କଷଟିରେ ସାହିତ୍ୟ ବିଚାରକୁ ପ୍ରାଧାନ୍ୟ ଦେଇଥାଏ ମୁଁ। ଇତିହାସ ସହିତ ଚଳନ୍ତି ପାଶ୍ଚାତ୍ୟ ସମାଲୋଚନାର କେତୋଟି ଧାରା ବି ମୋ ଲେଖାରେ ସମନ୍ୱିତ।

**୩. ଆପଣ ଦୀର୍ଘ ସମୟ ଧରି ଆଲୋଚନା ସାହିତ୍ୟ କ୍ଷେତ୍ରରେ ସକ୍ରିୟ ଅଛନ୍ତି। ଏମିତିକି ଆପଣ ଓଡ଼ିଆ ସମାଲୋଚନା ସାହିତ୍ୟର ବଦଳୁଥିବା ଗତିଧରାକୁ ଦେଖିଛନ୍ତି। ତେବେ ଆମେ ଜାଣିବାକୁ ଚାହିଁବୁ, ବିଗତ ଦଶନ୍ଧିର ସମାଲୋଚନା ସାହିତ୍ୟ ଓ ବର୍ତ୍ତମାନର ସମାଲୋଚନା ସାହିତ୍ୟ ମଧ୍ୟରେ କେଉଁ ସବୁ ପରିବର୍ତ୍ତନ ଲକ୍ଷ୍ୟ କରନ୍ତି?**

ଉତ୍ତର: ଗୋଟିଏ ଦଶନ୍ଧି ମଧ୍ୟରେ ଓଡ଼ିଆ ସାହିତ୍ୟ ସମାଲୋଚନା ପ୍ରାୟ ବିଶେଷ ପରିବର୍ତ୍ତନମୁଖୀ ହୋଇପାରି ନାହିଁ। ପୂର୍ବଜଙ୍କୁ ଅତିକ୍ରମିବା ବା ସେମାନଙ୍କ ସମକକ୍ଷ ହେବାଭଳି ମୁଁ କିମ୍ବା ମୋର ସମସାମୟିକମାନେ ହୋଇପାରି ନାହୁଁ ବୋଲି ମୋର ଧାରଣା। ବର୍ତ୍ତମାନ, ଅନେକେ, ନିଜ ମାପିକେ ମୂଲ୍ୟାୟନ କରିବସିବାରୁ ପ୍ରାମାଣିକତାର ସମର୍ଥନ ନିମିତ୍ତ ଅଧ୍ୟୟନ ନିଷ୍ଠା ଢିଲାଭଳି ପ୍ରତୀତ ହୋଇଛି ସାହିତ୍ୟ ସମାଲୋଚନାରେ।

**୪. ବର୍ତ୍ତମାନ ସମୟକୁ ଲକ୍ଷ୍ୟ କଲେ ଲାଗେ ଆଲୋଚନାତ୍ମକ ଲେଖା ଓ ପୁସ୍ତକ ପ୍ରକାଶ କରିବାରେ ଏକ ଦୌଡ଼ରେ ଆମେ ସମସ୍ତେ। ଏହି ଦୌଡ଼ରେ ଆମେ କୋଉଠି ନା କୋଉଠି ଗୁଣାତ୍ମକତା ଛାଡ଼ି ପରିମାଣାତ୍ମକ ଦିଗକୁ ଗୁରୁତ୍ୱ ଦେଲା ଭଳି ମନେହୁଏ, କ'ଣ କହିବେ ଆପଣ ଏ ସମ୍ପର୍କରେ?**

ଉତ୍ତର: ଏତ ପ୍ରଶ୍ନ ନୁହେଁ। ତୁମର ଯଥାର୍ଥ ଦୃଷ୍ଟି ଆଲୋଚନା କହିଲେ, ଯଦି ସାହିତ୍ୟ ସୃଷ୍ଟିରେ ସାରକଥା ହୁଏ, ତେବେ ଏପରି ଲେଖାର ପରିମାଣ ଯାହାକୁ ଯେତେ ହେବ।

**୫. ପ୍ରାଚୀନ ଓ ମଧ୍ୟଯୁଗୀୟ ସାହିତ୍ୟକୁ ନେଇ ଆପଣଙ୍କର ଅନେକ ଗବେଷଣାତ୍ମକ ଲେଖା ଓ ପୁସ୍ତକ ପ୍ରକାଶିତ ହୋଇ ଛାତ୍ର ଛାତ୍ରୀ ଓ ଗବେଷକମାନଙ୍କୁ ଦିଗଦର୍ଶନ ନେଇ ଆସୁଛି। କିନ୍ତୁ ବର୍ତ୍ତମାନ ପ୍ରାଚୀନ ଓ ମଧ୍ୟଯୁଗୀୟ ସାହିତ୍ୟ ଉପରେ କେହି ନୂତନ ଆଲୋଚନା କରିବାକୁ ଇଚ୍ଛା ପ୍ରକାଶ କରୁନାହାନ୍ତି, ଯାହାବି ପୁସ୍ତକ ପ୍ରକାଶ ହେଉଛି ସବୁ କେବଳ ଚର୍ବିତ ଚର୍ବଣ। ଏହାକୁ ଆପଣ କେତେଦୂର ଗ୍ରହଣ କରିବେ?**

ଉତ୍ତର: ମୁଁ କିଛି ଓଜନଦାର କାମ କରିନାହିଁ। ପୂର୍ବଜ କେତେ ଜଣଙ୍କ ଗବେଷଣାର ପୁନରାବୃତ୍ତି କରିଛି ଯାହା। ମୋତେ ଏତେ ଉଚ୍ଚକରି ମାପିବା, ଲାଜ ଲାଗୁଛି। ଚର୍ବିତ ଚର୍ବଣ ଶବ୍ଦ

ପଢ଼ିବାବେଳେ  ମୁଁ ଭାବୁଛି, "ଥୋଇ ଏ ଦର୍ପଣ ନିଜ ଆଗେ ମୁହିଁ / ନିଜ ମୁଖ ମୁଁ କି ନିଜେ ଦେଖୁନାହିଁ।"( ଦରବାର)  ତୁମେ ଏ କାଳରେ ସାହିତ୍ୟିକ, ଅଧ୍ୟାପକ  ତୁମକୁ ଯଦି ମୋ ଲେଖା ପ୍ରଭାବିତ କରିଥାଏ, ତେବେ ମୋ ପରିଶ୍ରମ ଫଳପ୍ରସୂ। ଯାହା ଭାବିଥିଲି ତାହା କିନ୍ତୁ କରିପାରି ନାହିଁ।

**୬.  ମୋତେ ଲାଗେ ଆଜି ପୂର୍ବପିଢ଼ି - ଉତ୍ତରପିଢ଼ି ଭିତରେ ବର୍ତ୍ତମାନ ଏକ ବିରାଟ  ଦୂରତା। ଏ ପରିପ୍ରେକ୍ଷୀରେ ବର୍ତ୍ତମାନର ଯୁବପିଢ଼ି ଗବେଷଣା କ୍ଷେତ୍ରରେ ଉପଯୁକ୍ତ ମାର୍ଗଦର୍ଶନ ପାଇବା କଳ୍ପନା କରାଯାଇ  ନପାରେ। ଯାହାର ଅନେକ  ନଜିର ଆମେ ଦେଖିବାକୁ ମଧ୍ୟ ପାଉଛେ। ଆପଣ ଏକଥା ସହ ଏକମତ ହେବେ କି? ଏହା ପଛରେ କାରଣ କ'ଣ ହୋଇପାରେ?**

ଉତ୍ତର: ତୁମ କଥାସହ ଏକମତ। କାରଣ ହେଉଛି, ପୂର୍ବେ ତଥ୍ୟ ଓ ତତ୍ତ୍ୱ ପାଇଁ ଯେତିକି ପରିଶ୍ରମ କରିବାକୁ ପଡୁଥିଲା, ବୈଷୟିକ ଜ୍ଞାନ କୌଶଳ ଆଜିର ପିଲାମାନଙ୍କ ହାତରେ ତାହା ଗୁଞ୍ଜି ଦେଇଛି। ଅଧ୍ୟୟନ ନିଶା ଅପେକ୍ଷା ନମ୍ବର୍ ରଖି ଯେଶା ଖୁଣ୍ଟରେ ଛନ୍ଦି ହେଇ ଯିବାର ଗୋ-ପ୍ରବୃତ୍ତି  ଅନେକଙ୍କୁ ଘାରିଛି। ଗୋ-ଏଷଣା  ହେବ କେମିତି!

**୭. ଜଣେ ବରିଷ୍ଠ ଆଲୋଚକ ଭାବେ  ବର୍ତ୍ତମାନ ନୂଆଁ ପିଢ଼ିର ଆଲୋଚକ ମାନଙ୍କୁ କଣ ବାର୍ତ୍ତା ଦେବେ?**

ଉତ୍ତର: ଅଧ୍ୟୟନ ସେମାନଙ୍କ ନିଶା ହେଉ। ଓଡ଼ିଆ, ସଂସ୍କୃତ, ଇଂରାଜୀ ଭାଷାର ଉଚ୍ଚାଙ୍ଗ କୃତିଗୁଡ଼ିକୁ  ନିରେଖନ୍ତୁ। ମାଟିର ଯେଉଁ ଖଣ୍ଡକରେ ବସତି, ତହିଁର ଐତିହ୍ୟ, ପରମ୍ପରା ଓ ଭାଷାର ମହକ ଜାଣନ୍ତୁ। ପୂର୍ବବର୍ତ୍ତୀ ଓଡ଼ିଆର ସାହିତ୍ୟ ସମାଲୋଚକମାନଙ୍କ କୃତି ପଢ଼ିବାସହ ବର୍ତ୍ତମାନର ପତ୍ର ପତ୍ରିକା ସହିତ ସମ୍ବନ୍ଧ ରଖନ୍ତୁ।

**୮.  ବାଗୀଶ ପାଇଁ ଆପଣଙ୍କ ଆଶୀର୍ବାଦ ଓ ଉପଦେଶ ସୂଚକ ଦୁଇଟି ବାକ୍ୟ।**


ଉତ୍ତର: ବାଗୀଶ ଯେଉଁ ମାଟିରୁ ଚେରେଉଛି ତାହା ଐତିହ୍ୟ ଓ ପାଣ୍ଡିତ୍ୟର ସାଂସ୍କୃତିକ ଭୂମି। ଏହା ବଞ୍ଚୁ, ଦୀର୍ଘଜୀବି ହେଉ, ସମାଲୋଚନା ସାହିତ୍ୟ ପ୍ରକାଶନର ବ୍ରତରୁ ବିଚ୍ୟୁତ ନହେଉ- ଏତିକି ମାତ୍ର ଶୁଭାଶିଷ।

ଉପସ୍ଥାପନା

ମୁଖ୍ୟ ସଂପାଦକ, ବାଗୀଶ



[ଓଡ଼ିଶା ସାହିତ୍ୟ ଏକାଡ଼େମୀର ୨୮ତମ ପୁରସ୍କାର ବିତରଣୀ ଉତ୍ସବରେ ବୟୋଜ୍ୟେଷ୍ଠ ସାରସ୍ୱତ ସାଧକ ପୁରସ୍କାର ଗ୍ରହଣ କରୁଛନ୍ତି **ପ୍ରଫେସର ବାବାଜୀ ଚରଣ ପଟ୍ଟନାୟକ** (ବାମରୁ ପଞ୍ଚମ ସ୍ଥାନରେ), ସୌଜନ୍ୟ : ଓଡ଼ିଶା ସାହିତ୍ୟ ଏକାଡ଼େମୀ ]




# ଲୋକ ଓ ଅ-ଲୋକ

ଆଚାର୍ଯ୍ୟ ଭାବାନନ୍ଦଙ୍କ ଲୋକତାତ୍ତ୍ୱିକ ରଚନାସମୂହ

ସଂପାଦନା
ଅଞ୍ଜଳି ପାଢ଼ୀ, ଅସିତ ମହାନ୍ତି, ବିଜୟଲକ୍ଷ୍ମୀ ଦାଶ
ପ୍ରକାଶକ : ଓଡ଼ିଆ ଗବେଷଣା ପରିଷଦ
ପ୍ରଥମ ପ୍ରକାଶ : ୨୦୨୪
ପୃଷ୍ଠା - ୧୪୩, ମୂଲ୍ୟ - ୧୬୦ ଟଙ୍କା

ଲୋକସାହିତ୍ୟକୁ ଆଧାର କରି ଓଡ଼ିଆ ସାହିତ୍ୟରେ ଆଜିକୁ ଅନେକ କାମ ହୋଇସାରିଲାଣି। ଏହାର ସଂଗ୍ରହ ଓ ବିଶେଷତାକୁ ଆଧାରକରି ଅନେକ ସ୍ୱତନ୍ତ୍ର ଗବେଷଣା କାର୍ଯ୍ୟ ମଧ୍ୟ ବର୍ତ୍ତମାନରେ କରାଯାଉଅଛି। କହିବାବାହୁଲ୍ୟ ଯେ, ଆମ ସାହିତ୍ୟ ଆଲୋଚକ ଓ ଗବେଷକମାନେ ଲୋକ ସାହିତ୍ୟକୁ ଆମ ସାହିତ୍ୟର ଏକ ଅବିଚ୍ଛେଦ୍ୟ ଅଙ୍ଗ ଭାବେ ବିବେଚନା କରି ଗୁରୁତ୍ୱର ସହ ଏହି ଦିଗରେ ଉନ୍ନତି ସକାଶେ ନିଜକୁ ନିୟୋଜିତ କରିଛନ୍ତି। ତେବେ ଏହି ପରିପ୍ରେକ୍ଷୀରେ ନିକଟରେ ଓଡ଼ିଆ ଗବେଷଣା ପରିଷଦଦ୍ୱାରା ପ୍ରକାଶିତ 'ଲୋକ ଓ ଅ-ଲୋକ' ପୁସ୍ତକର ଭୂମିକାକୁ ମଧ୍ୟ ଏଡାଇ ଦିଆଯାଇନପାରେ। ଏହି ପୁସ୍ତକଟି ଆଚାର୍ଯ୍ୟ ଭାବାନନ୍ଦଙ୍କ ଇଂରାଜୀରେ ଲିଖିତ ଲୋକତାତ୍ତ୍ୱିକ ରଚନାସମୂହର ଏକ ଅନୁବାଦ ପୁସ୍ତକ। ଏହାର ସଂପାଦନା କାର୍ଯ୍ୟରେ ରହିଛନ୍ତି ବିଶିଷ୍ଟ ଲୋକ ସାହିତ୍ୟ ଗବେଷିକା ଅଞ୍ଜଳି ପାଢ଼ୀ, ପ୍ରାବନ୍ଧିକ ତଥା ସ୍ତମ୍ଭକାର ଅସିତ ମହାନ୍ତି ଓ ପ୍ରାଧାପିକା ବିଜୟଲକ୍ଷ୍ମୀ ଦାଶ।

ଶ୍ରୀ ଭାବଗ୍ରାହୀ ମିଶ୍ର, ନାମାନ୍ତରେ, ଆଚାର୍ଯ୍ୟ ଭାବାନନ୍ଦ ଲୋକସାହିତ୍ୟର ଜଣେ ଦୀକ୍ଷିତ ଆଲୋଚକ ଓ ଗବେଷକ। ଓଡ଼ିଆ ଆଲୋଚନା ସାହିତ୍ୟ ଓ ଲୋକସାହିତ୍ୟ କ୍ଷେତ୍ରରେ ତାଙ୍କ ଅବଦାନ ଅବିସ୍ମରଣୀୟ। ଏଠାରେ ତାଙ୍କ ପ୍ରକାଶିତ ରଚନା ସମ୍ଭାରର ଏକ ସୂଚନା ପ୍ରଦାନ କରାଗଲା। ସାହିତ୍ୟ-ସମାଲୋଚନା : 'ସାହିତ୍ୟ ମୀମାଂସା', 'ଅଳଙ୍କାର ଶାସ୍ତ୍ର ପରିଚିତ', 'ସାହିତ୍ୟ ଦୃଷ୍ଟି', ରମ୍ୟରଚନା : 'ମୁଁ', 'ମନ କହେ ଚଇତନକୁ', ଆଲୋଚନା : 'ଗଣତନ୍ତ୍ର ମୋ ଦୃଷ୍ଟିରେ', 'ଆମ ଶାସନ ଆମ ସମାଜ: ମୋ କଫିୟତ', 'ରାଜନୀତି: ବ୍ୟକ୍ତି ଓ ସଂସ୍କୃତି', 'ପ୍ରବୃତ୍ତିର ଅନ୍ୟନାମ ଜୀବନ', 'ସାମ୍ବାଦିକର ସମ୍ବେଦନା: ସତ କହିବାକୁ କିଆଁ ଡରିବି', 'ଓ ! ରାଜନୀତି: ସମ୍ପର୍କରେ', 'ବିକ୍ଷିପ୍ତ ରଚନା', ଗଳ୍ପ: 'ଜିନିଆ ଓ ଜହ୍ନିଫୁଲ', ସଂପାଦନା : 'ଆଚାର୍ଯ୍ୟ ହରିହର ସ୍ମାରକୀ: ଆଚାର୍ଯ୍ୟ ହରିହର'। ସେହିପରି ଇଂରାଜୀ ପୁସ୍ତକ ମଧ୍ୟରେ 'Verrier Elwin: A Pioneer Indian Anthropoligist', 'My Mind at works: Stray Papers of Bhabagrahi Mishra', 'Carpenters Country', 'Random Thoughts', 'Cultural Performances', 'A Rebel Speacks', ସଂପାଦନା : 'Community, self and Identity', 'Essays on History, Education and Culture Institute of Comparative Studies', 'Management and workers, Problems of Interacation', 'Man, Technology and Enviroment, Essays on Religion' ଆଦି ତାଙ୍କ ପ୍ରତିଭାର ନିଦର୍ଶନ।

ଆଲୋଚ୍ୟ ସମ୍ପାଦିତ ଗ୍ରନ୍ଥରେ ତିନୋଟି କ୍ଷେତ୍ରରେ ସମୁଦାୟ ୧୪ଗୋଟି ଅନୁଦିତ ପ୍ରବନ୍ଧ ସ୍ଥାନ ପାଇଛି। ପ୍ରଥମ

କ୍ଷେତ୍ର ମୁଖଶାଳାରେ 'ଲୋକବିଦ୍ୟା ଓ ମୌଖିକ ଇତିହାସ', 'ଜଣେ ଉତ୍ତର-ସତୁରି ବର୍ଷିୟାନର ଅନୁଭବ', 'ଆମେରିକାର ବିସ୍ମୃତ ଇତିହାସ: ଇଣ୍ଡିଆନା ଆମେରିକାର', 'ଆମିସ ଲୋକମାନଙ୍କ ଗହଣରେ ଦିନଟିଏ', 'ବକର୍‌ଙ୍କ "ୟୁରୋପୀୟ ଲୋକ ସାହିତ୍ୟ" ଏକ-ଆଲେଖ୍ୟ ଓଡ଼ିଆ ଲୋକଗୀତରେ ରହସ୍ୟବାଦର ସ୍ୱର' ଆଦି ପ୍ରବନ୍ଧ ସ୍ଥାନିତ ହୋଇଥିବା ବେଳେ କଳା ଓ ସ୍ଥାପତ୍ୟ କ୍ଷେତ୍ରରେ 'ସର୍ଜନଶୀଳତା, ଆଦିମକଳା ଓ ଆଧୁନିକ କାଳଖଣ୍ଡରେ ଏହାର ପ୍ରାସଙ୍ଗିକତା' ଓ 'ଓଡ଼ିଶାର ପାରମ୍ପରିକ କଳାର ତଥ୍ୟ ତତ୍ତ୍ୱ, ସଂଗ୍ରହ ଓ ସଂରକ୍ଷଣ' ପ୍ରବନ୍ଧ ସ୍ଥାନ ପାଇଛି। ସେହିପରି ଲୋକ ଓ ଉତ୍ସବ ଓ ପୂଜାବିଧି ସଂପର୍କିତ 'ଲୋକବିଶ୍ୱାସ ଓ କୋଶଳା ପୂଜା', 'ଓଡ଼ିଶାରେ ସର୍ପ ଉପାସନା: ମିଥ୍ ଓ ଚର୍ଯା', 'ନାଗଲଚଉଠି ପୂରାକଳ୍ପ', 'ଶୀତଳା: ଭାରତର ବସନ୍ତ ଦେବୀ', 'ଓଡ଼ିଶାର ଲୋକବିଦ୍ୟାରେ ଧାନଚାଷର -ପରମ୍ପରା', 'ଓଡ଼ିଶାରେ ଲକ୍ଷ୍ମୀ ଉପାସନା: ଏକ ଅଧ୍ୟୟନ', ଓ 'ସାତପୁରୀ ଅମାବାସ୍ୟା ଓ ଓଡ଼ିଶାର ଲୋକବିଶ୍ୱାସ' ଆଦି ପ୍ରବନ୍ଧ ସ୍ଥାନ ପାଇଛି। ସାମଗ୍ରିକ ଭାବେ ଲୋକବିଦ୍ୟା ସଂପର୍କିତ ଆଚାର୍ଯ୍ୟ ଭାବାନନ୍ଦଙ୍କ ଗବେଷଣା ଓ ଅନ୍ୱେଷାର ଏହା ଏକ ଏକ ଅମଳିନ ସ୍ୱାକ୍ଷର। ଏହାର ଓଡ଼ିଆ ଅନୁବାଦ ମଧ୍ୟ ସୁଖପାଠ୍ୟ। ଆହୁରି ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଆଚାର୍ଯ୍ୟ ଭାବାନନ୍ଦଙ୍କ ଏହି ସମସ୍ତ ପ୍ରବନ୍ଧ ଆମେରିକା ଓ ଓଡ଼ିଶାର ସଂସ୍କୃତି ସମ୍ପର୍କିତ। ଏହି ସବୁ ପ୍ରବନ୍ଧରେ ଲେଖକଙ୍କର ଜ୍ଞାନ ସହ ପ୍ରତ୍ୟକ୍ଷ ପରିଦର୍ଶନଜନିତ ଅନୁଭୂତି ବିଶେଷ ପ୍ରାଧାନ୍ୟ ଲାଭ କରିଛି। ଯାହା ଏହି ସବୁ ପ୍ରବନ୍ଧର ମାନକୁ ବହୁଗୁଣିତ କରିଥାଏ । ବାସ୍ତବରେ ଆଚାର୍ଯ୍ୟ ଭାବାନନ୍ଦ ଭାଷା, ସାହିତ୍ୟ, କଳା ଓ ସମାଜବିଦ୍ୟା ଆଦି ନାନା ବିଦ୍ୟାରେ ବିଶାରଦ। ତାଙ୍କ ଲେଖନୀରେ ସେସବୁର ନିଦର୍ଶନ ରହିବା ତ ସ୍ୱଭାବିକ। ତେଣୁ କହିବାବାହୁଲ୍ୟ ଉକ୍ତ ପୁସ୍ତକର ଓଡ଼ିଆ ଅନୁବାଦ ପ୍ରକାଶନ ଓଡ଼ିଶାର ଲୋକବିଦ୍ୟା ଅଧ୍ୟୟନ କ୍ଷେତ୍ରରେ ନୂଆ ରାସ୍ତା ଦେଖାଇବ।

ଏହାର ଅନୁବାଦ କ୍ଷେତ୍ରରେ ଜଡ଼ିତ ଅଛନ୍ତି ଅଞ୍ଜଳି ପାଢ଼ୀ, ବିଜୟଲକ୍ଷ୍ମୀ ଦାଶ, ସାବିତ୍ରୀ ଦାଶ, ସୁନନ୍ଦା ପ୍ରଧାନ, ଲୋହିତାକ୍ଷ ଯୋଶୀ ଓ ଅଭିମନ୍ୟୁ ବରର୍ତ୍ତୀ। ସହଜ ଓ ସୁନ୍ଦର ଭାଷାରେ ଏହାର ପରିପ୍ରକାଶ ଏହାକୁ ଆକର୍ଷଣୀୟ କରିଥାଏ। ଏହାବ୍ୟତୀତ ଗ୍ରନ୍ଥ ମଧ୍ୟରେ ସ୍ଥାନିତ ବିଭିନ୍ନ ଲୋକବିଦ୍ୟା ଓ ସଂସ୍କୃତି ବିଷୟକ ଚିତ୍ର ପାଠକ ଓ ଗବେଷକମାନଙ୍କ ପାଇଁ ଖୁବ୍ ଉପାଦେୟ। ମୋର ବିଶ୍ୱାସ ଏହା ନିଶ୍ଚୟ ପାଠକ ଓ ଗବେଷକମାନଙ୍କ ଦୃଷ୍ଟି ଆକର୍ଷଣ କରିବ ।

ଉପସ୍ଥାପନା
- ମୁଖ୍ୟ ସଂପାଦକ, ବାଗୀଶ

●

## ଘୋଷଣା

- ପତ୍ରିକାରେ ପ୍ରକାଶିତ ଲେଖାର ସତ୍ତ୍ୱ ସଂପୂର୍ଣ୍ଣ ଭାବେ ସମ୍ପୃକ୍ତ ଲେଖକ/ଲେଖିକାଙ୍କର। ତେଣୁ କୌଣସି ଲେଖାରେ ଯଦି କୌଣସି ତଥ୍ୟ ବା ତତ୍ତ୍ୱଗତ ବିଭ୍ରାନ୍ତି ଥାଏ; ତେବେ ଏଥି ପାଇଁ ଲେଖକ/ଲେଖିକା ସଂପୂର୍ଣ୍ଣ ଭାବେ ଦାୟୀ ରହିବେ।
- ଆମେ ସ୍ୱୀକାର କରୁଛୁ ଯେ ପତ୍ରିକାର କେତେକାଂଶରେ ବ୍ୟାକରଣ ଓ ସମ୍ପାଦନାଗତ(ଯାନ୍ତ୍ରିକ) ତ୍ରୁଟି ରହୁଛି। ଏଥି ପାଇଁ ଆମେ କ୍ଷମାପ୍ରାର୍ଥୀ। ଆମେ ଯଥାସାଧ୍ୟ ଚେଷ୍ଟା କରିବୁ ପତ୍ରିକାଟିକୁ ତ୍ରୁଟିଶୂନ୍ୟ ଭାବେ ପ୍ରକାଶ କରିବାପାଇଁ।
- ଲେଖକ/ଲେଖିକାମାନଙ୍କୁ ଅନୁରୋଧ - ଯେଉଁ ଲେଖାଟି ଆପଣ ପ୍ରକାଶନ ପାଇଁ ପଠାଉଛନ୍ତି ପ୍ରଥମେ ଆପଣ ନିଜେ ଏହାକୁ ଠିକ୍ ଭାବେ ପଢ଼ି ଆବଶ୍ୟକୀୟ ସଂଶୋଧନ କରିନିଅନ୍ତୁ। ଯାହା ଫଳରେ ଲେଖାଟି ଶୀଘ୍ର ପ୍ରକାଶନ ପାଇଁ ଯୋଗ୍ୟ ବିବେଚିତ ହେବ।

- ସଂପାଦକ

BAGEESHA | VOLUME N0. 02 | ISSUE N0. 03 | MAY - JUNE 2024




ବାଗୀଶ

B.K House, Ground Floor Women's College Lane
Nayagarh- 752069
E-mail : bageesha.magazine@gmail.com
Phone No. 9337166172

EDITOR : BIKESH SAHU | RS: 100/-